

# ନଦୀଶଯ୍ୟା

## Nadishajya

ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ

କସର୍ଦ୍ଦା, କଟକ

# ନଦୀଶଯ୍ୟା

*The Nadishajya*

ବାର୍ଷିକ ମୁଖପତ୍ର


ମୁଖ୍ୟ ସଂପାଦିକା:

ଡଃ ଅଞ୍ଜଳୀ ଦେଇ

ବିଭାଗୀୟ ମୁଖ୍ୟ, ସଂସ୍କୃତ

ସଂପାଦନା ମଣ୍ଡଳୀ :

ପର୍ଶୁରାମ ରାଉତରାୟ, ବିଭାଗୀୟ ମୁଖ୍ୟ, ଓଡ଼ିଆ

ରାଖାଲଚନ୍ଦ୍ର ସ୍ୱାଇଁ, ଅଧ୍ୟାପକ ଓଡ଼ିଆ ବିଭାଗ

ହେମନ୍ତ କୁମାର ଦାସ, ବିଭାଗୀୟ ମୁଖ୍ୟ, ଇଂରାଜୀ

ଡମ୍ବରୁଧର ରଥ, ଅଧ୍ୟାପକ ଇଂରାଜୀ ବିଭାଗ

ବିଜୟ କୁମାର ମିଶ୍ର, ବିରାଗୀୟ ମୁଖ୍ୟ, ଶିକ୍ଷା



ଦୋଳ ଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ

କସର୍ଦ୍ଦା, କଟକ




ଦୂରଭାଷ - ୦୬୭୪-୨୫୦୩୧୨୩
୯୪୩୭୦୧୩୧୨୩
୯୮୬୧୭୬୫୮୫୮


# ବାର୍ତ୍ତା


ପ୍ରାଧାପକ (ଡାକ୍ତର) ପ୍ରମୋଦ କୁମାର ମଲ୍ଲିକ
ବିଧାୟକ


୧୯୮୦ ମସିହା କଥା । ଦହିଖାଇ ଓ ଛଣ୍ଡାନଦୀର ସଂଗମ ସ୍ଥଳରେ ପ୍ରସିଦ୍ଧ ଦିପଟିତୋଟା ଠାରେ କିଛି ବୁଦ୍ଧିଜୀବି ଓ ସ୍ୱେଚ୍ଛାସେବକ ପ୍ରଚେଷ୍ଟାରେ ଆରମ୍ଭ ହୁଏ ଏକ ମହାବିଦ୍ୟାଳୟ । ନାମରଖାଯାଏ ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ, ଉଭୟଙ୍କ ଅବଦାନ ସ୍ମୃତିରେ । କଳା, ବାଣିଜ୍ୟରୁ ଆରମ୍ଭ ହୁଏ, ଧୀରେ ଧୀରେ କଲେଜର ଉନ୍ନତି ହୁଏ ! ଉତ୍କଳ ବିଶ୍ୱବିଦ୍ୟାଳୟ ସହ ଅନୁବଂଧିତ ମଧ । ବିଗତ ବର୍ଷଠାରୁ ବିଜ୍ଞାନ ଶିକ୍ଷାକୁ ସରକାର ଓ ବିଶ୍ୱବିଦ୍ୟାଳୟ ମଂଜୁରୀ ମିଳିଛି ।

ଦୀର୍ଘ ୩୪ବର୍ଷ ବିତିଯାଇଥିଲେ ମଧ, ଯେତିକି ଭିତ୍ତିଭୂମିର ଆବଶ୍ୟକତା ହୋଇଛି ତାହା ସମୁଦ୍ରକୁ ଶଂଖେ । ଏହି ମହାବିଦ୍ୟାଳୟର ନିଜର ସ୍ଥାୟୀ ଜମିନାହିଁ, ଯାହା ଫଳରେ ୟୁ.ଜି.ସି ଅନୁଦାନ ପାଇବାପାଇଁ ବଂଚିତ । ବିଗତ ପାଞ୍ଚବର୍ଷରେ ମୋ ବିଧାୟକ ସମୟରେ ଏ ମହାବିଦ୍ୟାଳୟ ପ୍ରତି ବିଶେଷ ଧ୍ୟାନ ଦେଇନାହିଁ ଏହା ସତ୍ୟ । ଏଥିପାଇଁ ମୁଁ ଯେ ଏକ ଦାୟୀ ତାହାବି କହି ହେବନାହିଁ ।

ପଛକଥା ଭୁଲିଯିବା ଓ ଆମେ ସମସ୍ତେ ମିଳିମିଶି ଏହି ମହାବିଦ୍ୟାଳୟକୁ ଏକ ନୂତନ ରଂଗ ଦେବା ।

ଜାଣି ଖୁସିହେଲି ଯେ ମହାବିଦ୍ୟାଳୟ ତରଫରୁ 'ନଦୀଶଯ୍ୟା' ନାମକ ଏକ ସ୍ମରଣୀକା ପ୍ରକାଶ ପାଉଛି । ଏହା ପ୍ରଥମଥର କି ବିଗତ ଦିନରୁ ଚାଲିଆସିଛି ତାହା ମୋତେ ଅବଶ୍ୟ ଜଣାନାହିଁ । କିନ୍ତୁ ପ୍ରଥମଥର ପାଇଁ ମୁଁ ବାର୍ତ୍ତା ଦେଇ ଆଶା ରଖୁବି 'ନଦୀଶଯ୍ୟାରେ' ନିର୍ମିତ ହୋଇଥିବାରୁ ଯେଭଳି ସ୍ମରଣିକାର ନାମ ନଦୀଶଯ୍ୟା ରଖାଯାଇଛି, ଯେଉଁ ଉଦ୍ଦେଶ୍ୟରେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଛି ତାହାର ଗାରିମା ରଖିବା ପାଇଁ ଆମେ ଚେଷ୍ଟିତ ହେବା ।

ଏହି ମହାବିଦ୍ୟାଳୟରୁ ଜଣେ ଜଣେ 'ମଣିଷ' ବାହାରି ଏ ଅଂଚଳର ସୁନାମ ବଜାୟ ରଖନ୍ତୁ, ଏତିକି ପ୍ରଭୁ ଲକ୍ଷ୍ମୀ ନାରାୟଣଙ୍କ ପାଖରେ ପ୍ରାର୍ଥନା ।

କଟକ
ତା୧୫.୦୮.୨୦୧୪

ଡାକ୍ତର ପ୍ରମୋଦ କୁମାର ମଲ୍ଲିକ

# MESSAGE

**GOVERNMENT OF ODISHA**

Dr. Debabrata Mohanty,
Regional Director of Education,
Bhubaneswar.

I am happy to learn that the college is coming out with the publication of its Annual Magazine "Nadishajya". I am sure this will go a long way in bringing out the latest talent of the students and build up enthusiasm amongst the staff and the teachers. I wish that "Nadisajya" will attend its reverberations all about and create new rhythm of growth and development.

2/7/14.

(Dr. Debabrata Mohanty)
Regional Director of Education, I/c.
Bhubaneswar

# MESSAGE

COUNCIL OF HIGHER SECONDARY EDUCATION:ODISHA
PRAJNAPITHA:SAMANTAPUR:BHUBANESWAR-13.

No. 3453 /CHSE(O),Dt. 05·07·2014

From :

Prof.(Dr.) Basudev Chhatoi,
Chairman.

I am delighted to know that DOLAGOVINDA BRAJAKISHORE MOHAVIDYALAYA, KASARDA, CUTTACK is going to publish its Annual College Magazine"NADISHAJYA". I hope the College magazine "NADISHAJYA" will give an opportunity to the scholars to utilize their creative minds.. I extend my best wishes to the young authors in particular and the Students, Teaching and Non-teaching Staff of the College in general.

I wish the magazine"NADISHAJYA" all success.

5/7/14
Chairman.

# ବାର୍ତ୍ତା

ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟର ବାର୍ଷିକ ମୁଖପତ୍ର "ନଦୀଶଯ୍ୟା" ପ୍ରକାଶ ପାଉଥିବା ଶୁଣି ଖୁସି ହେଲି ।

ଜନତାଙ୍କ ଇଚ୍ଛାରେ ଯେଉଁ ଅନୁଷ୍ଠାନ ଜନ୍ମ ନେଇଛି ତା'ର ଉନ୍ନତି ନିଶ୍ଚିତ ଭାବରେ ହେବ । କିନ୍ତୁ ନିଷ୍ଠା ଆନ୍ତରିକତାର ସହ ଆଗେଇ ନେଲେ ଏହା ଏକ ପୂର୍ଣ୍ଣାଙ୍ଗ ଶିକ୍ଷାୟତନରେ ପହଞ୍ଚିପାରିବ ।

ଅନୁଷ୍ଠାନର ଛାତ୍ରଛାତ୍ରୀ ତଥା ଅଧ୍ୟାପକ, ଅଧ୍ୟାପିକା ଓ ଅଧ୍ୟକ୍ଷଙ୍କର ଆନ୍ତରିକତା, ମଙ୍ଗଳ କାମନା କରୁଛି ।

ଅମୂଲ୍ୟ କୁମାର ମହାପାତ୍ର
ସଭାପତି
ଡି.ଜି.ବି.କେ. ମହାବିଦ୍ୟାଳୟ
କସର୍ଦ୍ଦା, କଟକ



## ଅଧ୍ୟକ୍ଷଙ୍କ କଲମରୁ..........

ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଙ୍କର ମନର କଥାକୁ ଭାଷାରେ ପ୍ରକାଶ କରିବାର ଏକ ବଳିଷ୍ଠ ମାଧ୍ୟମ ମହାବିଦ୍ୟାଳୟର ମୁଖପତ୍ର । ଏହା ମାଧ୍ୟମରେ ସେମାନଙ୍କର ସୃଜନଶୀଳତା ପରିପୁଷ୍ଟ ହୋଇ ଆଗାମୀ ଦିନରେ ସୁଲେଖକ ରୂପେ ପ୍ରତିଷ୍ଠିତ କରାଏ ।

ମହାବିଦ୍ୟାଳୟର ମୁଖପତ୍ର 'ନଦୀଶଯ୍ୟା' ସେମାନଙ୍କର ଭାଷା ଓ ଭାବନାକୁ ସ୍ଥାନିତ କରିଛି । ନିଜ ହାତଲେଖାକୁ ଛପା ଅକ୍ଷରରେ ଦେଖିବାର ଇଛା ମନରେ ଯେଉଁ ପୁଲକ ସୃଷ୍ଟିକରେ, ତାହା ପରବର୍ତ୍ତୀ ସମୟରେ ଲେଖିବା ପାଇଁ ପ୍ରେରଣା ଯୋଗାଏ ।

ପ୍ରଭୁ ଜଗନ୍ନାଥ ଓ ଶ୍ରୀ ଦୋଳଗୋବିନ୍ଦଙ୍କର ଅପାର କରୁଣାରୁ କିଛିବର୍ଷର ବ୍ୟବଧାନ ପରେ ମୁଖପତ୍ର ନଦୀଶଯ୍ୟା ପ୍ରକାଶିତ ହେଉଛି ।

ଏହି ଅବସରରେ ମୁଁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଅଭିଭାବକ, କର୍ମଚାରୀ ତଥା ପରିଚାଳନା କମିଟିର ସଭ୍ୟମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରି ନଦୀଶଯ୍ୟାର ସଫଳତା କାମନା କରୁଛି ।

ଡଃ ଶ୍ୟାମଘନ ମିଶ୍ର
ଅଧ୍ୟକ୍ଷ



+୨ ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ଗଢ଼ଣରେ ଅଧକ୍ଷ ।



+୩ ପରିଚାଳନା କମିଟି ସଭ୍ୟସଭ୍ୟାଙ୍କ ଗଢ଼ଣରେ ଅଧକ୍ଷ ।



ଅଧ୍ୟାପକ ଅଧ୍ୟାପିକାମାନଙ୍କ ଗହଣରେ ଅଧ୍ୟକ୍ଷ ।



ଅଣ-ଶିକ୍ଷକ କର୍ମଚାରୀମାନଙ୍କ ଗହଣରେ ଅଧ୍ୟକ୍ଷ ।

# Our Faculties

## Teaching



H.K. Das, Lect. in Eng. | D.D. Rath, Lect. in Eng. | P. Routray, Lect. in Odia | R.C. Swain, Lect. in Odia | P.K. Lenka, Lect. in Odia | S.N. Sahoo, Lect. in Pol.Sc. | S.K. Mishra, Lect. in Pol.Sc.



P.K. Das, Lect. in Hist. | C.R. Mishra, Lect. in Hist. | N.C Mishra, Lect. in Hist. | S.L. Sahoo, Lect. in Hist. | A. Dei, Lect. in Sans | B.K. Mishra, Lect. in Edn. | S.P. Senapati, Lect. in Eco



R.K. Rout, Lect. in Logic | G.C. Rath, Lect. in Phil. | N. Pattnaik, Lect. in Psy. | K.B. Mohanty, Lect. in Comm. | R.K. Barik, Lect. in Math. | S. Swain, Lect. in Chem. | J. Padhi, PET

## Non Teaching



A.P. Sarangi, H.C. | U. Mohapatra, Jr. Clerk | S.K. Swain, Jr. Clerk | C.S. Routray, Jr. Clerk | A. Nayak, Jr. Clerk | R.N. Khuntia, Librarian | S.C. Choudhury, Peon



H.K. Mahali, Peon | J. Mohapatra, Peon | B.K. Behera, Peon | S.P. Mallick, Peon | S.K. Mohapatra, Peon | S. Sahoo, Peon | A. Mallick, Watchman



M. Mohanty, Lab. Atten. Home Sc. | K. Das, Lab. Atten. Psychology | S. Jena, L. Atten. | P. Sahani, Peon | S. R. Biswal, D.E.O | A. Mohanty, Sweeper

## ସଂପାଦକୀୟ........

ହଠାତ୍ ନିଦଭାଙ୍ଗିଗଲା । ବସିପଡିଲି । ମୁକୁଳା ଶୁଭ୍ର କେଶରାଶିକୁ ସଜାଡୁ ସଜାଡୁ ଚାରିଆଡକୁ ଆଖିବୁଲାଇ ଆଣିଲି । ସବୁଠାରେ କିଟିକିଟି ଅନ୍ଧାର । ପାହାନ୍ତି ପ୍ରହର ବୋଧେ ? ଏକି ସ୍ୱପ୍ନ ଦେଖିଲି ? ? ଛିଣ୍ଡାରୁ ଜନ୍ମ ନେଇ ପୁଣି ସେହି ଛିଣ୍ଡାରେ ହଜିଯାଇଛି ; ମୁଁ 'ଦଧିଭଦ୍ରା' । ହେଲେ ଆରମ୍ଭ ଓ ଶେଷ ମୁଣ୍ଡରେ ମୋ ବକ୍ଷରେ ଦୁଇ ଦୁଇଟା ମହାବିଦ୍ୟାଳୟ ! ବନ୍ଧ୍ୟା ମା'ର ଦୁଇଟି ଯମଜ ସନ୍ତାନ ! ଏହା କିପରି ସମ୍ଭବ !!

ଦିନ ଥିଲା । ମୋ ବକ୍ଷରେ କେତେ ମୀନ, ମଗର, କୁମ୍ଭୀର ଖେଳିବୁଲୁଥିଲେ । ମୋର ସେହି ବାଲୁକା ଶଯ୍ୟାରେ ଘଡିଆଳ କୁମ୍ଭୀର ସୂର୍ଯ୍ୟଙ୍କର ଉତ୍ତପ୍ତ କିରଣକୁ ଖାତିର ନକରି ଶୋଇଯାଉଥିଲା ଘଣ୍ଟା ଘଣ୍ଟା ଧରି । ମୋର ପ୍ରଖର ସ୍ରୋତକୁ ଡରିଯାଇ ନାଉରିଆ 'ମା ମଙ୍ଗଳା'ଙ୍କୁ ସ୍ମରଣ କରୁଥିଲା । ଆର ପାରିରେ ନାଆ ଲଗାଇବାପାଇଁ କେତେ ହରିବୋଲ ହୁଳହୁଳି ଉଛୁଳି ପଡୁଥିଲା । ଅପରାହ୍ନରେ ମୋର ଦୁଇକୂଳ ଗାଁର ପିଲାମାନେ ବୋହୂଚୋରୀ ଓ ବାଗୁଡି ଆଦି ଖେଳଖେଳି, ମୋ ବକ୍ଷ ଉପରେ ନାଚି କୁଦି ଛାତିଦୁଲୁକେଇ କେତେ ମଜା କରୁଥିଲେ । ସେଥିରେ ମୋର ଥିଲା ଅନେକ ଅନେକ ଆନନ୍ଦ ।

ଆଜି କଲଲଙ୍ଗଳ ଛାତିଚିରି ମୋର ସମସ୍ତ ସୌନ୍ଦର୍ଯ୍ୟ ଅପହରଣ କରିନେଇଛି । ମୋ ଆତ୍ମା ଚିତ୍କାର କରିଉଠୁଛି, ମୁଁ ଆଜି ଶ୍ରୀହୀନ ବନ୍ଧ୍ୟା 'ଦଧିଭଦ୍ରା' । ମନ ମୋର ଗୁମୁରି ଗୁମୁରି ବିଳାପ କରୁଛି । ଆଉ କହୁଛି, ହଁ, ହଁ, ସେସବୁ ସତ୍ତ୍ୱେ ମୁଁ ସବୁ ଦୁଃଖ ଭୁଲି ଯାଇପାରନ୍ତି, ଯଦି 'ଦୋଳଗୋବିନ୍ଦ'ଙ୍କ ବିଜେସ୍ଥଳୀରେ ମୋ ବକ୍ଷରେ ଗଢି ଉଠିଥିବା 'ଦୋଳ ଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ'ର ପିଲାମାନେ ମୋ ଶଯ୍ୟାରେ ନାଚକୁଦ ଓ ଖେଳକସରତ ବର୍ଷକୁ ଥରେ ମାତ୍ର ଆୟୋଜନ କରିପାରନ୍ତେ, ପିଲାମାନଙ୍କ ଖେଳ କୁଦଦେଖି ମା'ର ମନ କୁଣ୍ଢେମୋଟ ହୋଇଯାଆନ୍ତା । ସତରେ କଣ ଏହା ହୋଇ ପାରିବନାହିଁ ?

ଦୀର୍ଘଦିନ ସାରସ୍ୱତ ସାକ୍ଷରର ନୀରବତାପରେ ଅଧୁନା ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଶ୍ୟାମଘନ ମିଶ୍ରଙ୍କ ଆନ୍ତରିକତାରେ ଆତ୍ମପ୍ରକାଶ କରିବାକୁ ପ୍ରୟାସ କରିଛି 'ନଦୀଶଯ୍ୟା' । ଆଜିର ଏହି ଶୁଭମୁହୂର୍ତ୍ତରେ ଅନୁଷ୍ଠାନ ସେ ମହାଶୟଙ୍କୁ କୃତଜ୍ଞତା ଜଣାଉଛି ଓ ତାଙ୍କର ଦୀର୍ଘମଙ୍ଗଳମୟ ଅବସର ଜୀବନ କାମନା କରୁଛି ।

'ବନ୍ଦେ ମାତରମ୍'

ଡକ୍ଟର ଅଞ୍ଜଳି ଦେଇ

ମୁଖ୍ୟ ସଂପାଦିକା

# ସୂଚୀପତ୍ର


| ବିଷୟ | ଯାହାଙ୍କ ସୃଷ୍ଟି | ପୃଷ୍ଠା |
| --- | --- | --- |
| **ପ୍ରବନ୍ଧ ବିଭାଗ** | | |
| ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : | ସ୍ନେହଲତା ସାହୁ | ୨ |
| ଯୁବ ଗଣତନ୍ତ୍ରର.... | ପର୍ଶୁରାମ ରାଉତରାୟ | ୫ |
| ଅନନ୍ୟ ସ୍ୱାଧୀନତା ସଂଗ୍ରାମୀ | ଚିତ୍ତରଞ୍ଜନ ମିଶ୍ର | ୧୦ |
| ଶ୍ରୀଜଗନ୍ନାଥଙ୍କ ରତ୍ନଚିତା | ଶୁଭଶ୍ରୀ ମୁଦୁଲି | ୧୩ |
| ଓଡ଼ିଆ ମହାଭାରତରେ.. | ଶୁଚୀସ୍ମିତା ବାରିକ | ୧୫ |
| ଭଞ୍ଜ ସାହିତ୍ୟରେ ନାରୀ | ରାଖାଲ ଚନ୍ଦ୍ର ସ୍ୱାଇଁ | ୧୭ |
| ଚନ୍ଦନ ହଜୁରୀ | ପ୍ରତାପ କିଶୋର ଦାସ | ୨୪ |
| ଶ୍ରୀମଦ୍‌ଭଗବତ୍ ଗୀତାରେ.. | ଡ. ଅଞ୍ଜଳି ଦେଇ | ୨୭ |
| ଗୁରୁ | କୁଞ୍ଜବିହାରୀ ମହାନ୍ତି | ୩୦ |
| ଆସିଅଛି ଲଙ୍ଗଳା ... | ରଘୁନାଥ ଖୁଣ୍ଟିଆ | ୩୩ |
| ମଥୁରା ମଙ୍ଗଳ | ସ୍ମରଣିକା ସ୍ୱାଇଁ | ୩୫ |
| ଶର୍ମିଷ୍ଠା କାବ୍ୟରେ ପ୍ରକୃତ.. | ଦୀପୀକା ପଟ୍ଟନାୟକ | ୩୭ |
| ନାରୀ | ମୋନାଲିସା ପ୍ରଧାନ | ୩୯ |
| ଅଶୁଭ ଶକୁନ ଓ ଆମେ | ସୋନାଲିକା ପାଲ | ୪୦ |
| ମନୁଷ୍ୟର ଚିନ୍ତାଧାରା ... | ଅନନ୍ତ ମଲ୍ଲିକ | ୪୨ |
| ବିଶ୍ୱାସ ହିଁ ଈଶ୍ୱର | ସ୍ୱର୍ଣ୍ଣମୟୀ ଜେନା | ୪୩ |
| ଭାବର ଠାକୁର | ମୁରଲୀଧର ମହାନ୍ତି | ୪୫ |
| **ଗଳ୍ପ ବିଭାଗ** | | |
| କେଉଁଠି ଅଛୁ ଆମେ ?? | ଅମୂଲ୍ୟ କୁମାର ମହାପାତ୍ର | ୪୯ |
| ବୋ' ଛବି | ବିଜୟ କୁମାର ମିଶ୍ର | ୫୦ |
| ଆଧୁନିକ ମହାରାକ୍ଷସ | ଆଶୁତୋଷ ଜେନା | ୫୨ |
| ମାୟା ସଂସାର | ସ୍ୱର୍ଣ୍ଣଲତା ମଲିକ | ୫୩ |
| ମୋ ପିଲାବେଳର ସାଙ୍ଗ | ପ୍ରିୟଦର୍ଶିନୀ ସାହାଣୀ | ୫୮ |
| ପ୍ରତିଶ୍ରୁତି | ଲକ୍ଷ୍ମୀପ୍ରିୟା ରାଉତ | ୫୯ |
| କିମ୍ବଦନ୍ତୀର ମା'ତାରିଣୀ | ସୁମିତ୍ରା ମହାପାତ୍ର | ୬୨ |
| ସରଳ ଗଳ୍ପର ସତକଥା | ସୁଭଦ୍ରା ମହାପାତ୍ର | ୬୪ |
| ଉଚିତ୍ ଶିକ୍ଷା | ରିଙ୍କିମୟୀ ବେହେରା | ୬୫ |
| କୁନିରାଜକ | ସୀମାରାଣୀ ବିଶ୍ୱାଳ | ୬୭ |
| ପାନ୍ଥଶାଳା | ସ୍ମରଣିକା ସ୍ୱାଇଁ | ୬୯ |
| ନାରୀ ଆଖିର ଲୁହ | ମଧୁସ୍ମିତା ଦାସ | ୭୦ |
| ବିଦେଶୀ ଓ ଧୋବଣୀ କଥା | ସ୍ମରଣିକା ସ୍ୱାଇଁ | ୭୧ |
| ସେ ତ ଭକତ ଭାବରେ ବନ୍ଧା | କଲ୍ୟାଣୀ ଦାସ | ୭୫ |
| ନକଲି ଭୂତ | ଅନନ୍ତ ନାୟକ | ୭୯ |
| ପରୋପକାରୀ | ରତିରଂଜନ ମହାରଣା | ୮୧ |
| କାଳଜୟୀ କେତେକ ପୁସ୍ତକ. | ସ୍ମରଣିକା ସ୍ୱାଇଁ | ୮୨ |
| ସୁଖ ସାଉଁଟା ବେଳ | ଶୁଭସ୍ମିତା ସ୍ୱାଇଁ | ୮୪ |
| ସାଧାରଣ ଜ୍ଞାନ | ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି | ୮୫ |
| ସାଧାରଣ ଜ୍ଞାନ | ସୀମାରାଣୀ ବିଶ୍ୱାଳ | ୯୦ |
| ସାଧାରଣ ଜ୍ଞାନ | ସୁଭଦ୍ରା ମହାପାତ୍ର | ୯୩ |
| ଅମୃତବାଣୀ | ସୁଭଦ୍ରା ମହାପାତ୍ର | ୯୫ |
| ଜ୍ଞାନ ପ୍ରଦୀପ | ସଂଗୀତା ମଲ୍ଲିକ | ୯୮ |
| ଶ୍ରୀଜଗନ୍ନାଥଙ୍କ ବିଷୟରେ.. | ସସ୍ମିତା ମହାପାତ୍ର | ୧୦୩ |
| ମନେରଖିବା | ପ୍ରିୟଦର୍ଶିନୀ ସାହାଣୀ | ୧୧୦ |
| ହସକଥା | ପ୍ରିୟଦର୍ଶିନୀ ସାହାଣୀ | ୧୧୧ |
| ମୋ ଓଡ଼ିଶା | | ୧୧୨ |
| ହସକଥା | ସୁଚିସ୍ମିତା ଜେନା | ୧୧୪ |
| **କବିତା ବିଭାଗ** | | |
| ଅଦୃଶ୍ୟର ଶକ୍ତି | ନୃସିଂହ ଚରଣ ମିଶ୍ର | ୧୧୮ |

| ବିଷୟ | ଯାହାଙ୍କ ସୃଷ୍ଟି | ପୃଷ୍ଠା |
|---|---|---|
| ଆମ କଲେଜର ସ୍ପୋର୍ଟସ | ସୁଚିସ୍ମିତା ଜେନା | ୧୧୯ |
| ମାଦଳ ବାଜିଲାରେ | ସୁବ୍ରତ କୁମାର ଭୋଇ | ୧୧୯ |
| ମଳୟ ପବନ | ଯପୁଲ ସ୍ୱାଇଁ | ୧୨୦ |
| ଭୋଳାବାବାଙ୍କ ଶଙ୍କା | ସୁଚିସ୍ମିତା ବାରିକ | ୧୨୦ |
| ସ୍ମୃତି | ସ୍ମରଣିକା ସ୍ୱାଇଁ | ୧୨୧ |
| ମା' ଟିଏ | ଶୁଭଦ୍ରା ମହାପାତ୍ର | ୧୨୨ |
| ମୋ ମାଆ | ସୁଶ୍ରୀ ସଙ୍ଗୀତା ସ୍ୱାଇଁ | ୧୨୨ |
| ସୁନ୍ଦର ଆମ ଘର | ସଂଗୀତା ମଲ୍ଲିକ | ୧୨୩ |
| ଆଖିରେ ଲୁହ | ବର୍ଷାରାଣୀ ଦାସ | ୧୨୩ |
| ସବୁବେଳେ ରୁହେ ନାହିଁ | ପ୍ରୀତିମୟୀ ବେହେରା | ୧୨୪ |
| ହୋଇବାରେ ଆମେ.... | ରତିରଂଜନ ମହାରଣା | ୧୨୪ |
| ଦୀପ ସଳିତା ମୁଁ | ପ୍ରିୟଙ୍କା ଦାସ | ୧୨୫ |
| ଦୁଃଖ | ସ୍ମୃତି ରଂଜନ ମହାନ୍ତି | ୧୨୬ |
| ତୁମ ପାଇଁ | ସୌମ୍ୟରଞ୍ଜନ ବାରିକ | ୧୨୬ |
| ଗୁରୁ | ଶ୍ରଦ୍ଧାଞ୍ଜଳି ଦାସ | ୧୨୭ |
| ବୃକ୍ଷ ଆମର ବନ୍ଧୁ | ସ୍ୱପ୍ନାରାଣୀ ଦାସ | ୧୨୭ |
| ଆମ ପ୍ରିୟ ବିଜୟ ସାର୍ | ମୋନାଲିସା ପ୍ରଧାନ | ୧୨୮ |
| ଜୀବରୁ ଜୀବିକା | ସୋନାଲି ସେନାପତି | ୧୨୯ |
| ଜୀବନ | ପ୍ରଜ୍ଞାପରିମିତା ଜେନା | ୧୨୯ |
| ତାକୁ ଭଲ ପାଏ ବୋଲି | ନିତ୍ୟ ନିବେଦିତା ଜେନା | ୧୩୦ |
| ଆଜିର ସନ୍ଧ୍ୟା | ଦୀପିକା ପଟ୍ଟନାୟକ | ୧୩୦ |
| କଲେଜ ଆଣ୍ଡ ନଲେଜ | ଅନିଲ ଓଝା | ୧୩୧ |
| ଜୀବନଟା | ଶୁଭସ୍ମିତା ସ୍ୱାଇଁ | ୧୩୧ |
| ମନ | ତୃପ୍ତିମୟୀ ରାଉତ | ୧୩୨ |


## ENGLISH SECTION


| | | |
|---|---|---|
| Foaming Capacity... | Sarmistha Swain | 134 |
| Short Notes on Love.. | Rupali Swain | 136 |
| Green Revolution | Siba Prasad Senapati | 137 |
| PHILOSOPHY - WHY ? | Radhakanta Rout | 138 |
| Environment and pollution. | Santanu Kumar Mishra | 141 |
| "Miss Lonelyhearts" : | Hemanta Kumar Das | 145 |
| Teenagers.... | Mrs. Nalini Pattnaik | 148 |
| Adolescence - ...... | Bijaya Kumar Mishra | 151 |
| Those who live in ..... | Nitya Nibedita Jena | 155 |
| Friendship | Santanu Ku. Mishra | 156 |
| My Dear College | Nitya Nibedita Jena | 156 |
| Rhyme | Sushree Sangita Swain | 157 |
| Rose | Nitya Nibedita Jena | 157 |
| In My Heart | Nitya NIbedita Jena | 158 |
| Friendship | Nitya NIbedita Jena | 158 |

# ପ୍ରବନ୍ଧ ବିଭାଗ

# ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା : ଏକ ବିହଙ୍ଗାବଲୋକନ

ଅଧ୍ୟାପିକା ସ୍ନେହଲତା ସାହୁ
ଇତିହାସ ବିଭାଗ

ଭକ୍ତ ଓ ଭଗବାନଙ୍କ ମହାମିଳନ ହେଉଛି ରଥଯାତ୍ରା । ପୃଥିବୀରେ ଆଉ କୌଣସି ଠାରେ ଏଭଳି ପରଂପରା ନାହିଁ ଯେଉଁଠି ଭକ୍ତମାନଙ୍କୁ ଦର୍ଶନ ଦେବାକୁ ମହାପ୍ରଭୁ ରତ୍ନ ସିଂହାସନ ପରିହାର କରି ଚାଲିଆସନ୍ତି ବଡ଼ଦାଣ୍ଡକୁ । ଯେଉଁଠି ଛୁଆଁ ଅଛୁଆଁ, ଜାତି ଅଜାତି ଓ ଧନୀଦରିଦ୍ରର ଭେଦଭାବ ନଥାଏ । ସମସ୍ତେ ପ୍ରଭୁ ପ୍ରେମରେ ପାଗଳ । ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥାଏ ବଡ଼ଦାଣ୍ଡ । ସେ ମଧ୍ୟ ସେହିଭଳି ନାଚୁଆ ଯିଏ ଭକ୍ତମାନଙ୍କ ସହିତ ପାଦରେ ପାଦ ମିଳାଇ ନାଚି ଉଠନ୍ତି । ସେହି ଅଧା ହାତ, ଅଧା ଗୋଡ, କାନ ନଥିବା ଚକା ଚକା ଆଖିକୁ ଦେଖି ଭକ୍ତ ବିମୋହିତ ହୋଇପଡ଼େ । ନିମିଷକ ମଧ୍ୟରେ ମନରୁ ଅପସରିଯାଏ ଦୁଃଖ, କଷ୍ଟ, ଗ୍ଲାନି ଆଉ ଅହମିକା । ପ୍ରତ୍ୟେକ ଭକ୍ତ ଇଚ୍ଛା କରନ୍ତି ଏହି ସମୟରେ ପ୍ରଭୁଙ୍କୁ କୋଳେଇ ନେବାକୁ, କାରଣ ଭକ୍ତର ବିଶ୍ୱାସ ଥାଏ ଯେ କାଳିଆର କଳା ଟିକିଏ ଦେହରେ ଲାଗିଲେ ଜୀବନ ଧନ୍ୟ ହୁଏ । ରଥ ଉପରେ ପ୍ରଭୁଙ୍କୁ ଦର୍ଶନ କଲେ ବିଷ୍ଣୁଲୋକ ପ୍ରାପ୍ତ ହୁଏ ବୋଲି କୁହାଯାଏ । ଏଥିପାଇଁ ଦେଶ ବିଦେଶରେ ବିଭିନ୍ନ ସ୍ଥାନରେ ଶ୍ରୀଜୀଉଙ୍କର ରଥଯାତ୍ରା ଅନୁଷ୍ଠିତ ହୋଇଥାଏ ।

ମହାପ୍ରଭୁଙ୍କ ଏହି ରଥଯାତ୍ରାର ପଛରେ ମୁଖ୍ୟତଃ ତିନୋଟି କାରଣ ରହିଛି । ପ୍ରଥମଟି ହେଲା ପତିତ ଉଦ୍ଧାରଣ, ଦ୍ୱିତୀୟଟି ଦୀନଦୁଃଖୀଙ୍କ ହିତସାଧନ ଓ ତୃତୀୟଟି ସେହି ଅଣହିନ୍ଦୁ ଭକ୍ତମାନଙ୍କୁ ଦର୍ଶନ ଦେବାପାଇଁ ଯେଉଁମାନେ ବର୍ଷ ତମାମ ତାଙ୍କ ଦର୍ଶନରୁ ବଞ୍ଚିତ ଥାଆନ୍ତି । ତେବେ ମନରେ ପ୍ରକୃତ ପ୍ରଶ୍ନ ଆସେ ଏହି ରଥଯାତ୍ରା କେବେ ଓ କାହିଁକି ଆରମ୍ଭ ହୋଇଛି । ଓଡ଼ିଆ ପ୍ରାଣର ଏହି ଆବେଗମୟ ଦେବତା ଜଗନ୍ନାଥଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ଶ୍ରୀଗୁଣ୍ଡିଚା ଯାତ୍ରା ଅନନ୍ୟ ଓ ସ୍ୱତନ୍ତ୍ର । ପୌରାଣିକ ଆଖ୍ୟାୟିକା ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ମହାରାଣୀ ଗୁଣ୍ଡିଚାଙ୍କ ପ୍ରାର୍ଥନାକୁ ସ୍ୱୀକାର କରି ପ୍ରତିବର୍ଷ ନବଦିନ ନିମନ୍ତେ ପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ମଣ୍ଡପକୁ ବିଜେ କରିଥାଆନ୍ତି । ଆଷାଢ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଜ୍ୟେଷ୍ଠଭ୍ରାତା ବଳଭଦ୍ର, ଭଗିନୀ ସୁଭଦ୍ରା ଓ ଭକ୍ତ ସୁଦର୍ଶନଙ୍କ ଗହଣରେ ରଥାରୂଢ଼ ହୋଇ ଆଡ଼ପ ମଣ୍ଡପକୁ ଯାତ୍ରା କରିଥାଆନ୍ତି । ଏହି ଯାତ୍ରା ଘୋଷଯାତ୍ରା, ପତିତପାବନ ଯାତ୍ରା, ଅନ୍ତର୍ବେଦୀ ଯାତ୍ରା, ଗୁଣ୍ଡିଚା ଯାତ୍ରା, ଦକ୍ଷିଣାଭିମୁଖୀ ଯାତ୍ରା, ଆଡ଼ପ ଯାତ୍ରା, ଦଶାବତାର ଯାତ୍ରା, ନବଦିନ ଯାତ୍ରା, ମହାଦେବୀ ଉତ୍ସବ, ନନ୍ଦିଘୋଷ ଯାତ୍ରା ନାମରେ ସୁବିଦିତ ।

ଶ୍ରୀଜଗନ୍ନାଥଙ୍କ ମହିମା ଯେପରି ରହସ୍ୟାବୃତ ଓ ବିସ୍ମୟକର; ସେପରି ତାଙ୍କର ରଥଯାତ୍ରା ଅତ୍ୟନ୍ତ ଶୋଭନୀୟ ଓ ସୁଦୃଶ୍ୟପୂର୍ଣ୍ଣ । ଅକ୍ଷୟ ତୃତୀୟା ଠାରୁ

ଆଷାଢ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ଅଣଷଠୀ ଦିନରେ ବୈଦିକ ସେବାକାରୀ ମହାରଣା ଏବଂ ଭୋଇ ସେବକଙ୍କ ଦ୍ୱାରା ନିର୍ମିତ ମନ୍ଦିରାକୃତ ରଥ ତିନୋଟିରେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ନବଦିନ ନିମନ୍ତେ ଯାତ୍ରା କରନ୍ତି ।

ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଖ୍ୟାତ ଗବେଷକ ଡଃ ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହି ଯାତ୍ରା ୧୨୩୦ ଖ୍ରୀଷ୍ଟାବ୍ଦରୁ ଆରମ୍ଭ ହୋଇଥିବା ଅନୁମାନ କରାଯାଏ । ମାତ୍ର ପଞ୍ଚମ ଶତାବ୍ଦୀରେ ବୁଦ୍ଧଦେବଙ୍କ ପ୍ରତିମୂର୍ତ୍ତିକୁ ରଥରେ ବସାଇ ରଥଯାତ୍ରା କରାଯାଉଥିବା କଥା ଚୀନ୍ ପରିବ୍ରାଜକ ଫାହିୟାନ୍‌ଙ୍କ ଗ୍ରନ୍ଥରେ ଉଲ୍ଲେଖ ଅଛି । ୟୁରୋପର ସିସିଲ ଦ୍ୱୀପରେ ଭାଦ୍ରବ ମାସର ପ୍ରଥମ ଭାଗରେ ରଥଯାତ୍ରା ହେଉଥିବାର ଆପାତତଃ ପ୍ରମାଣ ରହିଛି । ଲାଙ୍ଗୁଳା ନରସିଂହ ଦେବ ୧୩୦୦ ଖ୍ରୀଷ୍ଟାବ୍ଦରେ କୋଣାର୍କ ମନ୍ଦିରକୁ ରଥାକୃତି ପ୍ରତିରୂପ ଭାବେ ନିର୍ମିତ କରିଥିବାରୁ ସମ୍ଭବତଃ ସେତେବେଳକୁ ରଥଯାତ୍ରା ପ୍ରଚଳନ ଆରମ୍ଭ ହୋଇସାରିଥିଲା । ସାରଳା ମହାଭାରତରେ ରଥଯାତ୍ରାର ବର୍ଣ୍ଣନା ଥିବାରୁ ଏହି ଯାତ୍ରାର ପ୍ରଚଳନ ବହୁ ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । କଠୋପନିଷଦରେ ଶରୀରକୁ ରଥ ସହିତ ତୁଳନା କରାଯାଇଛି । ଦେହରୂପକ ରଥରେ ଆତ୍ମା ରଥୀ ସ୍ୱରୂପ । ଆତ୍ମାହିଁ ବ୍ୟକ୍ତି ଜୀବନରେ ସୌନ୍ଦର୍ଯ୍ୟ । କଠୋପନିଷଦ ଖ୍ରୀଷ୍ଟପୂର୍ବ ୫୦୦୦ ବର୍ଷ ପୂର୍ବରୁ ଲେଖାଯାଇଥିବା ଅନୁମାନ କରାଯାଏ । ତେବେ ବହୁ ବାଦବିବାଦ, ଆଲୋଚନା ଓ ସମାଲୋଚନାରୁ ପ୍ରମାଣିତ ହୁଏ ଯେ ଶ୍ରୀକ୍ଷେତ୍ରରେ ରଥଯାତ୍ରା ୧୨୩୦ ଖ୍ରୀଷ୍ଟାବ୍ଦ କିୟା ଏହାପରେ ଆରମ୍ଭ ହୋଇଥିବା ଅନୁମାନ କରାଯାଇଥାଏ ।

ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପରଂପରା ଅନୁଯାୟୀ ପ୍ରତିବର୍ଷ ଦଶପଲ୍ଲା, ନୟାଗଡ଼ ଓ ଅନୁଗୁଳ ଜଙ୍ଗଲରୁ ମୁଖ୍ୟତଃ ଫାଶୀ, ଧଉରା, ଶିମିଳି ଆଦି ୮୬୨ ଗୋଟି କାଠ ଅଣାଯାଇଥାଏ । ୩୨ ହାତ ୧୦ ଆଙ୍ଗୁଳି ଉଚ୍ଚତା ବିଶିଷ୍ଟ ୧୪ ଗୋଟି ଚକ ଥାଏ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ । ଏଥିରେ ୭୬୩ ଖଣ୍ଡ କାଠ ଲାଗିଥାଏ । ସୁଭଦ୍ରାଙ୍କ ଦେବଦଳନ ରଥରେ ୫୯୩ ଖଣ୍ଡ କାଠ ଲାଗିଥାଏ ଓ ଏହା ୧୨ଟି ଚକ ବିଶିଷ୍ଟ । ମହାନାୟକ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ୮୩୨ ଖଣ୍ଡ କାଠ ଲାଗିଥାଏ ଓ ଏହା ଷୋହଳ ଚକ ବିଶିଷ୍ଟ ଉଚ୍ଚତା ୩୩ ହାତ ୫ ଆଙ୍ଗୁଳି । ଶ୍ରୀ ବିଗ୍ରହମାନେ ଆକର୍ଷଣୀୟ ଟାହିଆ ପରିହିତ ହୋଇ ପହଣ୍ଡି ବିଜେ କରନ୍ତି । ଏହି ଟାହିଆ ରାଘବଦାସ ମଠ ପକ୍ଷରୁ ଖୁଣ୍ଟିଆ ସେବକଙ୍କୁ ଅର୍ପଣ କରାଯାଇଥାଏ ଓ ଏହା ଚେତାଇ ଦେଇଥାଏ ଯେ, ବ୍ରହ୍ମ ସତ୍ୟ ଓ ଜଗତ ମିଥ୍ୟା ।

ଜଗନ୍ନାଥ ସବୁ ବାଦ, ସବୁମତ, ସବୁଧର୍ମ ଓ ସବୁ ପଥ ସମନ୍ୱୟର ଦେବତା । ଏହି ଅଚଳ ଅଟଳ ମୂକ ବଧିର ଦାରୁବିଗ୍ରହମାନେ ନୀଳାଚଳର ପ୍ରସ୍ତର ବେଷ୍ଟନୀ ମଧ୍ୟରୁ ରତ୍ନସିଂହାସନରେ ବିରାଜମାନ କରୁଥିବା ଦେବତା ସେହି ସିଂହାସନ, ଦନ୍ତମର୍ଜନ, ସ୍ନାନ, ଚନ୍ଦନ ଧାରଣ, ଭୋଜନ, ଶୟନ ଓ ଦେବଦାସୀଙ୍କ ନୃତ୍ୟ ତଥା ହଜାର ହଜାର ନିଯୋଗ, ସେବାୟତ ସେବା ଓ ଦିନକର ଛଥର ଭୋଜନ, ୫୬ ପ୍ରକାର ଭୋଗ ଓ ୨୪ ଉପଚାରକୁ ପଛରେ ପକାଇ ରଥରେ ବିଜେ କରନ୍ତି ସାଧାରଣ ଜନତାଙ୍କ ଦର୍ଶନ ନିମନ୍ତେ । ପୃଥିବୀ ପୃଷ୍ଠରେ କୃଷ୍ଣ, ଶ୍ୱେତ, ହରିଦ୍ରା ଓ ଲୋହିତ ଏହି ଚାରିବର୍ଣ୍ଣର ମନୁଷ୍ୟ ଦେଖାଯାଆନ୍ତି । ସମସ୍ତ ମାନବ ଜାତିକୁ ପ୍ରତିନିଧିତ୍ୱ କରୁଥିବା ଜଗନ୍ନାଥ

ସଂସ୍କୃତିରେ ଏହି ଚାରିବର୍ଣ୍ଣ ପ୍ରତିଫଳିତ ହୋଇଥାଏ । କାରଣ ଜଗନ୍ନାଥଙ୍କ ବର୍ଣ୍ଣ କୃଷ୍ଣବର୍ଣ୍ଣ ହୋଇଥିବାବେଳେ ବଳଭଦ୍ରଙ୍କ ବର୍ଣ୍ଣ ଶ୍ୱେତ, ସୁଭଦ୍ରାଙ୍କ ବର୍ଣ୍ଣ ହରିଦ୍ରା ଏବଂ ଭକ୍ତ ସୁଦର୍ଶନଙ୍କ ବର୍ଣ୍ଣ ଲୋହିତ । ସେ ଭାବର ଦେବତା, ଭାବକୁ ନିକଟ, ଅଭାବକୁ ଦୂର । ସେ ସାକାର ପୁଣି ନିରାକାର । ସେ ତତ୍ତ୍ୱ ଓ ଭାବର ଊର୍ଦ୍ଧ୍ୱରେ । ହାତ ନଥାଇ ସେ ଦାସିଆ ବାଉରୀର ନଡ଼ିଆ ହାତ ବଢ଼ାଇ ନେଇଛନ୍ତି । କାନ ନଥାଇ ବନ୍ଧୁ ମହାନ୍ତିର ଦୁଃଖ ବୁଝି ତାଙ୍କୁ ମହାପ୍ରସାଦ ଖୁଆଇଛନ୍ତି । ତାଙ୍କର ପାଦ ନଥାଇ ବି ସେ ଗୀତଗୋବିନ୍ଦ ଶୁଣିବାକୁ ପାଗଳ ପ୍ରାୟ ହୋଇ ବାଇଗଣ ବାଡ଼ିରେ ପଶି ଦେହମୁଣ୍ଡ ଉଛୁଡ଼ା କରିଛନ୍ତି । ଏହା କେବଳ ଭକ୍ତି ଦ୍ୱାରା ହିଁ ସମ୍ଭବ । ତାଙ୍କ ନନ୍ଦିଘୋଷ ରଥ ଚାଲେ ଭକ୍ତି ରୂପକ ରଜ୍ଜୁରେ । ସର୍ତ୍ତହୀନ ସମ୍ପୂର୍ଣ୍ଣ ସମର୍ପଣ ଭାବ ହିଁ ଆବଶ୍ୟକ ।

ଐତିହାସିକ ତଥ୍ୟ ଅନୁଯାୟୀ ତ୍ରୟୋଦଶ ଶତାବ୍ଦୀରେ ପ୍ରଥମ ଭାଗରେ ପୁରୀରେ ରଥଯାତ୍ରା ଆରମ୍ଭ ହୋଇଥିଲା । କେତେକଙ୍କ ମତରେ ଆଗେ ପୁରୀ ବଡ଼ଦାଣ୍ଡରେ ମାଳିନୀ ନାମକ ନଦୀ ପ୍ରବାହିତ ହେଉଥିଲା ଓ ନଦୀଟି ପୁରୀଠାରେ ସମୁଦ୍ରରେ ମିଶିଥିଲା । ନଦୀଟିର ଗୋଟିଏ ପାର୍ଶ୍ୱରେ ଜଗନ୍ନାଥ ମନ୍ଦିର ଓ ଅପର ପାର୍ଶ୍ୱରେ ଗୁଣ୍ଡିଚା ମନ୍ଦିର ରହିଥିଲା । ତେଣୁ ଠାକୁରମାନେ ୩ଟି ରଥରେ ଜଗନ୍ନାଥ ମନ୍ଦିର ଠାରୁ ଆସି ନଦୀ କୂଳରେ ରହୁଥିଲେ ଓ ଦେବତାମାନେ ଡଙ୍ଗାରେ ନଦୀ ପାର ହୋଇ ଅନ୍ୟ ତିନୋଟି ରଥରେ ବିଜେ କରି ଗୁଣ୍ଡିଚା ମଣ୍ଡପ ପର୍ଯ୍ୟନ୍ତ ଯାତ୍ରା କରୁଥିଲେ । ମାଦଳା ପାଞ୍ଜି ଅନୁଯାୟୀ ୧୭୨୦ ମସିହା ପର୍ଯ୍ୟନ୍ତ ଛଅ ଗୋଟି ରଥରେ ରଥଯାତ୍ରା ଅନୁଷ୍ଠିତ ହେଉଥିଲା । ଏହାପରେ ରାଣୀ ଭାନୁମତୀଙ୍କ ଉଦ୍ୟମ କ୍ରମେ ନଦୀର ଗତିପଥ ବଦଳାଯାଇ ନଦୀଶଯ୍ୟାକୁ ପୋତି ଦିଆଯାଇ ତିନିଗୋଟି ରଥରେ ରଥଯାତ୍ରା କାର୍ଯ୍ୟ ସଂପାଦନା ହେଲା ଓ ମହାରାଜା ରାମଚନ୍ଦ୍ର ଦେବ ମୁସଲମାନ ଧର୍ମ ଗ୍ରହଣ କରିଥିବା ହେତୁ ତାଙ୍କୁ ଛେରା ପହଁରା କାର୍ଯ୍ୟରୁ ବଂଚିତ କରାଯାଇ 'ଭିତରଛୁ' ସେବକଙ୍କ ଦ୍ୱାରା ଛେରା ପହଁରା କରାଯାଇଥିଲା ।

ଓଡ଼ିଶାରେ ମୋଗଲମାନଙ୍କର ୧୬୫ ବର୍ଷର ଶାସନକାଳ ମଧ୍ୟରେ ଜଗନ୍ନାଥଙ୍କର ପୂଜାରେ ନାନା ପ୍ରକାର ବିଭ୍ରାଟ ହୋଇଥିଲା । ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ମକ୍କରମ୍ ଖାନ୍ ବାରୟାର ଶ୍ରୀମନ୍ଦିରକୁ ଆକ୍ରମଣ କରିଥିଲେ । ଏହି ସମୟରେ ବିଗ୍ରହମାନଙ୍କୁ ଗୁପ୍ତରେ ବାଣପୁରକୁ ନିଆଯାଇଥିଲା ଓ ସେଠାରେ ରାଜା ବୈଦ୍ୟନାଥ ଭଞ୍ଜଙ୍କ ଉଦ୍ୟମରେ ବାଣପୁରରେ ରଥଯାତ୍ରା କରାଇଥିଲେ । ୧୬୧୦ ଖ୍ରୀଷ୍ଟାବ୍ଦରେ କେଶୁ ଦାସ ନାମକ ଜଣେ ମୁସଲମାନ ସୁବେଦାର ରଥରେ ନିଆଁ ଲଗାଇ ଦେବାରୁ ଠାକୁରଙ୍କୁ ଶଗଡ଼ରେ ବସାଇ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ୧୭୩୧ ଖ୍ରୀଷ୍ଟାବ୍ଦରେ ମହମ୍ମଦ ତକିଖାଁଙ୍କର ଖୋର୍ଦ୍ଧା ଆକ୍ରମଣ ଯୋଗୁଁ ଠାକୁରଙ୍କୁ ରଣପୁର ତହସିଲର ନାଉରୀ ଗାଁକୁ ସ୍ଥାନାନ୍ତର କରାଯାଇଥିଲା ଓ ୧୭୩୨ ଖ୍ରୀଷ୍ଟାବ୍ଦରେ ୩ଟି ଶଗଡ଼ରେ ପ୍ରଭୁଙ୍କ ଯାତ୍ରା ଅନୁଷ୍ଠିତ ହୋଇଥିଲା ।

୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନଙ୍କ ଓଡ଼ିଶା ଆଗମନ ପରେ ୧୮୦୪ରେ ଇଂରେଜ ରାଜତ୍ୱର ପ୍ରଥମ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ୧୦ ହଜାର ୬୦୬ ଟଙ୍କା ୧୫ ଅଣା ୩ ପଇସା ଥିଲା ସେହିବର୍ଷ ରଥଯାତ୍ରାର ମୋଟ ଖର୍ଚ୍ଚର ପରିମାଣ । ସେହିବର୍ଷ ଜୁନ୍ ୧୪ ତାରିଖରେ ରଥଯାତ୍ରା ଦିନ ଶ୍ରୀମନ୍ଦିର ସମ୍ମୁଖରେ ଦଳାଚକଟା ହେବାରୁ ୧୮ ଜଣଙ୍କ ପ୍ରାଣହାନି ଘଟିବା ହେତୁ ରଥଯାତ୍ରାକୁ ୭ ଦିନ ପାଇଁ

ଘୁଞ୍ଚାଇ ଦିଆଯାଇଥିଲା । ୧୮୫୩ ମସିହାରେ ୩ଟି ରଥ ଏକତ୍ର ଟଣାଯିବାରୁ ୭୨ ଜଣଙ୍କର ଜୀବନହାନି ଘଟିଥିଲା । ୧୯୦୨ ମସିହାରେ ରଥଯାତ୍ରା ଜୁଲାଇ ୭ ତାରିଖରେ ଆରମ୍ଭ ହୋଇ ଅଗଷ୍ଟ ୧୮ ତାରିଖ ପର୍ଯ୍ୟନ୍ତ ୪୨ ଦିନରେ ଶେଷ ହୋଇଥିଲା । ବାରିପଦାରେ ୧୯୭୬ ମସିହାରୁ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିବାର ନୂତନ ପରମ୍ପରା ସୃଷ୍ଟି ହୋଇଛି । ୧୯୬୬ ମସିହାରୁ ଇସ୍କନ ସଂସ୍ଥା ପକ୍ଷରୁ ପ୍ରଥମ କରି ସାନ୍‌ଫ୍ରାନ୍‌ସିସ୍‌କୋ ଠାରେ ରଥଯାତ୍ରା ଆରମ୍ଭ ହୋଇଥିଲା ଓ ୧୯୬୯ରେ ପ୍ରଥମେ ଲଣ୍ଡନ ସହରରେ ରଥଯାତ୍ରା ଆରମ୍ଭ ହୋଇଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ ଯେ ସେହି ପରମ କାରୁଣିକ ଜଗନ୍ନାଥଙ୍କର ଅନୁପମ ଲୀଳା ମଧ୍ୟରେ ରଥାରୁଢ଼ ମୂର୍ତ୍ତିକୁ ଦର୍ଶନ କଲେ ଜୀବନରେ ଆଉ ପୁର୍ନଜନ୍ମ ହୋଇନଥାଏ ବୋଲି ବିଶ୍ୱାସ କରାଯାଏ ।

•

# ଯୁବ ଗଣତନ୍ତ୍ରର ସୁଦୃଢ଼ୀକରଣ ଓ ବିଶୁଦ୍ଧିକରଣ ପାଇଁ ଏକ ସଫଳ ପ୍ରୟାସ

ଅଧ୍ୟାପକ ପର୍ଶୁରାମ ରାଉତରାୟ
ଓଡିଆ ଓ ଭାଷା ବିଭାଗ

ଇଂରେଜମାନେ ଭାରତ ମାଟି ଛାଡ଼ିଲେ ୧୯୪୭ ମସିହା ଅଗଷ୍ଟ ୧୫ରେ । ଭାରତ ସ୍ୱାଧୀନ ହେଲା । କିନ୍ତୁ ଭାରତ ପ୍ରକୃତରେ ଏକ ଗଣତାନ୍ତ୍ରିକ ସାର୍ବଭୌମ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହେଲା ୧୯୫୦ ମସିହା ଜାନୁଆରୀ ୨୬ରେ । ଭାରତ ସମ୍ବିଧାନକୁ ୧୯୫୦ ଜାନୁଆରୀ ୨୬ରେ ଏକ ଶିତୁଆ ସକାଳରେ ଅନେକ ଆଶା ଭରସା ନେଇ ବ୍ୟବସ୍ଥାପକ ସଭାର ୨୭୧ଜଣ ନିର୍ବାଚିତ ପୁରୁଷ ଓ ମହିଳା ପ୍ରତିନିଧି ସ୍ୱୀକୃତି ଦେବାପାଇଁ ଏକତ୍ର ହେଲେ । ଡ. ବି.ଆର.ଆମ୍ବେଦକର, ଶ୍ୟାମପ୍ରସାଦ ମୁଖାର୍ଜୀ, କେ.ଏମ୍.ମୁନ୍‌ସି, ଆଲାଦି, କୃଷ୍ଣମୂର୍ତ୍ତି ଆୟାର, ଗୋପାଳ ସ୍ୱାମୀ ଅୟଙ୍ଗର, ଗର୍ମ, ଡି.ସୌଜା ଓ ବରିଷ୍ଠ ପ୍ରଶାସକ ବି.ଓ.ଏନ୍. ରାଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଆରି ହୋଇଥିବା ବିଶ୍ୱର ବହୁଚର୍ଚ୍ଚିତ ସମ୍ବିଧାନ ୧୯୪୮ ମସିହାରେ ତିଆରି ହୋଇଥିଲେ ମଧ୍ୟ ପ୍ରାୟ ୨୦୦୦ ଥର ସଂଶୋଧନ କରାଯାଇ ୧୯୫୦ ଜାନୁଆରୀ ୨୫ରେ ୯୦,୦୦୦ ଶବ୍ଦ ବିଶିଷ୍ଟ ଉଭୟ ହୋଇଥିଲା ଓ ଇଂରାଜୀ ଓ ହିନ୍ଦୀ ଭାଷାରେ ଏହି ବିଶାଳ ପୁସ୍ତକଟି ଆତ୍ମପ୍ରକାଶ କରିଥିଲା । ତା'ର ପ୍ରଚ୍ଛଦ ପଟଟିକୁ ଅଙ୍କନ କରିଥିଲେ ଶାନ୍ତିନିକେତନର ବିଶିଷ୍ଟ ଚିତ୍ରଶିଳ୍ପୀ ନନ୍ଦଲାଲ ବୋଷ ସ ସେହିଠାରେ ସର୍ବସମ୍ମତି କ୍ରମେ ଡଃ ରାଜେନ୍ଦ୍ର ପ୍ରସାଦଙ୍କୁ ରାଷ୍ଟ୍ରପତି ଭାବେ

ନିର୍ବାଚିତ କରାଯାଇଥିଲା । ନିଜର ପ୍ରଥମ ଅଭିଭାଷଣରେ ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ ବନ୍ଦେ ମାତରମ୍ ଓ ଜନଗଣ ମନକୁ ସମାନ ମର୍ଯ୍ୟାଦା ଦିଆଯିବ ବୋଲି ଉଲ୍ଲେଖ କରି ଉପସ୍ଥିତ ଥିବା ସଦସ୍ୟମାନଙ୍କୁ ସମ୍ବିଧାନରେ ସ୍ୱାକ୍ଷର କରିବା ପାଇଁ ଆମନ୍ତ୍ରଣ କରିଥିଲେ । ପ୍ରଥମରେ ଜବାହାରଲାଲ ନେହେରୁ ଓ ସର୍ବଶେଷରେ ଡଃ ରାଜେନ୍ଦ୍ର ପ୍ରସାଦ ଏଥିରେ ଦସ୍ତଖତ କରିଥିଲେ । ଭାରତୀୟ ଗଣତନ୍ତ୍ର ସଂପୂର୍ଣ୍ଣ ଭାବେ ନିର୍ବାଚନ ଓ ମତଦାନ ଉପରେ ନିର୍ଭରଶୀଳ । ତେଣୁ ୧୯୫୦, ଜାନୁଆରୀ ୨୫ରେ ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ଅବାଧ ଓ ମୁକ୍ତ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରାଯାଇ ସମ୍ବିଧାନରେ ୩୨୪ ଧାରା ଅନୁସାରେ ଗଠନ କରାଯାଇଥିଲା ନିର୍ବାଚନ କମିଶନ । ଗଣତନ୍ତ୍ର ଓ ନିର୍ବାଚନ ମଧ୍ୟରେ ସମ୍ପର୍କ ଜନ୍ମଜାତର ସମ୍ପର୍କ ଭଳି ଘନିଷ୍ଠ । ନିର୍ବାଚନୀ ପ୍ରକ୍ରିୟାରେ ମତଦାତାଙ୍କ ଅଂଶଗ୍ରହଣ ଓ ଏହାର ସ୍ୱଚ୍ଛତା ଓ ନିରପେକ୍ଷତା ଉପରେ ନିର୍ଭର କରେ । ନିର୍ବାଚନ ପ୍ରକ୍ରିୟାରେ ମତଦାତାଙ୍କ ଅଂଶଗ୍ରହଣ ଦୃଷ୍ଟିରୁ ବିଚାର କଲେ ଭାରତୀୟ ଗଣତନ୍ତ୍ରର ସାଂପ୍ରତିକ ଦୃଶ୍ୟପଟ ବିଶେଷ ଉତ୍ସାହଜନକ ନୁହେଁ । ୧୯୫୨ ରୁ ୨୦୦୯ ପର୍ଯ୍ୟନ୍ତ ଭାରତ ୧୫ ଥର ସାଧାରଣ ନିର୍ବାଚନ ଦେଖିସାରିଲାଣି । ପାର୍ଲିଆମେଣ୍ଟ ପାଇଁ ୧୫ ଥର, ବିଧାନସଭା ପାଇଁ ୩୦ ଥର । ସ୍ୱାଧୀନତା ଓ ଗଣତନ୍ତ୍ର ପାଇଁ ନିର୍ବାଚନ ଏକ ଅନିବାର୍ଯ୍ୟ ଓ ସୁରକ୍ଷା କବଚ ହୋଇଥିବାରୁ ଦେଶକୁ ତାହାର ମୂଲ୍ୟ ଦେବାକୁ ପଡ଼େ । ଆମ ଦେଶର ମତଦାତାଙ୍କ ସଂଖ୍ୟା ଉଭୟ ଉତ୍ତର ଓ ଦକ୍ଷିଣ ଆମେରିକା ଏବଂ ସମଗ୍ର ୟୁରୋପ ମହାଦେଶର ଜନସଂଖ୍ୟାରୁ ଅଧିକ । ଭୋଟଦାନ କେନ୍ଦ୍ରର ସଂଖ୍ୟା ୩୫ ଲକ୍ଷ । ଗୋଟିଏ ସାଧାରଣ ନିର୍ବାଚନରେ ୧୨ ଲକ୍ଷ ଭୋଟିଙ୍ଗ ମେସିନ୍ ବ୍ୟବହାର ହୁଏ । ଲୋକସଭା ପାଇଁ ୪୬୧୭ ପ୍ରାର୍ଥୀ, ୩୦୦ ରାଜନୈତିକ ଦଳ ୭୦ ଲକ୍ଷ ବୁଥ୍ ଅଫିସର ଆବଶ୍ୟକ ପଡ଼ନ୍ତି । ଗୋଟିଏ ସାଧାରଣ ନିର୍ବାଚନକୁ ପରିଚାଳନା ଓ ନିୟନ୍ତ୍ରଣ କରିବା ପାଇଁ ଦରକାର ପଡ଼ନ୍ତି ୧ କୋଟି ୧୦ ଲକ୍ଷ କର୍ମଚାରୀ । ତା' ମଧ୍ୟରୁ ୭୦ ହଜାର ମିଲିଟାରୀ, ପାରାମିଲିଟାରୀ ଓ ପୋଲିସ୍ । ଦେଶର ଅଗମ୍ୟ, ବଣଜଙ୍ଗଲ, ପାହାଡ଼ ବରଫାବୃତ ଅଞ୍ଚଳରେ ବାସ କରୁଥିବା ପ୍ରତ୍ୟେକ ଭୋଟରଙ୍କ ପାଇଁ ଏକ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଥାଏ । ୨୦୦୯ ମସିହାରେ ୬ ଜଣ ପୁଲିଙ୍ଗ ପାର୍ଟି ବରଫାବୃତ ଲାଦାଖରେ ୩୭ ଜଣ ଭୋଟରଙ୍କ ପାଇଁ ୧୨ ଜଣ ନିର୍ବାଚନ କର୍ମଚାରୀ ୪୫ କି.ମି. ଆଣ୍ଠୁଏ ବରଫରେ ୩ ଦିନ ଚାଲି ଚାଲି ଯାଇ ଭୋଟ କେନ୍ଦ୍ର ସ୍ଥାପନ କରିଥିଲେ । ମାତ୍ର ସେଥିରୁ ୯ ଜଣ ମତଦାନ କରିଥିଲେ । ଏଥିରୁ ଅନୁମିତ ହୁଏ ଯେ ଗୋଟିଏ ସାଧାରଣ ନିର୍ବାଚନରେ କେତେ ଅଜସ୍ର ଅର୍ଥ ଖର୍ଚ୍ଚ ହୁଏ ଓ ଆମ ମତଦାତାମାନେ ମତଦାନ କରିବାକୁ କେତେ ସଚେତନ ।

ଏକ ବେସରକାରୀ ଆକଳନରୁ ଜଣାଯାଏ ଯେ ୨୦୦୯ ପାର୍ଲିଆମେଣ୍ଟ ନିର୍ବାଚନରେ ଯେଉଁ ୫୪୩ ଜଣ ପ୍ରାର୍ଥୀ ନିର୍ବାଚିତ ହୋଇ ଆସିଥିଲେ ସେଥିରେ ୯୯ ଭାଗ ଭୋଟ ବାକ୍ସରେ ପଡ଼ିଥିବା ଅଧାରୁ କମ୍ ଭୋଟ ପାଇ ଜିତିଥିଲେ । ତନ୍ମଧ୍ୟରୁ ୨୬୮ ଜଣ କୋଟିପତି ଏବଂ ଏକଶହରୁ ଅଧିକଙ୍କର ଲମ୍ବା ଅପରାଧ ଇତିହାସ ଥିବା କଥା ବାରମ୍ବାର ଗଣମାଧ୍ୟମରେ ପ୍ରକାଶିତ ହେଉଛି । ଏଠାରେ ୧୯୫୦ ରୁ ୨୦୦୯ ପର୍ଯ୍ୟନ୍ତ ନିର୍ବାଚନରେ ମତଦାନ ହାରକୁ ପ୍ରକାଶ କରାଯାଇପାରେ-

୧୯୫୨ - ୪୫.୭%

୧୯୫୭ - ୪୭.୭ %

୧୯୬୨ - ୫୫.୩ %

୧୯୬୭ - ୬୧.୨ %

୧୯୭୧ - ୫୫.୩ %

୧୯୭୭ - ୬୦.୫ %

୧୯୮୦ - ୫୬.୯ %

୧୯୮୪ - ୬୩.୬%

୧୯୮୯ - ୬୨ %

୧୯୯୧ - ୫୫.୨ %

୧୯୯୬ - ୫୭.୯ %

୧୯୯୮ - ୬୨ %

୨୦୦୪ - ୫୮.୧ %

୨୦୦୯ - ୫୮.୩ %

ଏହି ଅବସ୍ଥା ଓ ବ୍ୟବସ୍ଥାର ପରିବର୍ତ୍ତନ ପାଇଁ ନିର୍ବାଚନ କମିଶନଙ୍କ ପ୍ରସ୍ତାବ ସଂପର୍କରେ ଏପର୍ଯ୍ୟନ୍ତ ସରକାର ଓ ରାଜନୈତିକ ଦଳମାନେ ଏକମତ ହୋଇପାରି ନାହାନ୍ତି । ନିର୍ବାଚନ ସଂସ୍କାର ପାଇଁ ସମ୍ବିଧାନ ସଂଶୋଧନ ଆବଶ୍ୟକ ଓ ଏଥିପାଇଁ ଶାସକଙ୍କ ସହଯୋଗ ଆବଶ୍ୟକ । ମୁଖ୍ୟ ନିର୍ବାଚନ କମିଶନ ନିଜେ ସ୍ୱୀକାର କରିଛନ୍ତି ଯେ ଭାରତରେ ନିର୍ବାଚନ ସବୁ ଦୁର୍ନୀତିର ଆଦିଦାତା । ୧୯୫୨ ମସିହାରେ ୨୧ ବର୍ଷରୁ ଅଧିକ ପୁରୁଷ ଓ ମହିଳା ନାଗରିକଙ୍କୁ ମତଦାନ ଅଧିକାର ମିଳିଲା । ସେତେବେଳେ ୮୪% ପ୍ରତିଶତ ନିରକ୍ଷର ଓ ଜୀବନକାଳ ଥିଲା ୨୭ ବର୍ଷ, ୯୦% ଲୋକ ଥିଲେ ଦରିଦ୍ର । ତେଣୁ ଏ ଗଣତନ୍ତ୍ରର ସ୍ଥାୟିତ୍ୱ ନେଇ ବିଦେଶୀମାନେ ଆଶାୟୀ ନଥିଲା ତେବେ ୬୫ ବର୍ଷର ପୂର୍ତ୍ତି ଅବସରରେ ଭାରତ କୃଷିଠାରୁ ଆରମ୍ଭ କରି ବିଜ୍ଞାନ କାରିଗରୀ ଓ ପ୍ରତିରକ୍ଷା କ୍ଷେତ୍ରରେ ସଫଳତାର ମାଇଲ ଖୁଣ୍ଟ ଅତିକ୍ରମ କରିଛି । ସବୁଜ ବିପ୍ଳବ ପରେ ଏ ଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବା ସଙ୍ଗେ ସଙ୍ଗେ ଖାଦ୍ୟଶସ୍ୟର ଏକ ବଡ଼ ରପ୍ତାନୀକାରୀ ଦେଶ ଭାବେ ପରିଚିତ ହେଉଛି ।

ଶ୍ୱେତ ବିପ୍ଳବ ଫଳରେ ଦେଶର ଦୁଗ୍ଧର ବନ୍ୟା ସୃଷ୍ଟି କରିଛି । ଭାରତ ବିଶ୍ୱର ସର୍ବାଧିକ ଦୁଗ୍ଧ ଉତ୍ପାଦନକାରୀ ଦେଶ । ସ୍ୱାଧୀନତା ବେଳେ ଯେଉଁ ଦେଶରେ ପିନ୍ କଣ୍ଟାଟିଏ ମଧ୍ୟ ତିଆରି ହେଉନଥିଲା ସେହି ଭାରତ ଆଜି ବିଜ୍ଞାନ ଓ କାରିଗରିରେ ବିଶ୍ୱର ଗୋଟିଏ ଆଗଧାଡ଼ିର ଦେଶ । ଏହା ମଧ୍ୟରେ ଏ ଦେଶର ଚେହେରା ବଦଳିଯାଇଛି । ଅର୍ଥନୈତିକ ସଂସ୍କାର, ନିର୍ଭିକ ଓ ସ୍ୱାଧୀନ ସାମ୍ବାଦିକତା, ଟେଲିକମ୍ ବିପ୍ଳବ, ମହାକାଶ ଓ ଆଣବିକ କ୍ଷେତ୍ରରେ ଚମକପ୍ରଦ ଉପଲବ୍ଧି ସଫ୍‌ଟୱେୟାରର ମହାଶକ୍ତି ଭାବେ ଭାରତର ମାନ୍ୟତା ପୃଥିବୀର ଜ୍ଞାନ କେନ୍ଦ୍ର ଭାବେ ନୂଆ ପରିଚିତ । ଆଜି ଏ ରାଷ୍ଟ୍ରକୁ ଏକ ସଫଳ ଓ ସଶକ୍ତ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ମର୍ଯ୍ୟାଦା ଦେଉଛି, ଏହା ମଧ୍ୟରେ ଭାରତୀୟଙ୍କ ହାରାହାରି ଆୟୁଷ ୨୭ ରୁ ୬୫ କୁ ବୃଦ୍ଧି ହୋଇଛି । ସାରା ଦେଶରେ ବିଛାଇ ହୋଇ ରହିଛି ୧.୭୫ ନିୟୁତ କି.ମି. ରାସ୍ତା, ଲୁହା ଇସ୍ପାତର ଉତ୍ପାଦନ ବଢ଼ିଛି ୫୦ ପ୍ରତିଶତ, ରପ୍ତାନୀର ପରିମାଣ ପହଞ୍ଚିଛି ୧୨୫ ମିଲିୟନ ଡଲାରରେ । କିନ୍ତୁ ବାହାରକୁ ଉଦ୍ଭାସିତ କରୁଥିବା ଏହି ପ୍ରଭାବଳୟ ବାହାରେ ଯେଉଁ ଅନାଲୋକିତ ଅନ୍ଧାରିଆ ଭାରତଟିଏ ରହିଛି, ସେଠି ଏବେବି ରହୁଛନ୍ତି ୩୫ କୋଟି ନିରକ୍ଷର, ୨୬ କୋଟି ଦାରିଦ୍ର୍ୟର ସୀମାରେଖା ତଳେ ଓ ବିଶୁଦ୍ଧ

ପାନୀୟ ଜଳରୁ ବଞ୍ଚିତ ୧୫ କୋଟି ଲୋକ, ୭୫ କୋଟି ପରିମଳ ବ୍ୟବସ୍ଥାର ବାହାରେ । ଅପପୃଷ୍ଟିର ଶିକାର ହେଉଥିବା ୫୦ ପ୍ରତିଶତ ଶିଶୁ ଏବଂ ଔଷଧ ପାଉନଥିବା ୭୫ ପ୍ରତିଶତ ଭାରତୀୟ । ଏଥିପାଇଁ ମୁଖ୍ୟ ଦାୟୀ ହେଉଛି ଭାରତୀୟ ଗଣତନ୍ତ୍ରରେ ଦୁର୍ନୀତି । ଗଣତନ୍ତ୍ରକୁ ସୁଦୃଢ଼ିକରଣ ଓ ଦୁର୍ନୀତିମୁକ୍ତ କରିବା ପାଇଁ ଆବଶ୍ୟକ 'ଯୁବା' । ତେବେ ମନରେ ପ୍ରଶ୍ନ ଉଠେ ଯୁବାଟି କ'ଣ ? ଏହା ହେଉଛି Youth Unit for voter Awareness କାର୍ଯ୍ୟକ୍ରମ । ୧୯୯୭ ଅଗଷ୍ଟ ୧୫ରେ ଭାରତ ଗଣତନ୍ତ୍ରର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଅନୁଷ୍ଠିତ ହୋଇଥିବା ଅଧିବେଶନର ସମସ୍ତ ରାଜନୈତିକ ନେତାମାନେ ମୁକ୍ତ କଣ୍ଠରେ ସ୍ୱୀକାର କରିଥିଲେ ଯେ ଭାରତରେ ସବୁ ସ୍ତରରେ ଭ୍ରଷ୍ଟାଚାର ବଢ଼ି ବଢ଼ି ଚାଲିଛି ଓ ଭାରତୀୟ ରାଜନୀତିରେ ଅପରାଧିକରଣ ସେହି ଅନୁପାତରେ ବୃଦ୍ଧି ପାଉଛି । ଏହାର ଠିକ୍ ୧୪ ବର୍ଷ ପରେ ଅଗଷ୍ଟ ୧୬, ୨୦୧୧ରେ ଦେଶରୁ ଦୁର୍ନୀତି ହଟାଇବା ଓ ଏକ ଦୃଢ଼ ଜନ ଲୋକପାଳ ବିଲ୍ ଗଠନ କରିବା ପାଇଁ ଆନ୍ନା ହଜାରେଙ୍କ ନେତୃତ୍ୱରେ ଏକ ଅହିଂସାତ୍ମକ ସତ୍ୟାଗ୍ରହ ଆରମ୍ଭ ହେଲା । ପ୍ରଥମେ କେନ୍ଦ୍ରରେ କ୍ଷମତାସୀନ ସରକାର ଏହାକୁ ଭଣ୍ଡୁର କରିବା ପାଇଁ ଅପଚେଷ୍ଟା କରିଥିଲେ । କିନ୍ତୁ ଏହି ଅହିଂସାତ୍ମକ ସତ୍ୟାଗ୍ରହକୁ ଭାରତୀୟ ଯୁବମାନସର ସ୍ୱତଃସ୍ଫୁର୍ତ୍ତ ଭାବରେ ସାମିଲ ହେବା ଓ ସମଗ୍ର ଭାରତବର୍ଷର ଛୋଟ ଠାରୁ ବଡ଼ ସହର ପର୍ଯ୍ୟନ୍ତ ସର୍ବତ୍ର ଯୁବ ସମାଜର ସତ୍ୟାଗ୍ରହ କେବଳ ଭାରତ ସରକାର ନୁହନ୍ତି, ସମସ୍ତ ପୃଥିବୀର ଜନ ସମାଜକୁ ଚକିତ ଉଦ୍‌ଭାସିତ କଲା । ଫଳରେ ସରକାର ଜନ ଲୋକପାଳ ବିଲ୍‌କୁ ସଂସଦରେ ଉପସ୍ଥାପିତ କଲେ । ଭାରତର ମତଦାତାଙ୍କ ସଂଖ୍ୟା ୭୩ କୋଟିରୁ ଅଧିକ ଓ ଯୁବ ମତଦାତାଙ୍କ ସଂଖ୍ୟା ୫୨ କୋଟିରୁ ଅଧିକ । ୧୯୮୮ ମସିହାରେ ସମ୍ବିଧାନରେ ସଂଶୋଧନ କରାଯାଇ ମତଦାନର ଅଧିକାର ୨୧ ବର୍ଷରୁ ୧୮ ବର୍ଷକୁ କମାଇ ଦିଆଗଲା । ଫଳରେ ଗ୍ରାମ ପଞ୍ଚାୟତ ଠାରୁ ଲୋକସଭା ପର୍ଯ୍ୟନ୍ତ ଯୁବ ପ୍ରତିନିଧିମାନଙ୍କୁ ଦେଖିବାକୁ ମିଳିଲା । ଏବେ ଏହା ୧୮ ରୁ ୧୬ କୁ କମାଇବା ପାଇଁ ବିଭିନ୍ନ ଦେଶରେ ବିଚାର ବିମର୍ଷ ଚାଲିଛି । ସମାଜ ବିଜ୍ଞାନୀମାନଙ୍କ ମତରେ ଏକବିଂଶ ଶତାବ୍ଦୀର ୧୬ ବର୍ଷିୟାଙ୍କର । ଏମାନେ ବିଂଶ ଶତାବ୍ଦୀର ୨୧ ବର୍ଷିୟାଙ୍କ ଠାରୁ ଅଧିକ ପୋଖତ ଓ ସମଝଦାର । ଏମାନଙ୍କୁ କୁହାଯାଉଛି Knowledge worker ଓ Knowledge Manager । ଏମାନେ ନିଜ ମାତାପିତା ଓ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନୂଆ ନୂଆ ଜ୍ଞାନ କୌଶଳ ଶିଖାଉଛନ୍ତି । ଇରାନ, ବ୍ରାଜିଲ୍, କ୍ୟୁବା, ଉତ୍ତର କୋରିଆରେ ଭୋଟ ଦାନ ବୟସ କମାଇବା ପ୍ରକ୍ରିୟା ଆରମ୍ଭ ହେଲାଣି । ପୃଥିବୀର ପ୍ରାୟ ସବୁ ଦେଶର ୧୫ ବର୍ଷ ଅତିକ୍ରମ କରିଥିବା ବ୍ୟକ୍ତିଙ୍କୁ ଯୁବବର୍ଗରେ ଗଣାଯାଉଛି । ୟୁନିଆଟେଡ୍ ନେସନ୍‌ର ମତ ଯେ ୧୫ ରୁ ୨୪ ବର୍ଷ ହେଉଛି ଯୁବା ବୟସ । କିନ୍ତୁ ଭାରତରେ ୧୯୮୫ ମସିହାରୁ ଏହା ୧୩ ରୁ ୩୫ ବର୍ଷ । ୨୦୦୯ ଓ ୨୦୧୧ କେନ୍ଦ୍ର ନିର୍ବାଚନ ଆୟୋଗଙ୍କ ନିକଟରେ ବିଭିନ୍ନ ନାଗରିକ ଫୋରମ ତରଫରୁ ପ୍ରସ୍ତାବ ରଖାଯାଇଥିଲା । ପ୍ରଥମଟି ହେଲା ଯେ ବର୍ଷକର ଗୋଟିଏ ଦିନକୁ ଜାତୀୟ ମତଦାତା ଦିବସ ଭାବରେ ପାଳନ କରିବା ଓ ଦ୍ୱିତୀୟଟି ହେଉଛି ଯେ ଅଧିକ ସଂଖ୍ୟକ ଯୁବବର୍ଗଙ୍କୁ ମତଦାନ ପ୍ରକ୍ରିୟାରେ ସାମିଲ୍ କରିବା ପାଇଁ ଯୁବା କାର୍ଯ୍ୟକ୍ରମ । ଏହି ଦୁଇଟିଯାକ ପ୍ରସ୍ତାବକୁ ଏବେ ନିର୍ବାଚନ କମିଶନ ଗ୍ରହଣ କରିଛନ୍ତି ଓ ଜାନୁଆରୀ ୨୫ ତାରିଖକୁ ସାରା ଦେଶରେ

ଜାତୀୟ ମତଦାତା ଦିବସ ଭାବରେ ପାଳନ କରାଯାଉଛି ଓ ଯୁବ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରୟାସ କରାଯାଇଛି । ୧୯୯୦ ନିର୍ବାଚନରେ ୨୮ କୋଟି ନାଗରିକ ମତଦାନ କରି ନଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୁବ ବର୍ଗ । ଯେଉଁ ନିର୍ବାଚନରେ ୩୦ ପ୍ରତିଶତରୁ ଅଧିକ ମତଦାତା ମତଦାନ କରନ୍ତି ନାହିଁ, ସେହି ନିର୍ବାଚନର ସଫଳତା ସେହି ଗଣତାନ୍ତ୍ରିକ ବ୍ୟବସ୍ଥାର ବୈଧତା ଉପରେ ନୈତିକ ପ୍ରଶ୍ନ ଉଠେ । ବିଶ୍ୱର ସର୍ବ ବୃହତ ଗଣତନ୍ତ୍ର ଭାବରେ ଦେଶର ମର୍ଯ୍ୟାଦା ପୂର୍ଣ୍ଣ ହୁଏ । ମତଦାନ ନାଗରିକର ଏକ ମୌଳିକ ଦାୟିତ୍ୱ । ଅଷ୍ଟ୍ରେଲିଆରେ ମତଦାନକୁ ବାଧ୍ୟତାମୂଳକ କରାଯାଇଛି । ସ୍ୱାଧୀନତା ବ୍ୟକ୍ତିର ମୂଳ ଆଧାର । ବ୍ୟକ୍ତି ସ୍ୱାଧୀନତା ପ୍ରାପ୍ତ କରିବା ପାଇଁ ଖାଦ୍ୟ, ବସ୍ତ୍ର ଓ ବାସଗୃହକୁ ସ୍ୱାଧୀନତା ଭ୍ରୁକ୍ଷେପ କରେ ନାହିଁ । ଏହାର ସଦ୍ୟ ଉଦାହରଣ ହେଉଛି ରାଷ୍ଟ୍ରପତି ମୁଆମାର ଗଦାଫିଙ୍କ ୪୨ ବର୍ଷ ଧରି ଏକଛତ୍ର ଓ ନିରଙ୍କୁଶ ଶାସନ କାଳରେ ୫ ଟଙ୍କାରେ ୪୦ଟି ପାଉଁରୁଟି, ପାଣି, ବିଜୁଳି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା ମାଗଣା, ସବୁ ସୁଧ ଉପରେ ଋଣ ଛାଡ଼ । ପ୍ରତ୍ୟେକ ବେକାର ଗ୍ରାଜୁଏଟ୍‌କୁ ମାଗଣା ଦରମା ତଥାପି ସବୁ ସୁଖ ସୁବିଧା ବଦଳରେ ବ୍ୟକ୍ତିଗତ ସୁବିଧାକୁ ଜଳାଞ୍ଜଳି ଦେବାକୁ ସେ ଦେଶର ଜନତା ରାଜିହେଲେ ନାହିଁ । ଇତିହାସରେ ଏପରି ଉଦାହରଣ ଅନେକ । ତେଣୁ ଗଣତନ୍ତ୍ର, ନିର୍ବାଚନ ଓ ମତଦାନ ପାଇଁ ଆନ୍ଦୋଳନ ହେଉଚି ଏହା ବିରୁଦ୍ଧରେ ନୁହେଁ । ଏସବୁ ସତ୍ତ୍ୱେ ଭୋଟରମାନେ କ'ଣ ପାଇଁ ସ୍ୱତଃ ପ୍ରବୃତ୍ତ ହୋଇ ଭୋଟ ଦେବାକୁ ଆସୁନାହାନ୍ତି ? ଏହା ଭାରତୀୟ ଗଣତନ୍ତ୍ରର ଏକ ବଡ଼ ସମସ୍ୟା । ନିର୍ବାଚନ ଓ ମତଦାନ ଗତିଧାରାକୁ ଅଧ୍ୟୟନ କରୁଥିବା ବିଶାରଦମାନେ ଏଥିପାଇଁ ୪ଟି କାରଣ ଦର୍ଶାଇଛନ୍ତି । ପ୍ରଥମଟି ହେଲା ସମ୍ଭାବନା । ମତଦାତା ଭାବନ୍ତି ତାଙ୍କର ଗୋଟିଏ ଭୋଟ ପ୍ରାର୍ଥୀକି ଜିତିବା ହାରିବା ସ୍ଥିର କରିବ କି ? ଅତୀତରେ ଓଡ଼ିଶାର ସାଂସଦ ଗିରିଧର ଗମାଙ୍ଗଙ୍କ ଗୋଟିଏ ଭୋଟ ପାଇଁ ସମଗ୍ର ଦେଶକୁ ଏକ ସାଧାରଣ ନିର୍ବାଚନ ପାଇଁ ପଥ ଦେଖାଇଲା । ଅର୍ଥାତ୍ ଗୋଟିଏ ସରକାର ପତନ ହେଲା । ଦ୍ୱିତୀୟ କାରଣ ହେଲା ପ୍ରୋତ୍ସାହନ ବା ଭୋଟଦାତା ଭାବନ୍ତି ତାଙ୍କୁ କ'ଣ ମିଳିବ । ତୃତୀୟ କାରଣ ହେଲା ଲାଭ । ଭୋଟ ଦେଲେ ତାଙ୍କ ଅଞ୍ଚଳର କ'ଣ ଲାଭ ହେବ ? ମୂଲ୍ୟ । ମତଦାନ ପାଇଁ ତାଙ୍କୁ କେତେ ସମୟ ଲାଗିବ ଓ ତା'ର ମୂଲ୍ୟ କେତେ ? ଏହି ମୂଲ୍ୟ ଦେବାପାଇଁ ଇଚ୍ଛା ବା ଆଗ୍ରହ ୭ଟି ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇଥାଏ । ସେଗୁଡ଼ିକ ହେଲା-

୧. ମତଦାନକୁ ଏକ ପବିତ୍ର ରାଷ୍ଟ୍ରୀୟ ଦାୟିତ୍ୱ ଭାବେ ପାଳନ କରିବା ।

୨. ଏକ ନିର୍ଦ୍ଦିଷ୍ଟ ଦଳ ବା ବ୍ୟକ୍ତିଙ୍କ ପାଇଁ ଆନୁଗତ୍ୟ ।

୩. ନିଜ ଭୋଟର ଗୁରୁତ୍ୱ ଉପଲବ୍ଧି କରିବା ।

୪. କୌଣସି ଜାତି ସଂପ୍ରଦାୟ ବା ଧର୍ମର ପ୍ରଭାବରୁ ମୁକ୍ତ ରହିବା ।

୫. ପ୍ରାର୍ଥୀଙ୍କ ଠାରୁ ମିଳୁଥିବା ପ୍ରୋତ୍ସାହନର ପ୍ରତିଦାନ ।

୬. ନିର୍ବାଚନ ବା ମତଦାନ ପ୍ରକ୍ରିୟାରେ ଆସ୍ଥା ବା ବିଶ୍ୱାସ ।

୭. Voter Friendly ପରିବେଶ ଓ ଏହା ହିଁ ହେଉଛି 'ଯୁବା'ର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ, ଏ ସଂପର୍କରେ ଅଧିକ ଅଧ୍ୟୟନ ବା ପରାମର୍ଶ ପାଇଁ

ନିର୍ବାଚନ ଆୟୋଗ ଏକ Voter Education Department ଖୋଲିଛନ୍ତି ଓ International Voter's Education and Research Center ନାମକ ସଂସ୍ଥା ଗଠନ କରିଛନ୍ତି । ଶେଷରେ 'ଯୁବା'ର ଆହ୍ୱାନ ହେଉଛି Drawing Hall ରେ ବା Seminar Hall ରେ ବସି ସରକାରଙ୍କୁ ସମାଲୋଚନା କରିବା ଅପେକ୍ଷା ଭୋଟ୍ ଦାନ କେନ୍ଦ୍ରକୁ ଆସି ଯୋଗ୍ୟ ପ୍ରାର୍ଥୀଙ୍କୁ ଭୋଟ୍ ଦିଅନ୍ତୁ ଯାହାଦ୍ୱାରା ଅବସ୍ଥା ବଦଳିବ । ଭାରତୀୟ ଗଣତନ୍ତ୍ରର ଭବିଷ୍ୟତ ହେଉଛି ନିରପେକ୍ଷ ନିର୍ବାଚନ ଓ ସଚେତନ ମତଦାନ । କେବଳ ଭୋଟର୍ ମାନେ ହିଁ ଆମ ଗଣତନ୍ତ୍ରକୁ ଏ ପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି ।

•

# ଅନନ୍ୟ ସ୍ୱାଧୀନତା ସଂଗ୍ରାମୀ

ଚିତ୍ତରଞ୍ଜନ ମିଶ୍ର
ଅଧ୍ୟାପକ, ଇତିହାସ ବିଭାଗ

ଊନବିଂଶ ଶତାବ୍ଦୀରେ ଭାରତୀୟ ଆଧୁନିକ ସାହିତ୍ୟିକ ଦିଗ୍‌ବଳୟରେ ଏକ ଉଜ୍ଜ୍ୱଳ ନକ୍ଷତ୍ର ରୂପେ ପ୍ରତିଭାତ ହୋଇଥିଲେ ରବିନ୍ଦ୍ରନାଥ ଟାଗୋର । ତାଙ୍କର ସାରସ୍ୱତ ସାଧନା ଭାରତୀୟ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲା । ଏହି ସମୟରେ ବଙ୍ଗରେ ସୃଷ୍ଟ ନବଜାଗରଣର ପ୍ରଥମ ପଥପ୍ରଦର୍ଶକ ଥିଲେ ଟାଗୋର ପରିବାର । ସେମାନେ ଭାରତୀୟ ପାରମ୍ପରିକ ସଂସ୍କୃତି ସହିତ ପାଶ୍ଚାତ୍ୟ ରୀତିନୀତି ସଂଯୋଗ କରିବାର ପ୍ରୟାସ କରିଥିଲେ । ତତ୍କାଳୀନ 'ବ୍ରାହ୍ମସମାଜ' ଦ୍ୱାରା ପରିଚାଳିତ ଧର୍ମସଂସ୍କାର ଆନ୍ଦୋଳନର ଆଦର୍ଶରେ ପ୍ରଭାବିତ ହୋଇଥିଲେ ଟାଗୋର ପରିବାର । ରବିନ୍ଦ୍ରନାଥ ଟାଗୋର ଅନେକ ହୃଦୟସ୍ପର୍ଶୀ, ଉଚ୍ଚକୋଟୀର ଦେଶାତ୍ମବୋଧକ କବିତା ରଚନା କରି ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଉତ୍ସାହ ପ୍ରଦାନ କରିଥିଲେ । ରବିନ୍ଦ୍ରନାଥ ଟାଗୋର ଥିଲେ ଏକାଧାରାରେ ଜଣେ କବି, ଚିତ୍ରକର, ଶିକ୍ଷାବିତ୍ ଏବଂ ସମାଜସେବୀ ।

୧୮୬୧ ମସିହା ମଇମାସ ୭ ତାରିଖ ଦିନ କଲିକତାର ଜୋରାସଙ୍କୋ ନାମକ ସ୍ଥାନରେ ଜନ୍ମ ନିଅନ୍ତି ରବିନ୍ଦ୍ରନାଥ ଟାଗୋର । ତାଙ୍କ ପିତାମାତାଙ୍କ ନାମ ଥିଲା ଦେବେନ୍ଦ୍ରନାଥ ଟାଗୋର ଏବଂ ସାରଦା ଦେବୀ । ରବିନ୍ଦ୍ରନାଥ ଟାଗୋରଙ୍କ ଭ୍ରାତା ସତ୍ୟେନ୍ଦ୍ରନାଥ ଟାଗୋର ଥିଲେ ଜଣେ ଆଇ.ସି.ଏସ୍ ଅଫିସର । ପ୍ରଥମେ ରବିନ୍ଦ୍ରନାଥ ଗୃହଶିକ୍ଷକ ଠାରୁ ଶିକ୍ଷାଲାଭ କଲାପରେ ଭିନ୍ନ ଭିନ୍ନ ବିଦ୍ୟାଳୟରେ ବିଦ୍ୟାରମ୍ଭ କରିଥିଲେ । ମାତ୍ର ୧୭ ବର୍ଷ ବୟସରେ ସେ ଉଚ୍ଚଶିକ୍ଷା ପାଇଁ ବିଲାତ ଯାତ୍ରା କରିଥିଲେ । କିନ୍ତୁ ସେଠାରେ ସେ ଶିକ୍ଷା ସମାପ୍ତ ନକରି ଗୃହକୁ ପ୍ରତ୍ୟାବର୍ତ୍ତନ କରି ପିତାଙ୍କ ଜମିଦାରୀ ଦେଖାଶୁଣା କଲେ । ଫଳରେ ସେ ସାଧାରଣ ଜନତାଙ୍କ ସହିତ ମିଶିବାର ସୁଯୋଗ ପାଇଲେ । ଭାରତର ପ୍ରତ୍ୟେକ ଜିନିଷ ପ୍ରତି ତାଙ୍କର ଅନୁରାଗ ଥିଲା । ଭାରତର ଜାତୀୟତା ଏବଂ ଦେଶପ୍ରେମ ତାଙ୍କୁ ଗଭୀର ଭାବେ ସ୍ପର୍ଶ କରିଥିଲା । ସାମାଜିକ ସଂସ୍କାର ପାଇଁ ସେ

ଉତ୍ସାହିତ ହୋଇଥିଲେ । ୧୯୦୧ ମସିହା ଠାରୁ ୧୯୧୦ ମସିହା ପର୍ଯ୍ୟନ୍ତ ସମୟ ଥିଲା ରବିନ୍ଦ୍ରନାଥଙ୍କ ଜୀବନର ଅତୀବ ଦୁଃଖପୂର୍ଣ୍ଣ ସମୟ । ଏହି ସମୟ ମଧ୍ୟରେ ସେ ତାଙ୍କର ପିତା, ପତ୍ନୀ, ପୁତ୍ର ଓ କନ୍ୟାଙ୍କୁ ହରାଇଥିଲେ । ଏହି ଦୁଃଖଦ ପରିସ୍ଥିତିରେ ତାଙ୍କ ହୃଦୟକନ୍ଦରରୁ କବିତ୍ୱର ଆତ୍ମପ୍ରକାଶ ହୋଇଥିଲା । ସେ ରଚନା କରିଥିଲେ ତାଙ୍କର ଅମୂଲ୍ୟ କୃତି 'ଗୀତାଞ୍ଜଳି' । ଏହି ପୁସ୍ତକ ପାଇଁ ସେ ନୋବେଲ ପୁରସ୍କାର ପାଇଥିଲେ ।

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ କରିଥିଲେ ରବିନ୍ଦ୍ରନାଥ ଟାଗୋର । ଗାନ୍ଧିଜୀ ଥିଲେ ତାଙ୍କର ପ୍ରିୟ ବନ୍ଧୁ । ସେ ଗାନ୍ଧିଜୀଙ୍କୁ 'ମହାତ୍ମା' ବୋଲି ସମ୍ବୋଧନ କରୁଥିଲେ । ରବିନ୍ଦ୍ରନାଥ ଟାଗୋର ଭାରତର ସୌନ୍ଦର୍ଯ୍ୟାତ୍ମକ ପ୍ରବୃତ୍ତି ଅବଲୋକନ କଲାବେଳେ ଗାନ୍ଧୀଜୀ ଧର୍ମୀୟ ସନ୍ନ୍ୟାସ ପ୍ରବୃତ୍ତିକୁ ଲକ୍ଷ୍ୟ କରୁଥିଲେ । ଗାନ୍ଧିଜୀଙ୍କର କର୍ମ ପ୍ରତି ବିଶ୍ୱାସ ଥିଲାବେଳେ ଟାଗୋରଙ୍କର କଳା ପ୍ରତି ବିଶ୍ୱାସ ଥିଲା । ଦୁଇ ମହାତ୍ମା ଭାରତର ଦୁଇଟି ଭିନ୍ନ ରୂପକୁ ପ୍ରତିନିଧିତ୍ୱ କରୁଥିଲେ । ୧୮୯୬ ମସିହାରେ ରବିନ୍ଦ୍ରନାଥ ଟାଗୋର 'ସେଡିସନ ଆକ୍ଟ'କୁ ବିରୋଦ କରି ଭାରତୀୟ ରାଜନୀତିରେ ପ୍ରବେଶ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ ସମୟରେ ଟାଗୋର ଗାନ୍ଧିଜୀଙ୍କର ଜଣେ ଦୃଢ଼ ସମର୍ଥକ ଥିଲେ । ସେ ଦେଶାତ୍ମବୋଧକ ସଂଗୀତ ରଚନା କରି ଜାତୀୟତା ଭାବ ସୃଷ୍ଟି କରିଥିଲେ । ୧୯୦୫ ମସିହା ଅକ୍ଟୋବର ୧୬ ତାରିଖ ବଙ୍ଗ ବିଭାଜନ ଦିନ ଟାଗୋର ରାକ୍ଷୀବନ୍ଧନ ଉତ୍ସବ ପାଳନ କରିବାକୁ ଆହ୍ୱାନ ଦେଇଥିଲେ । ସେହି ପବିତ୍ର ବନ୍ଧନ ଦ୍ୱାରା ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗର ନରନାରୀ, ଧନୀନିର୍ଦ୍ଧନ, ଖ୍ରୀଷ୍ଟିୟାନ, ମୁସଲମାନ ଓ ହିନ୍ଦୁମାନଙ୍କ ମଧ୍ୟରେ ଭ୍ରାତୃତ୍ୱର ବିକାଶ ପାଇଁ ସେ ଉତ୍ସାହ ପ୍ରଦାନ କରିଥିଲେ । ବଙ୍ଗଭଙ୍ଗକୁ ବିରୋଦ କରି ରବିନ୍ଦ୍ରନାଥ କଲିକତା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ପରୀକ୍ଷା ବର୍ଜନ କରିବାକୁ ଅହ୍ୱାନ ଦେଇଥିଲେ ।

୧୮୭୪ ମସିହା ପ୍ରାରମ୍ଭରୁ ଭାରତୀୟ ଶିଳ୍ପର ପୁନରୁତ୍‌ଥାନ ପାଇଁ ଜାଗରଣ ସୃଷ୍ଟି ହେଲା । ସ୍ୱଦେଶୀ ଦ୍ରବ୍ୟକୁ ଲୋକପ୍ରିୟ କରିବା ପାଇଁ ରବିନ୍ଦ୍ରନାଥ ଟାଗୋର 'ସ୍ୱଦେଶୀ ଭଣ୍ଡାର' ନାମକ ଏକ ବ୍ୟାବସାୟିକ ପ୍ରତିଷ୍ଠାନ ଖୋଲିଥିଲେ । ସ୍ୱଦେଶୀ ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରମାନଙ୍କୁ ଦମନ କରିବାକୁ ଯେତେବେଳେ ସରକାର ''କାରଲାଇଲ୍ ସର୍କୁଲାର'' ନାମକ ଏକ ଗୁପ୍ତ ନିର୍ଦ୍ଦେଶନାମା କଲେକ୍ଟରମାନଙ୍କୁ ପଠାଇଲେ, ଏହାକୁ ଟାଗୋର ଓ ଅନ୍ୟମାନେ ଦୃଢ଼ ଭାବରେ ବିରୋଧ କରିଥିଲେ । ଏହି ଘଟଣାରୁ ସରକାରୀ ନିୟନ୍ତ୍ରଣମୁକ୍ତ ଏକ ଜାତୀୟ ଶିକ୍ଷା ବ୍ୟବସ୍ଥା ପ୍ରଚଳନର ଧାରଣା ସୃଷ୍ଟିହେଲା । ରବିନ୍ଦ୍ରନାଥ ଟାଗୋରଙ୍କ ରଚିତ 'ଜନ-ଗଣ-ମନ' ସଂଗୀତଟି ଆମ ଜାତୀୟ ସଂଗୀତର ମର୍ଯ୍ୟାଦା ଲାଭ କଲା । ୧୯୧୧ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର କଲିକତା ଅଧିବେଶନରେ ଏହି ସଂଗୀତ ଗାନ କରାଯାଇଥିଲା । ଏହି ଗୀତଟି ଦେଶପ୍ରେମ ଉପରେ ଆଧାରିତ ଥିଲା ।

୧୯୧୫ ମସିହାରେ ବ୍ରିଟିଶ ସରକାର ରବିନ୍ଦ୍ରନାଥ ଟାଗୋରଙ୍କୁ 'ନାଇଟ୍' ଉପାଧିରେ ଭୂଷିତ କରିଥିଲେ । କିନ୍ତୁ ଜାଲିଓ୍ୱାନାଓ୍ୱାଲାବାଗର ବିଭତ୍ସ ନରସଂହାର ଘଟଣାରେ ଅତ୍ୟନ୍ତ ମର୍ମାହତ ହୋଇ ସେ ବ୍ରିଟିଶ ଶାସନକୁ ବିରୋଧ କରି 'ନାଇଟ୍' ପଦବୀକୁ ପ୍ରତ୍ୟାଖ୍ୟାନ କରିଥିଲେ । ଲବଣ ସତ୍ୟାଗ୍ରହ ସମୟରେ ନେତାମାନଙ୍କୁ ଗିରଫ କରାଯିବାରୁ ସେ

ବ୍ରିଟିଶ୍ ସରକାରଙ୍କୁ ନିନ୍ଦା କରିଥିଲେ । 'ବଙ୍ଗଦର୍ଶନ'ରେ ତାଙ୍କର ଲେଖା 'ସ୍ୱଦେଶୀ ସମାଜ'ରେ ସେ ମତ ଦେଇଥିଲେ ଯେ ପ୍ରାଦେଶିକ ପ୍ରତିନିଧିମୂଳକ ସଭାରେ ଜିଲ୍ଲା ଓ ଗ୍ରାମରେ ଶାଖା ରହିବା ଉଚିତ୍ । ସେ ସ୍ୱରାଜ ପାଇଁ ଦାବୀ କରିଥିଲେ । ସେ ମଧ୍ୟ ଇଟାଲୀର 'ଫାସୀବାଦ', ଜର୍ମାନୀର 'ନାଜିବାଦ' ଓ ରୁଷିଆର 'ସାମ୍ରାଜ୍ୟବାଦ'କୁ ବିରୋଧ କରିଥିଲେ । ସେ ଥିଲେ ଜଣେ ସମାଜବାଦୀ ଗଣତାନ୍ତ୍ରିକ ନେତା । ହିନ୍ଦୁ ଓ ମୁସ୍‌ଲିମ୍ ସଂପ୍ରଦାୟର ଏକତାକୁ ସେ ସମର୍ଥନ କରିଥିଲେ ।

୧୯୦୧ ମସିହାରେ ରବିନ୍ଦ୍ରନାଥ ଟାଗୋର ଶାନ୍ତିନିକେତନ ଠାରେ ପରୀକ୍ଷାମୂଳକ ଭାବରେ ଏକ ବିଦ୍ୟାଳୟ ଆରମ୍ଭ କରିଥିଲେ । ସେଠାରେ ଉପନିଷଦ ଆଦର୍ଶରେ ଶିକ୍ଷାଦାନ ପାଇଁ ସେ ପ୍ରୟାସ କରିଥିଲେ । ଆଞ୍ଚଳିକ ଭାଷା ଶିକ୍ଷାର ମାଧ୍ୟମ ହେବା ଉଚିତ୍ ବୋଲି ସେ ମତପ୍ରଦାନ କରିଥିଲେ । ସ୍ୱଦେଶୀ ଆନ୍ଦୋଳନ ସମୟରେ ତାଙ୍କ ବିଦ୍ୟାଳୟରେ ପାଶ୍ଚାତ୍ୟ ଶିକ୍ଷା ମଧ୍ୟ ଦିଆଯାଉଥିଲା । ୧୯୨୧ ମସିହାରେ ଏହି ଶିକ୍ଷାନୁଷ୍ଠାନ ଏକ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କଲା । ଅଧୁନା ଏହା 'ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ' ରୂପେ ପ୍ରସିଦ୍ଧ ।

ରବିନ୍ଦ୍ରନାଥ ଟାଗୋର ଥିଲେ ଏକ ସୃଜନଶୀଳ ପ୍ରତିଭାର ଅଧିକାରୀ । ବଙ୍ଗଳା ଭାଷାରେ କବିତା, ନାଟକ ଓ ଉପନ୍ୟାସମାନ ରଚନା କରି ସେ ବଙ୍ଗଳା ସାହିତ୍ୟକୁ ସମୃଦ୍ଧ କରିଥିଲେ । 'ଭାରତୀ' ନାମକ ଏକ ବଙ୍ଗଳା ସାହିତ୍ୟ ପତ୍ରିକାରେ ତାଙ୍କ କବିତା ଗୁଡ଼ିକ ପ୍ରକାଶିତ ହୋଇଥିଲା । ତାଙ୍କ ଜୀବନର ସର୍ବଶ୍ରେଷ୍ଠ କୃତି 'ଗୀତାଞ୍ଜଳୀ'ରେ ରହିଛି ୧୦୨ଟି କ୍ଷୁଦ୍ର କବିତା । ଦୁଃଖ ସମୟରେ ସେ ଶାନ୍ତିର ସନ୍ଧାନରେ ଥିଲାବେଳେ ସେ ଏହି ପୁସ୍ତକଟି ରଚନା କରିଥିଲେ । ତାଙ୍କ କବିତା ଗୁଡ଼ିକ ଈଶ୍ୱରଙ୍କୁ ଭିନ୍ନ ଭିନ୍ନ ରୂପରେ ପ୍ରକାଶ କରିଥାଏ, କିନ୍ତୁ ତାହା ସହିତ କବିତାଗୁଡ଼ିକରେ ରହିଛି ଏକ ପାର୍ଥିବ ବିଶ୍ୱର ଦୁଃଖ ଏ ସୁଖର ଚିତ୍ର । ରବିନ୍ଦ୍ରନାଥ ତାଙ୍କର 'ଗୀତାଞ୍ଜଳି' ପାଇଁ ୧୯୧୩ ମସିହାରେ ନୋବେଲ ପୁରସ୍କାର ପାଇଥିଲେ । ଏହି ନୋବେଲ ପୁରସ୍କାର ପାଇବାରେ ସେ ଥିଲେ ପ୍ରଥମ ଭାରତୀୟ ।

ରବିନ୍ଦ୍ରନାଥ ଟାଗୋର ଶିଶୁ ସାହିତ୍ୟର ବିକାଶ ପାଇଁ ଉଦ୍ୟମ କରିଥିଲେ । 'ଶିଶୁ' ଓ 'ଶିଶୁ ଭୋଳାନାଥ'ରେ ତାଙ୍କର ଦୁଇଶହଟି କବିତା ସ୍ଥାନ ପାଇଥିଲା । ତାଙ୍କର ଅନ୍ୟାନ୍ୟ ଅମ୍ଳାନକୃତି ଗୁଡ଼ିକ ହେଲା 'ପୁନଶ୍ଚ', 'ସପ୍ତକ' ଏବଂ 'ଶ୍ୟାମଳୀ' । ତାଙ୍କର ନାଟକ ଓ ଉପନ୍ୟାସଗୁଡ଼ିକ ଥିଲା ଖୁବ୍ ଅର୍ଥପୂର୍ଣ୍ଣ ଓ ଉଚ୍ଚକୋଟୀର । 'ଅନ୍ଧାରକୋଠରୀର ରାଜା', 'ଡାକଘର', 'ଚିତ୍ରାଙ୍ଗଦା', 'କର୍ଣ୍ଣକୁନ୍ତୀ ସମ୍ବାଦ' ଇତ୍ୟାଦି ନାଟକ ଗୁଡ଼ିକ ଥିଲା ତାଙ୍କର ଅତୁଳନୀୟ ଦାନ । 'ଚିତ୍ରାଙ୍ଗଦା' ନାଟକରେ ଦ୍ରଷ୍ଟାମାନଙ୍କ ପାଇଁ ରହିଛି ରୋମାଞ୍ଚକର ବ୍ୟଙ୍ଗ । ତାଙ୍କର ଅମୂଲ୍ୟ ଉପନ୍ୟାସଗୁଡ଼ିକ ହେଲା 'ବଢ଼ଠାକୁରାଣୀର ହାଟ', 'ଚୋଖେରବାଲି', 'ଗୋରା', 'ଚତୁରଙ୍ଗ' ଓ 'ଘରେ ବାଇରେ' । 'ଗୋରା' ଉପନ୍ୟାସ ପୁରାତନ ଓ ନୂତନ କଲିକତି ସାମାଜିକ ସଂଘର୍ଷର ଚିତ୍ର ପ୍ରଦାନ କରିଥାଏ । ଏତଦ୍‌ବ୍ୟତୀତ ତାଙ୍କର ଅନ୍ୟାନ୍ୟ ଉପାଦେୟ ଲେଖାଗୁଡ଼ିକ ମଧ୍ୟରେ 'ମାନୁଷେର ଧର୍ମ', 'ବାଂଲାଭାଷା ପରିଚୟ', 'ସ୍ୱଦେଶୀ ସମାଜ' ଇତ୍ୟାଦି ଥିଲା ପ୍ରଧାନ ।

ଜଣେ ଆଧ୍ୟାତ୍ମିକ କବି ଭାବରେ ସେ ଖ୍ୟାତି ଅର୍ଜନ କରିଥିଲେ । ମାତ୍ର ୮ ବର୍ଷ ବୟସରୁ ସେ କବିତା

ରଚନା କରିଥିଲେ । ସେ ବାସ୍ତବରେ ଥିଲେ ମାନବ ସମାଜର ବିଗଦ୍ରଷ୍ଟା । ପ୍ରାଚ୍ୟ ଓ ପାଶ୍ଚାତ୍ୟ ମଧ୍ୟରେ ସେ ସଂଶ୍ଳେଷଣ ଘଟାଇବାକୁ ଇଚ୍ଛା କରିଥିଲେ । ଏକ ଭୌତିକ ଜଗତକୁ ସେ ଦେଇଥିଲେ ନୈତିକତା ଓ ଆଧାତ୍ମିକତାର ବାର୍ତ୍ତା । ଭାରତର ଏକତା ଉପରେ ତାଙ୍କର ଦୃଢ଼ ବିଶ୍ୱାସ ଥିଲା । ସାମାଜିକ ସାମ୍ୟ ଓ ଅର୍ଥନୈତିକ ସଂସ୍କାର ପାଇଁ ସେ ଉଦାର ମନୋଭାବ ପୋଷଣ କରୁଥିଲେ । ତାଙ୍କର କବିତା ଗୁଡ଼ିକ ସ୍ୱାଧୀନତା ସଂଗ୍ରାମୀମାନଙ୍କ ପ୍ରାଣରେ କେବଳ ଭାବାବେଗର ବିଦ୍ୟୁତ୍ ସଂଚାର କରିନଥିଲା, ତାହା ସୃଷ୍ଟି କରିଥିଲା ସହସ୍ର ସହସ୍ର ସଂଖ୍ୟାରେ ସଂଗ୍ରାମୀ । ସେ ମୃତ୍ୟୁ ପର୍ଯ୍ୟନ୍ତ ତାଙ୍କର ଲେଖନୀ ଚାଳନା କରୁଥିଲେ ଓ ଶେଷରେ ୧୯୪୧ ମସିହାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଭାରତର ସାଧୀନତା ଦେଖିବାକୁ ସେ ରହିଲେ ନାହିଁ ।

●

# ଶ୍ରୀଜଗନ୍ନାଥଙ୍କ ରତ୍ନଚିତା

ଶୁଭଶ୍ରୀ ମୁଦୁଲି
+୨ ପ୍ରଥମ ବର୍ଷ, କଳା

ବଡ଼ଠାକୁର ବଳଭଦ୍ର, ମହାପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ଶ୍ରୀମୁଖରେ ଗୋଟିଏ ଲେଖାଏଁ ରତ୍ନଚିତା ଏବଂ ସୁବର୍ଣ୍ଣ ରାହୁରେଖା ଅଳଙ୍କାର ଲାଗି ହୋଇଥାଏ । ଦେବସ୍ନାନ ପୂର୍ଣ୍ଣିମା (ଜ୍ୟେଷ୍ଠ ପୂର୍ଣ୍ଣିମା) ରାତ୍ରରେ ବାହୁଡ଼ା ପହଣ୍ଡି ହୋଇ ବିଅଁମାନେ ସ୍ନାନବେଦୀରୁ ଅଣସର ପିଣ୍ଡିକୁ ପ୍ରତ୍ୟାବର୍ତ୍ତନ ପରେ ଦଇତାପତି ସେବକମାନେ ତିନି ବିଅଁଙ୍କ ଶ୍ରୀମୁଖମଣ୍ଡଳରୁ ରତ୍ନଚିତା ଓ ରାହୁରେଖା ଅଳଙ୍କାର ବାହାର କରି ଆଣି ବଡ଼ଦେଉଳର ଦକ୍ଷିଣଦ୍ୱାର (ବେହରଣ ଦ୍ୱାର) ଠାରେ ଉପସ୍ଥିତ ଥିବା ଖଟଶେଯ ଶୀତଳକରଣ ତଡ଼ଉକରଣ ଭଣ୍ଡାରମେକାପ ଓ ଶ୍ରୀମନ୍ଦିରର ପ୍ରଶାସନିକ ଅଧିକାରୀଙ୍କୁ ଦିଅନ୍ତି । ଅଳଙ୍କାରମାନ ଶ୍ରୀକପଡ଼ାରେ ବନ୍ଧା ଯାଇଥାଏ ଏବଂ ତାହା ତଡ଼ଉ କରଣଙ୍କ ଦ୍ୱାରା ସିଲ୍ ହେବାପରେ ଭଣ୍ଡାର ମେକାପଙ୍କ ମାର୍ଫତ୍‌ରେ ଭଣ୍ଡାର ଘରେ ରଖାଯାଏ ।

ରତ୍ନଚିତା ମାନ ବିଧିବିଧାନ ପୂର୍ବକ ଶ୍ରାବଣ ଅମାବାସ୍ୟା (ଚିତାଲାଗି ଅମାବାସ୍ୟା) ଦିନ ତିନିବିଅଁଙ୍କୁ ଲାଗି କରାଯାଏ । ରାହୁରେଖାମାନ ଭାଦ୍ରବ କୃଷ୍ଣପଞ୍ଚମୀ (ରେଖା ପଞ୍ଚମୀ) ଦିନ ଲାଗି କରାଯାଏ । ଦଇତାପତିମାନେ ଏହି ଅଳଙ୍କାର ଲାଗି କରନ୍ତି ।

ରଥଯାତ୍ରା ସମୟରେ ତିନିବିଅଁଙ୍କ ଶ୍ରୀମୁଖରେ ପ୍ରକୃତ ରତ୍ନଚିତା ନଥାଏ । ରଥଯାତ୍ରା ଦିନ ପହଣ୍ଡି ଶେଷ ହେବାପରେ ଏବଂ ଛେରାପହଁରା ପୂର୍ବରୁ ତିନିବିଅଁଙ୍କୁ ଗୋଟିଏ ଲେଖାଏଁ ସୋଲଚିତା ମଝିରେ ଅଳ୍ପ ପରିମାଣରେ ସୁନା ଓ ରତ୍ନପଥର ଖଞ୍ଜା ଯାଇଥାଏ ।

ତିନିବିଅଁଙ୍କ ଚିତାମାନ ସୁନାରେ ତିଆରି ହୋଇଛି ଏବଂ ତହିଁ ଉପରେ ବିଭିନ୍ନ ରତ୍ନପଥରମାନ ଖଚିତ ହୋଇଅଛି । ଶ୍ରୀମନ୍ଦିରର ସ୍ୱତ୍ୱଲିପି

(ରୟଭାଗ) 'ଅଣସର ବିଧିରେ' ଶ୍ରୀଜଗନ୍ନାଥଙ୍କ ଚିତାକୁ 'ହୀରାଚିତା', ଶ୍ରୀବଳଭଦ୍ରଙ୍କ ଚିତାକୁ 'ନୀଳାଚିତା', ଦେବୀ ସୁଭଦ୍ରାଙ୍କ ଚିତାକୁ 'ମାଣିକ୍ୟଚିତା' ବୋଲି କୁହାଯାଏ ।

ଶ୍ରୀବଳଭଦ୍ରଙ୍କ ଚିତା ମଝିରେ ଏକ ବଡ଼ ନାୟକ ମକରତ ପଥର ରହିଛି । ଏହି ରତ୍ନ ପଥରକୁ ଘେରି ରହିଥିବା ପାଞ୍ଚଟି ବେଢ଼ିରେ ଛୋଟ ଛୋଟ ମାଣିକ୍ୟ ହୀରା, ମକରତ ଏବଂ ନୀଳାପଥର ଜଡ଼ିତ ହୋଇଅଛି ।

ଦେବୀ ସୁଭଦ୍ରାଙ୍କ ଚିତା ମଝିରେ ଏକ ବଡ଼ ମକରତ ପଥର ରହିଛି । ସ୍ୱତ୍ୱଲିପିରେ ଏହାକୁ ଚଉଖୁଣ୍ଟିଆ ନାୟକ ହୀରା କୁହାଯାଇଛି । ଦେବୀଙ୍କ ଚିତାର ତିନିଟି ବେଢ଼ରେ ଛୋଟ ଛୋଟ ମାଣିକ୍ୟ ମକରତ, ହୀରା ଓ ମାଣିକ୍ୟ ଚୂନି ରହିଛି । ଏହାଛଡ଼ା ଗୋଟିଏ ନୀଳପଥର ରହିଛି ଶ୍ରୀଜଗନ୍ନାଥଙ୍କ ଚିତା ମଝିରେ ଏକ ବଡ଼ ହୀରା ପଥର (ନାୟକ ହୀରା) ରହିଛି ।

ଚିତାର ସାତୋଟି ବେଢ଼ିରେ ଛୋଟ ଛୋଟ ରତ୍ନପଥର ଯଥା- ହୀରା, ମାଣିକ୍ୟ, ମକରତ ଓ ଓପଲ ଖଞ୍ଜା ଯାଇଛି । ସପ୍ତମ ବେଢ ଅର୍ଥାତ୍ ଚିତାର ଶୀର୍ଷରେ ପାନପତ୍ର ଆକୃତିର ଗୋଟିଏ ହୀରାପଥର ରହିଛି ।

ଏହି ହୀରାକୁ ସ୍ୱତ୍ୱଲିପିରେ 'ବ୍ରହ୍ମଜ୍ୟୋତି ହୀରା' କୁହାଯାଇଛି । ଶ୍ରୀଜଗନ୍ନାଥଙ୍କ ଚିତାରେ ଛୋଟବଡ଼ ୨୨୫ଟି ରତ୍ନପଥର ରହିଥିବାର ଜଣାଯାଏ ।

୧୯୮୬ ମସିହାରେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ରତ୍ନଚିତାର କେତେକ ମରାମତି କାର୍ଯ୍ୟ ହୋଇଥିଲା ଶ୍ରୀମନ୍ଦିରର ବଣିଆ ସେବକଙ୍କୁ ସହାୟତା କରିବାକୁ ରାଜସ୍ଥାନର ଜୟପୁରରୁ ଦୁଇଜଣ ବିଶେଷଜ୍ଞ ବଣିଆ ସେବକଙ୍କୁ ଶ୍ରୀମନ୍ଦିର କର୍ତ୍ତୃପକ୍ଷ ଡକାଇ ଆଣିଥିଲେ । ଉକ୍ତ ବର୍ଷ ରଥଯାତ୍ରା ପରେ ଓ ଚିତାଲାଗି ଅମାବାସ୍ୟା ପୂର୍ବରୁ ଚିତାମାନଙ୍କର ମରାମତି କାର୍ଯ୍ୟ ଶ୍ରୀମନ୍ଦିରର ନାଭିକଟା ମଣ୍ଡପରେ ହୋଇଥିଲା । ତିନି ଦିଅଁଙ୍କ ରତ୍ନଚିତା ଦେଖି ରାଜସ୍ଥାନର ବଣିଆମାନେ ମତ ଦେଇଥିଲେ ଯେ ପଞ୍ଚଶହ ବର୍ଷ ପୂର୍ବେ ଏହି ରତ୍ନଚିତାମାନ ନିର୍ମାଣ କରାଯାଇଥିଲା ଶ୍ରୀଜଗନ୍ନାଥଙ୍କ ଚିତା ମଝିରେ ଥିବା ହୀରାକୁ ସେମାନେ ଏକ ବିରଳ ହୀରା ବୋଲି କହିଥିଲେ ।

ଗବେଷକ ଚକ୍ରଧର ମହାପାତ୍ରଙ୍କ 'ଉତ୍କଳ ଇତିହାସର ଏକ ଅଜ୍ଞାତ ଅଧାୟ' ପୁସ୍ତକରେ ଲେଖାଯାଇଛି- ଶୁଣାଯାଏ ଯେ ସମ୍ବଲପୁରର ରାଜା ବଳଭଦ୍ର ସାଏଙ୍କ ପାଟରାଣୀ ଯେକି ପୁରୁଷୋତ୍ତମ ଦେବ (ଭୋଇ)ଙ୍କ ପାଟଜେମା ଥିଲେ । ସେ ବାର୍ଦ୍ଧକ୍ୟରେ ଖୋର୍ଦ୍ଧାଗଡ଼କୁ ଆସି ନିଜେ ପାଇଥିବା ହୀରା ମଧ୍ୟରୁ ଖଣ୍ଡିଏ ନରସିଂହ ଦେବଙ୍କୁ, ଖଣ୍ଡିଏ ଜଗନ୍ନାଥଙ୍କୁ, ଖଣ୍ଡିଏ ନରସିଂହଙ୍କ ପାଟରାଣୀ କମଳାଦେବୀଙ୍କୁ ଏବଂ ଖଣ୍ଡିଏ ଧର୍ମଦେବଙ୍କୁ ଦେଇଥିଲେ । ଧର୍ମ ଦେବଙ୍କ ହୀରା ଖଣ୍ଡିକ ସେ ବଡ଼ଠାକୁରଙ୍କୁ ଦେଇଥିଲେ ।

ପୃଥିବୀର ବୃହତ୍ତମ ହୀରାମାନଙ୍କ ମଧ୍ୟରେ ଏହି ଚାରିଖଣ୍ଡ ହୀରା ଗଣ୍ୟ ଥିବାର ଶୁଣାଯାଏ । ଖୋର୍ଦ୍ଧା ଭୋଇବଂଶର ରାଜା ନରସିଂହଦେବଙ୍କ ରାଜତ୍ୱ କାଳଥିଲା ଖ୍ରୀଷ୍ଟାବ୍ଦ ୧୬୨୧ ରୁ ୧୬୪୭ ପର୍ଯ୍ୟନ୍ତ । ତାଙ୍କ ପୂର୍ବରୁ ରାଜା ଥିଲେ ପୁରୁଷୋତ୍ତମଦେବ । ରାଜଗୁରୁ ଧର୍ମଦେବ, ନବେବର୍ଷ ବୟସରେ ୧୬୯୦ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ । ଓଡ଼ିଶା ଇତିହାସରୁ ଜଣାଯାଏ ଯେ ପ୍ରାଚୀନ କାଳରେ

କେତେକ ବିଦେଶୀ ରାଜ୍ୟ ସହିତ ବିଶେଷତଃ ରୋମ୍ ସହିତ ଓଡ଼ିଶାର ବାଣିଜ୍ୟ ସମ୍ପର୍କ ରହିଥିଲା । ରପ୍ତାନୀ ଦ୍ରବ୍ୟ ମଧ୍ୟରେ ସମ୍ବଲପୁର ଅଞ୍ଚଳରେ ଉପଲବ୍ଧ ହେଉଥିବା ଉତ୍କୃଷ୍ଟମାନର ହୀରକ ଅନ୍ତର୍ଭୁକ୍ତ ଥିଲା । ସମ୍ବଲପୁର ଅଞ୍ଚଳର ହୀରା ରୋମ୍‌ରେ ଆଦୃତ ହେଉଥିଲା । ସମ୍ବଲପୁରର ରାଜା ବଳଭଦ୍ର ସାଏଙ୍କ ପାଟରାଣୀ ଶ୍ରୀଜଗନ୍ନାଥଙ୍କୁ ଦାନ କରିଥିବା ହୀରାଟି ଶ୍ରୀଜଗନ୍ନାଥଙ୍କ ରତ୍ନଚିତା ମଧ୍ୟସ୍ଥ 'ନାୟକ ହୀରା' ହୋଇଥାଇପାରେ ।

•

# ଓଡ଼ିଆ ମହାଭାରତରେ ଶ୍ରୀଜଗନ୍ନାଥ

ଶୁଚୀସ୍ମିତା ବାରିକ
+୩ ଦ୍ୱିତୀୟ ବର୍ଷ, କଳା

ଶ୍ରୀଜଗନ୍ନାଥ ସଂସ୍କୃତି ଏକ ବହୁ ପ୍ରାଚୀନ ସଂସ୍କୃତି । ରହସ୍ୟମୟ ଶ୍ରୀଜଗନ୍ନାଥଙ୍କୁ ନେଇ ଅନେକ ଗବେଷଣା କେଉଁ ସୁଦୂର ଅତୀତରୁ ଆଜିପର୍ଯ୍ୟନ୍ତ ଚାଲିଛି । ତଥାପି କୌଣସି ସିଦ୍ଧାନ୍ତରେ ଉପନୀତ ହୋଇପାରୁ ନାହୁଁ । କେହି କେହି ବେଦରେ 'ଦାରୁ' ଶବ୍ଦର ଉପଯୋଗକୁ ଦେଖି ଶ୍ରୀଜଗନ୍ନାଥ ପ୍ରାକ୍ ବୈଦିକ ବୋଲି କହିବା ବେଳେ ଅନ୍ୟ କେହି ଅନ୍ୟ ମତାମତ ପ୍ରଦାନ କରନ୍ତି । ତେବେ ଏହା ସତ୍ୟଯେ ପାଣ୍ଡିତ୍ୟପୂର୍ଣ୍ଣ ସମସ୍ତ ସିଦ୍ଧାନ୍ତରେ ଉର୍ଦ୍ଧ୍ୱରେ ତଥାପି ଶ୍ରୀଜଗନ୍ନାଥ ହୋଇଯାଉଛନ୍ତି ରହସ୍ୟମୟ । ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ସଂପୂର୍ଣ୍ଣ ନୁହେଁ । ଧର୍ମଶାସ୍ତ୍ରର ନିୟମାନୁସାରେ ଅସଂପୂର୍ଣ୍ଣ ବିକଳାଙ୍ଗ ବା ଭଗ୍ନ ମୂର୍ତ୍ତିର ପୂଜା ନିଷିଦ୍ଧ । ମାତ୍ର କାହିଁ କେତେ ହଜାର ବର୍ଷ ତଳୁ ଏହି ମୂର୍ତ୍ତିତ୍ରୟଙ୍କର ପୂଜା ଚାହିଥିଲେ ହେଁ କେବେହେଲେ ବିରୋଧାଭାସ ଲକ୍ଷ୍ୟ କରାଯାଇନାହିଁ । ବରଂ ଏହି ମୂର୍ତ୍ତିଙ୍କର ପୂଜା ନିମିତ୍ତ ପୂଜାବେଦୀର ସଂପ୍ରସାରଣ ଚାଲିଛି ସାରା ବିଶ୍ୱରେ । ଏହାର କାରଣ ନିର୍ଣ୍ଣୟ ଅସମ୍ଭବ ନହେଲେ ମଧ୍ୟ ସହଜ ସାଧ୍ୟ ନୁହେଁ । ତେବେ ଏହା ସତ୍ୟଯେ ଏଭଳି ସଂପ୍ରସାରଣ ଏକ ବଳିଷ୍ଠ ସୁଦୀର୍ଘ ପରଂପରାର ଅଦ୍ଭୁତ କ୍ରମ ବିବର୍ତ୍ତନର ନମୁନା । ଶ୍ରୀମଦ୍ ଭଗବତ୍ ଗୀତା କୁହନ୍ତି "ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାନ୍ ତଥୈବ ଭଜାମ୍ୟହମ" ରୀତିରେ ଶ୍ରୀଜଗନ୍ନାଥ ପରଂପରା କ୍ରମେ ସବୁରି ହୃଦୟକୁ ଏକ ଅପୂର୍ବ ଭାବଧାରାରେ ଆପ୍ଲୁତ କରି ଆସିଛନ୍ତି ଭକ୍ତତଦ୍‌ଗତ ଚିତ୍ତରେ ଭକ୍ତର ଅନୁଭବରେ ସିଏ ଅରୂପ ଓ ଅପରୂପ, ସାକାର ଓ ନିରାକାର, ଅନନ୍ତ ଓ ଅବ୍ୟକ୍ତ, ଶୂନ୍ୟ ପୁଣି ପୂର୍ଣ୍ଣତାର ପରିପ୍ରକାଶ । ସମୟ କ୍ରମେ ଦାରୁବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଯିଏ ଯେପରି ଅନୁଭବ କରିଛନ୍ତି ସେ ସେପରି ପ୍ରସଙ୍ଗତଃ ସୂଚନା ପ୍ରଦାନ କରିଛନ୍ତି । ଓଡ଼ିଆ ସାହିତ୍ୟର ଆଦିକବି ସାରଳାଦାସ ଜଗନ୍ନାଥଙ୍କ ଠାରେ ସମସ୍ତ ଧର୍ମର ସମନ୍ୱୟର ଠିକଣା ଖୋଜି ପାଇଛନ୍ତି ।

ଶ୍ରୀଜଗନ୍ନାଥ ଓଡ଼ିଆ ମହାଭାରତର ଅଠରଟି ପର୍ବରେ ନାୟକ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ । ଓଡ଼ିଆ ଜାତି ଓ ଜାତୀୟତାର ତତ୍ତ୍ୱେ ଶୂଦ୍ରମୁନି ସାରଳା ଦାସ ତାଙ୍କ ଓଡ଼ିଆ ମହାଭାରତରେ ଶ୍ରୀକୃଷ୍ଣଙ୍କ ସ୍ଥାନରେ ଜଗନ୍ନାଥ ଶବ୍ଦ ପ୍ରୟୋଗ କରି ଉଭୟଙ୍କ ମଧ୍ୟରେ ଅଭେଦତ୍ୱ ପ୍ରତିପାଦନ କରିଛନ୍ତି ।

ସାରଳାଙ୍କ ମତରେ-

ସେ ଜଗନ୍ନାଥ ଯେ ସଂସାର ଉଦ୍ଧାରଣ
ମ୍ଳେଚ୍ଛଜନ ଉଦ୍ଧାରଣ ସେ ବଉଦ୍ଧ ରୂପେଣ ।

x x x x

କଳିଯୁଗ ଲୋକଙ୍କ ଅନୀତି ଭାବ ଜାଣି
ତେଣୁ ପାଦ ପାଣି ନ ବହିଲେ ଚକ୍ରପାଣି ।

ସଭାପର୍ବ ବର୍ଣ୍ଣିତ ଶ୍ରୀକୃଷ୍ଣ ସ୍ତୁତିରେ (ପୃ.-୭୨) ସହଦେବ ଶ୍ରୀଜଗନ୍ନାଥଙ୍କୁ ପରମେଶ୍ୱର, ଜଗତମୋହନ, ଜନାର୍ଦ୍ଦନ, କୃଷ୍ଣ, ଦଧିବାମନ, ସର୍ବଜ୍ଞ, ପୁରୁଷୋତ୍ତମ ରୂପେ ପ୍ରାର୍ଥନା କରିଛନ୍ତି । ସେହିପରି ରାଜସୂୟ ଯଜ୍ଞ ପ୍ରସଂଗରେ (ପୃ.-୧୪୦) ଭୀଷ୍ମଙ୍କ ସ୍ତୁତିରେ ଶ୍ରୀଜଗନ୍ନାଥ ହେଉଛନ୍ତି ସିଦ୍ଧ ବୁଦ୍ଧି, ଜଗମୋହନ, ନିରଂଜନ, କେଶବ, ହୃଶୀକେଶ, ବେଲାଳ ସେନଙ୍କ ମୁହଁରେ (ପୃ.-୧୪୮) ପଦ୍ମନାଭ, ଚକ୍ରପାଣି, ଚିନ୍ତାମଣି ଇତ୍ୟାଦି । ମଧ ପର୍ବରେ ନବଗୁଂଜର ସ୍ତୁତିରେ (ପୃ.-୪୫) ଅର୍ଜୁନ ଶ୍ରୀଜଗନ୍ନାଥଙ୍କୁ ଅବ୍ୟୟ ନିରାକାର ଅନାଦି, ଅନାହତ ପୁରୁଷ ଓ ଅଣାକାର ଜ୍ୟୋତି ରୂପେ ପ୍ରାର୍ଥନା କରିଛନ୍ତି । ସାରଳାଙ୍କ ଧର୍ମଦେବ ଯୁଧିଷ୍ଠିର ମହୋଦଧିରେ ମାଘସ୍ନାନ କରିବା ଅବସରରେ ମାର୍କଣ୍ଡେୟ ଋଷି ଶ୍ରୀଜଗନ୍ନାଥଙ୍କ ଉତ୍ପତ୍ତି ଓ ସ୍ୱରୂପ ବିଷୟରେ ତାଙ୍କୁ ବ୍ୟାପକ ସୂଚନା ଦେଇଛନ୍ତି । ନୀଳଗିରିର ଇତିବୃତ୍ତ ଦେବାକୁ ଯାଇ ସାରଳା ଦାସ କହିଛନ୍ତି ଯେ ସମୁଦ୍ରରେ ଭସାଇ ଦିଆଯାଇଥିବା ଶ୍ରୀକୃଷ୍ଣଙ୍କ ଅପୋମ ପିଣ୍ଡ ମହୋଦଧି କୂଳରେ ଦାରୁ ରୂପରେ ଅବତୀର୍ଣ୍ଣ ହୋଇ ସେହି ଦାରୁରୁ ଶୁକ୍ଳା କୃଷ୍ଣ ଓ ହରିଦ୍ରା ବର୍ଣ୍ଣର ତିନିମୂର୍ତ୍ତି ନିର୍ମିତ ହେଲେ-

ଦେଖିଲା ପ୍ରତ୍ୟକ୍ଷ ଘଟଣା ଯେ ହୋଇଛି ତିନିମୂର୍ତ୍ତି
କୃଷ୍ଣ ଶୁକଳ ହରିତ ବିରାଜର ଜ୍ୟୋତି ।

x x x x

ନାସା କର୍ଣ୍ଣ ନୟନ ଲଲାଟ ଯେ ନ ଦିଶଇ ଶିଖା
ମହା ବଉଦ୍ଧ ମୂର୍ତ୍ତି ବିକାଶର ତିନିଶାଖା ।

କୌରବ ରାଜସଭାରେ ପାଣ୍ଡବଙ୍କ ଦୂତରୂପେ ଉପସ୍ଥିତ ଶ୍ରୀକୃଷ୍ଣଙ୍କ ପରିଚୟ ପ୍ରଦାନ କରି ବିଦୁର କହିଛନ୍ତି ଶ୍ରୀକୃଷ୍ଣ ହେଉଛନ୍ତି ଜଗନ୍ନାଥ ସ୍ୱାମୀ ଚତୁର୍ବର୍ଗଦାତା, ବାସୁଦେବ, ଜଗନ୍ନାଥଙ୍କ ନାମ ସ୍ମରଣରେ ସଂସାରର ନାନା କଷ୍ଟ ଦୁର୍ଗତି ଦୂର ହୁଏ । ଋଦ୍ଧି ବୃଦ୍ଧି ଓ ସିଦ୍ଧି ଲାଭ ହୁଏ । ସୁପୁତ୍ର ମିଳେ ଓ ସର୍ବରୋଗ ଦୂର ହୁଏ । ବାଙ୍ଗଣିକ ପର୍ବରେ ମୃତ ଶିଶୁ ପରୀକ୍ଷିତଙ୍କୁ କୋଳରେ ଧରି ସ୍ୱୟଂ ଶ୍ରୀକୃଷ୍ଣ କହିଛନ୍ତି- ମୁଁ ଯଦି ଦଧିବାମନ, ଅଣାକାର, ଗୋବର୍ଦ୍ଧନଧାରୀ, ମହୀଧର, ନାରାୟଣ, ଜନାର୍ଦ୍ଦନ, ପୁରୁଷୋତ୍ତମ, କୃଷ୍ଣରାମ, ଜଗନ୍ନାଥ, ଭଗବାନ, ମାଧବ, ଚକ୍ରଧର, ପ୍ରଜାପତି, ଦଶାବତାରୀ, ଦେବରାଜ, ପଞ୍ଚଧାତୁ (ବୌଦ୍ଧ) ପ୍ରକାଶ, ଏକାଦଶ, ଦେବୀ, ଚିନ୍ତାମଣି, ବନମାଳୀ, ଶ୍ରୀବତ୍ସ ତେବେ ଏହିସବୁ ପୁଣ ଜୀବନ ଲାଭକରୁ । ସାରଳା ଦାସଙ୍କ ଉଗ୍ରସେନ ମଧ ସ୍ତୁତି କରିଛନ୍ତି-

ମତ୍ସ୍ୟ କଚ୍ଛପ କୋଳ ନୃସିଂହ ବାମନ ପର୍ଶୁରାମ
ଶ୍ରୀରାମ ବଳରାମ ବଉଦ୍ଧ କଳି ଅନ୍ତେ କଳକି
ପରଂବ୍ରହ୍ମ ।।

ଅତଏବ ଉତ୍କଳ ବ୍ୟାସ ମହାକବି ସାରଳାଦାସଙ୍କ ଆବିର୍ଭାବର ବହୁ ପୂର୍ବରୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଓଡ଼ିଶାର ଧର୍ମ ଇତିହାସ । ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରରେ ଯେଉଁ ବିବର୍ତ୍ତନ ଘଟିଥିଲା ତାହାହିଁ ତାଙ୍କ ମହାଭାରତରେ ସ୍ଥାନ ପାଇଛି । ସାରଳାଙ୍କ ମହାଭାରତ ଶ୍ରୀଜଗନ୍ନାଥଙ୍କୁ ଏକରେ ଅନେକ ଓ ଅନେକରେ ଏକର ପ୍ରତୀକ ସମନ୍ୱୟର ମହାମନ୍ତ୍ର ଶୁଣାଇଛନ୍ତି । ଓଡ଼ିଆ ସଂସ୍କୃତିର ଏହାହିଁ ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ । ●

# ଭଞ୍ଜ ସାହିତ୍ୟରେ ନାରୀ

**ଅଧ୍ୟାପକ ରାଖାଲ ଚନ୍ଦ୍ର ସାହୁ**
**ଓଡ଼ିଆ ବିଭାଗ**

ସାହିତ୍ୟ ହେଉଛି ମାନବ ଜୀବନର ପ୍ରତିଛବି । ଯୁଗେ ଯୁଗେ ସାହିତ୍ୟ ମାଧ୍ୟମରେ ସ୍ରଷ୍ଟା ମାନବ ଜୀବନକୁ ହିଁ ବିଶ୍ଳେଷଣ କରିଛନ୍ତି । ମନୁଷ୍ୟ ମଧ୍ୟରେ ଦୁଇଟି ବିଭାଗ ରହିଛି । ଗୋଟିଏ ତା'ର ଦେହ ଓ ଅନ୍ୟଟି ତା'ର ମନ । ଦେହ ବିନା ଯେପରି ମନର ସ୍ଥିତି ଅସମ୍ଭବ ସେହିପରି ମନ ବିନା ମଧ୍ୟ ଦେହର କୌଣସି ମୂଲ୍ୟ ନଥାଏ । ତେଣୁ ସାହିତ୍ୟରେ ଏହି ଦେହ ବା ମନର ବିଳାସ ଯୁଗେ ଯୁଗେ ପ୍ରତିଫଳିତ ହୋଇ ଆସିଛି । ଏହି ଉଭୟ ବିଳାସ ମଧ୍ୟରେ ଶାଳୀନତା ଓ ଅଶାଳୀନତାର ସୀମାରେଖା ଟାଣି ପ୍ରକାଶ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ପ୍ରତିଭାବାନ ସ୍ରଷ୍ଟା ହାତରେ ତାହା ରସାନୁଭୂତିଶୀଳ ଏକ ସୌନ୍ଦର୍ଯ୍ୟ ହେଉଥିବା ବେଳେ କିଛିତ ପ୍ରତିଭାହୀନ ସ୍ରଷ୍ଟାଙ୍କ ଲେଖନୀରେ ତାହା ବିଭତ୍ସ ତଥା ଅଶ୍ଳୀଳ ପ୍ରତୀୟମାନ ହୋଇ ପଡ଼ିଥାଏ ।

ପଞ୍ଚସଖା ଯୁଗର ଅବସାନ ପରେ ରୀତିଯୁଗୀୟ ସାହିତ୍ୟର ଅଭ୍ୟୁଦୟ । ବୈଷ୍ଣବ ସାହିତ୍ୟଧାରା ଦୁଇଭାଗ ହୋଇ ଗୋଟିଏ ଗୋଷ୍ଠୀ ଉତ୍କଳୀୟ ବୈଷ୍ଣବଧାରାର ପୃଷ୍ଠପୋଷକତା କରୁଥିବା ବେଳେ ଅଭିମନ୍ୟୁ ଦୀନକୃଷ୍ଣ ଓ ସଦାନନ୍ଦ ବ୍ରହ୍ମ ପ୍ରମୁଖ କବିଗଣ ଗୌଡୀୟ ବୈଷ୍ଣବ ସାହିତ୍ୟର ଧ୍ୱଜାଧାରୀ ହୋଇଥିଲେ, ପଞ୍ଚସଖା ଗୋଷ୍ଠୀ ନିର୍ଗୁଣ ବ୍ରହ୍ମର ଉପାସନା କରୁଥିବା ବେଳେ ଗୌଡୀୟ ବୈଷ୍ଣବ କବିମାନେ ପରକୀୟା ପ୍ରୀତିକୁ ହିଁ ସେମାନଙ୍କ ସୃଷ୍ଟିରେ ପ୍ରାଧାନ୍ୟ ଦେଇଥିଲେ । ରାଧାକୃଷ୍ଣ ଓ ଗୋପାଙ୍ଗନାମାନଙ୍କୁ ନାୟକ ନାୟିକା ଭାବେ ଗ୍ରହଣ କରି ବୈଷ୍ଣବ କବିମାନେ ଯଥେଚ୍ଛାଚାର ଭାବେ ପରକୀୟା ପ୍ରୀତିର ନିରାଜନା କରି ଯାଇଛନ୍ତି । ଏହି ସମୟରେ ଉପେନ୍ଦ୍ର ଭଞ୍ଜ ହିଁ ପ୍ରଥମ କବି ଯିଏ କି କାଳ୍ପନିକ କଥାବସ୍ତୁକୁ ଗ୍ରହଣ କରି କାବ୍ୟ ରଚନା କରିଥିଲେ । ଆଧାତ୍ମିକ ନାମରେ ଗୌଡୀୟ ବୈଷ୍ଣବମାନେ ପରକୀୟା ପ୍ରୀତିର ଯେଉଁ ବହୁଳ ବର୍ଣ୍ଣନା କରି ଯାଇଥିଲେ, ଉପେନ୍ଦ୍ର ଭଞ୍ଜ ହିଁ ପ୍ରଥମେ ଏହା ବିରୁଦ୍ଧରେ ପ୍ରଚଣ୍ଡ ବିଦ୍ରୋହ ଘୋଷଣା କରିଛନ୍ତି । ଉତ୍କଳୀୟ କାବ୍ୟ ସାହିତ୍ୟ ମୁଖ୍ୟତଃ କଳା ଓ ସଙ୍ଗୀତ ସର୍ବସ୍ୱ । ସଙ୍ଗୀତର ଆତ୍ମୀୟ ସ୍ୱର ଝଙ୍କାର ଏବଂ କଳାର କମନୀୟ ମୂର୍ତ୍ତି ଏ ଜାତିକୁ ଯୁଗେ ଯୁଗେ ଆତ୍ମବିଭୋର କରି ରଖିଛି । ପ୍ରସ୍ତର ଗାତ୍ରରେ କଳା ନୈପୁଣ୍ୟ ପ୍ରଦର୍ଶନ କରି ଏ ଜାତି ପୃଥିବୀ ସମ୍ମୁଖରେ ଯେପରି କୋଣାର୍କ ମନ୍ଦିରକୁ ଠିଆ କରାଇ ପାରିଛି ଅନୁରୂପ ଭାବେ ଲିପିଶିଳ୍ପର ଉତ୍କର୍ଷତା ପ୍ରତିପାଦନ କରିବା ପାଇଁ ଏ ଜାତିର କାବ୍ୟକର୍ତ୍ତା ଦୀର୍ଘଦିନ ସାଧନା କରି ଆସିଛନ୍ତି । ଦୀର୍ଘଦିନ ଧରି ସାହିତ୍ୟ ସାଧକ ମାନଙ୍କର ଅନବରତ ସାଧନା ଓ ତତ୍‌ପରତାର ଫଳସ୍ୱରୂପ ଭଞ୍ଜ ସାହିତ୍ୟ ହିଁ ପୂର୍ଣ୍ଣତା ପ୍ରାପ୍ତ ହୋଇଛି । ଓଡ଼ିଆ ଜାତିର ଗର୍ବ ଓ ଗୌରବ ଯେପରି କଳାପୁରୀ କୋଣାର୍କର

ଲାସ୍ୟମୟୀ ଶୀଳା ଗାତ୍ରରେ ମୂର୍ତ୍ତିମନ୍ତ ସେହିପରି ଓଡ଼ିଆ ଭାଷାର ଶବ୍ଦସମ୍ଭାର ଭଞ୍ଜୀୟ ଲେଖନୀ ସ୍ପର୍ଶରେ ଉଦ୍ଭିମନ୍ତ ।

ତାଙ୍କର ପରିଚୟ ସେ ନିଜେ । କାରଣ ଓଡ଼ିଶାର ସାମୂହିକ ଜୀବନ ସହିତ ସେ ଏତେ ନିବିଡ଼ ଯେ, ତାଙ୍କ ସାଧନା ସହ ସେ ଏତେ ଭାବରେ ନିଗୂଢ଼ ଯେ, ତାଙ୍କ ସାଧନା ସହିତ ସମ୍ପର୍କ ରକ୍ଷା ନକଲେ ତତ୍କାଳୀନ ସାମାଜିକ ଜୀବନ ରୀତିନୀତି ତଥା ଯୁଗରୁଚିକୁ ଉପଲବ୍ଧି କରିବା ଅସମ୍ଭବ । ଆବାଳ-ବୃଦ୍ଧ-ବନିତା ସମସ୍ତଙ୍କ ପାଇଁ ସେଥିରେ ମାନସିକ ଖାଦ୍ୟ ଯେପରି ଭରପୂର ହୋଇ ରହିଛି, ତେଣୁ ଗୋପବନ୍ଧୁ ଯଥାର୍ଥରେ ଲେଖିଥିଲେ-

ଗାଏ ତୁମ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା ।
ବିଲେ ଗାଏ ଚଷା ଅନ୍ତଃ ପୁରେ ଯୋଷା
ନୃତ୍ୟ ରଙ୍ଗେ ବାରାଙ୍ଗନା ।।

ରାମଚନ୍ଦ୍ରଙ୍କୁ ନିଜର ଉପାସ୍ୟ ଦେବତା ଭାବେ ଗ୍ରହଣ କରିଥିବାରୁ ରାମସୀତାଙ୍କର ଏକନିଷ୍ଠ ଦାମ୍ପତ୍ୟ ପ୍ରେମ ହିଁ ଭଞ୍ଜ ସାହିତ୍ୟର ଉପଜୀବ୍ୟ । ତେଣୁ ତାଙ୍କ କାବ୍ୟମାନଙ୍କରେ ସ୍ୱକୀୟା ପ୍ରୀତିର ବିଶେଷତ୍ୱ ବିଶେଷ ଭାବେ ପ୍ରକଟିତ । ''ବୈଦେହୀଶ ବିଳାସ''ର ଏକ ପଂକ୍ତିରୁ ତାଙ୍କ ଏକନିଷ୍ଠ ଦାମ୍ପତ୍ୟ ପ୍ରେମ ବର୍ଣ୍ଣନାର ଅଦମ୍ୟ ଆକାଂକ୍ଷା ଲକ୍ଷ୍ୟ କରାଯାଇପାରେ । ପ୍ରଥମ ମିଳନ ରଜନୀରେ ନବଦମ୍ପତି ରାମ ଓ ସୀତାଙ୍କ ମଧ୍ୟରେ ବାର୍ତ୍ତାଳାପ କବିଙ୍କ ଲେଖନୀରେ ଅତି ମନୋଜ୍ଞ ଓ ତାତ୍ପର୍ଯ୍ୟପୂର୍ଣ୍ଣ ହୋଇପାରିଛି । ଜୀବନକାଳ ମଧ୍ୟରେ ଅନ୍ୟ କୌଣସି ନାରୀ ଠାରେ ଆଶକ୍ତି ହୋଇନାହାନ୍ତି ବୋଲି ରାମଚନ୍ଦ୍ର ପ୍ରକାଶ କରନ୍ତେ ତା'ର ପ୍ରତ୍ୟୁତ୍ତରରେ ସୀତା ପ୍ରତିଜ୍ଞା କରି ପ୍ରକାଶ କରିଛନ୍ତି- ସେ ମଧ୍ୟ କୌଣସି ପୁରୁଷ ପ୍ରତି ଆକୃଷ୍ଟ ହୋଇନାହାନ୍ତି ଏବଂ ଜନ୍ମ ଜନ୍ମାନ୍ତରରେ ମଧ୍ୟ ଆସକ୍ତି ପ୍ରକାଶ କରିବେ ନାହିଁ । ଇହକାଳ ଓ ପରକାଳରେ ମଧ୍ୟ ରାମଚନ୍ଦ୍ରଙ୍କ ପ୍ରତି ତାଙ୍କର ପ୍ରେମ ଅମଳିନ ଓ ଅବିଚ୍ଛେଦ୍ୟ ରହିବ । ଏହାହିଁ ବାସ୍ତବରେ ସ୍ୱକୀୟ ପ୍ରେମର ଆଦର୍ଶ । କବି ରାମଚନ୍ଦ୍ରଙ୍କ ମୁଖରେ ପ୍ରକାଶ କରିଛନ୍ତି :-

ବିଦଗ୍ଧ ରାମଚନ୍ଦ୍ର କହେ, ବନ୍ଧୁ ଜୀବନ ଥିବାର ଏ ଦେହେ ।

ବିଳାସିନୀ ନ କରିବି ଆନକୁ, ବୋଲି ସ୍ପର୍ଶି ଦୀପ ହୁତାସନକୁ ।

ସୀତା ମଧ୍ୟ ଅନୁରୂପ ଭାବେ କହିଛନ୍ତି :-

ବଇଦେହୀ କେଶୁଁ କାଢ଼ି କେତକୀ, ବର୍ଣ୍ଣ ଲିଖିତ ପୋଛି କସ୍ତୁରୀକି ।

ବଳି ନାହିଁ ମନ ଆନ ଯାଏତ, ବନାଇନି ଜନ୍ମେ ଜନ୍ମେ ମୋ ଚିତ୍ତ ।

ବର ମଣ୍ଡପରୁ ଯିବ ବାହୁଡ଼ି, ବାର୍ତ୍ତା ବହି ନେବି ତୁମକୁ ଲୋଡ଼ି ।

ଭଞ୍ଜୀୟ କାବ୍ୟ କବିତାରେ ନାରୀ ଦୟା, ସ୍ନେହ, ଶ୍ରଦ୍ଧା, ପ୍ରୀତି ଓ ପ୍ରେମର ମୂର୍ତ୍ତିରୂପେ ଚିତ୍ରିତ । କବିଙ୍କ ଦୃଷ୍ଟିରେ ସମସ୍ତେ ଷୋଡ଼ଶୀ, ରୂପସୀ, ଗଜଗାମିନୀ, ଧୀର ଭାଷିଣୀ ଓ ସତ୍ ଚରିତ୍ରା । ଭଞ୍ଜୀୟ ନାୟିକାମାନେ ସମ୍ଭ୍ରାନ୍ତ ବଂଶଜ ଏବଂ ପଦ୍ମିନୀ ବା ଚିତ୍ରିଣୀ ଜାତୀୟା । ସେ ନାରୀକୁ ସ୍ୱାଧୀନତା ଦେବାର ପକ୍ଷବାଦୀ କିନ୍ତୁ କେଉଁଠି ହେଲେ ସ୍ୱେଚ୍ଛାଚାରିତାକୁ ପ୍ରଶ୍ରୟ ଦେଇନାହାନ୍ତି । କବି ସମ୍ରାଟଙ୍କ ଦୃଷ୍ଟିରେ ପ୍ରେମ ହେଉଛି ଶାଶ୍ୱତ ଓ ଚିରନ୍ତନ । ଯେଉଁ ପ୍ରେମରେ ତ୍ୟାଗ ନାହିଁ ସେ ପ୍ରେମ

ପ୍ରକୃତ ପ୍ରେମ ନୁହେଁ । ନାୟକ ନାୟିକା ଠାରୁ ବହୁ ଦୂରରେ ଥିଲେ ମଧ୍ୟ ଭଞ୍ଜଙ୍କ ନାୟକ ଉଦାତ୍ତ କଣ୍ଠରେ ପ୍ରକାଶ କରିଛି :-

ଦୂରେ ଥିଲେ ପାଶେ ଥିଲା ପରି ଥିବୁ ଯେନି ।
କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର
ଯେତେଦୂରେ ଥିଲେ ଯେ ଯାହାର ସେ ତାହାର ।

କେବଳ ଏତିକି ନୁହେଁ ଅମଳିନ ଦାମ୍ପତ୍ୟ ପ୍ରେମ ଯେ ଦୁନିଆର ସକଳ ଐଶ୍ୱର୍ଯ୍ୟ ଏପରିକି ଇନ୍ଦ୍ର ସମ୍ପତ୍ତି ପ୍ରାପ୍ତ ଅପେକ୍ଷା ଗରିୟାନ ଓ ମାଧୁର୍ଯ୍ୟ- ଏହି କଥା ପ୍ରତିପାଦନ ପାଇଁ ସେ ବିଭିନ୍ନ ପୌରାଣିକ କଥନିକାକୁ ଉପଜୀବ୍ୟ କରି କହିଛନ୍ତି-

କି ବଡ ହେବା ନୃପତି କି ବଡ ଇନ୍ଦ୍ର ସମ୍ପତ୍ତି
ସବୁ ସୁଖ ଉପରି ମୂଳ ଦମ୍ପତି
ପାଣ୍ଡବେ ଯେନି ଦ୍ରୌପଦୀ ସୀତା ଯେନି ରଘୁପତି
ମାନୁ ନଥିଲେ ବିପରି ହେଲେ ପ୍ରାପତି
ନାଶଇ ବିରହ ତପତି,
ମାର ଶରକୁ ସେ ବାଳା ବଜ୍ର ଭୂପତି ।

ପ୍ରେମ ହେଉଛି ସୃଷ୍ଟିର ନିୟମ । ଏହାକୁ ଲଂଘନ କରିବା ମୂର୍ଖତା । ନାରୀ ପୁରୁଷ ପରସ୍ପରକୁ ଲାଭ କରିବା ଆଶାରେ କୌଣସି ଆବିଳତା ନଥାଏ ବରଂ ତାହା ଆତ୍ମାକୁ ଶୁଦ୍ଧପୂତ କରେ । ସେହି ଏକନିଷ୍ଠ ଦାମ୍ପତ୍ୟ ପ୍ରେମର ମହତ୍ୱ ପ୍ରତିପାଦନ କରି ଭଞ୍ଜୀୟ ନାୟକ କହିଛି-

'ଆହୁରି କଥାଏ ଯଥା ଏକ ନାମ ଅଶ୍ୱିନୀ କୁମାର ଦୁଇ ।
ସେହି ପରକାରେ ତୋର ମୋର ପ୍ରୀତି କେବଳ ଯୁଗଳ ଦେହୀ ।।'

ପ୍ରୀତିରେ ବିଚ୍ଛେଦ ହେଉଛି ସର୍ବାପେକ୍ଷା ମର୍ମନ୍ତୁଦ, ନାୟକ ନାୟିକାଠାରୁ ବିଚ୍ଛେଦ ହେବାଠୁ ବଳି ଯନ୍ତ୍ରଣା ଆଉ କିଛି ନାହିଁ । ପୃଥିବୀର ସମସ୍ତ ସୃଷ୍ଟି ପ୍ରୀତି ଦ୍ୱାରା ହିଁ ନିୟନ୍ତ୍ରିତ । ପ୍ରେମ କବଳରୁ କେହି ନିଜକୁ ମୁକ୍ତ ରଖି ପାରେନା । ଭଞ୍ଜଙ୍କ ଲେଖନୀରେ ଏହା ନିମ୍ନମତେ ପ୍ରକାଶ ପାଇଛି ।

ମନ ଉପରେ ତ ରାଜା ପୀରତି
କେହି ପାରିବ ମଣିଷ ବରତି
ପଶୁମାନେ ବଶ ହେଲେ ଏ ରସେ
ଯେହୁ ପାଷାଣ ସେ ଏଥି ନ ରସେ ।

ଭଞ୍ଜୀୟ ନାୟକ-ନାୟିକାଙ୍କର ପରସ୍ପର ପ୍ରତି ଆକର୍ଷଣ ହିଁ ସେମାନଙ୍କୁ ବିବାହ ବେଦୀ ପାଖକୁ ଟାଣି ନେଇଛି । ମିଳନ ଅପେକ୍ଷା ବିରହକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି କବି ସମ୍ରାଟ । ବିବାହ ପୂର୍ବର ପ୍ରେମ ଅପେକ୍ଷା ବିବାହ ପରର ପ୍ରେମକୁ ସେ ଅଧିକ ସରସ-ସୁନ୍ଦର ରୂପାୟିତ କରିଛନ୍ତି । ବିବାହ ପରେ ନାୟିକା ଠାରୁ ଦୂରରେ ରହି ନାୟକ ପ୍ରାଣର ଆକୁଳତା ପ୍ରକାଶ କରି କହିଛି -

ଆଉ ଭେଟିବି ନୋହୁଛି ପରତେ, ଭେଟ ହେବା ଉପାୟ ଅଛି ଏତେ
ପୁଣି ବିରହ ଅନେକ ଦହନ, ହୁତା ଏ ମୋହର ତନୁ ବହନ ।
ଭସ୍ମ ଉଡ଼ାଇ କୃପାରେ ପବନ, ନେଇ ପକାଉକାନ୍ତା ସନ୍ନିଧାନ ।

ଏହିସବୁ ସୃଷ୍ଟିରେ ଦେହର ପ୍ରାଧାନ୍ୟକୁ ଅସ୍ୱୀକାର କରାଯାଇ ନାହିଁ । ବରଂ ଦେହ ଜରିଆରେ ଆଧାତ୍ମିକ

ଅନୁଭୂତି ସମ୍ଭବ ବୋଲି ତାଙ୍କର ବିଶ୍ୱାସ, ପ୍ରେମ ସୁଧାନିଧିର ନାୟକ ମଧୁଶଯ୍ୟା ପାଇଁ ନିଜକୁ ପ୍ରସ୍ତୁତ କରି କହିଛି ।

କ୍ଷଣେ ନୋହିଁ ଭିନ୍ନ ଭିନ୍ନାଞ୍ଜନ କେଶୀ ମନକୁ ମନ ପିଆଇବି

ନ ଶୁଆଇ ଶେଯେ, ସେ ଯେ କୋମଳାଙ୍ଗୀ ହୃଦୟ ପରେ ଶୁଆଇବି ।

କବି ସମ୍ରାଟଙ୍କ ରଚନାରେ ଦୈହିକ ଉପଭୋଗର ଯେଉଁ ବର୍ଣ୍ଣନା ଦେଖିବାକୁ ମିଳେ ତାହା ନାୟକ ନାୟିକାଙ୍କର ପରସ୍ପର ପ୍ରତି ପ୍ରଗାଢ ଅନୁରାଗର ନିଦର୍ଶନ । ଜଣଙ୍କର କ୍ଷଣିକ ବିଚ୍ଛେଦ ଅପରକୁ ଶତ ଶଲ୍ୟବିଧ କରେ । ପତିକୁ ଦେବତା ଜ୍ଞାନ କରି ପତ୍ନୀ ଯେପରି ତାହାର ନାମକୁ ଅହରହ ଜପ କରିବା ପୁଣ୍ୟ ବୋଲି ମନେକରେ । ପତି ମଧ୍ୟ ପତ୍ନୀର ନାମକୁ ଜପ କରିବା ଅଶେଷ ପୁଣ୍ୟ ବୋଲି ବିବେଚନା କରିଥାଏ । କେବଳ ସେତିକି ନୁହେଁ ନାୟିକାର ଅବହେଳାରେ ମଧ୍ୟ ନାୟକ କୌଣସି ପ୍ରକାର ବିରୁଦ୍ଧ ପ୍ରତିକ୍ରିୟା ପ୍ରକାଶ ନକରି ନାୟିକା ପାଖରେ ଆତ୍ମ ସମର୍ପଣ କରି କହେ-

ମଞ୍ଜିଷ୍ଠା ରଙ୍ଗକି ଝିନ ବସନ୍ନ,
ଧୋଇ ଦେଲେ ଛାଡ଼ିଯାଏ ସୁତନୁ ।
ସେହି ପରକାରେ ଚନ୍ଦ୍ରମା ମୁହିଁ,
ଛାଡ଼ିଲେ ତୁ ତ ମୁଁ ଛାଡ଼ିବି ନାହିଁ ।

ପୁରୁଷର ଆତ୍ମ ସମର୍ପଣ ତଥା ସ୍ତ୍ରୀର ଶ୍ରଦ୍ଧା ଓ ଭକ୍ତି ଯୋଗୁଁ ବିବାହିତ ଜୀବନ ସୁଖମୟ ହୋଇଉଠେ । ଏହାର ସ୍ପଷ୍ଟ ସୂଚନା ମିଳିଥାଏ କବି ସମ୍ରାଟଙ୍କ ରଚନାରୁ । ଭଞ୍ଜୀୟ ନାୟିକା ସାଧାରଣ ରକ୍ତମାଂସ ଦେହଧାରୀ ଶଯ୍ୟା ସଂଗୀନୀ ନୁହେଁ ବରଂ ଜୀବନର ପୂର୍ଣ୍ଣତା ପାଇଁ ସେ ଏକ ଅବଲମ୍ବନ । ନାରୀର କାଳାତୀତ ପ୍ରେରଣାରେ ପୁରୁଷ ବିପଦ ବିଘ୍ନକୁ ଭେଦକରି ଜୀବନକୁ ଉନ୍ନତ ଓ ସରସ କରିଥାଏ । ଗୃହସ୍ଥ ଓ ଗୃହିଣୀଙ୍କ ଶାନ୍ତି, ସନ୍ତୋଷ ଓ ସମବେତ ଯତ୍ନରେ ଗୃହ ଦ୍ୱିତୀୟ ବୈକୁଣ୍ଠରେ ପରିଣତ ହେବା ଅବସମ୍ଭାବି । ସୁତରାଂ ପବିତ୍ର ଦାମ୍ପତ୍ୟ ଜୀବନ ହିଁ ସବୁ ସୁଖ, ସଂପଦ, ଐଶ୍ୱର୍ଯ୍ୟ ଏପରିକି ମୋକ୍ଷପ୍ରାପ୍ତିର ମୁଖ୍ୟ ଅବଲମ୍ବନ । କେବଳ ଉପେନ୍ଦ୍ର ଭଞ୍ଜ ହିଁ ଏକ ପତ୍ନୀ ବ୍ରତର ମାଧ୍ୟମରେ ସୃଷ୍ଟି କରି ଯାଇଛନ୍ତି ଦାମ୍ପତ୍ୟ ପ୍ରେମର ଆଦର୍ଶ ।

କବି ସମ୍ରାଟଙ୍କ କାବ୍ୟର ଛତ୍ରେ ଛତ୍ରେ ପ୍ରକାଶ ପାଇଛି ନାରୀର ମନସ୍ତତ୍ତ୍ୱିକ ବିଶ୍ଳେଷଣ । ଯଦିଓ ତାଙ୍କ ସୃଷ୍ଟ କାବ୍ୟ କବିତା ଶୃଙ୍ଗାର ଭିତ୍ତିକ ତଥାପି ନାୟକ ନାୟିକାମାନଙ୍କର ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଯେପରି ସୂକ୍ଷ୍ମାତିସୂକ୍ଷ୍ମ ଭାବରେ କରାଯାଇଛି - ସେ ସବୁକୁ ମୁଖ୍ୟତଃ ଚାରିଗୋଟି ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା- ପ୍ରେମ ଭିତ୍ତିକ, ଇଚ୍ଛା ଭିତ୍ତିକ, ଈର୍ଷା ଭିତ୍ତିକ ଓ ବାତ୍ସଲ୍ୟ ଭିତ୍ତିକ ।

ପ୍ରେମଭିତ୍ତିକ :- ଭିନ୍ନ ଭିନ୍ନ ଋତୁରେ ନାୟକ-ନାୟିକାମାନଙ୍କ ମନରେ ଯେଉଁ ପୁଲକ ସଂଜାତ ହୋଇଅଛି ତାହା ପରସ୍ପରର ମିଳନ ଆକାଂକ୍ଷାରୁ ହିଁ ଜନ୍ମ ନେଇଛି । ଉପେନ୍ଦ୍ର ଭଞ୍ଜ ନିଜ କାବ୍ୟମାନଙ୍କରେ ବିଜୁଳିର ଘନ ଘନ ସ୍ଫୁରଣ, କରକା ବୃଷ୍ଟି, ପିକର ମୁକତା, ମାଳତୀ ଓ କଦମ୍ବ ଫୁଲର ବିକାଶ, ମେଘାଚ୍ଛନ୍ନ ଆକାଶରେ ସୂର୍ଯ୍ୟଙ୍କର ଅଦୃଶ୍ୟତା ଇତ୍ୟାଦିକୁ ନେଇ ନାୟକ ନାୟିକାଙ୍କ ମନରେ ଦେଖା ଦେଇଥିବା ପ୍ରତିକ୍ରିୟା ପ୍ରକଶ କରିଛନ୍ତି । ଯେପରି-

ଦେଖବ ନବ କାଳିକା ବକାଳିକା ମାଳିକା
ଆଳି କାଳିକାକାନ୍ତ ସ୍ମରି,

ରକ୍ଷା କେମନ୍ତ କରି କରିବା ମଉ କରି
ଗତି କି ଏମନ୍ତ ବିଚାରି, ସେ ସହଚରୀ
ଭାବେ ଦକ୍ଷିଲେ ଏ କାଳକୁ, କଥା ଥିବ କାଳ କାଳକୁ
ଏକେତ କ୍ଷୀଣ ଦିନ, ହେଲା ଦୁର୍ଦ୍ଦିନ ଦିନ
ନ ଲଭୁଁ ବଲ୍ଲଭ ମେଳକୁ ରେ ସହଚରୀ ।

ବର୍ଷା ଋତୁରେ ନୂତନ ମେଘର ଗାଢ଼ କାଳିମା ହେତୁ କାମଜ୍ୱର ପୀଡ଼ିତା ଦୁଃଖିନୀ ଲାବଣ୍ୟବତୀର ଅବସ୍ଥା ଶୋଚନୀୟ ହୋଇପଡ଼ିଛି । ସହଚରୀମାନେ ସମବେଦନା ପ୍ରକାଶ କରି ଲାବଣ୍ୟବତୀର ମନତୁଷ୍ଟି ପାଇଁ ପ୍ରଚେଷ୍ଟା କରିଛନ୍ତି ।

ଲଜ୍ଜାଭିତ୍ତିକ :- ଭଞ୍ଜୀୟ ନାୟିକା ଯେତେ କାମଦଗ୍ଧା ହେଲେ ମଧ୍ୟ ସୀମାତୀରିକ୍ତ ନୁହଁନ୍ତି । ସେମାନଙ୍କର ଉଚ୍ଛୃଙ୍ଖଳତା କେବଳ ନିଜ ପ୍ରିୟ ସହଚରୀ ମାନଙ୍କ ଗହଣରେ ହିଁ ସୀମିତ । ପ୍ରଥମ ମିଳନର କଥୋପକଥନରେ ନାୟିକା ଯଥାସମ୍ଭବ ସଂଜତ ଉତ୍ତର ଦେଇଛି । 'ବୈଦେହୀଶ ବିଳାସ' କାବ୍ୟରେ ଜନ୍ତୁ ଅଧ୍ୟୁଷିତ ଅରଣ୍ୟ ମଧ୍ୟରେ ଯାତ୍ରା କରୁଥିବା ଅବସରରେ ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତାଙ୍କୁ ବଣ୍ୟ ନାରୀମାନେ ସେମାନଙ୍କର ପରିଚୟ ଜିଜ୍ଞାସା କରିଛନ୍ତି । ସେମାନେ ସୀତାଙ୍କୁ ପଚାରିଛନ୍ତି-

ବରାରୋହା ଏହି ପୁରୁଷ ସାର ତୁହେଁ ସୋଦର କିବା ତୁମ୍ଭର
ବୁଲନ୍ତି ଜଗତ ପେନି ସଙ୍ଗତରେ ସୁଷମେ ନ ମିଳେବର
ବୋଲୁ ଶିର ନମାଇ ।
ବର ଦେବର କେ ଯାଅ କହି ।

ଈର୍ଷାଭିତ୍ତିକ :- ଈର୍ଷାପରାୟଣତା ନାରୀ ଚରିତ୍ରର ଅନ୍ୟ ଏକ ମାନସିକ ଦୁର୍ବଳତା । ଏହାର ସ୍ୱରୂପ ଦେଖିବାକୁ ମିଳେ 'ବୈଦେହୀଶ ବିଳାସ' କାବ୍ୟର ସୂପଣଖା ଓ କୈକେୟୀ ଚରିତ୍ରରୁ । ସୀତାଙ୍କ ସହ ଦଣ୍ଡକାରଣ୍ୟ ବିଚରଣ ସମୟରେ ସୂପଣଖା ତାଙ୍କୁ ଦେଖି ପ୍ରସ୍ତାବ ଦେଇଛି ।

''ବଢ଼ ମାନବ ? ଦାନବୀବାଳୀ
ବସାଇ ହୃଦୟ ପାତ୍ର ତୁଳରେ ତୁଳୀ ।
ବିଶେଷ ରତିରେ କିଏ ହୋଇବ ବିଚାର,
ବଣିକ ଭାବରେ ତହିଁ ବଣିଜ କର ।''

ବାତ୍ସଲ୍ୟଭିତ୍ତିକ :- 'ବୈଦେହୀଶ ବିଳାସ'ର ୧୭ଶ ଛାନ୍ଦରେ ଜନନୀ ମନର ଆବେଗ ଓ ନୀତିପୂର୍ଣ୍ଣ ଉପଦେଶାବଳୀ ପାଠକ ମନରେ ଗଭୀର ରେଖାପାତ କରିଥାଏ । ରାମଚନ୍ଦ୍ର, ଲକ୍ଷ୍ମଣ ଓ ସୀତା ଯେତେବେଳେ ବନ ଗମନ ପାଇଁ ଉଦ୍‌ବିଗ୍ନ, ଜନନୀ କୌଶଲ୍ୟା ବଧୂ ସୀତାଙ୍କୁ ଉପଦେଶ ଦେଇ କହିଛନ୍ତି :-

''ବିପିନରେ ପୀନ ଉରଜା ଅପୂର୍ବ ଦ୍ରବ୍ୟ ଦେଖି ନ ମାଗିବୁ
ବେନି ସହୋଦର ମଧ୍ୟରେ ଆଦର କି ପଥରେ କରିଥିବୁ ।''

ମାତ୍ର ସ୍ନେହାଦୀନା ସୀତା ଶାଶୁଙ୍କ ନିକଟରୁ ବିଦାୟ ନେଲାବେଳେ ଗଭୀର ଦୁଃଖ ଅନୁଭବ କରିଛନ୍ତି । କୌଶଲ୍ୟା ମଧ୍ୟ ବିଚଳିତ ହେବା ସଙ୍ଗେ ସଙ୍ଗେ ପୁତ୍ରବଧୂଙ୍କୁ ଯେଉଁ ଉପଦେଶ ଦେଇଛନ୍ତି ତାହା ସହ ହେଲେ ମଧ୍ୟ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ବଧୂକୁ ସେ ସେହି ବିଷୟ କହିଛନ୍ତି, ଯେଉଁ ବିଷୟ ଲଂଘନ କରିବା ଫଳରେ ତାଙ୍କର ପରବର୍ତ୍ତୀ ଜୀବନ ଦୁଃଖମୟ

ହୋଇପଡ଼ିଛି । ସତେ ଯେପରି କୌଶଲ୍ୟାଙ୍କ ମନରେ ପୁତ୍ରବଧୂଙ୍କ ଆପଦ ବିପଦ ପୂର୍ବଜ୍ଞାତ ।

ଏହିସବୁ ଦୃଷ୍ଟିରୁ ଦେଖିଲେ ଭଞ୍ଜ ସାହିତ୍ୟରେ ଜୀବନର ସମ୍ଭୋଗ ଓ ପ୍ରାଚୁର୍ଯ୍ୟର ଚିତ୍ର ବିଶେଷ ଭାବେ ପ୍ରକଟିତ । ସେଥିରେ ବିଭତ୍ସତା ନାହିଁ, ବିରୂପତା ନାହିଁ ବା ହାହାକାରମୟ ଜୀବନର ବର୍ଣ୍ଣନା ମଧ୍ୟ ନାହିଁ । ଆଭିଜାତ୍ୟ ବଂଶଜ ନାୟକ-ନାୟିକାଙ୍କର ପ୍ରେମ ବର୍ଣ୍ଣନା ହିଁ ତାଙ୍କ ସୃଷ୍ଟିରେ ଉପଜୀବ୍ୟ । ସ୍ୱୀୟ କାବ୍ୟରେ ନବରସର ଅବତାରଣା କରିଥିଲେ ମଧ୍ୟ ଶୃଙ୍ଗାରରସ ଯୁଗୋଚିତ ଶ୍ରେଷ୍ଠ ରସ ରୂପେ ବିବେଚିତ ହୋଇଥିବାରୁ ଭଞ୍ଜ ସେହି ରସକୁ ବିଶେଷ ଭାବେ ପରିବେଷଣ କରିଛନ୍ତି । ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଚତୁଃବର୍ଗ ଫଳ ପ୍ରାପ୍ତି କାବ୍ୟର ଲକ୍ଷ୍ୟ ରୂପେ ବହୁ ପ୍ରାଚୀନ କାଳରୁ ଗୃହୀତ ହୋଇ ଆସୁଛି । ଆଳଙ୍କାରିକ ବିଶ୍ୱନାଥ କବିରାଜଙ୍କ ମତରେ- ''ରସାତ୍ମକଂ ବାକ୍ୟଂ କାବ୍ୟଂ'', ଭରତ ମୁନି ମଧ୍ୟ ଶୃଙ୍ଗାର ରସକୁ ମୁଖ୍ୟରସ ରୂପେ ବର୍ଣ୍ଣନା କରିଅଛନ୍ତି । ହାସ୍ୟ ଓ କରୁଣ ରସର ଏହା ଉତ୍ପତ୍ତି ସ୍ଥଳ ବୋଲି ମତ ପୋଷଣ କରାଯାଏ । ସୁତରାଂ ସୃଷ୍ଟି ତତ୍ତ୍ୱର ମୂଳରେ ଏହାର ଆବଶ୍ୟକତା ଉପଲବ୍ଧ ହେଉଥିବାରୁ ଶୃଙ୍ଗାର ରସକୁ ଆଦିରସ ଭାବରେ ଗ୍ରହଣ କରାଯାଇଛି । ରସିକ ରାଜ ଭୋଜରାଜ ମଧ୍ୟ ଏହି ରସକୁ ସମର୍ଥନ କରିଛନ୍ତି । ତାଙ୍କର ମତ ''ଶୃଙ୍ଗାରୀଚେତ୍ କବି'' । ଏହି ନ୍ୟାୟରେ ସଂସ୍କୃତ ତଥା ମଧ୍ୟଯୁଗୀୟ ଭାରତୀୟ ଭାଷା ତଥା ରୀତି ସାହିତ୍ୟର ମୂଳପିଣ୍ଡ ଗଢ଼ି ଉଠିଛି । ଏହି ନ୍ୟାୟରେ ଶୃଙ୍ଗାର ରସକୁ ମୁଖ୍ୟ ରସ ହିସାବରେ ଗ୍ରହଣ କରି କବି ସମ୍ରାଟ ଲେଖିଛନ୍ତି-

''ନବ ରସରେ ସାର, ଆଦ୍ୟ ଲେଖି ଶୃଙ୍ଗାର ।''

ଶୃଙ୍ଗାର ରସକୁ ଶ୍ରେଷ୍ଠ ବା ଆଦିରସ ଭାବରେ ମାଘ, ଶ୍ରୀହର୍ଷ, କାଳିଦାସ, ଭବଭୂତି, ଜୟଦେବ, ଭୋଜରାଜ ପ୍ରଭୃତି ଗ୍ରହଣ କରିଥିବାରୁ ଉପେନ୍ଦ୍ର ଭଞ୍ଜ ''ମହାଜନ ଯେନ ଗତସଃ ପନ୍ଥା'' ନୀତି ଅନୁସରଣ କରିଛନ୍ତି । ଦ୍ୱିତୀୟତଃ ଭଞ୍ଜ ଯେଉଁ ଯୁଗରେ ସାହିତ୍ୟ ସାଧନା କରିଥିଲେ ସେ ଯୁଗରେ ଗୃହୀତ ରସ ଥିଲା ଶୃଙ୍ଗାର ରସ । ଏହି ରସକୁ କାବ୍ୟରେ ସ୍ଥାନ ଦେବା ଏକ ଶାସ୍ତ୍ରସମ୍ମତ ଧାରା ଥିଲା । କେବଳ ଯୁଗଧର୍ମକୁ ଚାହିଁ ଭଞ୍ଜ ଏହି ରସକୁ ନିଜ କାବ୍ୟରେ ଗ୍ରହଣ କରିଛନ୍ତି । ଯଦି ବିଶ୍ୱ ସାହିତ୍ୟ କଥା ବିଚାର କରିବା ତେବେ ବିଖ୍ୟାତ କବିମାନଙ୍କ ମଧ୍ୟରେ ଅଧିକାଂଶ ପ୍ରେମକୁ ହିଁ ଭଣା ଅଧିକେ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି । ଯେପରି-

"But of all delightful sounds of evening or morn

The sweetest is the voice of the love."

ଭଞ୍ଜ ମଧ୍ୟ ସେହିପରି ଲେଖିଛନ୍ତି :-

''ଜବାଧରୀ ଦେହ ଇତର ନୁହଁଇ ଯୁବା ବଇକୁଣ୍ଠ ପୁର ।''

ଏହି ଦୃଷ୍ଟିରୁ ବିଶ୍ୱ ଦରବାରରେ ଉପେନ୍ଦ୍ର ଭଞ୍ଜଙ୍କ କୃତୀ ଉପସ୍ଥାପନ କଲାବେଳେ ଆନ୍ତର୍ଜାତିକ କବି ଗୋଷ୍ଠୀଙ୍କ ତୁଳନାରେ ଭଞ୍ଜ ନ୍ୟୂନ ପଦବୀରେ ଆସୀନ ହୋଇପାରିବେ ନାହିଁ । ଭଞ୍ଜଙ୍କର କାବ୍ୟ କବିତାକୁ ଅଶ୍ଳୀଳତା ଦୋଷଦୁଷ୍ଟ ବୋଲି ଅଭିଯୋଗ କରିବାର ଅର୍ଥ ପୃଥିବୀର ସମସ୍ତ ପ୍ରଖ୍ୟାତଯଶା ସ୍ରଷ୍ଟାଙ୍କ ସୃଷ୍ଟିକୁ ଅସ୍ୱୀକାର କରିବା । ଦାମ୍ପତ୍ୟ ପ୍ରେମ ଯେପରି ଏକ ଉଜ୍ଜ୍ୱଳ ଆଦର୍ଶ ନେଇ ଏଥିରେ ପର୍ଯ୍ୟବେଶିତ, ତହିଁରେ ଶୃଙ୍ଗାର ରସର ପ୍ରାବଲ୍ୟ ଥିଲେ ସୁଦ୍ଧା ସେ ସବୁକୁ ଅଶ୍ଳୀଳ ବୋଲି କୁହାଯାଇପାରିବ ନାହିଁ । ଭଞ୍ଜ ହେଉଛନ୍ତି ରସ ପରିବେଶକ ବିଦଗ୍ଧ କବି । ଜଣେ ପ୍ରସୂତିକୁ ଚିକିତ୍ସା କରିବା ସମୟରେ ଜଣେ ଚିକିତ୍ସକ ଯେପରି ଶ୍ଳୀଳ-ଅଶ୍ଳୀଳତାର ବିଚାର କରେ ନାହିଁ, ଠିକ୍ ସେହିପରି ଜଣେ କବି ହିସାବରେ କବି ସମ୍ରାଟ ତାଙ୍କ ସୃଷ୍ଟିରେ କେବଳ ସାହିତ୍ୟର ପରିଚର୍ଯ୍ୟା କରିଛନ୍ତି । କିନ୍ତୁ ଉଦ୍ଦେଶ୍ୟମୂଳକ ଭାବେ ଶୃଙ୍ଗାରୀକତାକୁ ସ୍ଥାନ ଦେଇନାହାନ୍ତି । ଏହା ସତ୍ତ୍ୱେ ଯଦି ଅସହିଷ୍ଣୁ ସମାଲୋଚକମାନେ କୁହନ୍ତି ଯେ ଭଞ୍ଜ ସାହିତ୍ୟ ଅଶ୍ଳୀଳ, ଏଥିରେ ଆଦର୍ଶର ମୂଲ୍ୟବୋଧ ନାହିଁ, କେବଳ ନାରୀ ରୂପ ବର୍ଣ୍ଣନାର ଜଘନ୍ୟ ଚିତ୍ର ଏହାର ପ୍ରତି ଛତ୍ରେ ପରିବେଶିତ, ତା'ହେଲେ ଦାର୍ଶନିକ ଉକ୍ତିକୁ ଉଦ୍ଧାର କରାଯାଇ କୁହାଯାଇପାରେ । ''ହେ ପ୍ରିୟ ପାଠକେ ! ଦେଖ, ମୋର ଏହିସବୁ ବହି ଭିତରକୁ ତମେ ଦୃଷ୍ଟି ପକାଇବା ପରେ ମଧ୍ୟ ଯଦି ତୃପ୍ତ ହେଲ ନାହିଁ, ତାହାର ଏକମାତ୍ର କାରଣ ନୁହେଁ ଯେ, ମୋ ବହିରେ ପାଠକଙ୍କୁ ତୃପ୍ତି ଦେବାଭଳି କୌଣସି ଜିନିଷ ନାହିଁ । ଏଇ ଚିନ୍ତା କରଯେ, ଗୋଟିଏ ବଡ଼ ଦର୍ପଣ ଆଗରେ ଠିଆ ହୋଇ ଜଣେ ଅପ୍ସରା ଯଦି ତାକୁ ଚାହେଁ ତେବେ ଦର୍ପଣ ଭିତରେ ଗୋଟିଏ ସୁନ୍ଦର ମୁହଁ ଦେଖାଯିବ । କିନ୍ତୁ ଯଦି ଗୋଟିଏ ଗଧ ସେହି ଦର୍ପଣକୁ ଚାହେଁ ତା'ହେଲେ ତା' ଭିତରୁ ସୁନ୍ଦର ମୁହଁଟିଏ ବାହାରକୁ ଚାହିଁବ କିପରି ?'' କେବଳ ଏଇ ଉକ୍ତି ହିଁ ଉପେନ୍ଦ୍ର ସାହିତ୍ୟର ସମାଲୋଚକ ମାନଙ୍କ ପାଇଁ ପ୍ରୟୋଗ କରାଯାଇପାରେ ।

# ଚନ୍ଦନ ହଜୁରୀ

ଅଧ୍ୟାପକ ପ୍ରତାପ କିଶୋର ଦାସ
ଇତିହାସ ବିଭାଗ

''ଭଣ୍ଡାରେ ଖଣ୍ଡା ନାହିଁକି ମଣିମା
ଚଣ୍ଡା କର ବିଶ୍ବ ନାହିଁ ମଣିମା ହେ
ହଣ୍ଡା ମୋ ଯାଉଛି ତାତି ହେ
ଥଣ୍ଡା କର ବାରେ କୃପାଜଳ ଛିଞ୍ଚି
ମୋ ଜୀବ ଚାତକ ପାଟିହେ ।''

ଦୁଃଖଦୈନ୍ୟର ଅତିଷ୍ଠତାରେ ଦିନେ ତାଙ୍କ ପାଟିରୁ ପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରକଟି ଉଠିଥିଲା ଏହିଭଳି ଲୋକପ୍ରିୟ କବିତା ।

ସେ ଥିଲେ ଶ୍ରୀଜଗନ୍ନାଥଙ୍କ ନୀତିନିଷ୍ଠ ସେବକ । ଅସାଧାରଣ ବଳବିକ୍ରମର ଅଧିକାରୀ । ତାଙ୍କ ଠାରେ ନିହିତ ଥିଲା ଅଦ୍ଭୁତ କବତ୍ୱ । ଯୋଦ୍ଧାଭାବେ, ସେବକ ଭାବେ, ଦେଶବତ୍ସଳ ଭାବେ ଓ ଭକ୍ତ ଭାବେ ସେ ଥିଲେ ଅଦିତ୍ୟ । ତାଙ୍କୁ ନେଇ ଅନେକ ଲୋକ ଗର୍ବିତ । ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ସେନାପତି ବିପ୍ଲବୀ ବୀର ଚାଖି ଖୁଣ୍ଟିଆ । ଯାହାଙ୍କର ଅନ୍ୟନାମ ଚନ୍ଦନହଜୁରୀ ।

ଏକଦା ବଡ଼ଦାଣ୍ଡରେ ବୃହତ୍‌କାୟ ଦୁଇଟି ରଥଚକକୁ ଏକାକୀ ଟାଣିନେବାର ଅସମ୍ଭବ ଦୃଶ୍ୟ ପ୍ରଦର୍ଶନ କରି ତତ୍‌କାଳୀନ ରାଣୀ ସୂର୍ଯ୍ୟମଣି ପାଟମହାଦେଇ ତାଙ୍କୁ ସନନ୍ଦ ପ୍ରଦାନ କରିଥିଲେ । ଅସାଧାରଣ ବଳବିକ୍ରମ ଓ ବିଚକ୍ଷଣ ବୁଦ୍ଧି ତାଙ୍କ ବ୍ୟକ୍ତିତ୍ୱକୁ ବହୁଗୁଣିତ କରିଥିଲା । ସବୁଥିରେ ସେ ଥିଲେ ଅସାଧାରଣ । ସାରା ଜୀବନ ପୁଲିସ୍ ରୋଷର ଶିକାର ହୋଇଥିଲେ ସିଏ । ୧୮୫୭ର ସିପାହୀ ବିଦ୍ରୋହ ଓ ଏଥିରେ ବିଦ୍ରୋହର ତୁଙ୍ଗନେତା ନାନା ସାହେବ ଓ ରାଣୀ ଲକ୍ଷ୍ମୀବାଇଙ୍କ ସହ ତାଙ୍କର ସଂପୃକ୍ତ ହେତୁ ବାରମ୍ବାର ଇଂରେଜ ସରକାରଙ୍କ ଦ୍ୱାରା ନିର୍ଯ୍ୟାତନା ଭୋଗିବାକୁ ପଡ଼ିଥିଲା ତାଙ୍କୁ ।

୧୭୮୫ ମସିହାରେ ପୁରୀରେ ଏକ ରକ୍ଷଣଶୀଳ ପରିବାରରେ ତାଙ୍କର ଜନ୍ମ । ପିତାଙ୍କ ନାମ ଥିଲା ରଘୁନାଥ ଖୁଣ୍ଟିଆ ଓ ମାତାଙ୍କ ନାମ ଥିଲା କମଳା ଦେବୀ । ଯାତ୍ରୀ ବ୍ୟବସାୟ ଥିଲା ରଘୁନାଥଙ୍କର କୌଳିକ ବୃତ୍ତି । ପରମ୍ପରା ଅନୁସାରେ ଭାରତର ବିଭିନ୍ନ ପ୍ରାନ୍ତକୁ ଯାଇ ଯାତ୍ରୀମାନଙ୍କୁ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକର୍ଷିତ କରାଇବାକୁ ପ୍ରୋତ୍ସାହିତ କରିବା ଥିଲା ବ୍ୟବସାୟର ଲକ୍ଷ୍ୟ । ଏଥିରେ ସେମାନେ ବେଶ୍ ଲାଭବାନ ହେଉଥିଲେ । ପିତା ରଘୁନାଥଙ୍କର ସେ ସମୟରେ ପେଶୱାଙ୍କ ରାଜ୍ୟ ବିଠୁର ସହିତ ଉତ୍ତମ ବ୍ୟବସାୟିକ ସଂପର୍କ ଥିଲା । ଦାୟାଦ ସୂତ୍ରେ ଚାଖି ଆଦରି ନେଇଥିଲେ ସେଇ ବୃତ୍ତିକୁ । ଏଥିପାଇଁ ବିଠୁର ତଥା ଉତ୍ତର ଭାରତରେ ଅନ୍ୟାନ୍ୟ ସ୍ଥାନକୁ ତାଙ୍କୁ ବାରମ୍ବାର ଯିବାକୁ ପଡୁଥିଲା । ତତ୍‌କାଳୀନ ପ୍ରଥାନୁସାରେ ଚାଖି ସ୍ୱଳ୍ପ ବୟସରେ ସୌଦାମିନୀକୁ ବିବାହ କରିଥିଲେ । ମାତ୍ର ଦୁର୍ଭାଗ୍ୟର ସହୋଦର ଚାଖି ସଂସାର କରି ମଧ୍ୟ ସଂସାର ସୁଖରୁ ବଂଚିତ ହୋଇଥିଲେ । ପାରିବାରିକ ସଂପର୍କ ତାଙ୍କର ବ୍ୟାହତ ହୋଇଥିଲା ଦେଶ ମାତୃକା ଲାଗି ।

ଶୈଶବରେ କୁସ୍ତି କସରତ କରି ସେ ହୋଇଥିଲେ ଅସୀମ ଶକ୍ତି ଓ ସାହସର ଅଧିକାରୀ । ପୁରାଣର ଭୀମ ଭଳି ସେ ବଳଶାଳୀ ଥିବାର ଶୁଣାଯାଏ । ଏହା ସହିତ ସଂସ୍କୃତ, ଓଡ଼ିଆ ତଥା ଭାରତୀୟ ପୁରାଣ ଶାସ୍ତ୍ରରେ ତାଙ୍କର ଯଥେଷ୍ଟ ପାରଦର୍ଶିତା ଥିଲା । ସେ ମଧ୍ୟ ପଣ୍ଡିତ ରାମଦୟାଲ ଠାକୁରଙ୍କ ଠାରୁ ହିନ୍ଦୀ ଶିକ୍ଷା ଲାଭ କରିଥିଲା । ତାଣ୍ଟ୍ୟା ଥିଲେ ଏକ ଆକର୍ଷଣୀୟ ବ୍ୟକ୍ତିତ୍ୱର ଅଧିକାରୀ । ଅଗ୍ନିବ ଭାଷଣ ପ୍ରଦାନରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା । ସେବା କାର୍ଯ୍ୟକୁ ଜୀବନରେ ବ୍ରତ ଭାବେ ଗ୍ରହଣ କରିଥିଲେ ତାଣ୍ଟ୍ୟା ।

ଜାତୀୟତାର ମହାମନ୍ତ୍ର ତାଙ୍କ ଭିତରେ ଅହରହ ହେଉଥିଲା । ୧୭୫୭ ମସିହାରେ ପଲାସି ଯୁଦ୍ଧକ୍ଷେତ୍ରରେ ଇଷ୍ଟଇଣ୍ଡିଆ କମ୍ପାନୀ ଓ ଗୃହଭେଦୀମାନଙ୍କର ଚକ୍ରାନ୍ତରେ ଶିକାର ହୋଇଥିଲେ ବଙ୍ଗଳାର ନବାବ ସିରାଜଉଦ୍ଦୌଲା । ଯୁଦ୍ଧରେ ସିଏ ପରାସ୍ତ ଓ ନିହତ ହେଲାପରେ ବ୍ରିଟିଶ୍ ସାମ୍ରାଜ୍ୟବାଦ ପ୍ରସାରିତ ହେବା ସଂଗେ ସଂଗେ ଭାରତର ସ୍ୱାଧୀନତା ବିପନ୍ନ ହୋଇପଡ଼ିଲା । ସାମନ୍ତ ସନ୍ଧି, ରାଜସ୍ୱର ଲୋପନୀତି ଆଦି କୂଟନୀତି ପ୍ରୟୋଗ ଦ୍ୱାରା ଏବଂ ଚାଣକତା, ବିଶ୍ୱାସଘାତକତା, ଷଡ଼ଯନ୍ତ୍ର ଦ୍ୱାରା ବ୍ରିଟିଶ୍ ନିଜର କାୟା ବିସ୍ତାର କରି ଚାଲିଲା ଭାରତରେ । ଭାରତୀୟମାନେ ଦୀର୍ଘ ପ୍ରାୟ ଏକ ଶତାବ୍ଦୀ ଧରି ନିର୍ଯ୍ୟାତିତ ହେଲାପରେ ସଚେତନ ହେଲେ । ସେମାନଙ୍କ ଅନ୍ତରର ସ୍ତୂପୀକୃତ ଅସନ୍ତୋଷ ଏକ ବିସ୍ଫୋରକର ରୂପ ନେଲା । ୧୮୫୭ ସିପାହୀ ବିଦ୍ରୋହ ନାମରେ । ସିପାହୀମାନଙ୍କ ମଧ୍ୟରେ ସୀମାବଦ୍ଧ ନଥିଲା । ବ୍ରିଟିଶ୍ ଶାସନର ଯେଉଁ ଅଦମ୍ୟ ଇଚ୍ଛା ଭାରତୀୟମାନଙ୍କ ଭିତରେ ଜାଗି ଉଠିଥିଲା । ଏ ବିଦ୍ରୋହ ଥିଲା ତା'ର ପରିଣତ । ସ୍ୱାଭିମାନୀ, ଦେଶବତ୍ସଳ, ଶକ୍ତିଶାଳୀ ତାଣ୍ଟ୍ୟା ଏହି ଆନ୍ଦୋଳନରେ ଝାସ ଦେଲେ । ଇଂରେଜ ଶକ୍ତି ବିରୁଦ୍ଧରେ ୧୮୫୭ର ସିପାହୀ ବିଦ୍ରୋହ ବାସ୍ତବରେ ଭାରତୀୟମାନଙ୍କର ପ୍ରଥମ ମୁକ୍ତି ବିପ୍ଳବ ନୁହେଁ । ପ୍ରଥମ ବିପ୍ଳବ ଆରମ୍ଭ ହୋଇଥିଲା ୧୮୧୭ ମସିହାରେ । ଯାହାର ନାମ ଥିଲା ପାଇକ ବିଦ୍ରୋହ । ପାଇକ ବିଦ୍ରୋହରେ ଓଡ଼ିଆ ପାଇକର ରଣହୁଙ୍କାର ଶତ୍ରୁ ହୃଦୟରେ ଆତଙ୍କ ଖେଳାଇ ଦେଇଥିଲା । ଏଇ ପାଇକ ବିଦ୍ରୋହ ତାଣ୍ଟ୍ୟା ଖୁଣ୍ଟିଆଙ୍କ ପାଇଁ ଥିଲା ବିପ୍ଳବ କୌଶଳ ଶିକ୍ଷାର ପ୍ରାଥମିକ କ୍ଷେତ୍ର ।

ମରାଠା ସୈନ୍ୟବାହିନୀର ପ୍ରଧାନ ସେନାପତି ମୋରପନ୍ତ ତାମ୍ବେଙ୍କର ତୀର୍ଥଗୁରୁ ଥିଲେ ତାଣ୍ଟ୍ୟା ଖୁଣ୍ଟିଆ । ଏଇ ମୋରାପନ୍ତଙ୍କ କନ୍ୟା ଥିଲେ ରାଣୀ ଲକ୍ଷ୍ମୀବାଇ । କ୍ରମେ ବୃତ୍ତିଗତ ଓ ଜାତୀୟ ଜଗତ କାରଣରୁ ମୋରାପନ୍ତ ଓ ଲକ୍ଷ୍ମୀବାଇଙ୍କ ସହ ତାଣ୍ଟ୍ୟାଙ୍କର ଘନିଷ୍ଠତା ବୃଦ୍ଧି ପାଇଲା । ଅବଲୀଳା କ୍ରମେ ବ୍ୟବସାୟିକ କ୍ଷେତ୍ର ବିଥୁର ଠାରେ ପେଶୱା ବାଜିରାଓଙ୍କ ପୋଷ୍ୟ ପୁତ୍ର ନାନାସାହେବଙ୍କ ସହ ତାଣ୍ଟ୍ୟାଙ୍କର ସଂପର୍କ ଓ ନିବିଡ଼ତା ବିଦ୍ରୋହର ଗତିକୁ ବହୁଗୁଣିତ କଲା । ରାଣୀ ଲକ୍ଷ୍ମୀବାଇ ତାଣ୍ଟ୍ୟାଙ୍କୁ ଗଭୀର ବିଶ୍ୱାସ କରୁଥିଲେ । ତାଣ୍ଟ୍ୟାଙ୍କ ଉପରେ ତାଙ୍କର ଯଥେଷ୍ଟ ଭରସା ଥିଲା । ଅନେକାନେକ ପଦକ୍ଷେପ ନେବାବେଳେ ସିଏ ତାଣ୍ଟ୍ୟାଙ୍କ ପରାମର୍ଶ ଲୋଡୁଥିଲେ । କେତେକ କୁହନ୍ତି ଯେ ସିଏ ଝାନ୍‌ସୀ ରାଣୀ ଲକ୍ଷ୍ମୀବାଇଙ୍କ କୁଳ ପୁରୋହିତ ଥିଲେ । ସିପାହୀ ବିଦ୍ରୋହ ଆରମ୍ଭ ପୂର୍ବରୁ ଝାନ୍‌ସୀ ଲକ୍ଷ୍ମୀବାଇ ତାଣ୍ଟ୍ୟାଙ୍କ ପରାମର୍ଶ ଲୋଡୁଥିଲେ । ତା ୧୧.୫.୧୮୫୪ ରୁ ତା ୧୮.୭.୧୮୫୭ ମସିହାରେ ରାଣୀ ଲକ୍ଷ୍ମୀବାଇଙ୍କ ଦ୍ୱାରା ତାଣ୍ଟ୍ୟାଙ୍କୁ ପ୍ରଦତ୍ତ ଦୁଇଟି ପତ୍ର ଐତିହାସିକମାନଙ୍କର ହସ୍ତଗତ ହୋଇଛି ।

ଯେଉଁଥିରେ ସିପାହୀ ବିଦ୍ରୋହ ପରିଚାଳନରେ ଚାଖି ଖୁଣ୍ଟିଆଙ୍କ ବୈଶିଷ୍ଟ୍ୟ ପ୍ରକାଶିତ । ଅବଶ୍ୟ ଅନେକ ଐତିହାସିକ ଚାଖିଙ୍କର ସିପାହୀ ବିଦ୍ରୋହର ସଂପୃକ୍ତିକୁ ଅସ୍ୱୀକାର କରିଥାନ୍ତି । ତେବେ ଅଧୁନା ଅଭିଲେଖାଗାରରେ ମହଜୁଦ୍ ଥିବା ତତ୍‌କାଳୀନ ଜିଲ୍ଲା ପ୍ରଶାସକ ଓ ଅନ୍ୟ ପଦାଧିକାରୀମାନଙ୍କ ହସ୍ତଲେଖା ନଥିଲେ ଚାଖିଙ୍କୁ 'ସିପାହୀ ପଣ୍ଡା' ବୋଲି ଅଭିହିତ କରାଯାଇଛି । ଏଣୁ ଅନୁମାନ କରାଯାଏ ସିପାହୀମାନେ ବିଦ୍ରୋହ ସମୟରେ ଏନ୍‌ଫିଲଡ ରାଇଫଲରେ ଗୋରୁ ଚର୍ବିଦ୍ୱାରା ଲଗାଯାଇଥିବା ଟୁଟୁ ବ୍ୟବହାରକୁ ଯେଉଁ ବିରୋଧ କରୁଥିଲେ ସେ ବିରୋଧାଭାସକୁ ଅଧିକ କରିବା ପାଇଁ ଚାଖି ଜ୍ୱାଳାମୁଖୀ ଭାଷଣ ମାଧମରେ ଇନ୍ଧନ ଯୋଗାଇଥିଲେ ।

ଏହି ସମୟକୁ ସିପାହୀମାନେ ହିନ୍ଦୁଧର୍ମକୁ ହୀନଦୃଷ୍ଟିରେ ଦେଖୁଥିଲେ ଓ ଖ୍ରୀଷ୍ଟଧର୍ମ ପ୍ରସାର ପାଇଁ ଆଗୁସାର ଥିଲେ । ଫଳତଃ ଭାରତୀୟ ସମାଜ ଏକ ସଂକଟ ପରିସ୍ଥିତି ଦେଇ ଗତି କରୁଥିଲା । ଜଗନ୍ନାଥ ସଂସ୍କୃତିର ଦାୟଦ ଭାବେ, ଜଗନ୍ନାଥଙ୍କ ସେବକ ଭାବେ ଚାଖି ସିପାହୀମାନଙ୍କ ଶ୍ରଦ୍ଧା, ସମ୍ମାନ ଓ ବିଶ୍ୱାସ ଭାଜନ ହୋଇପାରିଥିଲେ । ଏଣୁ ପ୍ରାୟତଃ ନିରକ୍ଷର ସିପାହୀମାନଙ୍କୁ ଏରିଫିଲ୍‌ଡ ରାଇଫଲ ବ୍ୟବହାର ବିରୁଦ୍ଧରେ ପ୍ରବର୍ତ୍ତାଇବା ଚାଖିଙ୍କ ପକ୍ଷେ ଖୁବ୍ ସମ୍ଭବ ଥିଲା । କାରଣ ବିପ୍ଳବର ଆଶୁ କାରଣ ଥିଲା ଧର୍ମଗତ । ଫଳତଃ ଚାଖି ଖୁବ୍ ଶୀଘ୍ର ସରକାରଙ୍କ ସନ୍ଦେହର ବିଷବଳୟ ଭିତରକୁ ଯାଇଥିଲେ । ପୁଲିସ୍ ଆଖିରେ ଧୂଳି ଦେଇ ଚାଖି ଉତ୍ତର ଭାରତର ବିଭିନ୍ନ ଅଞ୍ଚଳରେ ଘୁରି ବୁଲିଲେ । ବିଶେଷତଃ ଲକ୍ଷ୍ମୀବାଈଙ୍କ ମୃତ୍ୟୁପରେ ଚାଖି ଆତ୍ମଗୋପନ କରିଥିଲେ । ଶେଷରେ ଲକ୍ଷ୍ନୌ ଠାରେ ସଂଘଟିତ ବିଦ୍ରୋହର ଅନ୍ୟତମ ନେତା ରୂପେ ଅଭିଯୁକ୍ତ କରାଯାଇ ତାଙ୍କୁ ବିହାର ଠାରେ ବନ୍ଦୀ କରାଯାଇଥିଲା । ପୁରୀରେ ଥିବା ତାଙ୍କର ପୈତୃକ ସଂପତ୍ତିକୁ ବାଜ୍ୟାପ୍ତି କରିଦିଆଗଲା । ୧୮୫୮ରେ ତାଙ୍କୁ ରାଜକ୍ଷମା ଦିଆଯାଇ ମୁକ୍ତି ଦିଆଗଲା । ସତ ହେଲେ ତାଙ୍କୁ ବୃତ୍ତିଗତ ଯାତ୍ରୀ ବ୍ୟବସାୟରୁ ଉଚ୍ଛେଦ କରିଦିଆଗଲା । ଏ ପର୍ଯ୍ୟନ୍ତ ଓଡ଼ିଶାରେ ଲୋକେ ଧରିନେଇଥିଲେ ଯେ ଚାଖିଙ୍କର ମୃତ୍ୟୁ ଘଟିଲା । ଏହା ଜାଣି ତାଙ୍କ ପତ୍ନୀ ମଧ ବୈଧବ୍ୟ ଆଦରି ନେଇଥିଲେ । ମାତ୍ର ତାଙ୍କର ପୁରୀକୁ ପୁନରାଗମନରେ ସାଧାରଣରେ ଏକ ଢଙ୍ଗ ସୃଷ୍ଟି ହେଲା-

''ନଇରେ କାଳିଆ ଚହଟିଲା
ଶଙ୍ଖା ସିନ୍ଦୁର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା ।''

ଏସବୁ ସତ୍ତ୍ୱେ ବ୍ରିଟିଶ୍ ପୋଲିସ୍‌ର ସତର୍କ ଦୃଷ୍ଟି ସର୍ବଦା ଚାଖିଙ୍କ ଉପରେ ଥିଲା । ପୋଲିସ୍‌ର ଅନୁସନ୍ଧାନ ଅନୁସାରେ ସିପାହୀ ବିଦ୍ରୋହର ଅନ୍ୟତମ ପ୍ରମୁଖ ନେତା ଅଜିମୁଲ୍ଲା ଖାଁ ଯିଏକି ନାନା ସାହେବଙ୍କର ସହକାରୀ ଥିଲେ ତାଙ୍କ ସହ ଚାଖିଙ୍କର ସଂପର୍କ ଥିଲା । ଏଥିପାଇଁ ସରକାରୀ ହୁକୁମ-ନାମା ଅନୁସାରେ ହରଚଣ୍ଡୀ ସାହି ନିବାସୀ ଚନ୍ଦନହଜୁରୀ ଓରଫ ଚାଖି ଖୁଣ୍ଟିଆଙ୍କୁ ନିୟମିତ ଥାନାରେ ହାଜିରା ଦେବାକୁ ପଡୁଥିଲା । ଏଭଳି ଅବାଞ୍ଛନୀୟ ପରିସ୍ଥିତି ଓ ଭାଗ୍ୟର ବିଡ଼ମ୍ବନାରେ ଅତିଷ୍ଠ ହୋଇପଡ଼ିଥିଲେ ମହାବୀର ଚାଖି । ବାରମ୍ବାର କିଛି କାରଣ ନଥାଇ ତାଙ୍କ ଘରର ଖାନତଲାସ କରାଯାଉଥିଲା । ବାଧହୋଇ ଚାଖି ପ୍ରତିକାର ସ୍ୱରୂପ ନିଜ ପିଲାଙ୍କୁ ବିଶ୍ୱନାଥ ମହାସୁଆରଙ୍କ ଘରକୁ ପଠାଇ ଦେଇଥିଲେ ଓ ଚଳିବା ପାଇଁ ଦୟା ବେହେରା ନାମକ ବିଶ୍ୱସ୍ତ ଭୃତ୍ୟ ମାଧମରେ କିଛି

ଅବଶିଷ୍ଟ ପୈତୃକ ସଂପତ୍ତି ହସ୍ତାନ୍ତର କରିଥିଲେ । ଏହାପରେ ବ୍ୟଥା ବେଦନାରେ ଅତିଷ୍ଠ ଚାଖି ପଟ୍ଟନାୟକ ଶ୍ରୀଜଗନ୍ନାଥଙ୍କ ଚରଣରେ ରହିଲେ । ଜଗନ୍ନାଥଙ୍କ ଭଜନ ଜଣାଣ ରଚନା କରି ଓଡ଼ିଆ ସରସ୍ୱତୀଙ୍କ ସେବା କଲେ । ତାଙ୍କଦ୍ୱାରା 'ମନୁବାଇ' ନାମକ ଏକ କାବ୍ୟ ରଚିତ ହୋଇଥିଲା । ଯାହା ସିପାହୀ ବିଦ୍ରୋହ ଓ ଲକ୍ଷ୍ମୀବାଇଙ୍କ ବଳିଦାନ ଘଟଣା ଉପରେ ଆଧାରିତ । ଅବଶେଷରେ ୧୮୭୦ ମସିହାରେ ତାଙ୍କ ମହା ଜୀବନର ଅବସାନ ଘଟିଲା ।

•

# ଶ୍ରୀମଦ୍‌ଭଗବତ୍ ଗୀତାରେ ସଂସାରବୃକ୍ଷ ସ୍ୱରୂପ ବର୍ଣ୍ଣନ

ଡ. ଅଞ୍ଜଳି ଦେଇ
ମୁଖ୍ୟ ଅଧ୍ୟାପିକା, ସଂସ୍କୃତ ବିଭାଗ

ସଂସାରରେ ଗୋଟିଏ ମାତ୍ର ଶାସ୍ତ୍ର, ତାହା ହେଉଛି ଶ୍ରୀମଦ୍‌ଭଗବଦ୍ ଗୀତା । ପରମପାବନୀ ଗୀତା ସାରା ସଂସାରକୁ ଉଦ୍ଧାର କରିବା ପାଇଁ ସ୍ୱର୍ଗ ଗଙ୍ଗାଭଳି ଏହି ପୃଥିବୀରେ ଆବିର୍ଭୂତା । ସ୍ୱୟଂ ଭଗବାନଙ୍କର ମୁଖନିଃସୃତ ହୋଇଥିବାରୁ ଏହା ସକଳ ତୀର୍ଥଠାରୁ ଅଧିକ ପବିତ୍ର । ତେଣୁ ଗୀତା ରୂପକ ଗଙ୍ଗା ଜଳକୁ ପାନ କଲେ ପ୍ରାଣୀ ମୁକ୍ତିଲାଭ କରେ । ଆଉ ତା'ର ପୁନର୍ଜନ୍ମ ହୁଏ ନାହିଁ । ତେଣୁ ଯଥାର୍ଥରେ ବର୍ଣ୍ଣିତ ହୋଇଛି :-

'ଗୀତା ଗଙ୍ଗୋଦକଂ ପିତ୍ୱା ପୁନର୍ଜନ୍ମ ନବିଦ୍ୟତେ'

ଗୀତାରେ ଯାହା ନାହିଁ ଆଧ୍ୟାତ୍ମିକ ଚିନ୍ତା ଜଗତରେ ସମଗ୍ର ବିଶ୍ୱରେ ସେପରି ତତ୍ତ୍ୱ ନାହିଁ । ତେଣୁ ଗୀତାର ଜ୍ଞାନ ଆତ୍ମଜ୍ଞାନ ଏବଂ ମୁକ୍ତି ପ୍ରଦାନରେ ସାହାଯ୍ୟ କରିଥାଏ । ଏହା ସମଗ୍ର ମାନବ ଜାତିର ଏକ ଅମୂଲ୍ୟ ନିଧି । ମଣିଷ ମନର ଅନ୍ତଃ ପ୍ରଦେଶରେ ରହିଥିବା ସମସ୍ୟାଗୁଡ଼ିକର ସମାଧାନ କରିବା ପାଇଁ ଗୀତାର ବାଣୀର ଆବଶ୍ୟକତା ଅଛି ।

ଗୀତାର ଜ୍ଞାନ ପୁରା ବିଜ୍ଞାନ ଚିନ୍ତାଧାରା ସମ୍ମତ । ଏହାଦ୍ୱାରା ଆମେ ଆମର ଆତ୍ମା ସମ୍ବନ୍ଧୀୟ ଜ୍ଞାନକୁ ଠିକ୍ ଭାବରେ ବୁଝିପାରିବା । ଏହା ମଧ୍ୟ ଆମର ବିଶୃଙ୍ଖଳିତ ଏବଂ ଉଦ୍ଦେଶ୍ୟହୀନ ଜୀବନ ଯାପନ ପ୍ରଣାଳୀରେ ପୂର୍ଣ୍ଣଚ୍ଛେଦ ପକାଇ ଏକ ଆଦର୍ଶ ଶାନ୍ତ ଆନନ୍ଦମୟ ଓ ପୂର୍ଣ୍ଣ ଜୀବନଯାପନ କରିବା ପାଇଁ ପଥ ପ୍ରଦର୍ଶନ କରିଥାଏ ।

ଏଣୁ ଏକାନ୍ତଭକ୍ତିର ସାଧନ ନିମିତ୍ତ ଜ୍ଞାନାଲୋକ ଆବଶ୍ୟକ । ''ଜ୍ଞାନାଦୃତେ ନ ମୁକ୍ତିଃ'' । ଜ୍ଞାନଲୋକରେ ଭକ୍ତିର ସଞ୍ଚାର ହୁଏ । ଏକାନ୍ତ ଭକ୍ତିରେ ବ୍ରହ୍ମୋପଲବ୍ଧି ହୋଇପାରେ । ସୁତରାଂ ଏଥିପାଇଁ ବୈରାଗ୍ୟ ଆବଶ୍ୟକ । ଅତଏବ ସଂସାରର ସ୍ୱରୂପକୁ ନ ଜାଣିଲେ ବୈରାଗ୍ୟ ବା କିପରି ସମ୍ଭବ ହେବ ?

ଏଣୁ ଭଗବାନ ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗରେ ସଂସାରର ସ୍ୱରୂପ ବୁଝାଇ ଅଛନ୍ତି ।

ଷଡୈଶ୍ୱର୍ଯ୍ୟପୂର୍ଣ୍ଣ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ଏ ସଂସାର ଏକ ଓଲଟ ଅଶ୍ୱତ୍ଥ ବୃକ୍ଷ । ଏହାର ମୂଳ ଉର୍ଦ୍ଧ୍ୱରେ ରହିଅଛି । ଅର୍ଥାତ୍ ଏହା ଏକ ଉତ୍କୃଷ୍ଟ ସ୍ଥାନରେ ବ୍ରହ୍ମସତ୍ତା ମଧ୍ୟରେ ବିଦ୍ୟମାନ । 'ବ୍ରହ୍ମସତ୍ୟଂ, ଜଗତମିଥ୍ୟା' । ବ୍ରହ୍ମ ହିଁ ସଂସାର ସୃଷ୍ଟିର ମୂଳ ଯଦିଓ ସେ ସଂସାରର କ୍ରିୟାକଳାପ ସହିତ ସଂଶ୍ଳିଷ୍ଟ ନୁହନ୍ତି । ଏହି ହେତୁରୁ 'ଉର୍ଦ୍ଧ୍ୱମୂଳ' ଶବ୍ଦ ଗୀତାରେ ପ୍ରୟୋଗ କରାଯାଇଛି । ସେହି ବୃକ୍ଷଶାଖାସବୁ ସଚରାଚର ସଂସାରରେ ବ୍ୟାପି ରହିଛି । ବୃକ୍ଷଟିକୁ ଅଶ୍ୱତ୍ଥ ବୃକ୍ଷ ବୋଲି କହିବାର ଉଦ୍ଦେଶ୍ୟ ହେଉଛି ଏହା ବିଷ୍ଣୁଙ୍କର ସ୍ୱରୂପ । ଅନ୍ୟ ଭାବରେ ବୁଝିବାକୁ ଗଲେ 'ଅ' ଅର୍ଥ ନୁହେଁ, 'ଶ୍ୱ' ଅର୍ଥ ଆସନ୍ତା କାଲି, 'ସ୍ଥ' ଅର୍ଥ ରହିବ । ଅର୍ଥାତ୍ ଯାହା ଆଜି ଅଛି, ମାତ୍ର କାଲିକି ରହିବ ନାହିଁ । ଏହା ହେଉଛି କ୍ଷଣସ୍ଥାୟୀ । ଏକଥା ଯେଉଁ ବ୍ୟକ୍ତି ଜାଣନ୍ତି, ସେ ବେଦବିତ୍ ।

ସଂସାରରୂପୀ ବୃକ୍ଷର ଶାଖାଗୁଡ଼ିକ ସତ୍ତ୍ୱ-ରଜ-ତମ ଆଦି ଗୁଣଦ୍ୱାରା ପରିବର୍ଦ୍ଧିତ ହୋଇଅଛି । ରୂପରସାଦି ବିଷୟରୂପ ପଲ୍ଲବଯୁକ୍ତ ହୋଇ ଓ ବୃକ୍ଷ ନିମ୍ନଭାଗରେ ତଳ ଉପର ହୋଇ ବିସ୍ତାରିତ ହୋଇଛି । ଏହି ସଂସାରରେ ଥିବା ପ୍ରାଣୀମାନଙ୍କୁ ଏ ସଂସାର ବୃକ୍ଷର ରୂପ, ଆଦି, ଅନ୍ତ, ସ୍ଥିତି କିଛି ଜଣା ନଥାଏ । ଏଣୁ ଦୃଢ଼ମୂଳ ବିଶିଷ୍ଟ ଏହି ଅଶ୍ୱତ୍ଥ ବୃକ୍ଷକୁ କଠୋର ବୈରାଗ୍ୟ ରୂପ କୁଠାରରେ ଛେଦନ କରି ତତ୍ତ୍ୱଚିନ୍ତାରେ ଭଗବତ୍ ପ୍ରାପ୍ତି ପାଇଁ ଯତ୍ନ କରିବା ବିଧେୟ । ତାହାପରେ ଯାହାଙ୍କଠାରୁ ଏହି ସନାତନ ସଂସାର ପ୍ରବୃତ୍ତି ପରିବ୍ୟାପ୍ତ ହୋଇଛି ସେହି ଆଦିପୁରୁଷ ପରମେଶ୍ୱରଙ୍କଠାରେ ମୁଁ ଶରଣାପନ୍ନ ହେଉଅଛି । ଏହିପରି କହି ଏକାନ୍ତ ଚିତ୍ତରେ ସେହି ପରମପଦକୁ ଅନ୍ୱେଷଣ କରିବା ବିଧେୟ । ଉଏ ସେହି ବ୍ରହ୍ମପଦ, ଯାହାକୁ ପ୍ରାପ୍ତ ହେଲେ ଆଉ ପୁଣି ସଂସାରକୁ ଫେରି ଆସିବାକୁ ପଡ଼େ ନାହିଁ । ତେଣୁ ଗୀତାରେ କୁହାଯାଇଛି-

*ତତଃ ପଦଂ ତତ୍ ପରିମାର୍ଗିତବ୍ୟଂ*
*ଯସ୍ମିନ୍ ଗତାଃ ନ ନିବର୍ତ୍ତନ୍ତି ଭୂୟଃ ।*
*ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ*
*ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।*

ଯେଉଁ ବିବେକୀମାନେ ଅହଂକାର ବର୍ଜନ କରି ସଂସାରର ମାୟା ମୋହରେ ନ ପଡ଼ନ୍ତି, ଯାହାଙ୍କର ଧନପୁତ୍ର ଆଦି ଲାଭ ପାଇଁ ଟିକିଏ ହେଲେ ଆସକ୍ତି ନଥାଏ, ଯେଉଁମାନେ ସତତ ଅଧ୍ୟାତ୍ମବିଦ୍ୟା ଚର୍ଚ୍ଚାରେ ନିରତ, ଯେଉଁମାନଙ୍କର କୌଣସି ପ୍ରକାର ପାର୍ଥିବ ଇତ୍ୟାଦି ଯୁଗ୍ମ ବା ଦ୍ୱନ୍ଦ୍ୱ ବସ୍ତୁ ପ୍ରତି କୌଣସି ପ୍ରତିକ୍ରିୟା ନଥାଏ, ସେହି ଜ୍ଞାନବନ୍ତ ବ୍ୟକ୍ତିମାନେ ହିଁ ପରମପଦ ବା ମୋକ୍ଷପଦ ଲାଭ କରିବାରେ ସଫଳ ହୁଅନ୍ତି । ସେମାନେ ହେଉଛନ୍ତି ବାସ୍ତବରେ ସ୍ଥିତପ୍ରଜ୍ଞ ବ୍ୟକ୍ତି । ଗୀତାରେ ଏହା ସ୍ପଷ୍ଟ ଭାବରେ କୁହାଯାଇଛି-

ନିର୍ମାଣମୋହା ଜିତସଙ୍ଗ ଦୋଷା
ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମା
ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈ
ଗଚ୍ଛନ୍ତ୍ୟମୂଢ଼ାଃ ପଦମବ୍ୟୟଂ ତତ୍ ।।

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ପୁଣି କହିଛନ୍ତି, ଯାହାକୁ ସୂର୍ଯ୍ୟ, ଚନ୍ଦ୍ର ଓ ଅଗ୍ନି କେହି ପ୍ରକାଶିତ କରିପାରନ୍ତି ନାହିଁ ଓ ଯାହା ପ୍ରାପ୍ତ ହେଲେ, ଯୋଗୀମାନେ ପୁଣି ଆଉ ସଂସାରକୁ ଫେରିଆସନ୍ତି ନାହିଁ, ତାହା ମୋର ସର୍ବୋତ୍କୃଷ୍ଟ ସ୍ଥାନ ଅଟେ । ଏହି

ଜୀବଲୋକରେ କେବଳ ମୋରି ଅଂଶ 'ଜୀବ' ନାମରେ ସର୍ବଦା ପ୍ରସିଦ୍ଧ ଅଟେ । ଏହି ଜଗତରେ ଜୀବାତ୍ମା ପ୍ରକୃତିରେ ସ୍ଥିତ ପଞ୍ଚଇନ୍ଦ୍ରିୟ ଓ ମନକୁ ଆକର୍ଷଣ କରନ୍ତି । ବାୟୁ ପୁଷ୍ପମାନଙ୍କରୁ ଗନ୍ଧ ବୋହିନେଲାପରି ଜୀବ ଗୋଟିଏ ଶରୀରରୁ ବାହାରି ଅନ୍ୟ ଶରୀରରେ ପ୍ରବେଶ କରି ସଙ୍ଗରେ ଇନ୍ଦ୍ରିୟଗଣ ଓ ମନକୁ ବୋହି ନିଅନ୍ତି । ଯେଉଁମାନେ ଅଜ୍ଞ, ମୋହଗ୍ରସ୍ତ ସେମାନେ ତ୍ରିଗୁଣଯୁକ୍ତ ଜୀବାତ୍ମାକୁ ଦେଖିପାରନ୍ତି ନାହିଁ । କିନ୍ତୁ ଜ୍ଞାନନେତ୍ରଯୁକ୍ତ ମହାତ୍ମାମାନେ ତାହାକୁ ଦେଖିପାରନ୍ତି । ତେଣୁ ଗୀତାର ବାଣୀ ଏଥିରୁ ସୁସ୍ପଷ୍ଟ ବୁଝାପଡ଼େ-

ଉତ୍କ୍ରାମନ୍ତଂ ସ୍ଥିତଂ ବାପି
ଭୁଞ୍ଜାନଂ ବା ଗୁଣାନ୍ୱିତମ୍
ବିମୂଢ଼ା ନାନୁପଶ୍ୟନ୍ତି
ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ।

ଯୋଗୀମାନେ ବହୁ ପ୍ରଯତ୍ନ କରି ଏହି ଜୀବାତ୍ମାକୁ ନିଜ ଦେହରେ ବିରାଜମାନ କରିଥିବାର ଦେଖନ୍ତି । କିନ୍ତୁ ଅଶୁଦ୍ଧଚିତ୍ତ ମନ୍ଦବୁଦ୍ଧି ସମ୍ପନ୍ନ ବ୍ୟକ୍ତିମାନେ ଯତ୍ନ କଲେ ସୁଦ୍ଧା ଏହାକୁ ଦେଖିପାରନ୍ତି ନାହିଁ । ଶ୍ରୀକୃଷ୍ଣ ଅର୍ଜ୍ଜୁନଙ୍କୁ ପୁଣି କହୁଛନ୍ତି, ଯେଉଁ ତେଜ ସୂର୍ଯ୍ୟଙ୍କଠାରେ ରହି ଅଖିଳ ବିଶ୍ୱକୁ ଆଲୋକିତ କରୁଛି ଓ ଯାହାସବୁ ଚନ୍ଦ୍ର ଓ ଅଗ୍ନିଙ୍କ ଠାରେ ରହିଅଛି, ସେହି ତେଜ ମୋରି ଠାରୁ ନିର୍ଗତ ବୋଲି ତୁମେ ଜାଣିରଖ । ମୁଁ ପୃଥିବୀକୁ ଆସି ସମସ୍ତ ଜୀବଜଗତକୁ ଧାରଣ କରିଛି । ଆଉ ରସମୟ ଚନ୍ଦ୍ର ଭାବରେ ସମସ୍ତ ଔଷଧିକୁ ପରିପୁଷ୍ଟ କରୁଛି । ମୁଁ ପ୍ରାଣ, ଅପାନ ବାୟୁରେ ସଂଯୁକ୍ତ ଜଠରାଗ୍ନି ରୂପରେ ପ୍ରାଣୀମାନଙ୍କର ଦେହକୁ ଆଶ୍ରୟ କରି ଚତୁର୍ବିଧ ଖାଦ୍ୟକୁ ପରିପାକ କରେ ।

ମୁଁ ସମସ୍ତଙ୍କ ହୃଦୟରେ (ସର୍ବାନ୍ତର୍ଯ୍ୟାମୀ) ଜୀବାତ୍ମା ରୂପରେ ପ୍ରବିଷ୍ଟ ହୋଇଅଛି । ମୋରି ହେତୁ ସମସ୍ତଙ୍କର ସ୍ମରଣ ଓ ବିଷୟଜ୍ଞାନ ଜାତ ଓ କ୍ଷୟପ୍ରାପ୍ତ ହେଉଅଛି । ସମସ୍ତ ବେଦରେ ମୁଁ ଜ୍ଞେୟ । ମୁଁ ବେଦାନ୍ତର ପ୍ରଣେତା ଓ ମୁଁ ହିଁ ବେଦର ତତ୍ତ୍ୱ ଜାଣେ । ତେଣୁ ଗୀତାର ମର୍ମ ସୁସ୍ପଷ୍ଟ-

ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ
ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂ ଚ ।
ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ
ବେଦାନ୍ତକୃଦ୍ ବେଦବିଦେବ ଚାହମ୍ ।।

ଶ୍ରୀକୃଷ୍ଣ କହିଲେ, ହେ ନିଷ୍ପାପ ଅର୍ଜ୍ଜୁନ ! ତୁମ ଆଗରେ ମୁଁ ଗୀତାର ଗୂଢ଼ ରହସ୍ୟ ବିସ୍ତୃତ ଭାବରେ ବର୍ଣ୍ଣନା କଲି । ଏହା ଯେ କେହି ଲୋକ ଆଗରେ କହିବାର ନୁହେଁ, କାରଣ ଏହା ଅତି ଗୂଢ଼ ଓ ଅମୂଲ୍ୟ । ତୁମେ ନିଷ୍ପାପ ଏବଂ ଶୁଣିବାର ଯୋଗ୍ୟ ବୋଲି ବିଚାର କରି ତୁମ ଆଗରେ ଗୀତାର ରହସ୍ୟ ସଂପୂର୍ଣ୍ଣ ଭାବରେ କହିଲି । ଏହାର ଶ୍ରବଣ ମାତ୍ରକେ ଲୋକେ ବୁଦ୍ଧିମାନ ଓ ଜ୍ଞାନବାନ ହୁଅନ୍ତି । ଅର୍ଜ୍ଜୁନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଅଶେଷ ଶ୍ରଦ୍ଧା ଓ ଭକ୍ତି ଥିବାରୁ ଭଗବାନ ଶ୍ରୀକୃଷ୍ଣ ତାଙ୍କୁ ଏହି ସଂସାର ବୃକ୍ଷର ଗୂଢ଼ତତ୍ତ୍ୱ ପ୍ରଦାନ କରିଛନ୍ତି ।

●

# ଗୁରୁ

ଅଧ୍ୟାପକ କୁଞ୍ଜବିହାରୀ ମହାନ୍ତି
ବାଣିଜ୍ୟ ବିଭାଗ

"ଗୁରୁଙ୍କୁ ନ ମଣିବ ନର ।
ଗୁରୁହିଁ ପରମ ଈଶ୍ୱର ।।"

ଭାଗବତର ଏହି ବାଣୀ ଗୁରୁଙ୍କ ମହାନତା, ତାଙ୍କର ସିଦ୍ଧି, ତାଙ୍କର ସ୍ଥାନ କେତେ ଉଚ୍ଚ ତାହା ସୂଚାଉଛି । ମହାନତାଭରା ଭାରତୀୟ ସଂସ୍କୃତିରେ ଗୁରୁଙ୍କ ସିଦ୍ଧି ଓ ସ୍ୱରୂପ ଶୀର୍ଷସ୍ଥାନ ଗ୍ରହଣ କରିଛି । ସେହିପରି ଯୁଗେ ଯୁଗେ ଗୁରୁଙ୍କର ଗାରିମାମୟ ଗାଥା ସର୍ବଜନାଦୃତ । ପୁରାକାଳରେ ପୁଣ୍ୟଭୂମି ଭାରତରେ ଗୁରୁ ଆଉ ଗୁରୁକୁଳର ପରମ୍ପରା ଥିଲା ଅନନ୍ୟ ଓ ଅଭିନବ ।

'ଗୁ' ଅର୍ଥ ଅନ୍ଧାର ବା ଅଜ୍ଞାନ । 'ରୁ' ଅର୍ଥ ଆଲୋକ । ଅର୍ଥାତ୍ ଯିଏ ଶିଷ୍ୟ ମନରୁ ଅନ୍ଧାର ବା ଅଜ୍ଞାନ ଦୂରକରି ଆଲୋକ ପ୍ରଦାନ କରନ୍ତି, ସେହିଁ ଗୁରୁ । ଗୁରୁଙ୍କର ସତ୍ ସାନ୍ନିଧ ଶିଷ୍ୟର ଚଲାପଥକୁ ଆଲୋକିତ କରିଥାଏ, ଉଚିତ୍ ମାର୍ଗଦର୍ଶନ ମିଳିଥାଏ ଏବଂ ତାଙ୍କର ଅନୁଗ୍ରହ ଲକ୍ଷ୍ୟପ୍ରାପ୍ତି ଦିଗରେ ସହାୟକ ହୋଇଥାଏ । ଗୁରୁଙ୍କର ମାର୍ଗଦର୍ଶନ ମିଳିଲେ ହିଁ ଜଣେ ଆଗକୁ ଅଗ୍ରସର ହୋଇପାରେ । ସଫଳତାର ଶୀର୍ଷରେ ପହଞ୍ଚେଇବାର ମଜଭୁତ ଆଧାର ହେଉଛନ୍ତି ଗୁରୁ । ଗୁରୁଙ୍କର ଏକମାତ୍ର ଲକ୍ଷ୍ୟ ଶିଷ୍ୟର ପୂର୍ଣ୍ଣତା ପ୍ରାପ୍ତି ଓ ସଫଳତା ପ୍ରାପ୍ତିରେ ସହାୟକ ହେବା । ଗୁରୁକୃପା ମିଳିଲେ ଅନେକ ଅସାଧ୍ୟ କାମ ଅତିରେ ସମ୍ଭବ ହୋଇପାରେ । ଭାରତୀୟ ସଂସ୍କୃତିରେ ଗୁରୁ ଓ ଈଶ୍ୱରଙ୍କ ଭିତରେ ପ୍ରଭେଦ ନାହିଁ । ତାଙ୍କୁ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ବୋଲି ଉପମା ଦିଆଯାଇଛି । ଯାହାଙ୍କର ଚରିତ୍ର ନିର୍ମଳ, ଯାହାଙ୍କଠାରେ ଅଧ୍ୟୟନ-ଅଧ୍ୟବସାୟର ଅଗାଧ ଜ୍ଞାନ ଓ ସାମର୍ଥ୍ୟ ଥାଏ, ଯିଏ ଲୋକମଙ୍ଗଳ ପାଇଁ ଆତ୍ମ ବିସର୍ଜନ କରନ୍ତି - ସେ ହିଁ ଗୁରୁ ପଦବାଚ୍ୟ ।

ପୁରାକାଳ ଆର୍ଯ୍ୟଭୂମି ଭାରତବର୍ଷରେ ଗୁରୁ ଆଉ ଗୁରୁକୁଳର ମହାନତା ଥିଲା ବିଶ୍ୱଜନବିଦିତ । ଭାରତ ହେଉଛି ଗୁରୁବାଦର ଦେଶ । ସମ୍ଭବତଃ ଭାରତୀୟ ସଂସ୍କୃତି ଛଡ଼ା ଅନ୍ୟ କୌଣସି ସଂସ୍କୃତିରେ ଗୁରୁଙ୍କୁ ଏତେ ଉଚ୍ଚ ପଦ, ମର୍ଯ୍ୟାଦା ଓ ଗୌରବ ମିଳିନାହିଁ । ପୁରାତନ କାଳରେ ପରାଶର, ବଶିଷ୍ଠ, ବିଶ୍ୱାମିତ୍ର, ଧୌମ୍ୟ, ପର୍ଶୁରାମ, ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ, ସନ୍ଦୀପନି ପ୍ରଭୃତି ମହୀୟାନ ମହର୍ଷିମାନେ ଗୁରୁକୁଳର ଶ୍ରେଷ୍ଠ ପ୍ରତିନିଧି ଥିଲେ । ମହାଭାରତ ଯୁଗରେ ଗୁରୁ ସନ୍ଦୀପନୀଙ୍କ ଆଶ୍ରମରେ ଶ୍ରୀକୃଷ୍ଣ ଓ ବଳରାମ ଏବଂ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ନିକଟରେ ପାଣ୍ଡବ ଏବଂ କୌରବ ଶିକ୍ଷା ଲାଭ କରିଥିଲେ ।

ଗୁରୁକୁଳ ଆଶ୍ରମରୁ ଶିକ୍ଷା ଗ୍ରହଣ କରିଥିବା ଶ୍ରୀରାମ, ଶ୍ରୀକୃଷ୍ଣ, ଅର୍ଜୁନ, କପିଳ, ଗୌତମ, ଶଙ୍କର, ପାଣିନୀ ଓ ଆରୁଣୀ ପ୍ରଭୃତି ଆମ ସଂସ୍କୃତିର ଜଣେ ଜଣେ ମହାନ ଚରିତ୍ର । ଏମାନଙ୍କର ଚରିତ୍ର, ପରାକାଷ୍ଠା, ଆଚାର, ବ୍ୟବହାର, ଚାଲିଚଳନକୁ ଲକ୍ଷ୍ୟ କଲେ ଆମେ ସହଜରେ ଅନୁମାନ କରିପାରିବା

ଯେ, ଗୁରୁକୁଳ ଶିକ୍ଷା କେତେ ମହାନ । ଚରିତ୍ର ଗଠନ, ଜ୍ଞାନର ବିକାଶ, ସୁନୀତିର ପ୍ରତିଷ୍ଠା, ସର୍ବୋପରି ନୈତିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ପ୍ରଦାନ ଥିଲା ଏହି ଶିକ୍ଷାନୀତିର ମୂଳ ଲକ୍ଷ୍ୟ । ମଧ୍ୟଯୁଗର କବୀର ଏହି ଗୁରୁକୁଳ ପରମ୍ପରାକୁ ବ୍ୟାପକ ଓ ଆଦର୍ଶମୟ କରିଥିଲେ । ସେ ଗୁରୁଙ୍କୁ କୁମ୍ଭାର ଏବଂ ଶିଷ୍ୟକୁ କୁମ୍ଭ ତୁଲ୍ୟ ବର୍ଣ୍ଣନା କରିଛନ୍ତି ।

ଏହା କହିବା ବାହୁଲ୍ୟ ଯେ, ଜଣେ ଗୁରୁକୁଳରେ ବିଦ୍ୟାଶିକ୍ଷା କରି ବିପୁଳ ଜ୍ଞାନର ଅଧିକାରୀ ହୋଇପାରିଲେ ଯେ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହେବ, ତାହା ନୁହେଁ । ଶାରୀରିକ ଶକ୍ତି, ବ୍ୟାବହାରିକ ବିଦ୍ୟା-ଶିକ୍ଷା, ସାଧାରଣ ଜ୍ଞାନ, ନମ୍ରତା, ଆଚାର ବ୍ୟବହାର ଆଦିର ବିକାଶ ବିନା ଜଣେ ପ୍ରକୃତ ମଣିଷରେ ପରିଣତ ହେବା ଅସମ୍ଭବ ।

ପରବର୍ତ୍ତୀ ସମୟରେ ଆଧୁନିକ ଶିକ୍ଷାଦାନ ପ୍ରଣାଳୀ ଭାବେ ଚାଟଶାଳୀ ପାଠ ଆରମ୍ଭ ହେଲା । ଚାଟଶାଳୀ ଶିକ୍ଷାଦାନ ପଦ୍ଧତି ମଧ୍ୟ ବ୍ୟକ୍ତିକୁ ଉଚିତ ମାର୍ଗଦର୍ଶନ କରାଉଥିଲା । କାଳକ୍ରମେ ସମୟର ପରିବର୍ତ୍ତନ ସହିତ ସାମାଜିକ ସ୍ୱରୂପ ମଧ୍ୟ ବଦଳିବାରେ ଲାଗିଲା । ତେଣୁ ସମୟ ସହିତ ଗୁରୁକୁଳର ସଂଜ୍ଞା ଓ ସ୍ୱରୂପରେ ଆସିଲା ଢେର ପରିବର୍ତ୍ତନ । ଗୁରୁ-ଶିଷ୍ୟ ସଂପର୍କ ବଦଳିଗଲା । ବ୍ରିଟିଶ ଶାସନ କାଳରେ ଆଧୁନିକ ଶିକ୍ଷା ବ୍ୟବସ୍ଥାର ପ୍ରଚଳନ ହେଲା । ଧିରେ ଧିରେ ପ୍ରାଚୀନ ଗୁରୁକୁଳର ସ୍ଥାନ ଗ୍ରହଣ କଲା ପରବର୍ତ୍ତୀ କାଳର ବୌଦ୍ଧବିହାର, ଚତୁଷ୍ପାଠୀ, ଚାଟଶାଳୀ ଏବଂ ତା'ପରେ ବିଦ୍ୟାଳୟ, ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ବା କୋଚିଂ ସେଣ୍ଟର । ଆଉ ଗୁରୁ ବଦଳରେ ଆସିଲେ ଗୁରୁଜୀ, ଶିକ୍ଷାଗୁରୁ, ଆଚାର୍ଯ୍ୟ, ଅବଧାନ, ପଣ୍ଡିତ, ଫାଦର, ଉସ୍ତାଦ୍, ଅଧ୍ୟାପକ, ପ୍ରଫେସର, ସାର୍, ଟିଚର୍, ଟ୍ୟୁଟର କିମ୍ବା ଏହା ସ୍ତ୍ରୀ ରୂପ ।

ଜୀବନର ବିକାଶ ଓ ସଫଳତା ପାଇଁ ଗୁରୁଙ୍କ ଭୂମିକା ଅପରିହାର୍ଯ୍ୟ । ଶିଶୁଟିଏ ଭୂମିଷ୍ଠ ହେଲାମାତ୍ରେ ତା'ର ଶୁଦ୍ଧତା ଓ ବ୍ୟକ୍ତିତ୍ୱ ନିର୍ମାଣର ପ୍ରକ୍ରିୟା ପ୍ରଥମେ ଯିଏ ଆରମ୍ଭ କରନ୍ତି, ସେ ହେଉଛନ୍ତି ଜନ୍ମଦାତ୍ରୀ ମା' । ତା'ପରେ ବାପା, ଭାଇ, ଭଉଣୀ ଓ ଅନ୍ୟମାନେ ତାକୁ ସାହାଯ୍ୟ କରିଥାନ୍ତି । ଘର ବା ପରିବାରର ଶିକ୍ଷା ତାକୁ କେବଳ ନିଜର ରାସ୍ତା ନିଜେ ବାଛିବା ପାଇଁ ସକ୍ଷମ କରାଇଥାଏ । କିନ୍ତୁ ଜଣେ ଗୁରୁ ବା ଶିକ୍ଷକଙ୍କ ପ୍ରେରଣା ହିଁ ପ୍ରକୃତ ପକ୍ଷେ ଜଣକୁ ସମର୍ଥ ଓ ପୂର୍ଣ୍ଣାଙ୍ଗ ବ୍ୟକ୍ତିତ୍ୱରେ ପରିଣତ କରାଇଥାଏ । ଜୀବନର ପ୍ରତ୍ୟେକ ପଥ ଓ ଦିଗ ସମ୍ପର୍କରେ ଶିଷ୍ୟକୁ ଅବଗତ କରାଇଥାନ୍ତି ଗୁରୁ । ଶିକ୍ଷାଗ୍ରହଣ ପାଇଁ ଆବଶ୍ୟକ ହେଉଥିବା ତିନୋଟି ଉପାଦାନ ଯଥା- ମସ୍ତିଷ୍କ, ବିବେକ ଓ ମନକୁ କେବଳ ଜଣେ ସମର୍ଥ ଗୁରୁ ବା ଶିକ୍ଷକ ଉଚିତ ମାର୍ଗଦର୍ଶନ ଦେଇ ବ୍ୟକ୍ତିକୁ ଶିକ୍ଷିତ କରାଇଥାଆନ୍ତି ।

କହିବାକୁ ଗଲେ, ଗୁରୁ କୌଣସି ନିର୍ଦ୍ଦିଷ୍ଟ ରୂପକାର ବା ଚେହେରା ବା ବ୍ୟକ୍ତି ନୁହଁନ୍ତି । ମା, ବାପା, ଭାଇ, ଭଉଣୀ, ବନ୍ଧୁ ବା ଗୁରୁଙ୍କ ମଧ୍ୟରେ; ମନୁଷ୍ୟ, ବେଶ୍ୟା, ଅଜଗର ସର୍ପ, ପୃଥିବୀ, ଜଳ, ଆକାଶ, କୁକୁର, ବାୟୁ, ଅଗ୍ନି, କୀଟପତଙ୍ଗ, ହରିଣ, ମୀନ ଇତ୍ୟାଦି । ସେହିପରି କାଳିଦାସଙ୍କୁ ମୂର୍ଖତାରୁ ବିଦ୍ୱାନରେ ରୂପାନ୍ତରିତ କରିବା ପଛରେ ତାଙ୍କ ପତ୍ନୀ ବିଦ୍ୟୋତ୍ତମାଙ୍କ ପ୍ରେରଣା ହିଁ ଗୁରୁପରି କାର୍ଯ୍ୟ କରିଥିଲା । ଯେ କେହିବି ଗୁରୁ ପଦବାଚ୍ୟ ହୋଇପାରନ୍ତି । କାରଣ ଗୁରୁ ଅସାଧାରଣ । ସେ ହେଉଛନ୍ତି ଏକାଧାରାରେ ମାତା, ପିତା, ବନ୍ଧୁ, ସଖା, ସହୋଦର । ତାଙ୍କର ଅସ୍ତିତ୍ୱ ହେଉଛି ଆକାଶ ପରି

ଅତି ସୂକ୍ଷ୍ମ । ସାଗର ପରି ବିଶାଳ । ଗୁରୁ ହେଉଛନ୍ତି ସର୍ବମଙ୍ଗଳମୟ, ଆଦି, ଅନାଦି, ଅନନ୍ତ, ଅଖଣ୍ଡ, ଅଦ୍ୱୈତ, ନିରାକାର, ନିର୍ବିକାର, ନିର୍ଗୁଣ, ନିରଞ୍ଜନ, ସଂସାରର ସାର, ସକଳ ବ୍ରହ୍ମାଣ୍ଡ ବ୍ୟାପ୍ତ ।

ସବୁକିଛି ତୀବ୍ରଗତିରେ ବଦଳି ଚାଲିଥିବା ବେଳେ ଗୁରୁଶିଷ୍ୟ ପରମ୍ପରା ମଧ୍ୟ ଏହି ପରିବର୍ତ୍ତନରେ ସାମିଲ ହୋଇଛି । ପ୍ରାଚୀନ କାଳର ଗୁରୁକୁଳର ସ୍ଥାନ ଏବେ ବିଦ୍ୟାଳୟ, ଭିନ୍ନ ଭିନ୍ନ ଶିକ୍ଷାନୁଷ୍ଠାନ ବା କୋଚିଂସେଣ୍ଟର ନେଇଛି । ଛଣଛପର ମାଟିଘରେ ଚାଲୁଥିବା ଗୁରୁକୁଳର ସ୍ଥାନରେ ଆଜି ମହାନଗରୀରେ ବହୁତଳ ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ କକ୍ଷରେ ଚାଲୁଥିବା ଶିକ୍ଷାନୁଷ୍ଠାନ, ପ୍ରଯୁକ୍ତି ଓ ପ୍ରବନ୍ଧନ ସଂସ୍ଥା ଉଭା ହୋଇଛି । ଶିକ୍ଷାର ମୂଳ ଲକ୍ଷ୍ୟ ହୋଇଯାଇଛି ଚାକିରି କରିବା ଆଉ ଅର୍ଥ ରୋଜଗାର କରିବା । ଆଜି ସମସ୍ତ ସୁବିଧା ଓ ସୁଯୋଗ ଭିତରେ ରହି ସାମାଜିକ ବ୍ୟବସ୍ଥାର ବିଭିନ୍ନ ପଦପଦବୀରେ ଥାଇ ଶିକ୍ଷାର ବ୍ୟବସାୟୀକରଣ ଓ ଘରୋଇକରଣ ଚାଲିଛି । ଆଉ କେଉଁଠି ଶିଷ୍ୟର ଚରିତ୍ର ଗଠନ କରିବା ପରିବର୍ତ୍ତେ କିଛି ଶିକ୍ଷକ ଅତ୍ୟନ୍ତ ନିନ୍ଦନୀୟ ଭାବେ ତା'ର ଚରିତ୍ର ସଂହାର କରିବାକୁ ପଛାଉନାହାନ୍ତି । ଉଭୟ ଶିକ୍ଷକ ଓ ବିଦ୍ୟାର୍ଥୀ ଉପଭୋକ୍ତାବାଦୀ ଦୌଡ଼ରେ ଭଲ ବିକଳ୍ପ ସଂଧାନରେ ରହୁଛନ୍ତି । ଶିକ୍ଷାର ଉଦ୍ଦେଶ୍ୟ ସଂସ୍କାର ଓ ଜ୍ଞାନ ହାସଲ ପର୍ଯ୍ୟାୟରେ ନରହି ବ୍ୟବସାୟ ସ୍ତରକୁ ଚାଲିଯାଇଛି । ବିଦ୍ୟାର୍ଥୀର ଲକ୍ଷଣ କାକସ୍ନାନ, ବକୋଧ୍ୟାନମ୍, ଶ୍ୱାନନିଦ୍ରା... ବଦଳିଯାଇ ଏବେ ହୋଇଯାଇଛି ମୋବାଇଲଧାରୀ ଇନ୍ଦ୍ରଜାଲର ମାୟାରେ ବାୟା ପୁସ୍ତକ ବଦଳରେ ନେଟ୍‌ରେ ବିଭିନ୍ନ ସାଇଟ୍ ଖୋଲିବାରେ ବ୍ୟସ୍ତ ଆଜିର ବିଦ୍ୟାର୍ଥୀ । ଅନ୍ଧ-ବଧିର ପାଲଟି ଯାଇଛି ଆଜିର ଗୁରୁଶିଷ୍ୟ ସଂପର୍କ । ଜଣେ ଦେଖିପାରୁନାହିଁତ ଆଉ ଜଣେ ଶୁଣିପାରୁ ନାହିଁ ।

ସଂପ୍ରତି ଯୁବପିଢ଼ୀଙ୍କ ବିଚାରରେ ଅନେକ ପରିବର୍ତ୍ତନ ଆସିଛି ଏବଂ ଏହା ହେବା ସ୍ୱାଭାବିକ । ତେଣୁ ଆଜିର ପରିସ୍ଥିତିରେ ଯୁବପିଢୀଙ୍କ ବିଚାରକୁ ଗୁରୁ ଧ୍ୟାନ ଦେଇ ନିଜର ମହତ ଓ ଉଦାର ଗୁଣରେ ଶିକ୍ଷାଦାନ କଲେ ଗୁରୁ-ଶିଷ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ଦୂରତା ଦୂରେଇ ଯିବ । ପୁଣି ଛାତ୍ରଛାତ୍ରୀମାନଙ୍କ ପ୍ରତି ଅଶାଳୀନ ଆଚରଣ, ଚରିତ୍ର ସ୍ଖଳନ ଭଳି ନିନ୍ଦନୀୟ କାର୍ଯ୍ୟକଳାପରୁ ନିବୃତ ରହିଲେ ଗୁରୁଙ୍କୁ ସମାଜରେ ସମ୍ମାନ ମିଳିବ । ଏଥିସହ ଯୁବାବର୍ଗ ଜାଣିରଖିବା ଉଚିତ ଯେ, ଗୁରୁଙ୍କ ବିନା କୌଣସି ବିଦ୍ୟା ପାଇବା ଅସମ୍ଭବ । ପରିସ୍ଥିତି ଯାହାବି ବଦଳୁ, ଗୁରୁ-ଶିଷ୍ୟ ମଧ୍ୟରେ ଭଲ ସଂପର୍କ ରହିଲେ ଉଭୟ ଉଭୟଙ୍କୁ ଆଦର ସମ୍ମାନ କଲେ ଏହା ସବୁ ସମୟ ଓ ସମାଜ ପାଇଁ ମହତ୍ତ୍ୱପୂର୍ଣ୍ଣ ହୋଇପାରିବ ।



# ଆସିଅଛି ଲଙ୍ଗଳା ମୁଁ ଯିବି ଶୂନ୍ୟ ହୋଇ

ରଘୁନାଥ ଖୁଣ୍ଟିଆ
ଲାଇବ୍ରେରିଆନ

ସ୍ରଷ୍ଟାର ସୃଷ୍ଟି ବଡ଼ ବିଚିତ୍ର । ତା'ରି ଭିତରୁ ଜନ୍ମ ନେଇଛି ଏ ଶୂନ୍ୟହସ୍ତା ମଣିଷ । ଜନ୍ମରୁ ମା' କୋଳରୁ ମଶାଣୀ ପର୍ଯ୍ୟନ୍ତ ଦୂରତାକୁ ଅତିକ୍ରମ କରିବା ପର୍ଯ୍ୟନ୍ତ କେତେ କ'ଣ ହରାଇଛି, କେତେ କ'ଣ ପାଇଛି ତାକୁ ବିଶ୍ଳେଷଣ କଲେ ଦେଲାବାଲା ଠାରୁ ନେଲାବାଲାର ସଂଖ୍ୟା ବୋଧେ ଢେର ଅଧିକ । କର୍ମମୟ ଜୀବନ ଭିତରେ ମଣିଷ ପୁଣ୍ୟ ଓ ପାପର ଅନେକ ପାଖାପାଖି ହୋଇଛି । ମାତ୍ର ପୁଣ୍ୟ ଏକ ଏମିତି କଥାମୃତ ଯିଏ ଯେତେ ଜାଣିଛି ତା'ଠାରୁ ଅଧିକ ଯିଏ ଶ୍ରବଣ ମଧ କରିଛି । ଏମିତି ଏକ ସୌଦାଗର ଧନେଶ୍ୱର କଥା ମନେପଡ଼େ ଯିଏ ଜୀବନରେ ବହୁତ ଅପକର୍ମ କରି ଅନେକ ଧନଦୌଲତର ଅଧିକାରୀ ହୋଇ ଈଶ୍ୱରଙ୍କ ସତ୍ତାକୁ ସମ୍ପୂର୍ଣ୍ଣ ରୂପେ ଭୁଲିଯାଇଛି । ଅନ୍ତିମ କାଳ ଉପସ୍ଥିତ ହେବାରୁ ତା ମନରେ ଭଗବତ୍ ପ୍ରେମ ଜାଗ୍ରତ ହୋଇଛି, କିନ୍ତୁ ମନରେ ତା'ର ଦ୍ୱନ୍ଦ୍ୱ ଆସି ଛି ଭାବୁଛି ଆଉ କେଇଟା ଦିନ ବଞ୍ଚିବି, ମୁଁ ସତରେ କ'ଣ ପ୍ରଭୁ ନାମ ସଂକୀର୍ତ୍ତନ କରି ମୁକ୍ତି ପାଇବି । ଧନେଶ୍ୱର ସାଧୁ ସଙ୍ଗ କରିବା ପାଇଁ ମନ ବଳାଇଛି । ସାଧୁ ସଙ୍ଗ କରିବା ପାଇଁ ଯେତେବେଳେ ଯାଇଛି, ତାକୁ ଥଟ୍ଟା, ଟାପର କରି ଅନେକ କଥା ଅନେକ ଲୋକ କହିବା ଶୁଣି ଧନେଶ୍ୱର ମନରେ ଆସିଛି ମୁଁ ଅସତ୍ ଉପାୟରେ ଧନ ଅର୍ଜନ କରି ପ୍ରଭୁନାମ ଦିନେମାତ୍ର ନ ନେବାରୁ ଏସବୁ କଥା ଶୁଣିବାକୁ ମିଳୁଛି । ଏଣୁ ଠିକ୍ ଅଛି ସମସ୍ତ ମଣିଷତ ଏଠାକୁ ଶୂନ ହୋଇ ଆସିଛି, ଶୂନ ହୋଇ ଯିବ, ମୋତେ ଏମାନେ ସତ୍‌ସଙ୍ଗରେ ନ ବସାନ୍ତୁ ମୁଁ ଦୂରରେ ବସି ସବୁ ଶୁଣିବି । ଏଠି ଗୋଟେ ଛୋଟ ଉଦାହରଣ ଦେଉଛି । ବିଶ୍ୱ ବିଜୟୀ ସମ୍ରାଟ 'ଆଲେକ୍‌ଜାଣ୍ଡାର ଦୋଇକାର' ଯେତେବେଳେ ବିଶ୍ୱ ବିଜୟ କରି ଫେରିଲେ, ତାଙ୍କୁ ରାଜଦରବାରରେ ଜଣେ ସାଧୁ ପଚାରିଲେ ହେ ବିଶ୍ୱବିଜୟୀ ସମ୍ରାଟ, ଆପଣଙ୍କ ଶେଷ ଇଚ୍ଛା କ'ଣ ରାଜଦରବାରରେ ପ୍ରକାଶ କରିବେକି ? ସମ୍ରାଟ୍ ଆଲେକ୍‌ଜାଣ୍ଡାର କହିଲେ, ହେ ମୋର ରାଜ ପାରିଷଦ ମୋର ଯେତେବେଳେ ମୃତ୍ୟୁ ହେବ, ମୋତେ ଯେତେବେଳେ ଆପଣମାନେ ଶ୍ମଶାନ ଘାଟକୁ ନେବେ ମୋ କଫିନ୍ ଠାରୁ ମୋର ହାତ ଦୁଇଟିକୁ ସମ୍ପୂର୍ଣ୍ଣ ବାହାରକୁ ବାହାର କରିଦେବେ । ସାଧୁ ପଚାରିଲେ କ'ଣ ପାଇଁ ସମ୍ରାଟ୍ ? ଆଲେକ୍‌ଜାଣ୍ଡାରଙ୍କର ବିନମ୍ର ଉତ୍ତର ଥିଲା, ଆସିଲାବେଳେ ମୁଁ ଶୂନ୍ୟ ହସ୍ତରେ ଆସିଥିଲି ଗଲାବେଳେ ଶୂନ୍ୟ ହସ୍ତରେ ଯିବାକୁ ଚାହେଁ । ମହାଭାରତ ଯୁଦ୍ଧର ଅନ୍ତିମ ସମୟରେ ରୁଦ୍ରାବତାର ହନୁମାନଙ୍କୁ ମଧ ମହାବୀର କର୍ଣ୍ଣଙ୍କ ଠାରୁ ଶୂନ୍ୟ ହସ୍ତରେ ଫେରିବାକୁ ପଡ଼ିଥିଲା । ଗୁରୁ ସୂର୍ଯ୍ୟଦେବଙ୍କ ଆଜ୍ଞାରେ କର୍ଣ୍ଣଙ୍କ ପାଖକୁ ଆସି ହନୁମାନଜୀ କର୍ଣ୍ଣକୁ ବୁଝାଇଲେ ତୁମେ ପାଣ୍ଡବମାନଙ୍କ ଭାଇ, କୁନ୍ତୀ ତୁମର ମା' । କର୍ଣ୍ଣ ସ୍ପଷ୍ଟ ଭାବରେ ଉତ୍ତର ଦେଇଥିଲେ ମୁଁ ବନ୍ଧୁ ଦ୍ରୋହି ହେବିନାହିଁ । ହନୁମାନଜୀ ଆହୁରି ମଧ କହିଥିଲେ ସୂର୍ଯ୍ୟଦେବ ତୁମର ପିତା । କର୍ଣ୍ଣଙ୍କ ଉତ୍ତର ଥିଲା

କୋଉଁଠି ଥିଲେ ସୂର୍ଯ୍ୟଦେବ ଯେତେବେଳେ ସୂତ ପୁତ୍ର ବୋଲି ଗୁରୁ ଦ୍ରୋଣ ମୋତେ ଅସ୍ତ୍ର ଶିକ୍ଷା ପ୍ରଦାନ କଲେ ନାହିଁ, କେଉଁଠି ଥିଲେ ସୂର୍ଯ୍ୟଦେବ ମିଥ୍ୟାର ଆଶ୍ରୟ ନେଇ ପର୍ଶୁରାମଙ୍କ ଠାରୁ ଯୁଦ୍ଧବିଦ୍ୟା ଶିଖି କର୍ଣ୍ଣ ଅଭିଶପ୍ତ ଜୀବନ ବିତାଇଲା । ଆପଣ ଫେରିଯାଆନ୍ତୁ ପ୍ରଭୁ, କର୍ଣ୍ଣର ମୃତ୍ୟୁ ହୋଇଯାଇପାରେ ମାତ୍ର କର୍ଣ୍ଣ ବନ୍ଧୁଦ୍ରୋହି ହୋଇପାରିବ ନାହିଁ, କାରଣ ଦୁର୍ଯ୍ୟୋଧନ ମୋତେ ରାଜ୍ୟ ଦେଇଛି, ରାଜା କରିଛି । ମୁଁ କେମିତି ବିଶ୍ୱାସରେ ବିଷ ଦେବି । ଶୂନ୍ୟ ହସ୍ତରେ ଫେରିଥିଲେ ରୁଦ୍ରାବତାର ହନୁମାନଜୀ । ଧନେଶ୍ୱର ସାଧୁସଂଗରୁ ଦୂରରେ ରହି ଶ୍ରବଣ କରିଥାଏ ହରିନାମ । ହରିନାମ ଏପରି ଏକ ପବିତ୍ର ନାମ ଯାହାକୁ ଶ୍ରବଣ କଲେ ମଧ୍ୟ ମଣିଷ ହୃଦୟ ପାପଶୂନ୍ୟ ହୋଇଯାଏ । ଏହାପରେ ଧନେଶ୍ୱରର ମୃତ୍ୟୁ ହୋଇଛି । ଜମ ଦୂତମାନେ ଧରି ନେଇଛନ୍ତି ଧନେଶ୍ୱରକୁ ଜମପୁରକୁ । ଚିତ୍ରଗୁପ୍ତଙ୍କୁ ଡାକି ମହାରାଜ ଜମ ଧନେଶ୍ୱର ପାପପୁଣ୍ୟର ହିସାବ ମାଗିଛନ୍ତି । ଚିତ୍ରଗୁପ୍ତ ଯମଦେବତାଙ୍କୁ କହୁଛନ୍ତି ମହାରାଜ, ଧନେଶ୍ୱର ଜୀବନସାରା ଅଧର୍ମ କରିଛି, କିଛି ପୁଣ୍ୟକର୍ମ କରିନାହିଁ, କେବଳ ହରିନାମ ଶେଷ ଜୀବନରେ ଶ୍ରବଣ କରିଛି । ଏହି ସମୟରେ ଅନ୍ଧକାରମୟ ଯମଲୋକ ଆଲୋକମୟ ହୋଇଉଠିଛି । ଯମରାଜ ଦେଖନ୍ତିତ ଭଗବାନ ବିଷ୍ଣୁ ଠିଆ ହୋଇଛନ୍ତି । ଯମରାଜ ପ୍ରଣାମ କରି ପଚାରୁଛନ୍ତି, ହେ ଲୀଳାମୟ ପ୍ରଭୁ ! ଆପଣଙ୍କୁ ମୁଁ ଅନେକବାର ସ୍ମରଣ କରି ମଧ୍ୟ ଆପଣ ଯମଲୋକକୁ ଆସିନାହାଁନ୍ତି ଆଜି କ'ଣ ପାଇଁ ? ଭଗବାନ ବିଷ୍ଣୁ କହୁଛନ୍ତି ହେ ଯମରାଜ, ମୁଁ ଏଠାକୁ ଧନେଶ୍ୱରକୁ ନେବାକୁ ଆସିଛି । ଯମରାଜ କହୁଛନ୍ତି ବଡ଼ ବିଚିତ୍ର, ଜୀବନ ସାରା ପୁଣ୍ୟ ନକରିଥିବା ଲୋକକୁ ଆପଣ କେମିତି ନେବେ । ଭଗବାନ କହୁଛନ୍ତି ହେ ଯମଦେବତା, ଯେଉଁ ମଣିଷ ଜୀବନସାରା ପାପ କରି ଶେଷ ଜୀବନରେ ମୋ ନାମ ଶ୍ରବଣ ମାତ୍ର କରିଥାଏ, ମୁଁ ତାକୁ ବୈକୁଣ୍ଠରେ ସ୍ଥାନ ଦେଇଥାଏ । ଧନେଶ୍ୱର ହାତଧରି ଭଗବାନ ବୈକୁଣ୍ଠକୁ ନେଇଯାଉଛନ୍ତି, ଯମଦେବତା ନିର୍ବାକ ।

ଏ ଜୀବନତ ବିଷମୟ ଭାଇ । ଏଠି ସ୍ତ୍ରୀ ସ୍ୱାମୀକୁ ବିଷ ଦେଉଛି । ସ୍ୱାମୀ ପରିବାରକୁ ବିଷ ଦେଉଛି । ଭାଇ, ଭାଇକୁ କଚେରୀକୁ ନେଉଛି । ଏତିକିବେଳେ ଗୁରୁଦେବଙ୍କ ଗୋଟିଏ କଥା ମନେପଡ଼େ । ସେ ଏକ ସତ୍‌ସଙ୍ଗରେ କହୁଥିଲେ ''ଅସଲ ଖାତାରେ କେତେତୋ ଦଖଲ'' । ସବୁ ତୋର ତୋର, ମୋର ମୋର କହୁଛ, ମୋ ଜମି, ମୋ ଧନ, ମୋ ପୁଅ, ମୋ ସ୍ତ୍ରୀ । ଏଠି କେହି କାହାର ନୁହେଁ ସବୁ ମାୟା । ନିଜକୁ ଶୂନ କରି ପ୍ରଭୁ ପାଦରେ ଲୟ ଲଗା । ମାନବ ଜନମ ଦୁର୍ଲ୍ଲଭ ଜନମ, ତାକୁ ଅକାରଣ କରନା ।

●

# ମଥୁରା ମଙ୍ଗଳ

ସ୍ମରଣିକା ସ୍ୱାଇଁ
+୩ ପ୍ରଥମ ବର୍ଷ, କଳା

କବିର ମାନସ ସନ୍ତାନ କବିତା, କବି ତେଣୁ ସ୍ରଷ୍ଟା । ଏଥିପାଇଁ କୁହାଯାଇଛି 'ଅପାରେ କାବ୍ୟ ସଂସାରେ କବିରେିବ ପ୍ରଜାପତି', ଅର୍ଥାତ୍ ପ୍ରଜାପତି ବ୍ରହ୍ମାଙ୍କ ସହିତ କବିଙ୍କୁ ତୁଳନା କରାଯାଇଛି, ନିଜ ସୃଷ୍ଟିକୁ ସରସ, ସୁନ୍ଦର ପ୍ରାଣ ଚଞ୍ଚଳ କରି ଗଢ଼ିବା ପ୍ରୟାସ ପ୍ରତ୍ୟେକ ସ୍ରଷ୍ଟାର ନିଜସ୍ୱ । ରୀତି ଯୁଗର ଅନ୍ୟତମ ପ୍ରଚଣ୍ଡ ପ୍ରତିଭାଧର ଭକ୍ତ କବି ଭକ୍ତ ଚରଣଙ୍କ ନୈସର୍ଗିକ କାବ୍ୟ 'ମଥୁରା ମଙ୍ଗଳ' ହେଉଛି ଚରମ ଉଦାହରଣ । କାବ୍ୟରେ ତାଙ୍କର ଧାର୍ମିକ ଓ ତାତ୍ତ୍ୱିକ ଦୃଷ୍ଟିଭଙ୍ଗୀ ଉଲ୍ଲେଖନୀୟ ।

ରାଧାକୃଷ୍ଣ ଲୀଳା ବିଳାସ ଆଲୋଚ୍ୟ କାବ୍ୟର ମୂଳ କଥା । ତେବେ ଆଲୋଚ୍ୟ କାବ୍ୟରେ ଭକ୍ତ ଭାବର ଯେଉଁ ଦିଗ ପ୍ରତି କବି ଆଲୋକପାତ କରିଛନ୍ତି ତାହା ଅନନ୍ୟ । 'ମଥୁରା ମଙ୍ଗଳ' କାବ୍ୟର ମୁଖବନ୍ଧରେ ଡକ୍ଟର ଆର୍ତ୍ତବଲ୍ଲଭ ମହାନ୍ତି କୁହନ୍ତି- ଭକ୍ତ ଚରଣ ତାଙ୍କର 'ମଥୁରା ମଙ୍ଗଳ' କାବ୍ୟରେ ଶ୍ରୀରାଧା ଓ ବୃନ୍ଦାବତୀଙ୍କୁ ସ୍ୱତନ୍ତ୍ର ରୂପେ ଗ୍ରହଣ କରିଛନ୍ତି । ଭକ୍ତ ଚରଣ ଗୌଡୀୟ ଗୋସ୍ୱାମୀମାନଙ୍କ ମତାବଲମ୍ବୀ ନଥିଲେ । କେବଳ 'ମଥୁରା ମଙ୍ଗଳ' ନୁହେଁ କବିଙ୍କ ଅନ୍ୟ ଏକ ସୃଷ୍ଟି ମନଃଶିକ୍ଷାରୁ ଜାଣିବାକୁ ମିଳେ ଯେ ବୃନ୍ଦାବତୀ ନିଜେ ହେଉଛନ୍ତି ଶ୍ରୀ ରାଧା, ଏଣୁ କବିଙ୍କ ଭାଷାରେ-

'ଶ୍ରୀ ବୃନ୍ଦାବନେଶ୍ୱରୀ ରାଧା
ଯାହା ସଖୀ ବୃନ୍ଦା ବୃନ୍ଦା
ସେ ରାଧା ଗୋବିନ୍ଦ ମୋହିନୀ
କନକ ଚମକ ବରଣୀ ।'

ଗୋପାଙ୍ଗନାଗଣ କୁଳ ଓ ଧର୍ମ ତ୍ୟାଗ କରି କୃଷ୍ଣଚନ୍ଦ୍ରଙ୍କ ସହିତ ଯେଉଁ ପ୍ରେମ ଲୀଳାରେ ରତ ହେଲେ ତାହା ସର୍ବଶ୍ରେଷ୍ଠ ଏବଂ ସମର୍ଥରତୀ ନାମରେ ପରିଚିତ । ଏ ରତିର ମହତ୍ୱ 'ମଥୁରା ମଙ୍ଗଳ'ରେ ପ୍ରଦାନ କରାଯାଇଛି । ଏତଦ୍‌ଭିନ୍ନ ଅତିବଡ଼ି ସମ୍ପ୍ରଦାୟ ସ୍ୱୀକୃତ ଯୋଗାଚାର ଅର୍ଥାତ୍ ଶରୀର ମଧ୍ୟରେ ଷଡଚକ୍ର ଭେଦ କରି ଯୌଗିକ ପ୍ରକ୍ରିୟାରେ ବାୟୁ ସାଧନାକୁ 'ମଥୁରା ମଙ୍ଗଳ' ରେ ନିକୃଷ୍ଟ ବୋଲି କୁହାଯାଇଛି । ଏପରିକି ଯଶୋଦା ବ୍ରହ୍ମଜ୍ଞାନକୁ କେବେ ହେଲେ ଶ୍ରେୟସ୍କର ମନେ କରିନାହାନ୍ତି । ଏଣୁ ଉଦ୍ଧବଙ୍କ ଯୁକ୍ତି-

ସେ ବ୍ରହ୍ମକୁ କର ଧ୍ୟାନ କାମନା ହେଉ ଦହନ
ହୃଦରେ ରଖିବ ନିରଞ୍ଜନ,
ଏ ଯେ ମିଥ୍ୟା କଳେବର କ୍ଷଣକେ ହୁଏ ଭଙ୍ଗୁର
ଏଣୁ କହୁଅଛି ତାକୁ ଚିହ୍ନ ଗୋ ଗୋପିମାନେ

କବି ଭକ୍ତ ଚରଣଙ୍କ ଇଷ୍ଟ ଦେବ ଥିଲେ ଶ୍ରୀକୃଷ୍ଣ, ଭକ୍ତଚରଣ ଥିଲେ ଗୌଡୀୟ ରାଗାନୁଗା ସୁଧା ଭକ୍ତିର ଉପାସକ । ସେ ଉଚ୍ଚଳୀୟ ଜ୍ଞାନ ମାର୍ଗ ନୁହେଁ ବରଂ ପ୍ରେମ ଭକ୍ତିର ମହତ୍ୱ କୀର୍ତ୍ତନ କରି ଯାଇଛନ୍ତି । ଗୋପୀମାନେ ଶ୍ରୀକୃଷ୍ଣଙ୍କୁ ପାଇଛନ୍ତି ପରମ ପ୍ରେମିକ ଭାବରେ । ତେଣୁ ସେମାନେ ବ୍ରହ୍ମଜ୍ଞାନ ପ୍ରତି ଆକୃଷ୍ଟ ନ ହୋଇ ବ୍ରହ୍ମଜ୍ଞାନକୁ ନିନ୍ଦା କରିଛନ୍ତି । ଏପରିକି 'ମଥୁରା ମଙ୍ଗଳ'ର ପଚିଶି ଛାନ୍ଦରେ କବି ଯଶୋଦାଙ୍କ ମୁହଁରେ କହିଛନ୍ତି ଯେ ଯୋଗ ମାର୍ଗରେ ସେ ବିଶ୍ୱାସ କରନ୍ତି ନାହିଁ । ବ୍ରହ୍ମଜ୍ଞାନ, ଭଜନ ଇତ୍ୟାଦି ଉପରେ

ତାଙ୍କର ଆସ୍ଥା ନାହିଁ । ଶ୍ରୀକୃଷ୍ଣଙ୍କୁ ସେ ପୁତ୍ର ରୂପରେ ପାଇଛନ୍ତି । ତେଣୁ ସେ ଜାଣନ୍ତି ଶ୍ରୀକୃଷ୍ଣ କେବଳ ତାଙ୍କର ପୁତ୍ର, ଅନ୍ୟ କିଛି ନୁହେଁ । ତାଙ୍କ ମତରେ ଶ୍ରୀକୃଷ୍ଣ ହିଁ ସର୍ବଶ୍ରେଷ୍ଠ କାମ୍ୟ ବ୍ୟକ୍ତି । ଏଣୁ ବିନା ଦ୍ୱିଧାରେ କୁହାଯାଇପାରେ ଯେ କବି ଭକ୍ତଚରଣ ହେଉଛନ୍ତି ପ୍ରେମ ଭକ୍ତି ବା ସୁଧା ଭକ୍ତିର ଉପାସକ । ଜ୍ଞାନ ଭକ୍ତି ଯୋଗପଥାଶ୍ରିତ । ସେଥିରେ ଯମ, ନିୟମ, ଆସନ, ପ୍ରାଣାୟାମ, ପ୍ରତ୍ୟାହାର, ଧାନ, ଧାରଣା ଓ ସମାଧି ପ୍ରଭୃତିକୁ ସାଧନା କରିବା ପାଇଁ ହୋଇଥାଏ । ଏତେ ସବୁ ଯୌଗିକ ପ୍ରକ୍ରିୟାକୁ ଭକ୍ତଚରଣ ଗ୍ରହଣ କରିନାହାନ୍ତି । ବରଂ ଗୋପରେ ଗୋପୀମାନଙ୍କର ପ୍ରେମ ଭକ୍ତିର ଦୃଢ଼ତାକୁ ହୃଦୟଙ୍ଗମ କରି ଉଦ୍ଧବ ସଂପୂର୍ଣ୍ଣ ପରିବର୍ତ୍ତିତ ହୋଇଯାଇଛନ୍ତି । ଗୋପରୁ ମଥୁରାକୁ ବାହୁଡ଼ି ଯାଇ ଶ୍ରୀକୃଷ୍ଣଙ୍କ ଆଗରେ ଯେତେବେଳେ ଗୋପୀମାନଙ୍କର ବିରହ ଅବସ୍ଥା ବର୍ଣ୍ଣନା କରିଛନ୍ତି, ସେତେବେଳେ ସେ ଗୋପୀମାନଙ୍କ ଶ୍ରେଷ୍ଠତ୍ୱ ହିଁ ସୂଚିତ କରିଛନ୍ତି । ଗୋପୀମାନଙ୍କର ଏତାଦୃଶ ସୁଧା ଭକ୍ତି ଉଦ୍ଧବଙ୍କୁ ଏପରି ବିମୋହିତ କଲା ଯେ ସେ ଶ୍ରୀକୃଷ୍ଣଙ୍କୁ ବାଧ ହୋଇ ଅନୁମତି ଭିକ୍ଷା କଲେ ପୁନର୍ବାର ଗୋପପୁରକୁ ଫେରି ଯିବା ପାଇଁ ତାଙ୍କ ଅନ୍ତରାତ୍ମା କହୁଥିଲା, ଗୋପୀମାନଙ୍କ ପରି ସୁଧା ଭକ୍ତି ମାର୍ଗର ପଥିକ ହୋଇ ପରମ ପ୍ରେମିକ କୃଷ୍ଣଙ୍କ ପାଇଁ ଗୋପୀମାନଙ୍କ ସହିତ ସମଦଶାପର୍ଣ୍ଣ ଜୀବନଯାପନ କରିବା ପାଇଁ । ଅତଏବ ଜ୍ଞାନ ଭକ୍ତିର ଯୌଗିକ ପ୍ରକ୍ରିୟାକୁ ଭକ୍ତଚରଣଙ୍କର ଗୋପୀମାନେ ଗ୍ରହଣ କରି ନାହାନ୍ତି । କୃଷ୍ଣ ବିରହରେ ପାଗଳୀ ଗୋପୀମାନେ ଯୁକ୍ତି କରିଛନ୍ତି ଯେ କ୍ଷୀର ଭାଣ୍ଡରେ ଦଧି ଦେଲେ କ୍ଷୀରର ମଧୁରତା ଯେପରି ନଷ୍ଟ ହୁଏ ସେହିପରି ପ୍ରେମ ଭକ୍ତିରେ ଜ୍ଞାନ ଭକ୍ତିରୂପକ ଦଧି ପ୍ରେମର ମିଶ୍ରଣ ମଧୁରତାକୁ କ୍ଷୁର୍ଣ୍ଣ କରିଥାଏ । କବି ତେଣୁ ଗୋପୀମାନଙ୍କ ମୁହଁରେ ଉଦ୍ଧବଙ୍କୁ କୁହାଇଛନ୍ତି-

ତଥାପି ମଥୁରା ରସେ ଜ୍ଞାନ ଯେବେ ଅଳପ ମିଶେ
ତାକୁ ସେ କରଇ ବେଗେ ନାଶ,
ପତିବ୍ରତା ନାରୀ ଯେହ୍ନେ ପର ପୁରୁଷର ସନେ
ସଂଯୋଗ ହୋଇଲେ ହୋଏ ଭ୍ରଂଶ, ହେ ହରିଦୂତ ।
ସେହିମତି ଭକ୍ତିରସେ ଜ୍ଞାନ
ଆମ୍ଭେମାନେ ନ ଜାଣୁ ସେ ମାନ ହେ,

'ମଥୁରା ମଙ୍ଗଳ' କାବ୍ୟର ପ୍ରତି ଛତ୍ରେ ଛତ୍ରେ ଗୋପ-ଗୋପାଙ୍ଗନାମାନଙ୍କର ପ୍ରେମ ଭକ୍ତିର ଦୃଢ଼ତା ପ୍ରତିପାଦିତ । ତେଣୁ କବି ଭକ୍ତଚରଣ ସୁ-ଚତୁର ଭାବେ ଗୋପୀମାନଙ୍କ ମୁଖରେ ପ୍ରେମ ଭକ୍ତିର ପରାକାଷ୍ଠା ପ୍ରଦର୍ଶିତ କରାଇଛନ୍ତି । କେବଳ ଏତିକି ନୁହେଁ, କବି ପୁଣି ଶ୍ରୀକୃଷ୍ଣଙ୍କୁ ମାନବ ଭୂମିକାରେ ଚିତ୍ରଣ କରିବାରେ ବି ତ୍ରୁଟି କରିନାହାନ୍ତି । ମଥୁରା ଯିବା ପାଇଁ ପ୍ରସ୍ତୁତ ହେଲା ବେଳେ ଗୋପୀକାମାନେ ବାଟ ଓଗାଳି ବାରମ୍ବାର ବାରଣ କରିଥିଲେ ଶ୍ରୀକୃଷ୍ଣଙ୍କୁ ପ୍ରବୋଧନା ଦେଇ ଶ୍ରୀକୃଷ୍ଣ କହିଥିଲେ-

'ପଚାରୁଛ କି ଆସିବି ନାହିଁ
ପଦ୍ମ ବିହୁନେ ଭୃଙ୍ଗ ରହିବ କାହିଁ
ଜଳ ନ ପାଇ କାହିଁ ବଞ୍ଚିଛି ମୀନ
ଚାତକ ବର୍ତ୍ତିଇ କି ନ ଦେଖି ଘନ ।'

ଭକ୍ତଚରଣ ବାସ୍ତବରେ ଜଣେ ଭକ୍ତ ଓ କବି । ତାଙ୍କ ଲେଖନୀରେ ଶ୍ରୀକୃଷ୍ଣ ଉଭୟ ମାନବ ଓ ମାନବ ଦେହୀ ଭଗବାନ, ତାଙ୍କର ଲୌକିକ ଓ ଅଲୌକିକ ଉଭୟ ଗୁଣକୁ କବି ବର୍ଣ୍ଣନା କରିଛନ୍ତି । ଏଣୁ ପ୍ରେମ ଭକ୍ତିର ପରାକାଷ୍ଠା ପ୍ରଦର୍ଶନ 'ମଥୁରା ମଙ୍ଗଳ' କାବ୍ୟର ଏକ ସ୍ୱତନ୍ତ୍ର ବିଶିଷ୍ଟତା । ●

# ଶର୍ମିଷ୍ଠା କାବ୍ୟରେ ପ୍ରକୃତି - ଏକ ବିହଙ୍ଗାବଲୋକନ

ଦୀପୀକା ପଟ୍ଟନାୟକ
+୩ ପ୍ରଥମ ବର୍ଷ, କଳା

ଉତ୍କୃଷ୍ଟ କଳାର ଦେଶ ଉତ୍କଳ ନୈସର୍ଗିକ ଶୋଭାର ଚାରୁଚିତ୍ରଶାଳା । ସଦା ରହସ୍ୟମୟୀ ପ୍ରକୃତି ଏଠି ବିଚିତ୍ରବର୍ଣ୍ଣା କେତେବେଳେ ଭୀମ ଭୟଙ୍କର ତ କେତେବେଳେ ଶାନ୍ତ ସୁନ୍ଦର ଯୁଗେ ଯୁଗେ ପ୍ରକୃତି କବି ଭାବୁକମାନଙ୍କୁ ପ୍ରଲୁବ୍ଧ କରିଛି । ପ୍ରାକୃତିକ ଶୋଭାରେ ବିଭୋର ହୋଇଛି କବିର ବର୍ଣ୍ଣ । ଯେଉଁଥିପାଇଁ ସାହିତ୍ୟରେ ପ୍ରକୃତିର ଉପାସନା ଖୁବ୍ ପ୍ରାଚୀନ । ଓଡ଼ିଆ ସାହିତ୍ୟରେ ରାଧାନାଥଙ୍କ ଠାରୁ ପ୍ରକୃତିର ଆତ୍ମପ୍ରକାଶ ଏକ ନୂତନ ରୂପ ନେଲା । ରାଧାନାଥୀ ବର୍ଣ୍ଣନାରେ ସକ୍ରିୟ ପ୍ରକୃତି କବି ଗଙ୍ଗାଧର ଓ ପରେ ପରେ ନନ୍ଦ କିଶୋରଙ୍କୁ ବି ଆଲୋଡ଼ିତ କଲା । ପ୍ରକୃତିର ମନଲୋଭା ଦୃଶ୍ୟ ଆଦି ବର୍ଣ୍ଣନା କରି ପ୍ରଥିତଯଶା କବି ନନ୍ଦକିଶୋର ପରିଚିତ ହେଲେ ପଲ୍ଲୀ କବି ରୂପେ । ପଲ୍ଲୀ ପ୍ରକୃତିର ସୂକ୍ଷ୍ମ ଓ ଜୀବନ୍ତ ବର୍ଣ୍ଣନା ଦେବାରେ ନନ୍ଦ କିଶୋରଙ୍କ ଲେଖନୀ କୁଣ୍ଠା କରିନାହିଁ କେଉଁଠି । ଆଲୋଚ୍ୟ କାବ୍ୟ 'ଶର୍ମିଷ୍ଠା' ଯାହାର ଏକ ଉଦାହରଣ ଶ୍ରେଣୀୟ ନମୁନା ।

ପ୍ରକୃତି ଚିତ୍ରଣରେ ଆଲୋଚ୍ୟ କାବ୍ୟରେ କବିଙ୍କ ସୂକ୍ଷ୍ମ କଳାକର୍ମ ଓ ପର୍ଯ୍ୟବେକ୍ଷଣର ଯଥାର୍ଥ ପରିଚୟ ମିଳେ । ପ୍ରଥମ ସର୍ଗରେ ବର୍ଣ୍ଣ ବର୍ଣ୍ଣନା ଓ ବସନ୍ତ ଋତୁ ବର୍ଣ୍ଣନା, ପଞ୍ଚମ ସର୍ଗରେ ବର୍ଷା ବର୍ଣ୍ଣନା, ଅଷ୍ଟମ ସର୍ଗରେ ଶରତ ବର୍ଣ୍ଣନା ଅତ୍ୟନ୍ତ ମାର୍ମିକ । କାବ୍ୟରେ ଚିର ସୁନ୍ଦର ଶାଶ୍ୱତ ପଲ୍ଲୀ ପ୍ରକୃତି ପଲ୍ଲୀ କବି ନନ୍ଦକିଶୋରଙ୍କ ଲେଖନୀ ସ୍ପର୍ଶରେ ବିଭିନ୍ନ ବର୍ଣ୍ଣ ବିଭାରେ ମଣ୍ଡିତ ହୋଇପଡ଼ିଛି । ରୂପସୀଟିଏ ପରି କବି ବର୍ଣ୍ଣ ପ୍ରକୃତି କଳାର ରମଣୀୟ ପାଟବଗାରେ ଭରି ଦେଇଛନ୍ତି । ତାଙ୍କ ପ୍ରକୃତି ହୋଇଯାଇଛି ଜୀବନ୍ତ । ଋତୁ ଆବର୍ତ୍ତନରେ ପଲ୍ଲୀ ପ୍ରକୃତିର ଶୋଭାରାଜିର ପରିବର୍ତ୍ତନକୁ ମଧ୍ୟ କବି ଅଣଦେଖା କରିନାହାନ୍ତି । ଋତୁ ରାଜ ବସନ୍ତର ଆଗମନରେ କବି କୁହନ୍ତି-

'ଋତୁ ଆବର୍ତ୍ତନେ ଋତୁ ରାଜମଧୁ
ପୃଥିବୀରେ ପରବେଶ ।'

ଏହି ବର୍ଣ୍ଣନାରେ କବି ଲେଖନୀ ବନରାଜିର ଚିତ୍ର ଆଙ୍କୁ ଆଙ୍କୁ ଇନ୍ଦ୍ରଧନୁର ଆଭା ସୃଷ୍ଟି କରିପାରିଛନ୍ତି । ଅବଶ୍ୟ ବସନ୍ତ ଋତୁର ବନଶୋଭା ଅତ୍ୟନ୍ତ ଧୀବନ୍ତ । ଋତୁରାଜର ଆଗମନରେ ବିହଙ୍ଗ କୁଳ ବିଭିନ୍ନ ରାଗରେ ଗୀତ ଗାଉଥିଲେ । ନବ ପଲ୍ଲବିତ କୋମଳ ପତ୍ର ସଂହାର ବସନ୍ତର ବିଜୟ ପତକା କରି ଉଡୁଥିଲେ । ଫୁଲ ଫୁଟିବା ଓ ମଳୟ ପବନ ପ୍ରବାହିତ ହେବାରେ ମାଦକତା ଭରି ଯାଉଥିଲା । ବଡ଼ ବଡ଼ ଗଛମାନଙ୍କରେ ଲତାଗୁଡ଼ିକ ବାହୁ ଛନ୍ଦା ଛନ୍ଦି ହୋଇ ସତେ ଯେମିତି ମିଳନ ଗୀତ ଗାଉଥିଲେ । ଏହିଭଳି ଏକ ପୁଲକ ସୃଷ୍ଟିକାରୀ ପରିବେଶ ମଧ୍ୟରେ ରାଜା ଯଯାତୀ

ମୃଗୟାକୁ ଯାଇଥିଲେ । ବନରାଜୀର ଅପୂର୍ବ ଶୋଭାରେ ଯଯାତୀଙ୍କ ହୃଦୟ ଦ୍ରବୀଭୂତ ହୋଇଯାଇଥିଲା । କବି କଳ୍ପନାରେ ଜଡ଼ ପ୍ରକୃତି ଜୀବନ୍ତ ରୂପ ନେଇଥିଲା । କବିଙ୍କ ଭାଷାରେ-

‘ଶ୍ରୀମନ୍ତ ବସନ୍ତ ଆଗମେ ପ୍ରଫୁଲ୍ଲ
ବୀଟପି ବଲ୍ଲରୀ ପନ୍ତି
ନବ ବିବାହିତ ବରବଧୂ ସମ
ଯୁଗ୍ମେ ଯୁଗ୍ମେ ନିବସନ୍ତି ।’

କେବଳ ଏତିକି ନୁହେଁ ଚତୁର୍ଥ ସର୍ଗରେ କବିଙ୍କର ରାତିର ବର୍ଣ୍ଣନା ଅତ୍ୟନ୍ତ ପ୍ରାଣମୟ । ଏହା ସହିତ ଆକାଶର ରୂପ । ତାରାର କ୍ରାନ୍ତି ଇତ୍ୟାଦି ବର୍ଣ୍ଣନାରେ କବି ଦୈବ ଭାବନାର ସମ୍ମିଶ୍ରଣ କରାଇଛନ୍ତି । ଗ୍ରହ, ତାରା ଆଦିଙ୍କୁ ଧରି ଚନ୍ଦ୍ର ଆକାଶରେ ରହିଥାଏ । ଚଳନ୍ତି ମେଘ ସହିତ ସେ ଧାଇଁ ଚାଲିଥାଏ । ସତେ ଯେପରି ଇନ୍ଦ୍ର ଓ ସଚିଦେବୀ ଧାବମାନ । ଆଶାୟୀ ମଣିଷ ଯେପରି କଳ୍ପନାରେ ମଜି ରହେ ଅନୁରୂପ ଭାବେ । ପୂର୍ଣ୍ଣମି ଚନ୍ଦ୍ର ମେଘକୁ ଦେଖି କବି ଦୃଷ୍ଟି ତା’ ସହିତ ଧାଇଁ ଚାଲିଛି । ଚକୋରୀକୁ ଛାଡି ରାତ୍ରିରେ ଚକୋର ଗାଉଥିଲା ଲୁହ ସିକ୍ତ କରୁଣ ଗୀତିକା ।

କବି ଲେଖନୀ ବର୍ଷା ଋତୁ ବର୍ଣ୍ଣନାରେ ମଧ୍ୟ ନିଜର ପରାକାଷ୍ଠା ଦେଖାଇବାକୁ ମଧ୍ୟ ଭୁଲିନାହିଁ । ବର୍ଷା ଋତୁ ଆକାଶର ଦେହକୁ ଢାଙ୍କିଦିଏ । ବିଭିନ୍ନ ରଙ୍ଗର ମେଘ ସାଙ୍ଗକୁ ସୌଦାମିନୀ ଶୋଭା ପାଏ । କବି କୁହନ୍ତି ସତେ ଯେମିତି ହିମାଗ୍ରୀ ଶୃଙ୍ଗରୁ ଆସନ୍ନ ଆଷାଢ଼ ଓହ୍ଲେଇ ଆସିଛି ଧରଣୀ କୋଳକୁ । ନଦୀର କୁଳଙ୍ଘନ, ଆକାଶରେ ମେଘ ଗର୍ଜନ, ମୟୁର ନୃତ୍ୟ ଅତ୍ୟନ୍ତ ମନମୁଗ୍ଧକର । କବି କଳ୍ପନାରେ ଗ୍ରୀଷ୍ମ ଋତୁ ରୂପକ ଶତ୍ରୁକୁ ମେଘ ଘୋଡ଼ାଇ ଦେଇଥାଏ । ବର୍ଷା ମୁଷଳ ଧାରାରେ ହେଲେ ଜଳ ଆସ୍ତରଣରେ ଲକ୍ଷ୍ମୀ ଶ୍ୟାମଳ ମୂର୍ତ୍ତି ଧରି ବିରାଜମାନ ହୁଅନ୍ତି । ଆକାଶ କାଦମ୍ବିନୀ କୋଳରେ ବିଜୁଳି ପାଇଁ ମେଘ ହେମପ୍ରଭା ପରି ଦିଶୁଥାଏ । ସତେ ଯେପରି ବାରିଧୀତନୟା ନୀଳତନୁ ବିଷ୍ଣୁଙ୍କ କୋଳରେ ବିରାଜମାନ ।

‘ବରଷା ଋତୁରେ ବରଷେ ଆସାର
ପୂରଇ ବିଲପୋଖରୀ
ନୀର ଆସ୍ତରଣେ ବସନ୍ତି କମଳା
ଶ୍ୟାମଳା ମୂରତି ଧରି
ନଭେ କାଦମ୍ବିନୀ କୋଳେ ଉନ୍ମଦ
ହେବପ୍ରଭା ଜିଣି ଦିଶେ
ନୀଳ ତନୁ ବିଷ୍ଣୁ କୋଳରେ ରମନ୍ତି
ବାରିଧି ତନୟା କିଶେ ।’

ଏହା ବ୍ୟତୀତ ବର୍ଷା ଋତୁରେ ସୂର୍ଯ୍ୟଙ୍କର ବିପରୀତ ଦିଗରେ ଇନ୍ଦ୍ରଧନୁ ସୃଷ୍ଟି ଅତ୍ୟନ୍ତ ମନମୁଗ୍ଧକର । କବି କଳ୍ପନାରେ ବର୍ଷା ଋତୁରେ ସୂର୍ଯ୍ୟ ଓ ମେଘର ଯୁଦ୍ଧ ଲାଗିଥାଏ । ପୁଷ୍ପ ଉପରେ ବର୍ଷା ବିନ୍ଦୁ ଚମକ ସୃଷ୍ଟି କରିଥାଏ । ଚାରିଆଡ଼େ ହୋଇଥାଏ ଶବ୍ଦ ତରଙ୍ଗ । ତା’ ସାଙ୍ଗକୁ ଶୀତଳ ପବନ ପୁଲକ ସୃଷ୍ଟି କରେ ।

‘ଶର୍ମିଷ୍ଠା’ କାବ୍ୟରେ କବି ଶରତ ଋତୁର ବର୍ଣ୍ଣନା ମଧ୍ୟ ଅତି ଚମତ୍କାର ଶୈଳୀରେ କରିଛନ୍ତି । ସାରଦୀୟ ଆକାଶର ରଙ୍ଗ, ମଳୟ ପବନ ଓ ଏହାର ଶୀତଳତା କବି ପ୍ରାଣକୁ ଆଲୋଡ଼ିତ କରିଛି । ଭାରଡୀୟା ପକ୍ଷୀର ଉଦାସୀ ଗାନ, କଇଁପାଟିର ସ୍ୱର ନିକୋଣ, କୁକୁଡାର ପାହାନ୍ତା ପହରର ଡ଼ାକ ଓ ତାଳ ଉପରେ କାଉ ଡ଼ାକ ଆନମନା କରିଛି ପ୍ରକୃତିପ୍ରିୟ କବିଙ୍କୁ ।

କେବଳ ଋତୁ ବର୍ଣ୍ଣନା ନୁହେଁ, ଅପରନ୍ତୁ ସକାଳର ବର୍ଣ୍ଣନା ଦେବାରେ କବିଙ୍କର ନିପୁଣତା ଲକ୍ଷଣୀୟ । ସିନ୍ଧୁର ନିର୍ମଳ ଜଳରେ ପ୍ରଶାନ୍ତ, ନିଶାନ୍ତ ଛବି ଦେଖାଯାଏ । ପୂର୍ବ ଦିଗରେ ପ୍ରଭାତର ମୁକୁଟ ଲାଲ ରଙ୍ଗର ରବି ଝଟକି ଉଠନ୍ତି । ସନ୍ଧ୍ୟା, ସ୍ୱିତ୍ମ, ସ୍ମାତା, ଉଷାଦେବୀ ପଶ୍ଚିମ ଦିଗରେ ବିଦାୟ ନେଉଥାନ୍ତି । ପୂର୍ବ ଦିଗରୁ ହସ ହସ ଦିଗରେ ଉଦୟ ହୋଇଥାନ୍ତି । କବିଙ୍କ ଭାଷାରେ-

'ଝଟକିଲା ସିନ୍ଧୁ ସ୍ୱଚ୍ଛୋଦ ମୁକୁରେ
ପ୍ରଶାନ୍ତ ନିଶାନ୍ତ ଛବି
ପୂର୍ବାସା ଲଲାଟେ ପ୍ରଭାର ମୁକୁଟେ
ଝଟକିଲେ ରକ୍ତ ରବି ।'

ସାମଗ୍ରିକ ଭାବେ ବିଚାର କଲେ ଜଣାଯାଏ ଯେ ପଲ୍ଲୀ କବିଙ୍କ ଲେଖନୀରେ ପ୍ରକୃତି ହୋଇଉଠିଛି ଜୀବନ୍ତ । ଜଡ଼ ପ୍ରକୃତି ଠାରେ ଜୀବନ ଭରିଦେଇଛନ୍ତି କବି । ବାସ୍ତବିକ୍ 'ଶର୍ମିଷ୍ଠା' କାବ୍ୟରେ ପ୍ରକୃତି ବର୍ଣ୍ଣନା ବେଶ୍ ହୃଦୟସ୍ପର୍ଶୀ ଚିତୋଉଲ୍ଲାସ ।

•

# ନାରୀ

ମୋନାଲିସା ପ୍ରଧାନ
+୩ ପ୍ରଥମ ବର୍ଷ, କଳା

ନାରୀ ଶବ୍ଦଟିକୁ ଉଚ୍ଚାରଣ କଲେ ମନ ଭିତରେ ଉଙ୍କିମାରେ, ସମସ୍ତଙ୍କୁ ପ୍ରେମ, ସ୍ନେହ, ଶ୍ରଦ୍ଧା ପ୍ରଦାନ କରୁଥିବା ପ୍ରତିମୂର୍ତ୍ତୀ । ନାରୀ ପ୍ରେମମୟୀ, ସେବାମୟୀ ମାନବୀ । କିନ୍ତୁ ଆଜି ସେବା, ତ୍ୟାଗ, ଆଦର୍ଶବାଦିତାର ମୂର୍ତ୍ତିମନ୍ତ ପ୍ରତୀକ ନାରୀ ଏହି ପୁରୁଷ ସମାଜ ପାଇଁ ସତେ ଯେପରି ଅଲୋଡ଼ା ଏବଂ ଉପଭୋଗର ସାମଗ୍ରୀ ହୋଇଯାଇଛି । କିନ୍ତୁ ଏହି ପୁରୁଷ ସମାଜ ଜାଣି ରଖିବା ଉଚିତ୍ ଯେ, ନାରୀ କେବଳ ସେବା କରିବାକୁ ନୁହେଁ ସେବା ପାଇବା ପାଇଁ ମଧ୍ୟ ଜନ୍ମ ନେଇଛି । ଏହି ଶାନ୍ତିକାମୀ ନାରୀକୁ ଆଜି ନିଜର ଶାନ୍ତ ଶିଷ୍ଟ ସ୍ୱଭାବରେ ଏକ ପୂର୍ଣ୍ଣଚ୍ଛେଦ ଟାଣିବାକୁ ପଡ଼ିବ । ନାରୀ କ'ଣ ସବୁବେଳେ ସେବାକରି ପୁରୁଷମାନଙ୍କୁ ସୁଖସ୍ୱାଚ୍ଛନ୍ଦରେ ରଖିବାକୁ ଜନ୍ମ ନେଇଛି ? ତା'ର କ'ଣ ଇଚ୍ଛା ଆକାଂକ୍ଷାର କୌଣସି ମୂଲ୍ୟ ନାହିଁ ? ଯଦି ନାହିଁ ତେବେ ନାରୀକୁ ସଂଗ୍ରାମ କରିବାକୁ ପଡ଼ିବ, ତା ଅଧିକାର ହାସଲ କରିବା ପାଇଁ ।

ପୁରୁଷମାନେ ମନେ ରଖିବା ଉଚିତ ଯେ ନାରୀ ମଧ୍ୟ ହୋଇପାରେ ପ୍ରଳୟଙ୍କରୀ । ଏହି ନାରୀ ଯଦି ମା' ହେବାକୁ ମନା କରିଦିଏ, ତେବେ ସୃଷ୍ଟିର ଅସ୍ତିତ୍ୱ ହିଁ ଲୋପ ପାଇଯିବ । ନାରୀ ଉପରେ ହିଁ ସୃଷ୍ଟିକର୍ତ୍ତା ଏ ଗୁରୁ ଦାୟିତ୍ୱ ନ୍ୟସ୍ତ କରିଛନ୍ତି । ତେଣୁ ମାତୃତ୍ୱକୁ ନାରୀର କର୍ତ୍ତବ୍ୟ ନଭାବି ଏହାକୁ ସୃଷ୍ଟିରକ୍ଷା ଦିଗରେ ଏକ ଅବଦାନ ଭାବିବା ଉଚିତ୍ ।

ନାରୀ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ନିଜସ୍ୱ ଉଦ୍ୟମ କରବାକୁ ପଡ଼ିବ । ତେବେ ଯାଇ ଏ ପୁରୁଷ

ସମାଜ ତାକୁ ସମ୍ମାନ ଦେବ । ନଚେତ୍ ନାରୀ ଯୁଗ ଯୁଗ ଧରି ଏକ ଉପଭୋଗର ବସ୍ତୁ ହୋଇ ରହିଛି ଓ ରହିଯିବ ମଧ୍ୟ । ତା'ର ଶାଶ୍ୱତ ରୂପକୁ ଏମାନେ ପଣ୍ୟବସ୍ତୁ ପରି ବିକ୍ରୟ କରିବେ । ରୂପଲାବଣ୍ୟକୁ ନିଜର କାମନାର ଅଗ୍ନିରେ ଭସ୍ମୀଭୂତ କରିଦେବେ । ତାକୁ ଲାଞ୍ଛିତ ଅପମାନିତ କରି ରାସ୍ତାରେ ଛିଡ଼ା କରାଇଦେବେ । ତେଣୁ ସବୁ ସ୍ତରରେ ନାରୀ ଜାଗରଣ ଆଣି ନାରୀମାନଙ୍କୁ ଜାଗ୍ରତ ହେବାକୁ ପଡ଼ିବ ।

ଆହୁରି ମଧ୍ୟ ଜାଣିବାକୁ ହେବ ନାରୀ ଈଶ୍ୱରଙ୍କ ସୃଷ୍ଟିର ଅନବଦ୍ୟ ସମ୍ଭାର ନେଇ ଏ ଧରାଧାମରେ ଜନ୍ମିତ । ତଥାପି ସେ ଆଜି ସମସ୍ତଙ୍କ ପାଇଁ ହୋଇଯାଇଛି ଅଲୋଡ଼ା । ସେ ଅନ୍ୟ କାହାର ଦୟାରେ ବଞ୍ଚିବାଟା ଶୋଭା ପାଏନି । ଏହା ଶୋଭାପାଏ ପଙ୍ଗୁ ବା ଅଥର୍ବ ନିକଟରେ ।

ତେଣୁ ନାରୀ ପ୍ରତି ଦୟା ଦେଖାଇବା ତା ପ୍ରତି ଅପମାନ । ଆଜି ସମସ୍ତ ଜନମାନସକୁ ବୁଝିବାକୁ ହେବଯେ, ନାରୀକୁ ଦୟା ନ ଦେଖାଇ ତା ପ୍ରତି ସମ୍ମାନ, ସ୍ନେହ ଶ୍ରଦ୍ଧା ଦେଖାଇବା ଉଚିତ୍ । ନାରୀ ନିଜ ପରାଧୀନତା ଓ ଅସମ୍ମାନ ପାଇଁ ନିଜେ ହିଁ ଦାୟୀ । ନାରୀ ନିଜକୁ ନିଜେ ସଞ୍ଚତ କରିପାରିଲାନି । ତା'ର ମନ ପର ପୁରୁଷର କରାଳ ଚକ୍ରବ୍ୟୂହରେ ଫସିଗଲା । ସେହି ପୁରୁଷ ରୂପକ ରାକ୍ଷସ ହାତରୁ କ୍ଷତ-ବିକ୍ଷତ ହୋଇ ସମଗ୍ର ନାରୀ ସମାଜକୁ ଉଦ୍ଭ୍ରାନ୍ତ କରିଚାଲିଲା । ସେହି ଧାରା ଆଜିବି ପ୍ରଖର ପ୍ରବାହିତ ।

ଥରେ ଗାନ୍ଧିଜୀ କହିଥିଲେ, ଯେଉଁଦିନ ରାତି ବାରଟାରେ ଭାରତର ରାଜରାସ୍ତାରେ ଯୁବତୀଟିଏ ନିର୍ଭୟରେ ଚାଲିପାରିବ ସେଦିନ ପ୍ରକୃତ ସ୍ୱରାଜ ଆସିଛି ଓ ଆମେ ସ୍ୱାଧୀନ ହୋଇଛୁ ବୋଲି ବୁଝିବାକୁ ହେବ ।

ଆଜିର ପ୍ରତ୍ୟେକ ନାରୀ ନିଜ ନିଜର ବୁଦ୍ଧି ଓ ବିବେକ ମାପକେ ସ୍ୱାବଲମ୍ବନଶୀଳ ଓ ସ୍ୱାଭିମାନୀ ହେବା ବିଧେୟ ।

●

# ଅଶୁଭ ଶକୁନ ଓ ଆମେ

ସୋନାଲିକା ପାଲ
+୩ ପ୍ରଥମ ବର୍ଷ, କଳା

ପ୍ରାଚୀନ କାଳରୁ ଭାରତୀୟମାନେ ଅନେକ ଦେବାଦେବୀଙ୍କୁ ପୂଜା କରି ସେମାନଙ୍କ ଜୀବନକୁ କୃତାର୍ଥ ମନେ କରୁଥିଲେ । ଅନ୍ୟ ଦେଶର ଅଧିବାସୀମାନଙ୍କ ଚଳନି ଠାରୁ ଏମାନଙ୍କ ଚଳନି ଭିନ୍ନ ଓ ସ୍ୱତନ୍ତ୍ର ଧରଣର । ଏବେବି ଏମାନଙ୍କ ମନରେ ଅନେକ ଅନ୍ଧବିଶ୍ୱାସ ରହିଛି । ପୂର୍ବ, ଉତ୍ତର ଓ ଦକ୍ଷିଣ ଭାରତର ପ୍ରାୟ ଅଧିକାଂଶ ଏହି ଅନ୍ଧବିଶ୍ୱାସର ବଶବର୍ତ୍ତୀ । ଏବେବି ଲୋକମାନେ ଉତ୍ତର ଭାରତରେ ବିଶ୍ୱାସ କରନ୍ତି ବଳିଦାନ ସେମାନଙ୍କ ଜୀବନକୁ ସୌଭାଗ୍ୟ ଆଣିଦେବ । ସେଭଳି କିଛି ଅନ୍ଧବିଶ୍ୱାସ ସମ୍ପର୍କରେ ଆଲୋଚନା କରିବା ।

କଳା ବିଲେଇ ବାଟ ଓଗାଳିଲେ :- ବିଲେଇ ଯଦି ଆଗକୁ ଚାଲିଯାଏ ତେବେ ଆଗକୁ ବଢ଼ିବା ମନା । କଳା ବିଲେଇଟିଏ ଆଗରେ ଚାଲିଗଲେ ଆମେ ଟିପେ ବି ଆଗକୁ ଯାଉନାହୁଁ । ବହୁ ଲୋକଙ୍କର

ବିଶ୍ୱାସ ଯେ ବିଲେଇ ସମ୍ମୁଖରେ ରାସ୍ତା ପାରି ହେଲେ, ଅଘଟଣ ଘଟିବାର ସୂଚନା ମିଳେ । ଅନେକ ଲୋକ ବିଲେଇ ଦେଖିଲେ କେଇ ମିନିଟ୍ ରହିଯାନ୍ତି ନ ହେଲେ ପଛକୁ କେତେ ପାଦ ଘୁଞ୍ଚିଆସନ୍ତି ।

ରାତିରେ ଚୁଟି ଓ ନଖ କାଟିବା ମନା :- ଏବେବି ରାତିରେ ଘରେ ଚୁଟି କିମ୍ବା ନଖ କାଟିବାକୁ ମନା କରନ୍ତି । ଏଭଳି କାରଣ ପଛରେ କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ବିନା ଆଲୋକରେ ଏହି କାର୍ଯ୍ୟ କଲେ ତାହା ଠିକ୍ ଶୈଳୀରେ ହୁଏ ନାହିଁ । ଧାରୁଆ ପାତରେ ନଖ ତଳର ମାଂସ କଟିଯିବାର ଭୟ ଥାଏ ।

ଯାଉଥିବା ଲୋକଙ୍କୁ ପଛରୁ ଡାକନ୍ତୁ ନାହିଁ :- ଶୁଭ କାର୍ଯ୍ୟରେ ଯାଉଥିବା ଲୋକଙ୍କୁ ପଛରୁ ଡ଼ାକିଲେ ଅମଙ୍ଗଳ ହୁଏ ବୋଲି ବିଶ୍ୱାସ କରାଯାଏ । ଭାରତର ସବୁ ସ୍ଥାନରେ ସବୁ ବର୍ଗର ଲୋକଙ୍କ ମଧ୍ୟରେ ଏହି ଧାରଣା ରହିଛି । ଏହାର ମନସ୍ତାତ୍ତ୍ୱିକ କାରଣ ହେଉଛି- କୌଣସି କାର୍ଯ୍ୟରେ ବାହାରି ଯାଉଥିବା ଲୋକ ଏକ ସତେଜ ମନ ଓ ଶକ୍ତି ନେଇ ବାହାରିଥାଏ । ଏହି ସମୟରେ ପଛରୁ ଡ଼ାକିଲେ ସତେଜତା ହ୍ରାସ ପାଏ ।

ଦହି ସେବନ :- କୌଣସି ଶୁଭ କାର୍ଯ୍ୟରେ ବାହାରୁଥିଲେ କି ପରୀକ୍ଷା ଦେବାକୁ ଗଲାବେଳେ ଘରେ ଦହି ଖାଇବାକୁ ଦିଅନ୍ତି । ଦହି ବା କ୍ଷୀର ମିଳାଇ ଏପରି ସମୟରେ ଶୁଭ ବୋଲି ମନେ କରାଯାଏ ।

କ୍ଷୀର ଉତୁରିବା ଶୁଭ ସୂଚକ :- ଘରେ କ୍ଷୀର ଚୁଲିକୁ ଉତୁରିବା ଶୁଭ ମନାଯାଏ । ଏହା ସହିତ ଘରକୁ ଆସିଥିବା ନୂଆ ବୋହୂ ହାତରେ କ୍ଷୀର ଉତୁରିବା ଆହୁରି ଶୁଭ ସୂଚକ ବୋଲି ଧରାଯାଏ । ଏଭଳି ବିଶ୍ୱାସ ଏବେବି ପରିବାରରେ ରହିଛି ।

ଲେମ୍ବୁ ଓ ଲଙ୍କାମାଳ :- ନୂଆଘର ପ୍ରତିଷ୍ଠା କି ବ୍ୟାବସାୟିକ ପ୍ରତିଷ୍ଠାନ ଖୋଲିଲେ, ଲୋକେ ସମ୍ମୁଖ ଦରଜା ଆଗରେ ଲେମ୍ବୁ ଓ ଲଙ୍କାମାଳ ଟଙ୍ଗାଇଥାନ୍ତି । ଏହା ପ୍ରତ୍ୟେକ ଖରାପ ନଜରକୁ ଏଡ଼ାଇଥାଏ । ଏହାର ଭିନ୍ନ କାରଣ ହେଉଛି, ଲେମ୍ବୁ ରସରେ ମଇଳା ସଫା କରିବାର ଗୁଣ ରହିଛି । ଲଙ୍କା ରାଗ ଓ କ୍ରୋଧର ପ୍ରତୀକ । ଏହି ଦୁଇଟିକୁ ମିଶାଇ ଟଙ୍ଗାଇଲେ ଅନ୍ୟର କ୍ରୋଧ, ରାଗ ଅସୂୟାର ପ୍ରଭାବ ପକାଏ ନାହିଁ ।

ଶଙ୍ଖ :- ଶଙ୍ଖ ହେଉଛି ଭଗବାନ ବିଷ୍ଣୁଙ୍କର ସବୁଠାରୁ ପ୍ରିୟ ପଦାର୍ଥ । ଶଙ୍ଖ ବଜାଇ ସେ କୁରୁକ୍ଷେତ୍ର ଯୁଦ୍ଧ ଆରମ୍ଭ କରିଥିଲେ । ପୂଜା ଅର୍ଚ୍ଚନା କାର୍ଯ୍ୟରେ ଶଙ୍ଖ ବାଦନ କରାଯାଏ । ଶଙ୍ଖ ଶବ୍ଦ ଯେଉଁ ପର୍ଯ୍ୟନ୍ତ ପହଞ୍ଚେ ସେ ପର୍ଯ୍ୟନ୍ତ ଭୂତ, ପ୍ରେତ ଏବଂ ପିଶାଚ ପ୍ରବେଶ କରେ ନାହିଁ ।

ଦୀପ :- ଯେକୌଣସି ପର୍ବ ପର୍ବାଣୀରେ ଦୀପ ଜଳିଥାଏ । ହିନ୍ଦୁମାନଙ୍କ ପାଇଁ ଅଗ୍ନି ଏକ ଦେବତା । ଦୀପର ଅଗ୍ନି ଆଖପାଖର ପରିବେଶକୁ ସ୍ୱଚ୍ଛ କରିଥାଏ । ଖ୍ରୀଷ୍ଟିୟାନ୍‌ମାନେ ବିବାହ ଓ ଜନ୍ମଦୀନ ଉତ୍ସବରେ ମହମବତୀ ଜଳାଇଥାନ୍ତି । ଦୀପ ବା ମହମବତୀ ଜଳାରେ ପରିବେଶକୁ ଆଲୋକିତ କରିବାର ମନସ୍ତାତ୍ତ୍ୱିକ ଦିଗଟି ହେଉଛି ଆମ ମନର ଅନ୍ଧକାର, ଅଜ୍ଞତା ଏହା ଦୂର ହେବାର ବିଶ୍ୱାସ ଦୃଢ଼ ହୁଏ ।

ରଙ୍ଗୋଲି ବା ଚିତା :- ଚିତା ହିନ୍ଦୁମାନଙ୍କ ପବିତ୍ରତାର ପ୍ରତୀକ । ସକାଳେ ଘର ଅଗଣାକୁ ଗୋବର ପାଣିରେ ପ୍ରଲେପ ଦିଆଯିବା ପରେ ଚିତା ପକାଯାଏ । ଏହା ପଛରେ ବିଜ୍ଞାନ ସମ୍ମତ କାରଣ ହେଉଛି ଗୋବର କୀଟନାଶକ ଓ ରଙ୍ଗୋଲି ଆଗନ୍ତୁକଙ୍କୁ ସ୍ୱାଗତ ଜଣାଏ ।

●

# ମନୁଷ୍ୟର ଚିନ୍ତାଧାରା ଏବଂ ଟିନ୍ ଇୟରର୍ସ

**ଅନନ୍ତ ମଲ୍ଲିକ**
**+୨ ପ୍ରଥମ ବର୍ଷ, କଳା**

ଏହି ପୃଥିବୀଟି ହେଉଛି ଏକ ମାୟା ସଦୃଶ । ଯାହାକି ପରମାତ୍ମାଙ୍କ ଦାନ ବୋଲି ସାରା ସଂସାର ଜାଣିଛି । ଏହି ପୃଥିବୀରେ ଆମେମାନେ ବାସ କରୁଛେ । ଏହି ପୃଥିବୀରେ ବାସ କରୁଥିବା ସମସ୍ତ ମାନବ ସମାଜ ଜାଣିଛି ଯେ ଏ ସଂସାର ଉତ୍ପନ୍ନ କରିଛି ଯେ ସିଏ ହେଉଛନ୍ତି ଭଗବାନ । ଯାହାଙ୍କ ଦ୍ୱାରା ଏ ସାରା ସଂସାରର ସୃଷ୍ଟି ହୋଇଛି । ସେ ଚାହିଁଲେ କିଛିକ୍ଷଣ ମଧ୍ୟରେ ବିଲୁପ୍ତ କରିପାରିବେ ।

ତାଙ୍କ ବିନା ଏ ସାରା ପ୍ରାଣୀଜଗତ ତୁଚ୍ଛ ହୀନ ଅଟେ । ସତ୍ୟ, ତ୍ରେତୟା, ଦ୍ୱାପର ଅପେକ୍ଷା ଏ କଳିଯୁଗର ମାନବ କଳୁଷିତ ପରିବେଶରେ ବସବାସ କରୁଅଛି । ଯାହାକି ସ୍ୱଚ୍ଛ ଦେଖାଯାଉଅଛି କି ଏ ସାରା ପୃଥିବୀ ଅଗ୍ନିର ପିଣ୍ଡରେ ଧ୍ୱଂସ ହେବାକୁ ଯାଉଛି । ସତ୍ୟ, ତ୍ରେତୟା, ଦ୍ୱାପରରେ ଜନ୍ମ ନେଇଥିବା ବ୍ୟକ୍ତିବିଶେଷ ମାନେ ଭଗବାନଙ୍କ ଚିନ୍ତାରେ ନିମଗ୍ନ ରହୁଥିଲେ । ତାଙ୍କର ଭାବନା ସତ୍‌ମାର୍ଗର ଥିଲା । ସେ ତିନିଯୁଗ ଥିଲା ଅତି ସୁନ୍ଦର, ଧର୍ମପରାୟଣ ଯୁଗ କିନ୍ତୁ ଏ କଳିଯୁଗର ମନୁଷ୍ୟ ଅତି ନିର୍ମମ, ସ୍ୱାର୍ଥପର, ଅହଂକାର, ଗର୍ବ, ହିଂସାତ୍ମକ ଚିନ୍ତାଧାରାରେ ଅଗ୍ରସର ହେଉଛି । ଏ ସମାଜର ଲୋକମାନେ ଅତି କଠୋର ହୋଇଗଲେଣି । ତା'ର ଆଖି ଥିଲେ ମଧ୍ୟ ସେ କରୁଥିବା କାର୍ଯ୍ୟଗୁଡ଼ିକୁ ଦେଖିପାରୁ ନାହିଁ । ପର ଝିଅ ବୋହୂମାନଙ୍କୁ ମଧ୍ୟ ଖରାପ ଦୃଷ୍ଟିରେ ଦେଖୁଛି । ଏ ସମାଜ ଏକ ଭୟଙ୍କର ସମାଜ ବୋଲି ବହୁ ବଡ଼ ବଡ଼ ମୁନି, ଋଷିମାନେ ବର୍ଣ୍ଣନା କରିଯାଇଅଛନ୍ତି ।

ଏ ମାନବ ସମାଜରେ ବାସ କରୁଥିବା ସମସ୍ତ ମନୁଷ୍ୟ ଖରାପ ନୁହଁନ୍ତି । ସମସ୍ତେ ଭଲ ନୁହଁନ୍ତି । ସମସ୍ତଙ୍କର କିଛି ନା କିଛି ଭଲ ଓ ମନ୍ଦ ଗୁଣ ରହିଛି । ମୁଁ ମୋର ଅଭିଜ୍ଞତା ଦୃଷ୍ଟିରୁ ଯାହା ଜାଣିଛି ତାହା କିଛି କିଛି କରି ଲେଖୁଛି ।

ଏ ସମାଜରେ ମନୁଷ୍ୟ ଜନ୍ମ ନେଲାମାତ୍ରେ କିଛି ଠିକ୍ ଏବଂ କିଛି ଭୁଲ୍ କାର୍ଯ୍ୟ କରିଥାଏ । ମନୁଷ୍ୟ ତା'ର ଜୀବନର ସାର୍ଥକତା, ସଫଳତା ପାଇଁ ବିଦ୍ୟା ଏବଂ ଜ୍ଞାନର ସାହାଯ୍ୟ ନେଇଥାଏ । ସେହି ଜ୍ଞାନ ଓ ବିଦ୍ୟାର ପରାକାଷ୍ଠା ବଳରେ ସେ ନିମ୍ନରୁ ମଧ୍ୟ ଉର୍ଦ୍ଧ୍ୱଗାମୀ ହୋଇପାରିଥାଏ । ସେ ଚାହିଁଲେ ସବୁକିଛି କରିପାରେ କିନ୍ତୁ ଗୋଟିଏ ମା' ଗର୍ଭରୁ ଜନ୍ମ ନେଲାପରେ ସେ ଶିଶୁ ରୂପେ ପୃଥିବୀରେ ପରିଗଣିତ ହୋଇଥାଏ । ପରେ ଶିଶୁରୁ ଶୈଶବ ଅବସ୍ଥା ଏବଂ କୈଶୋର ଅବସ୍ଥାରେ ପାଦ ଥାପିଥାଏ । ତେବେ ତା'ର ଚିନ୍ତାଧାରା ଅନ୍ୟପ୍ରକାର ହେବାରେ ଲାଗିଥାଏ । ଏହି ସମୟ ଅବସ୍ଥାକୁ 'ଟିନ୍ ୟିର୍ସ' ବୋଲି ମଧ୍ୟ କୁହାଯାଇଥାଏ । 'ଟିନ୍ ୟିର୍ସ'ର ଅର୍ଥ ହେଉଛି କି, ଗୋଟିଏ ଶିଶୁ ଜନ୍ମ ନେଲାପରେ ତା'ର ବୟସର ଅନୁପାତ ବଢ଼ି ଚାଲିଥାଏ । ଯାହାକି ବାରବର୍ଷ ବୟସର ପରିସମାପ୍ତି ପରେ ଏହି ବର୍ଷମାନ ଆଗତ ହୋଇଥାଏ । ସେହି ଶିଶୁକୁ ଯେତେବେଳେ ତେରବର୍ଷ ବୟସ ହୋଇଥାଏ ତେବେ ସେ କୈଶୋର ଅବସ୍ଥାରେ ପରିଣତି

ହୋଇଥାଏ । ଏହା ତେରବର୍ଷ ବୟସରୁ ଉଣେଇଶି ବର୍ଷ ବୟସ ଅର୍ଥାତ୍ ଛଅବର୍ଷ ମଧ୍ୟରେ ଗୋଟିଏ ପିଲା ତା'ର ନିଜର ଚିନ୍ତାଧାରା, ବିବେକ, ନିଜର ଅଭିଜ୍ଞତା ଏବଂ ହିତାହିତ ଜ୍ଞାନ ସବୁକୁ ପ୍ରାୟ ଆୟତ୍ତ କରିପାରେ ନାହିଁ । ଯାହାକି ସେ ନିଜେ କ'ଣ କରୁଛି ଅର୍ଥାତ୍ ସେ ଭୁଲ୍ କରୁଛି ଅବା ଠିକ୍ କରୁଛି ସେ ଜାଣିପାରେ ନାହିଁ । ଏହି ତେରବର୍ଷ ବୟସରୁ ଉଣେଇଶି ବର୍ଷ ବୟସରେ କୈଶୋର ଅବସ୍ଥାରେ ପହଞ୍ଚିଥିବା ପିଲାମାନେ କାମିନୀ କାଞ୍ଚନ ପଛରେ ଧାବିତ ହୋଇଥାଆନ୍ତି । ଏହି ଛଅବର୍ଷ ବୟସ ମଧ୍ୟରେ ସେ କ'ଣ ଭୁଲ୍ କରିଛି ନାଁ ସେ ଠିକ୍ କରିଛି ତାକୁ ଭାବିବାକୁ ସମୟ ନଥିବା ଏହି ରାସ୍ତାରେ ପଶିଯିବା ଫଳରେ ବାହାରିବା ଏତେ ସହଜ ହୋଇନଥାଏ । ଆମେ ଏପରି ଚିନ୍ତାଧାରାରେ ଯିବା କାହିଁକି ପଛରେ ଅନୁତାପ ଅଗ୍ନିରେ ଜଳିପୋଡ଼ି ଛାରଖାର ହେବା କାହିଁକି ?

ଚାଲି ଯାଇଥିବା ସମୟକୁ କ'ଣ ଆପଣମାନେ ଫେରାଇ ଆଣିବେ କି ? ଯଦି 'ନାଁ' ତେବେ ଆମେ ଏପରି କାର୍ଯ୍ୟ କରିବା କି ଯେଉଁଥିରେ ଆମର ଏବଂ ଆମ ସମାଜର ଉନ୍ନତି, ବିକାଶ ହୋଇପାରିବ ।

●

# ବିଶ୍ୱାସ ହିଁ ଈଶ୍ୱର

ସ୍ୱର୍ଣ୍ଣମୟୀ ଜେନା

ହେ ଈଶ୍ୱର,

ମୁଁ ତୁମ ସ୍ମରଣ ଭଜନ ଓ ଧ୍ୟାନ କରିବାକୁ ଚାହୁଁଛି । ବେଳେବେଳେ ମୋ ବୁଦ୍ଧି ତୁମ ଭଜନ-ସ୍ମରଣରେ ସମସ୍ତ ଜୀବନ କଟାଇ ଦେବାପାଇଁ ସ୍ଥିର କରିଥାଏ । ଏହି ସ୍ଥିରୀକୃତ ଧାରଣାକୁ ନେଇ ମୁଁ ବାରମ୍ବାର ଚେଷ୍ଟାକରେ ତଥା ଭଜନ ସ୍ମରଣ କରିବା ପାଇଁ ଆରମ୍ଭ କରେ, ମାତ୍ର ଅଳ୍ପ ସମୟ ପରେ ଅନୁଭବ କରେ ଯେ ଚିତ୍ତ ଅନ୍ୟ କୁଆଡ଼େ ଚାଲିଯାଉଛି । ଦୁଃଖ ଲାଗେ ଏବଂ ଉତ୍ସାହ ତୁଟିଯାଏ । ଏଣେ ସଂସାରର ବାସନାମାନଙ୍କର ପ୍ରବଳ ଆକର୍ଷଣ । ଭଜନ ସ୍ମରଣ କିଛିବି ହୋଇପାରୁ ନାହିଁ । ହେ ଈଶ୍ୱର ! ତୁମେ କୃପାକରି ଏପରି ଶକ୍ତିଦିଅ ଯାହାଦ୍ୱାରା ତୁମ ଭଜନ ସ୍ମରଣ ହିଁ ମୋ ଜୀବନରେ ଏକମାତ୍ର କର୍ମ ହେଉ । ହେ ଈଶ୍ୱର, ଯେତେବେଳେ କାହାର ମୃତ୍ୟୁକଥା ଶୁଣେ ସେତେବେଳେ କିଛି ସମୟ ପାଇଁ ମନ ଭିତରେ ବୈରାଗ୍ୟ ଆସିଯାଉଛି । ଭାବେ ମୁଁ ବି ଏପରି ଦିନେ ମରିଯିବି । ସୃଷ୍ଟିରେ ମଣିଷ ଜୀବନ ଦୁଃଖକଷ୍ଟ ଓ ଯାତନାର ଗନ୍ତାଘର । ସଂସାରରେ ରହି ବାରମ୍ବାର ନାନା ଘାତ ପ୍ରତିଘାତ ଓ ବାଧା ବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ ଦେଖାଯାଏ ଅତି ଦୁଃଖରେ ପଡ଼ିଲେ ମଣିଷ ଧୈର୍ଯ୍ୟହରା ହୋଇ ଭାବେ ଯେ ଈଶ୍ୱର ତା ପ୍ରତି ବିମୁଖ । କିନ୍ତୁ ଏମିତି କିଛି ସମୟରେ ଆମେ ଈଶ୍ୱରଙ୍କ ପ୍ରତି ଅନାସ୍ଥା ଭାବ ପୋଷଣ କରିବା ଉଚିତ୍ ନୁହେଁ । ବରଂ ଈଶ୍ୱର ସର୍ବଦା ଆମ ସାଥିରେ ଅଛନ୍ତି । ଏହି ଭାବନା ହିଁ ଈଶ୍ୱରଙ୍କ ପ୍ରତି ଥିବା ବିଶ୍ୱାସକୁ ଦୃଢ଼ କରିଥାଏ । ଦୁଃସ୍ଥିତିରେ ଈଶ୍ୱରଙ୍କ ଉପରେ ଦୃଢ଼ ଆସ୍ଥା ହିଁ ଆମକୁ ଈଶ୍ୱରଙ୍କ ନିକଟବର୍ତ୍ତୀ କରାଇଥାଏ । ବାସ୍ତବରେ ଅଜ୍ଞାନତାବଶତଃ ଆମ ମନରେ କିଛି ଭୁଲ୍

ବିଚାରଧାର ସୃଷ୍ଟି ହୋଇଥାଏ । କିଛି ଲୋକ ନିଜ ଅବସ୍ଥା ବା ସ୍ଥିତି ଉପରେ କି ଅନ୍ୟମାନଙ୍କ ଅବସ୍ଥା ସମ୍ପର୍କରେ ବିଚାର କରିନଥାନ୍ତି । ଆପଣା ଅଶାନ୍ତି ପାଇଁ ସମୟେ ସମୟେ ଅନ୍ୟ କାହା ଉପରେ ଦୋଷ ଲଦି ଦେଇଥାନ୍ତି । କେବେ ଈଶ୍ୱରଙ୍କ ପ୍ରତି ତ କେବେ କୌଣସି ବ୍ୟକ୍ତି ଉପରେ ଦୋଷାରୋପ କରିଥାନ୍ତି । ଆମେ ବୁଝିବା ଉଚିତ୍ ଯେ ସବୁ ଦୁଃଖ ଆମର କର୍ମ ଓ ଚିନ୍ତନର ପରିଣାମ ଛଡ଼ା ଆଉ କିଛି ନୁହେଁ । ଯଦି ଆମେ କିଛି ନ ଜାଣିବା ତେବେ ଅନ୍ଧାରର ଏକ କୋଠରୀ ଭିତରେ ଆବଦ୍ଧ ହେବାସହ ସମାନ । ଏଭଳି ରହି ସୁଖଶାନ୍ତି ପାଇଁ ଆଶା କରିବା ନିର୍ବୋଧତା । ବାସ୍ତବରେ ସୁଖଶାନ୍ତି ପ୍ରାପ୍ତି ପାଇଁ ଆପଣା ମନର ଏକାଗ୍ରତା ଓ ଶାନ୍ତି ଆବଶ୍ୟକ । ଏମିତି କିଛି ଲୋକ ସେମାନେ କୌଣସି ସ୍ଥାନକୁ ବୁଲିବାକୁ ଗଲେ ଖୁସି ଓ ଆନନ୍ଦ ପାଇଥାନ୍ତି । ଆଉକିଛି ଲୋକ ଭାବନ୍ତି କୌଣସି ବସ୍ତୁଠାରୁ ସେମାନେ ଆନନ୍ଦ ପାଇଥାନ୍ତି । ଏହିଭଳି କର୍ମଜଞ୍ଜାଳମୟ ଜୀବନରେ ମଣିଷକୁ ବହୁ ଦୁଃଖକଷ୍ଟ ଓ ସୁଖକୁ ସାମ୍ନା କରିବାକୁ ପଡ଼ିଥାଏ । ହେ ମୋର ଈଶ୍ୱର, ମୁଁ ତୁମକୁ ଜୀବନର ସର୍ବସ୍ୱ ବୋଲି ମାନିବି, ତୁମକୁ ହିଁ ମୋର ଆତ୍ମାର ଆତ୍ମା ଈଶ୍ୱରଙ୍କ ଈଶ୍ୱର ଗୁରୁଙ୍କ ଗୁରୁ, ଧର୍ମର ଧର୍ମ, ସତ୍ୟର ସତ୍ୟ, ଜ୍ଞାନର ଜ୍ଞାନ, ବୈରାଗ୍ୟ ବୈରାଗ୍ୟ ବୋଲି ମନେ କରିବି । ସଦା ତୁମକୁ ପାଇବା ପାଇଁ ଲାଳସା କରିବି । ତୁମକୁ ପାଏ ବା ନ ପାଏ, ତୁମ ମନମୋହନ ମୁଖଶ୍ରୀ ଦର୍ଶନ କରେ ବା ନକରେ ମୁଁ ବିନା ସର୍ତ୍ତରେ ବିନା ଯୋଗରେ କେବଳ ତୁମକୁ ହିଁ ସ୍ମରଣ କରୁଥିବି ଏବଂ ଏକଥା କେବେ ମନକୁ ଆସିବ ନାହିଁ ଯେ ମୁଁ ତୁମକୁ କାହିଁକି ସ୍ମରଣ କରୁଛି । ପ୍ରତ୍ୟେକଟି ମଣିଷ ବୁଝିବା ଦରକାର ଈଶ୍ୱର ସଦାସର୍ବଦା ଆମ ସାଥିରେ ଅଛନ୍ତି । ଈଶ୍ୱର ଆମକୁ ଦୁଃଖ ଦୁର୍ଦ୍ଦଶା, ସୁଖଦୁଃଖର ଏ ସଂସାରରେ ବଞ୍ଚିବାର ରାହା ଦେଇଥାନ୍ତି । ମଣିଷ ଈଶ୍ୱରଙ୍କ ଠାରୁ କେବେବି ଅଲଗା ହୋଇ ରହିପାରେନା । ତେଣୁ ତାଙ୍କ ଉପରେ ଦୃଢ଼ ବିଶ୍ୱାସ ରଖି ପ୍ରତ୍ୟେକଟି କାର୍ଯ୍ୟ କରିଲେ ସମସ୍ତ ବାଧାବିଘ୍ନରୁ ଆମେ କ୍ଷାନ୍ତ ହେବା । ପ୍ରତ୍ୟେକଟି ସଫଳତା ପଛରେ ଈଶ୍ୱରଙ୍କ ଆଶୀର୍ବାଦ ରହିଛି । ପ୍ରତ୍ୟେକଟି ସୁଫଳ ମିଳିବାକୁ ହେଲେ ଈଶ୍ୱରଙ୍କ ପ୍ରତି ନିଜର ବିଶ୍ୱାସକୁ ଦୃଢ଼ୀଭୂତ କରିବା ମଣିଷର ଶ୍ରେଷ୍ଠ ଧର୍ମ । ଈଶ୍ୱରଙ୍କ ସମ୍ପର୍କରେ ପଢ଼ିବା, ଜାଣିବା, ଶୁଣିବା, ମଣିଷର ଇଚ୍ଛା ଓ ଆଗ୍ରହ ସୃଷ୍ଟି ହେବା ଦରକାର । ଈଶ୍ୱରଙ୍କ ପାଖରେ ଏହି ପ୍ରାର୍ଥନା ଯେପରି ଏହି ଈଶ୍ୱରଙ୍କ ବାଣି ଦ୍ୱାରା ସମସ୍ତଙ୍କ ହୃଦୟ ଜାଗ୍ରତ ହେଉ । ଈଶ୍ୱର ହିଁ ପ୍ରକୃତ ବିଶ୍ୱାସ । ଈଶ୍ୱର ହିଁ ଚିନ୍ତନୀୟ ।

ଈଶ୍ୱର ହିଁ ସତ୍ୟ । ଈଶ୍ୱର ହିଁ ସବୁକିଛି । ଜୟ ଜଗନ୍ନାଥ ।।

●

# ଭାବର ଠାକୁର

ମୁରଲୀଧର ମହାନ୍ତି

‘‘ଭାବ ଯଦି ନାହିଁ ନିଜ ହୃଦୟରେ
ପ୍ରଭୁ ନମିଳିବେ ମନ୍ଦିର ଭିତରେ ।
ଦୟା ଯଦି ନାହିଁ ତୋ ମନ ମନ୍ଦିରେ
ଶାନ୍ତି ନମିଳିବ ବିଶ୍ୱ ଦରବାରେ ।।’’

ହରିଓଁ

ବଡ଼ଠାକୁର ବଳଭଦ୍ର, ଭଉଣୀ ସୁଭଦ୍ରା ଓ ଜଗତର ନାଥ ଜଗନ୍ନାଥଙ୍କ ଲାଗି ପୁରୀ ବିଶ୍ୱପ୍ରସିଦ୍ଧ, ଠାକୁରଙ୍କର ବାରମାସରେ ତେର ପର୍ବ ମଧ୍ୟରୁ ରଥଯାତ୍ରା ବିଶ୍ୱପ୍ରସିଦ୍ଧ । ଏହି ସମୟର ସୁନାବେଶ ଦର୍ଶନ କଲେ କୋଟିଜନ୍ମର ପୁଣ୍ୟ ମିଳିଥାଏ ବୋଲି ପୁରାଣରେ ବର୍ଣ୍ଣିତ ଅଛି ।

ଏ ବର୍ଷ ପ୍ରଭୁଙ୍କର ସୁନାବେଶ ଦେଖିବା ଲାଗି ମୁଁ ଓ ମୋର ଜଣେ ବନ୍ଧୁ ୮ ଦିନ ପୂର୍ବରୁ ପୁରୀ ଯିବାପାଇଁ ସ୍ଥିର କରିଥିଲୁ । ସେଦିନ ଥାଏ ୨୦୧୨ ମସିହା ଜୁନ୍ ୩୦ ତାରିଖ । ‘ମନରେ ପ୍ରଭୁଙ୍କର ସୁନାବେଶ ଦେଖିବା ପାଇଁ ପ୍ରବଳ ଉତ୍କଣ୍ଠା । ପୂର୍ବଦିନରୁ କିଛି ଫୁଲ ଓ ନଡ଼ିଆ ଧୂପ ପ୍ରଭୁଙ୍କ ଲାଗି ଯୋଗାଡ଼ କରିଥିଲି । ମୋର ସ୍ତ୍ରୀ ମଧ୍ୟ ଖୁସି ହୋଇଥାଏ ମୁଁ ପୁରୀ ଯିବା ସକାଶେ । କିନ୍ତୁ ପ୍ରଭୁଙ୍କର ଇଚ୍ଛା କ’ଣ ଥିଲା କେଜାଣି ହଠାତ୍ ସନ୍ଧ୍ୟାରେ ଘରେ ଆମ (ସ୍ୱାମୀ ଓ ସ୍ତ୍ରୀ) ଭିତରେ ସାମାନ୍ୟ ଯୁକ୍ତିତର୍କରୁ କଳହ ଆରମ୍ଭ ହୋଇଥିଲା, ଏହା ଅତ୍ୟନ୍ତ ଉଗ୍ରରୂପ ନେଇଥିଲା । ମୁଁ ମନେ ମନେ ଭାବୁଥାଏ କାଲି ସକାଳୁ ପୁରୀ ଯାଇହେବ ନାହିଁ । କାରଣ ଏଭଳି ଅଶାନ୍ତିରେ କିପରି ଯିବି । ସେଦିନ ରାତିରେ କିଛି ଖିଆପିଆ ନକରି ରାଗରେ ଶୋଇପଡ଼ିଲି । ରାତିସାରା ଭାବୁଥାଇ ପ୍ରଭୁ ମୁଁ କାଲି କେମିତି ତୋ ପାଖକୁ ଯିବି, ରାତି ପାହିଲା । ସକାଳୁ ଗାଧୋଇ ସାରି ତରତରରେ ଆମ ଗ୍ରାମ ପାଖରୁ ଯାଉଥିବା ପୁରୀ ବସ୍ ଧରିବା ପାଇଁ ମୋର ବନ୍ଧୁଙ୍କ ପାଖରେ ପହଞ୍ଚିଲି । ସାଙ୍ଗ ହୋଇ ପୁରୀ ବସ୍‌ରେ ଉଠିଲୁ । ହଠାତ୍ ବସ୍‌ରେ ମନେ ପଡ଼ିଗଲା ଘରେ ଫୁଲ, ନଡ଼ିଆ, ଧୂପ ଛାଡ଼ି ଆସିଛି । ମନ ଭଲ ଲାଗିଲା ନାହିଁ । ମନେ ମନେ ପ୍ରଭୁଙ୍କର ଦୋଷ ଦେଲି । ତୁମେ ସିନା ଘରେ କଳହ ଲଗାଇବାରୁ ମୁଁ ତୁମ ଦ୍ରବ୍ୟ ଘରେ ଛାଡ଼ି କରି ଆସିଲି । ଏହିପରି ଭାବି ଭାବି ଆମେ ଦୁଇ ବନ୍ଧୁ ବସ୍‌ରେ ଯାଇ ପୁରୀ ତାଳବଣିଆ ବସ୍‌ଷ୍ଟାଣ୍ଡରେ ଓହ୍ଲାଇଲୁ । ସେତେବେଳେ ସମୟ ଦିନ ୧୧ଟା ହେବ । ଆମେ ବସ୍ ଡ୍ରାଇଭରକୁ ପଚାରିଲୁ କାଲି ବସ୍ କେଉଁଠାରୁ ଛାଡ଼ିବ (ତାଳବଣିଆ ଠାରୁ କିମ୍ବା ବସ୍‌ଷ୍ଟାଣ୍ଡରୁ) । ଡ୍ରାଇଭର କହିଲା, ଆପଣ ମୋର ଫୋନ୍ ନମ୍ବର ନେଇକରି ଯାଆନ୍ତୁ ଟିକେ ଫୋନ୍ କରିବୁଝିଦେବେ । ଏହିପରି ତା’ଠାରୁ ଫୋନ୍ ନମ୍ବର ଆଣି ଆମେ ଦୁଇବନ୍ଧୁ ଆଗକୁ ଚାଲିକରି ଯାଉଥାଉ, ହଠାତ୍ ଡ୍ରାଇଭର ଡାକ ପକାଇ କହିଲା, ଆଜ୍ଞା ଆପଣ ଜରି ଛାଡ଼ିଗଲେ ନେଇକରି ଯାଆନ୍ତୁ । ମୁଁ ମନେ ମନେ ଭାବିଲି ଆମେତ କିଛି ଆଣିନାହୁଁ ଛାଡ଼ିବୁ ବା କ’ଣ, କିନ୍ତୁ ଡ୍ରାଇଭର ପୁନର୍ବାର ମୋତେ ଡାକି ଜରି କହିଲା, ଆଜ୍ଞା ଆପଣ ଆପଣଙ୍କର ଜରି ନେଇଯାଆନ୍ତୁ । ସେତେବେଳେ ବସ୍‌ରେ କେହି ଯାତ୍ରୀ ନଥାନ୍ତି । ମୁଁ ଯାଇ ବସ୍‌ରେ ଦେଖିଲି ଯେ ଗୋଟିଏ ବଡ଼ ଜରିପୁଡ଼ିଆ (୫ କିଲୋ) ଥୁଆ ହୋଇଛି । ତା’ ଭିତରେ ବହୁତ ଫୁଲ ଓ ମାଳ, ନଡ଼ିଆ, ଧୂପ ଅଛି । ମନରେ ଭାବିଲି

ହେ ପ୍ରଭୁ ! ତୁମରତ ବିଚିତ୍ର ଲୀଳା, ଘରେ ଫୁଲ ଓ ନଡ଼ିଆ ଛାଡ଼ିକରି ଆସିଛି । ଏଠାରେ ବହୁତ ଫୁଲ ଓ ନଡ଼ିଆ ରଖିଛୁ । ବହୁତ ଖୁସିହେଲି । ସେ ବନ୍ଧୁଙ୍କୁ ଆଣି ସେ ଜରି ଧରିବାକୁ ଦେଲି । ଦୁହେଁ ବଡ଼ଦାଣ୍ଡରେ ସିଂହଦ୍ୱାର ଅଭିମୁଖେ ଚାଲିଲୁ । ବାଟରେ ଆମେ କଥାବାର୍ତ୍ତା ହୋଇ ଯାଉଥାଉ, ଆମେତ ଏହି ଜିନିଷ ଆଣି ନଥିଲେ । ଯଦି ପ୍ରଭୁ ଆମକୁ ଦେଇଛନ୍ତି ତାହାହେଲେ ଆମେ ଏହାକୁ ଯିଏ ମାଗିବ ଦେବା ନଚେତ୍ ଏହାକୁ କାହାକୁ ନଦେଇ ବାହାରେ ଥୋଇଦେବା । ଏହିପରି କଥାବାର୍ତ୍ତା ହୋଇ ଆମେ ରଥ ପାଖରେ ପହଞ୍ଚିସାରିଥାଉ । ପ୍ରବଳ ଭିଡ଼ । ରଥ ସେତେବେଳେ ସିଂହଦ୍ୱାର ନିକଟରେ ଥାଏ । ଆମେ ପ୍ରଥମେ ଜଗନ୍ନାଥଙ୍କ ରଥ ପାଖଦେଇ ଯାଉଥାଉ । ଅନ୍ୟାନ୍ୟ ଭକ୍ତମାନେ ରଥ ପାଖରେ ନଡ଼ିଆ ଓ ଫୁଲ ପଣ୍ଡାମାନଙ୍କୁ ଦେଉଥାନ୍ତି । ପଣ୍ଡାମାନେ ତାଙ୍କୁ ରଥ ଉପରେ ବାଡ଼ଉଥାନ୍ତି । ମୋର ବନ୍ଧୁ କହିଲେ, ଯାଅ ପଣ୍ଡାଙ୍କୁ ଦେଇଦିଅ । ମୁଁ କହିଲି ନା ଯଦି କିଏ ନ ମାଗିବ ଆମେ ପଦାରେ ଥୋଇଦେଇ ଯିବା କିନ୍ତୁ ଦେବା ନାହିଁ । ପ୍ରବଳ ଭିଡ଼ ହୋଇଥାଏ । ଆମେ ଜଗନ୍ନାଥଙ୍କ ରଥ ପାରି ହୋଇ ମା' ସୁଭଦ୍ରାଙ୍କ ରଥ ପାଖରେ ପହଞ୍ଚିଲୁ । ଚାରିଆଡ଼େ ହରିବୋଲ ହୁଳାହୁଳୀ ଶବ୍ଦରେ ଗଗନପବନ କମ୍ପୁଥାଏ । ମୋର ବନ୍ଧୁ ବ୍ୟସ୍ତ ହୋଇ ପଡ଼ୁଥାନ୍ତି । ଜରିଟା ସେ ଧରିଥାନ୍ତି, ଟିକେ ଓଜନିଆ ଲାଗୁଥାଏ । ସେ କହିଲେ, ଯାଉନ ସୁଭଦ୍ରାଙ୍କ ରଥରେ ପଣ୍ଡାଙ୍କୁ ଏ ଜରି ଦେଇଦେବ । ମୁଁ ମନାକଲି, କହିଲି ଚାଲ ଆଗକୁ । ସେ ବ୍ୟସ୍ତ ହୋଇପଡ଼ୁଥାନ୍ତି । ଏହିପରି ଆମେ ବଳଭଦ୍ରଙ୍କ ରଥ ପାଖକୁ ଚାଲିଯାଉଥାଉ । ସେଠାରେ ଟିକେ ଭିଡ଼ କମ୍ ଥାଏ । ବଳଭଦ୍ରଙ୍କ ରଥ ପାରି ହେବାକୁ କିଛି ବାଟ ଅଛି ମନରେ ବହୁତ କାନ୍ଦୁଥାଏ ହେ ପ୍ରଭୁ, ଦାସିଆ ନଡ଼ିଆ ଆପଣତ ନେଇଥିଲେ, ଆମେତ ଆଜୁ ଘରୁ ଆଣି ନଥିଲୁ । କିଏ ଜଣେ ଭକ୍ତ ବସ୍ତ୍ରରେ ଛାଡ଼ି ଯାଇଥିଲା ବୋଧେ, ଏଣୁ ଆପଣ ଯଦି ମାଗିବେ ନାହିଁ ତାହାହେଲେ ମୁଁ ଏହାକୁ ରଥ ପଛ ପଟେ ଥୋଇଦେଇ ଚାଲିଯିବି । ଏହିପରି ମନରେ ବହୁତ ଦୁଃଖରେ ଯାଉଥାଉ । ହଠାତ୍ ରଥ ସାମ୍ନାରେ ଥିବା ପୋଲିସ୍ ବ୍ୟାରିକେଟ ଉପରେ ବସିଥିବା ଗୋଟେ ୮/୯ ବର୍ଷର ପଣ୍ଡାପିଲା ଯେକି ଧଳାବସ୍ତ୍ର ପରିଧାନ କରିଥାଏ, ପଇତା ପକାଇଥାଏ, ହଠାତ୍ ମୋତେ ଦେଖି ଡ଼ାକ ପକାଇଲା, ମୁଁ ଡ଼ାକଶୁଣିପାରୁ ନଥାଏ । ସେ ମୋତେ ଠାରି ଡାକୁଥାଏ । କହୁଥାଏ, ମୁଁ ତୁମକୁ କେଉଁଠି ଦେଖିଛି ଆସ । ମୁଁ ହଠାତ୍ ସେ ପିଲାକୁ ଦେଖିଲି, ବନ୍ଧୁ କହିଲେ, ଯାଅ ଏଠି ଏ ପିଲା ତୁମକୁ ଡ଼ାକିଲାଣି, ତାକୁ ଦେବା । ବହୁତ କଷ୍ଟରେ ତା' ପାଖରେ ପହଞ୍ଚିଲୁ । ସେ କହିଲା ଆଜ୍ଞା, ଆପଣଙ୍କୁ ମୁଁ ଡାକୁଛି, ମୁଁ ଭାବିଲି ମୁଁତ ଏ ପିଲାକୁ ଚିହ୍ନିନାହିଁ କେବେ । ଯାହାହେଉ ତାକୁ କହିଲା ବାପାରେ ଏ ଫୁଲମାଳ ଓ ନଡ଼ିଆ ଟିକେ ନେଇଯାଅ ଜଗନ୍ନାଥଙ୍କ ରଥରେ ଦେଇଦେବୁ । ସେ ହସିଲା ଓ କହିଲା, ମୁଁ ଏଠାରୁ ଯିବି ନାହିଁ, ମୁଁ ବହୁତ ବୁଝାଇଲି କହିଲି ତୁମେ କାହିଁକି ନେବ ନାହିଁ । ଆମର ଚିହ୍ନା ଲୋକ ବୋଲି କହୁଚ ନେବନାହିଁ କାହିଁକି ? ସେ କହିଲା, ମୁଁ ଯମା ନେଇକରି ଯାଇପାରିବି ନାହିଁ କାରଣ ମୋର ଗୋଡ଼ ଦେଖିଲ । ଆମେ ତା'ର ଗୋଡ଼ ଦେଖିଲା ବେଳକୁ ତା'ର ପାଦ ଦୁଇଟି ରକ୍ତମୁଖା ଦେଖାଯାଉଛି । ସେ କହିଲା, ମୋର ପାଦରେ ମୁଁ ଚାଲି ଯାଇପାରିବି ନାହିଁ । (କାରଣ ତା'ର ପାଦରେ ବୋଧେ ରଥ କଣ୍ଟା କିମ୍ବା ଖୁଣ୍ଟା ବାଜି ଅଛି) । ତାକୁ ବହୁତ କାକୁତି ବିନୟ ହୋଇ କହିଲି, ତାର ପାଦ ଦୁଇଟିକୁ ମୁଁ ଆଉଁସୁ ଥାଏ । କହୁଥାଏ, ତୁମେ କେବଳ ନେଇକରି ରଥ ଉପରେ ଫୋପାଡ଼ି ଦେଇଆସ, ନଡ଼ିଆ

ଆମକୁ ଦେବା ଦରକାର ନାହିଁ । ବହୁତ ସମୟ ବାଦେ ମୁଁ ୧୦ ଟଙ୍କା ତା'ର କାନିରେ ବାନ୍ଧି ଦେଇଥାଏ । ସେ ବହୁତ କଷ୍ଟରେ ବ୍ୟାରିକେଟ୍ ତଳୁ ଓହ୍ଲାଇଲା । ଆମଠାରୁ ସେ ଫୁଲମାଳ କରି ନେଇକରି ଛୋଟେଇ ଛୋଟେଇ କରି ଜଗନ୍ନାଥଙ୍କ ରଥ ପାଖକୁ ଯାଉଥାଏ । ଆମେ ଏକଲୟରେ ତାକୁ ଅନାଇଥାଉ । ଏହି ସମୟରେ ପ୍ରବଳ ଭିଡ଼ ଓ ଠେଲାପେଲା ଯୋଗୁଁ ଆମକୁ ଭିଡ଼ ମଧ୍ୟରେ ରଥ ପଛପଟକୁ ପେଲିକରି ନେଇଗଲେ । ପୁନର୍ବାର ଆମେ ପୂର୍ବ ସ୍ଥାନକୁ ଆସି ଅପେକ୍ଷା କରିଥାଉ କିନ୍ତୁ ସେ ପିଲାକୁ ଆମେ ଦେଖିପାରିଲୁ ନାହିଁ ଏହି ଭିତରେ ଆମେ ପ୍ରାୟ ଏକଘଣ୍ଟା ସେଠାରେ ଅପେକ୍ଷା କରି ରହିଲୁ କିନ୍ତୁ ରଥ ପାଖରେ ତାକୁ ଆଉ ପାଇଲୁ ନାହିଁ । ମନ ମଧ୍ୟରେ ବହୁତ ଖୋଜୁଥାଏ କିନ୍ତୁ ଆଉ ସେ ପିଲାର ଦେଖା ମିଳିଲା ନାହିଁ ।

ହେ ପ୍ରଭୁ, ତୁମର ଏ କି ଲୀଳା । ରଥ ଉପରେ କାଳିଆକୁ ମୁଣ୍ଡିଆ ମାରି ଆମେ ଘରକୁ ଫେରିଲୁ । ମନରେ ଭାଗବତର ଉକ୍ତି ମନେ ପଡ଼ିଗଲା ।

'ହରି ଓଁ' । ଜୟ ଜଗନ୍ନାଥ ।।



# ଗଳ୍ପ
# ବିଭାଗ

# କେଉଁଠି ଅଛୁ ଆମେ ???

ଅମୂଲ୍ୟ କୁମାର ମହାପାତ୍ର

ସଭାପତି, +୩ ଡିଗ୍ରୀ, କଲେଜ

୩୦ ବର୍ଷର ଅନୁଷ୍ଠାନ ଏହି ଦୋଳଗୋବିନ୍ଦ ବ୍ରଜକିଶୋର ମହାବିଦ୍ୟାଳୟ । ଯୁବ ଅବସ୍ଥା, କିନ୍ତୁ ସୁସ୍ଥ ଯୁବକ ନୁହେଁ । କେଉଁଠି କିଛି ଭୁଲ ରହିଗଲା । ଭୁଲ୍‌କୁ ସମୀକ୍ଷା କରିବା ବେଳ ଇଏ ନୁହେଁ । ଯୁବକର ଯତ୍ନ ନେଲେ ସୁସ୍ଥ ହେବ । ସନ୍ଦେହ ନାହିଁ । ଦୋଳଗୋବିନ୍ଦଙ୍କର ଆଶୀର୍ବାଦ ଅଛି ଅନୁଷ୍ଠାନ ଉପରେ ।

ପୁଣି ମନେପଡୁଛି ସେଦିନ ଅଞ୍ଚଳବାସୀଙ୍କର ଆଗ୍ରହ ଗୋଟେ କଲେଜ କରିବାର ନିଶା । ପ୍ରଥମେ ମନେପଡ଼ନ୍ତି ସେହିମାନେ ଯିଏକି ଏ ଅଞ୍ଚଳର ନୁହଁନ୍ତି କିନ୍ତୁ କଲେଜ କରିବାର ଅନେକ ଇଚ୍ଛା ସେମାନଙ୍କୁ ଧନ୍ୟବାଦ ଦେବାର ଭାଷା ଆମ ପାଖରେ ନାହିଁ । ସେମାନେ ହେଲେ ଶ୍ରୀଯୁକ୍ତ ଦୀନବନ୍ଧୁ ଶତପଥୀ, ପୂର୍ବତନ ପ୍ରଧାନ ଶିକ୍ଷକ, ଲକ୍ଷ୍ମୀ ନାରାୟଣ ବିଦ୍ୟାପୀଠ ଓ ପ୍ରଥମ ସମ୍ପାଦକ ଶ୍ରୀଯୁକ୍ତ ସୁଦର୍ଶନ ପାତ୍ର, ଶିକ୍ଷକ ତଥା ପ୍ରଥମ ଅଧ୍ୟକ୍ଷ ଦାୟିତ୍ୱ ବହନ କରିଥିବା ବ୍ୟକ୍ତିତ୍ୱ ।

ପୁଣି ବେଶି ମନେପଡ଼ନ୍ତି ସେହିମାନେ ଯେଉଁମାନଙ୍କର ନିଷ୍ଠା ଅତୁଳନୀୟ । ସେମାନେ ହେଲେ ସ୍ୱର୍ଗତ ରଜତ କୁମାର ମହାନ୍ତି, ପୂର୍ବତନ ପ୍ରଧାନ ଶିକ୍ଷକ କସର୍ଦା ମାଇନର ସ୍କୁଲ ଓ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର, ଶିକ୍ଷକ । ସେମାନଙ୍କର ତ୍ୟାଗର ମୂଲ୍ୟ କ'ଣ ଆମେ ଦେଇପାରିବା ? ଗୋଟିଏ ବାକ୍ୟରେ ଲେଖୁଛି ଅନୁଷ୍ଠାନର ପ୍ରିୟ ସମ୍ପାଦକ ଶ୍ରୀଯୁକ୍ତ ରଞ୍ଜନ କୁମାର ମହାପାତ୍ରଙ୍କର ପରିଶ୍ରମ ଗ୍ରହଣଯୋଗ୍ୟ । ବିଶେଷ ଭାବରେ ଆମେ ମନେରଖିବା ଉଚିତ୍ ଅଞ୍ଚଳର ଚାଷି, ମୁଲିଆ ଓ ବୁଦ୍ଧିଜିବୀମାନଙ୍କର ସ୍ନେହଶ୍ରଦ୍ଧା ଓ ସାହାଯ୍ୟକୁ । ଆହୁରି ସବୁଦିନ ମନେରଖିବୁ ସେହି ମହାନ୍ ବ୍ୟକ୍ତିଙ୍କୁ ଯାହାଙ୍କ ଦାନରେ କଲେଜଟି ଗଢ଼ିଉଠିଲା ସେ ହେଲେ ଶ୍ରୀଯୁକ୍ତ ବ୍ରଜକିଶୋର ମହାପାତ୍ର, କସରଦା । କେତେ ମହାନ ସେ କି ଇଚ୍ଛାଶକ୍ତି ତାଙ୍କର କଲେଜଟିଏ କରିବାକୁ । ବ୍ରଜବାବୁଙ୍କ ସାହାଯ୍ୟ ତଥା କୃଷକମାନଙ୍କର ଦାନରେ କଲେଜ ହେଉ କିନ୍ତୁ କେତେକ ଅକୁହା କାହାଣୀ ପାଇଁ ଯୁବକଟି ସୁସ୍ଥ ହୋଇପାରିଲା ନାହିଁ ।

ଏଠି ସେଗୁଡ଼ିକ ଅବତାରଣା କରିବା ଉଚିତ୍ ମନେ କରୁନାହିଁ । ୨୬ ବର୍ଷ ପରେ ପୁଣିଥରେ ସଭାପତି ଦାୟିତ୍ୱ ମୋ ଉପରେ ନ୍ୟସ୍ତ ହୋଇଛି । ମନରେ ଦୃଢ଼ତା ଅଛି, ନିଷ୍ଠାର ସହ କାମ କରିବାର ମାନସିକତା ଅଛି ଭଲ କଲେଜଟିଏ କରିବା ପାଇଁ । ଯେଉଁ କଲେଜର ପିଲାମାନେ ଉପରକୁ ଉଠିବେ, କଲେଜର ନାଁ ଚାରିଆଡ଼େ ବିକଶିତ ହେବ, ଚାଷୀ ମୁଲିଆଙ୍କ ଦାନର ଉଚିତ୍ ମୂଲ୍ୟାୟନ ହେବ ଏବଂ ଅଞ୍ଚଳବାସୀ ଖୁସି ହେବେ ।

ସେଇଥିପାଇଁ ସମସ୍ତଙ୍କ ସାହାଯ୍ୟ ସହାନୁଭୂତି କାମନା କରିବା ସହିତ ମହାବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ହେବ ବୋଲି ଦୃଢ଼ତା ପ୍ରକାଶ କରୁଛି । ●

# ଦୋ' ଛକି

ଅଧ୍ୟାପକ ବିଜୟ କୁମାର ମିଶ୍ର
ଶିକ୍ଷାବିଭାଗ

ନିଠେଇ ହୋଇ ଖବର କାଗଜ ପଢୁଥାନ୍ତି ଡଃ ଦାସ । ତିନିଥର ଡ଼ାକ ଦେଲେଣି ପତ୍ନୀ ମହାଶୟା । ତଥାପି ଖବରକାଗଜରୁ ମୁହଁ ଉଠାଉ ନଥା'ନ୍ତି ସେ । ଚା' ଆସି ଥଣ୍ଡା ହେବାକୁ ବସିଲାଣି । ତିହିକି ଆସି ଖବର କାଗଜଟାକୁ ନେଇଯିବାକୁ ଉଦ୍ୟତ ହୁଅନ୍ତେ ପତ୍ନୀ କହିଉଠିଲେ କ'ଣ ଏମିତି ଖବରଟାଏ ବାହାରିଛି ସେ ମୁହଁ ଲାଖିଯାଇଛି । କାହିଁ କେବେତ ଏମିତି ଖବରକାଗଜ ପଢ଼ିବା ମୁଁ ବିବାହ ହୋଇ ଆସିବାର ୨୫ ବର୍ଷ ଭିତରେ ଦେଖିନାହିଁ ।

ହଉ ଆଉ ଟିକେ ଚା' ଗରମ କରି ଆଣ । ଅତି ଦରଦା, ଘାଘେରା ଅବସନ ଓ କ୍ଳାନ୍ତିଭରା କଣ୍ଠରେ କହିଲେ ଡଃ ଦାସ ।

ପତ୍ନୀ କିନ୍ତୁ ନଛୋଡ଼ବନ୍ଧା । କ'ଣ ବାହାରିଛି ସେ ଖବର କାଗଜରେ ମୋର ଆଜି ଜାଣିବା ନିହାତି ଦରକାର । ନ କହିଲେ ମୋର ଏଠୁ ଉଠିବାର ନାହିଁ କହିଲେ ପତ୍ନୀ । ଏକଥା କହି ଖବରକାଗଜ ନେଇ ପୃଷ୍ଠାପରେ ପୃଷ୍ଠା ଓଲଟାଇ ଚାଲିଲେ । ମାତ୍ର ସେମିତି କିଛି ଖବର ତାଙ୍କର ଆଖିରେ ପଡ଼ିଲା ନାହିଁ । ଖବର କାଗଜଟିକୁ ଦାସଙ୍କ ଉପରକୁ ଫୋପାଡ଼ି ଦେଇ ପଚାରିଲେ କୋଉ ଖବର ମୋତେ ଟିକିଏ ଦେଖେଇଲ ?

ଡଃ ଦାସ ତାଙ୍କୁ ଦେଖାଇଲେ ଗୋଟିଏ ଶୀର୍ଷକ । ଲେଖାଥିଲା ''ମୃତ୍ୟୁ ନା ଅପମୃତ୍ୟୁ'' । ଫେଁ କିନା ହସିଦେଇ ପତ୍ନୀ କହିଲେ ଜଣେ ସ୍ତ୍ରୀଲୋକ ମରିଯାଇଛି । ସେହି ଖବରକୁ ନିଠେଇ କରି ବସି ପଢୁଛ । ତେଣେ ଚା' ଥଣ୍ଡା ହେବାକୁ ବସିଲାଣି । ନା ଆଉ କ'ଣ ବା ?

ବାସ୍ତବରେ ତୁମେ ସେ କଥା ଠିକ୍ ଭାବରେ ବୁଝି ପାରିବନି କହିଲେ ଡଃ ଦାସ । କ'ଣ ହୋଇଛି ମୋତେ କହିଲ ମୁଁ ଶୁଣେ ।

ଗତକାଲି ଏହି ସ୍ତ୍ରୀ ଲୋକଟି ମୋ କ୍ଲିନିକ୍‌କୁ ଆସିଥିଲା । ତାଙ୍କ ସ୍ୱାମୀ ଜଣେ ଉଚ୍ଚପଦସ୍ଥ ଅଫିସର । ରୁହନ୍ତି ବାହାରେ । ପଇସାର ଅଭାବ ନାହିଁ । ଘରେ ରୁହନ୍ତି ଶାଶୁ, ଶଶୁର, ନଣନ୍ଦ ଆଉ ତାଙ୍କର ଦୁଇଟି ଝିଅ । ନଣନ୍ଦ ବିବାହ ହୋଇଯିବାର ପାଞ୍ଚମାସ ମଧ୍ୟରେ ଶାଶୁଘର ଛାଡ଼ି ଆସି ବାପଘରେ ରହୁଛି । ଦୁଇଟି ଝିଅରୁ ବଡ଼ଝିଅ ପଢୁଛି ଷ୍ଟାଣ୍ଡାର୍ଡ ତିନି ଓ ସାନଟିର ଏଲ୍.କେ.ଜି ହେବ ।

ଶାଶୁ, ଶଶୁର ଓ ନଣନ୍ଦଙ୍କର ଏକ ଜିଦ୍ ଆଉ ଗୋଟିଏ ପିଲା ଦରକାର । ତାହା ପୁଣି ପୁଅ ହେବା ଦରକାର । ଯଦି ଏଥର ପୁଅ ନହୁଏ ତେବେ ତାକୁ କିରୋସିନ୍ ପକାଇ ଜାଳିଦେବେ ଓ ଦରକାର ହେଲେ ଆଉ ଗୋଟେ ସ୍ତ୍ରୀଲୋକ ତାଙ୍କ ପୁଅ ପାଇଁ ଆଣିବେ । ନିର୍ଭର ଚେତାବନୀ ଦିଆଯାଇଛି ସେହି ସ୍ତ୍ରୀଲୋକଟିକୁ ।

ଅଲଟ୍ରାସାଉଣ୍ଡ କରିସାରିବା ପରେ ବହୁତ କାକୁତି ମିନତି ହୋଇ ସେହି ସ୍ତ୍ରୀଲୋକଜଣକ ମୋତେ କହିଲେ, ସାର୍ ପ୍ଲିଜ୍ ମୋ କଥା ରଖିବେ । ମୁଁ କହିଲି କ'ଣ କୁହନ୍ତୁ । ସବୁତ ଠିକ୍ ଅଛି । ଠିକଣା ସମୟରେ ସବୁ ହେବ କିଛି ବ୍ୟସ୍ତ ହେବାର ନାହିଁ । ତଥାପି ମୋ ପାଦଧରି କହିଲେ ସାର୍, ଟିକେ ଦେଖିବେ ମୋର ପୁଅ

ହେବ କି ଝିଅ ହେବ । ଚମକି ପଡ଼ିଲି । ଆଶ୍ଚର୍ଯ୍ୟର କଥା, ପାଗେଳୀ ହୋଇଗଲାନା କ'ଣ ? ସରକାରଙ୍କ ନିୟମାନୁଯାୟୀ କେହି ପୁଅ ହେବ କି ଝିଅ ହେବ ଟେଷ୍ଟ କରିପାରିବେ ନାହିଁ । ତା'ଛଡ଼ା ଏହି କ୍ଲିନିକ୍‌ର ପ୍ରତ୍ୟେକ ସ୍ଥାନରେ ମଧ୍ୟ ଏକଥା ଲେଖାଯାଇଛି । ତୁମେତ ପାଠ ପଢ଼ିଛ ଏତିକି କ'ଣ ବୁଝିପାରୁନ ଯେ ମୋତେ ପୁଣି ପଚାରୁଛ । ଏକା ନିଃଶ୍ୱାସରେ କହିଗଲେ ଡଃ ଦାସ ।

ନା' ସାର୍ । ମୋତେ ଆଜି ଆପଣଙ୍କୁ କହିବାକୁ ପଡ଼ିବ ଯେ ମୋର ପୁଅ ହେବ ନା ଝିଅ ହେବ । କାରଣ ଏହି ପୁଅ ହେବା ଝିଅ ହେବା ନେଇ ମୋର ଆଗାମୀ ଜୀବନ ଧାରଣ । କାରଣ ଯଦି ଝିଅ ହୁଏ ତେବେ ମୃତ୍ୟୁ ସୁନିଶ୍ଚିତ । ଯଦି ପୁଅ ହୁଏ କିଛିଦିନ ବଞ୍ଚିବାର ଆଶା ଆଉ ସ୍ୱପ୍ନ । ଶାଶୁ, ଶଶୁର ଓ ନଣନ୍ଦଙ୍କର ଏହା ତାଗିଦ୍ ନୁହେଁ ବରଂ ଚେତାବନୀ । ପ୍ଲିଜ୍ ସାର୍ ମୋତେ ଆପଣଙ୍କର ଝିଅ ହେଉ ଅଥବା ସାନଭଉଣୀ ହେଉ ଯାହାଭାବି ମୋତେ ଆପଣ କୁହନ୍ତୁ ମୋର କ'ଣ ହେବ ?

କିଂକର୍ତ୍ତବ୍ୟବିମୁଢ଼ ହୋଇ ବସିପଡ଼ିଲି କିଛି ସମୟ । ଚାହିଁରହିଲି ସେହି ସ୍ତ୍ରୀଲୋକଟିର କରୁଣ, ହତୋତ୍ସାହ, ପୁତ୍ରପ୍ରାପ୍ତି ପାଇଁ ଚାହିଁ ରହିଥିବା ମୁଖମଣ୍ଡଳକୁ । ଆଉ ମାତ୍ର କେତୋଟି ସେକେଣ୍ଡ ପରେ ଆଖିର କୋଣରୁ ଖସିପଡ଼ିବ ଆଶୀର୍ବାଦ ହେଉ ଅଥବା ଅଭିଶାପର ଲୋତକବିନ୍ଦୁ । ପଛରେ ରହିଛି ସରକାରୀ କଳର ନିୟମ ।

ସବୁ ଭୁଲିଗଲି ମୁହୂର୍ତ୍ତକ ପାଇଁ । ଖୋଲିଲି କମ୍ପ୍ୟୁଟର । ଗୋଟିଏ ପଟେ ସରକାରୀ ନିୟମ, ଅନ୍ୟପଟେ ଜିଇଁବାର ପ୍ରତିଶ୍ରୁତି ।

ଭଗବାନଙ୍କ ସୃଷ୍ଟି ବଡ଼ ବିଚିତ୍ର । ଧୈର୍ଯ୍ୟ ଧରିବାର ସମୟ ସରି ଆସୁଥାଏ । କମ୍ପ୍ୟୁଟର ଭିତରେ ଦେଖୁଥାଏ ଗୋଟିଏ ଜୀବନଦୀପ ଲିଭିଯିବାକୁ ଲାଗିଛି । ପୁତ୍ରପ୍ରାପ୍ତି ଆଶାରେ ଚାହିଁ ରହିଛି ଚାତକ ପକ୍ଷୀପରି ଅନାଗତ ଭବିଷ୍ୟତକୁ ନେଇ ବଞ୍ଚି ରହିଥିବା ସ୍ତ୍ରୀ ଲୋକଟି । ନା ! ଏଥର ମଧ୍ୟ କନ୍ୟା ସନ୍ତାନ ।

ସାର୍ ଦେଖିଲେ, କ'ଣ ଦେଖିଲେ କୁହନ୍ତୁ ସାର୍ । ମୋର କ'ଣ ପୁଅ ହେବ ? କିଛି କହୁନାହାନ୍ତି କାହିଁକି ? ତା'ହେଲେ କ'ଣ ଏଥର ପୁଣି ଝିଅ ? କହି ଚାଲିଥାଏ ସେହି ସ୍ତ୍ରୀଲୋକ ଜଣକ ।

କେବଳ ତାଙ୍କୁ ଏତିକି କହିଲି । ବ୍ୟସ୍ତ ହେବାରେ କିଛି ନାହିଁ । ଯାହା ଅଛି ତାହା ହିଁ ଘଟିବ । ଏଥର ତୁମର କନ୍ୟା ସନ୍ତାନ ।

ଲଥିକରି ବସି ପଡ଼ିଥିଲା ସ୍ତ୍ରୀ ଲୋକଟି । କେବଳ ନିରୀହ ହରିଣୀ ପରି କୋହଭରା କଣ୍ଠରେ ମୋତେ ନମସ୍କାର କରି ଚାଲିଯାଇଥିଲା ବିଚରା ସ୍ତ୍ରୀ ଲୋକଟି ।

ଆଜି ଖବରକାଗଜରେ ବାହାରିଛି ରେଳ ଲାଇନ୍ କଡ଼ରୁ ଜଣେ ସ୍ତ୍ରୀ ଲୋକର ଖଣ୍ଡ ବିଖଣ୍ଡିତ ଶରୀର । ଶବ ଜବତ ସରିବା ପରେ ଚିହ୍ନଟ ମଧ୍ୟ ହୋଇସାରିଛି । ସେହି ସ୍ତ୍ରୀ ଲୋକ ଦେଇଥିବା ଠିକଣା ଓ ତା'ର ନାମ ଅବିକଳ ମିଶିଯାଇଛି । ମୋର ସାମାନ୍ୟ ଭୁଲ୍ ପାଇଁ ସ୍ତ୍ରୀ ଲୋକଟି ଏତେ କଷ୍ଟ ପାଇ ଜୀବନ ହାରିଦେଲା । ମୁଁ ତାକୁ ଝିଅ ନହେବା କଥା କହିଥିଲେ ହୁଏତ ଆଉ କିଛିଦିନ ବଞ୍ଚିଯାଇଥାନ୍ତା ।

ଆଜି ମୁଁ ଭାବୁଛି ସେଦିନ ଯଦି ମୁଁ ଏହି ଧର୍ମସଙ୍କଟର ଦୋ' ଛକିରେ ଠିଆ ହୋଇ ନଥାନ୍ତି ଅକାଳରେ ଏହି ଜୀବନ ଝରିଯିବାକୁ ହୁଏତ ଆଉ କିଛିଦିନ ଲାଗିଥାନ୍ତା । ବ୍ୟସ୍ତହେବାରେ କ'ଣ ଅଛି, ସେ କଥା ଭାବି ଲାଭ କ'ଣ ? ଯିଏ ଯେତିକି ଦିନ ପାଇଁ ଆସିଥିଲା, ସେତିକି ଦିନ ରହି ତା' ଲୀଳାଖେଳା ସାରି ସିଏ ଚାଲିଗଲା । ହଉ ଚାଲ, ଗାଧୋଇ ସାରିଲେ ଫେରେ କ୍ଲିନିକ୍ ଯିବ । ●

# ଆଧୁନିକ ମହାରାକ୍ଷସ

ଆଶୁତୋଷ ଜେନା
+୨ ଦ୍ୱିତୀୟ ବର୍ଷ, ବାଣିଜ୍ୟ

ସାରା ପୃଥିବୀରେ ଚହଳ ପକାଇଛି ଆଧୁନିକ ମହାରାକ୍ଷସ । ପୃଥିବୀ ଭିତରେ ଭାରତ ଭିତରେ ଓଡ଼ିଶା ଭିତରେ ଏହି ରାକ୍ଷସର ପ୍ରାଦୁର୍ଭାବ ବେଶି । ସାରା ପୃଥିବୀରେ ଚାଇନା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଯୁକ୍ତରାଷ୍ଟ୍ର ଆମେରିକା ଦ୍ୱିତୀୟ ଏବଂ ଆମ ଦେଶ ଭାରତ ଏଥିରେ ତୃତୀୟ ସ୍ଥାନରେ ରହିଛି । ଏହି ରାକ୍ଷସ ପୌରାଣିକ ରାକ୍ଷସ ନୁହେଁ । ଏହି ରାକ୍ଷସର ଦଶଟା ମୁଣ୍ଡ ନୁହେଁ କି ଚାରୋଟି ହାତ ନୁହେଁ । ଏହି ରାକ୍ଷାସ ଏକାଧାରାରେ ଜୀବନ ନିଏ ନାହିଁ । ଏହି ରାକ୍ଷାସର ମାୟା ଜାଲରେ ଥରେ ପଡ଼ିଗଲେ ବାହାରିବା ବହୁତ କଷ୍ଟକର ହୋଇଥାଏ । ଏହି ରାକ୍ଷାସ ନିଜ ମାୟାଜାଲରେ ସାରା ପୃଥିବୀକୁ କବଳିତ କରି ରଖିଛି । ତା ନାଁ ଧରିବାକୁ ବି ଡ଼ର ଲାଗୁଛି । ଏହି ମହାରାକ୍ଷସର ଆତଯାତ କଟକ ଜିଲ୍ଲାର ନିଆଳୀ ବ୍ଲକ୍ ଅଞ୍ଚଳରେ ବ୍ୟାପକ । ଏହା ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଲାଣି । ୨୦୨୫ ବେଳକୁ ଏହା ଏକ ମୁଖ କର୍କଟ ବ୍ଲକ୍‌ରେ ପରିଣତ ହୋଇପାରେ । ସାଧାରଣତଃ ଦେଖିବାକୁ ଗଲେ ମହିଳାମାନଙ୍କ ତୁଳନାରେ ପୁରୁଷମାନଙ୍କୁ ଏହା ଅଧିକ ପ୍ରଭାବିତ କରିଛି । ଦିନକୁ ଦିନ ଗ୍ରାହକଙ୍କ ସଂଖ୍ୟା ଜଙ୍ଗଲରେ ନିଆଁ ଲାଗିବା ପରି ହୁହୁ ହୋଇ ବଢ଼ିଚାଲୁଛି । ଆମ ନିଆଳୀ ବ୍ଲକ୍‌ରେ ପ୍ରାୟତଃ ଲୋକ କୌଣସି ନା କୌଣସି ପ୍ରକାର ଏହାର ଶିକାର ବନିଛନ୍ତି । ସେମାନେ ଭାବନ୍ତି ଯେ ଏସବୁ ଖାଇବାରେ ତାଙ୍କୁ ମାନସିକ ଶାନ୍ତି ମିଳିଥାଏ । ଏହି ମହାରାକ୍ଷାସ ଆଉ କେହି ନୁହେଁ । ଏହା ହେଉଛି ଆମର ଅତି ପ୍ରିୟ ଗୁଟୁଖା । ଏହି ଗୁଟୁଖା ହେଉଛି ତମାଖୁ, ଗୁଆ ଏବଂ ମିଠା ଆଦି ଉପାଦାନର ମିଶ୍ରଣ । ଏହା ବଜାରରେ ଛୋଟ ଛୋଟ ପ୍ୟାକେଟ୍‌ରେ ଉପଲବ୍ଧ । ଏହାକୁ ଖାଇଲେ ଶରୀରରେ ମୃଦୁ ଉଦୀପନା ହୁଏ । ଏହା ସିଁଧାସଳଖ ଭାବେ ଦାନ୍ତ ଏବଂ ମାଢ଼ିକୁ କ୍ଷତି ପହଞ୍ଚାଇଥାଏ । ସରକାର ଏବଂ କେତେକ ସ୍ୱେଚ୍ଛାସେବୀ ସଂଗଠନ ତମାଖୁ ନିବାରଣ କାର୍ଯ୍ୟରେ ସଚେତନତା କରାଉଥିଲେ ମଧ୍ୟ ଏସବୁକୁ ଲୋକେ ଗୁରୁତ୍ୱ ଦିଅନ୍ତି ନାହିଁ । କାହିଁକି ବା ଗୁରୁତ୍ୱ ଦିଅନ୍ତେ ? ଭାତ, ରୁଟି ସିନା ପେଟ ପୂର୍ଣ୍ଣ ହେବ ଯେ ସରକାର ଦୁଇଟଙ୍କିଆ ଚାଉଳ ଗହମ ବ୍ୟବସ୍ଥା କଲେ ହେଲେ ମନ ପୂରେଇବାକୁ ଗୁଟୁଖା ଦରକାର ନା ? ସରକାର ରିହାତି ଦରରେ ଏସବୁ ଯୋଗେଇ ଦିଅନ୍ତେ ନାହିଁ....

ଗୁଟୁଖା ଛାଡ଼ନ୍ତୁ, ଜୀବନ ବଞ୍ଚାନ୍ତୁ ।।

●

# ମାୟା ସଂସାର

ସ୍ୱର୍ଣ୍ଣଲତା ମଲ୍ଲିକ
+୨ ପ୍ରଥମ ବର୍ଷ, କଳା

ଗୋଟିଏ ରାଜ୍ୟରେ ଜଣେ ଲୋକ ଥିଲେ ତାଙ୍କ ନାମ ବସନ୍ତ । ମଧ୍ୟବିତ ପରିବାରରେ ବାସ କରୁଥିଲେ । ସେ ବିମଳ ରାୟ ଘରେ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିଲେ । ବସନ୍ତଙ୍କର କିଛି ସନ୍ତାନସନ୍ତତି ନଥିଲେ । ତାଙ୍କ ସ୍ତ୍ରୀ ଶାନ୍ତି ସନ୍ତାନ ହେବାପାଇଁ କବିରାଜ ବୈଦ୍ୟ ଡାକ୍ତର ପାଖକୁ ଯାଇ ନିରାଶ ହୋଇଥିଲେ । ଦୁହେଁ ସ୍ୱାମୀସ୍ତ୍ରୀ କର୍ମ ଆଦରି ପଡ଼ି ରହିଥିଲେ । ଶାନ୍ତିକୁ ଗାଁର ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ବନ୍ଧ୍ୟା ବୋଲି କହୁଥିଲେ । ଗାଁର ଅନେକ ସ୍ତ୍ରୀ ଲୋକ ଗାଁର ପୋଖରୀ ନଦୀ, ବାଟଘାଟ ବିଭିନ୍ନ ସ୍ଥାନରେ ଶାନ୍ତିର ବନ୍ଧ୍ୟା ବିଷୟକୁ ନେଇ ନାନା କଥା କହୁଥିଲେ । କେହି କହନ୍ତି ତା'ର ଆର ଜନ୍ମର କର୍ମ ଯୋଗୁଁ ତା'ର କୋଳରେ ଠାକୁର ପିଲା ଦେଇନାହାନ୍ତି । ସକାଳୁ ମୁହଁ ଦେଖିଲେ ଅଶୁଭ ବୋଲି କହୁଥିଲେ । ଗାଁର କୌଣସି କାର୍ଯ୍ୟରେ ଶାନ୍ତିକୁ ଆସିବାକୁ ମନା କରୁଥିଲେ । ଏସବୁ ଶୁଣି ଶାନ୍ତିର ଆଖିରୁ ଲୁହ ଝରି ଆସୁଥାଏ । ଏହାଦେଖି ବସନ୍ତ ଶାନ୍ତିକୁ ଧୈର୍ଯ୍ୟର ସହ କହେ ଦେଖ ଶାନ୍ତି, ଆମ ଭାଗ୍ୟରେ ଯାହା ଲେଖାଅଛି ଆମେ ତାହାକୁ ଭୋଗିବା । ତାହା ସହିତ ଲୋକଙ୍କ କଥା, ସେମାନେତ କହିବେ । ଏସବୁକୁ ଧରି କାନ୍ଦି ମନମାରି ବସିଲେ ଆମ ଦୁଃଖ କ'ଣ ଦୂର ହୋଇଯିବ । ଭଗବାନଙ୍କ ଉପରେ ବିଶ୍ୱାସ ରଖ ସବୁ ଠିକ୍ ହୋଇଯିବ ।

ଏମିତି କିଛିଦିନ ବିତିଗଲା । ଦିନେ ହଠାତ୍ ବିମଳ ରାୟ ବାବୁଙ୍କ ଘରେ କାମସାରି ଫେରୁଥିବା ବେଳେ ବସନ୍ତ ରାସ୍ତା କଡ଼ରେ ଏକ କୋମଳ ନିରୀହ ଶିଶୁ ଉପରେ ଲକ୍ଷ୍ୟ ପଡ଼ିଲା । ବସନ୍ତ କିଛି ବୁଝିବା ପୂର୍ବରୁ ସେହି ନିଷ୍ପାପ ଶିଶୁ ପାଖକୁ ଦୌଡ଼ିଗଲା । ତାହା ପାଖରେ ପହଞ୍ଚିଲା ପରେ ସେ ସେପାଖ ଏପାଖ କରି ଚାରିପାର୍ଶ୍ୱକୁ ଚାହିଁଲା । ଦେଖିଲା ଆଖ ପାଖରେ କୌଣସି ଲୋକ ଦେଖାଯାଉ ନାହାନ୍ତି । କିଛି ସମୟ ଏମିତି ବିତିଗଲା ପରେ ସେ ସେହି ପିଲାର କାରୁଣ୍ୟ କ୍ରନ୍ଦନ ସହିପାରିଲା ନାହିଁ । ତାହାକୁ ନିଜର କୋଳକୁ ଉଠାଇ ଆଣିଲା, ଭାବିଲା ପିଲାଟିକୁ ଭଗବାନ ପଠାଇଛନ୍ତି ଏହାଭାବି ପିଲାଟିକୁ ନେଇ ନିଜ ଘରକୁ ଫେରିଲା ।

ନିଜ ଘରର ଦାଣ୍ଡରେ ପହଞ୍ଚି ପତ୍ନିକୁ ଡ଼ାକିଲା । ଶାନ୍ତି ଘରୁ ବାହାରି ଆସି କହିଲା, କ'ଣ ହେଲା କାହିଁକି ଏତେ ଜୋରରେ ଡ଼ାକୁଛ କହିଲ ? ବସନ୍ତ କହିଲା, ଦେଖ ଆସି ମୁଁ କ'ଣ ଆଣିଛି । ଶାନ୍ତି ଆଶ୍ଚର୍ଯ୍ୟ ହୋଇ ପଚାରିଲା, ଏ ପିଲା କାହାର, କେଉଁଠୁ ଆଣିଛ । ଏକଥା ଶୁଣି ବସନ୍ତ କହିଲା ଆଲୋ ଆମ ପାଇଁ ଭଗବାନ ଏ ପିଲାକୁ ପଠାଇଛନ୍ତି । ଶାନ୍ତି ଭାବିଲା ଠାକୁର ଆମପାଇଁ ପଠାଇଲେ । କେତେ ଦିଅଁ ଦେବତା ପୂଜା କରି ପିଲା ଟିକଟେ ପାଇନଥିଲି, କେତେ ଲୋକଙ୍କ ଠାରୁ କେତେ ନିନ୍ଦା ଅପବାଦ ପାଇଲି, ଶେଷରେ ଠାକୁର ନିଜ ହାତରେ ମୋ ପାଇଁ ଏ ପିଲା

ପଚାରିଲେ । ଏହାକହି ଶାନ୍ତି ସେ ପିଲାଟିକୁ ନିଜ କୋଳକୁ ନେଇଗଲା । ସେହି କଅଁଳିଆ ଶିଶୁର ମୁହଁକୁ ଦେଖି ଶାନ୍ତି ସାରା ପୃଥିବୀର ସବୁ ଖୁସି ପାଇଲା ପରି ଲାଗିଲା । କିଛି ସମୟ ଦୁହେଁ ସ୍ୱାମୀ ସ୍ତ୍ରୀ ଖୁସିରେ ପିଲାକୁ ଗେଲ କରୁଥିବା ସମୟରେ ବସନ୍ତ କହିଲା ଶାନ୍ତି ତୁତ ପିଲାକୁ ପାଇ ସବୁକିଛି ଭୁଲିଗଲୁ ବୋଧେ । ଶାନ୍ତି କହିଲା, ଏମିତି କ'ଣ କହୁଛ ? କହିବି ନାହିଁ ତୁ ମତେ ଖାଇବାକୁ ଦେ, ଆଉ ପିଲାକୁ ଜୋର ଭୋକ ହେଲାଣି, ଚଞ୍ଚଳ ଯାଇ ଘରୁ ଖିର ଆଣି ପିଲାକୁ ଦେ ।

ଏହାପରେ ବସନ୍ତ ଶାନ୍ତି ପିଲାକୁ ପାଇ ତାଙ୍କ ପରିବାର ଖୁସିରେ ଚଳିଲା । ସେ ଝିଅର ନାଁ ରଖିଲେ ଲକ୍ଷ୍ମୀ । ଏହାର କିଛିବର୍ଷ ପରେ ତାଙ୍କର ଦୁଇଟି ପିଲା ଜନ୍ମ ହେଲେ । ଜଣକ ନାଁ ରଂଜନ ଓ ଅନ୍ୟଜଣକ ନାଁ ପୂଜା । କ୍ରମେ ଲକ୍ଷ୍ମୀ କଲେଜରେ ପାଠ ପଢ଼ିଲା । ପଢୁଥିବା ସମୟରେ ବସନ୍ତ ମୃତ୍ୟୁବରଣ କଲା । ଘରର ସବୁ ଦାୟିତ୍ୱ ଆସିଲା ବଡ଼ଝିଅ ଲକ୍ଷ୍ମୀ ଉପରକୁ । ଲକ୍ଷ୍ମୀ ପିଲାକୁ ଟିଉସନ କରି ରଂଜନ ଓ ପୂଜାକୁ ପାଠ ପଢ଼େଇଲା । ଘରର ଦାୟିତ୍ୱ ନେଲା । ଏସବୁ ଦାୟିତ୍ୱ ମୁଣ୍ଡରେ ମୁଣ୍ଡାଇଲା ବେଳେ ସେ ନିଜର କ୍ୟାରିୟରକୁ ଭୁଲିଗଲା । ରଂଜନ +୨ ଦ୍ୱିତୀୟବର୍ଷରେ ପାଠ ପଢ଼ିଲା । ସେ ପ୍ରିୟା ବୋଲି ଗୋଟିଏ ଝିଅକୁ ଭଲପାଇଲା । ଦିନେ ଦୁହେଁ ବୁଲୁଥିଲେ । ଏ ଦୁଇଜଣକୁ ବିମଳ ବାବୁ ଦେଖିଲେ । ବିମଳ ବାବୁ ଝିଅକୁ କିଛି ନକହି ଘରକୁ ଚାଲିଗଲେ ।

ପ୍ରିୟା ଘରକୁ ଆସିଲା । ବିମଳ ବାବୁ ପଚାରିଲେ ପ୍ରିୟା ଶୁଣ ମୋ ପାଖକୁ ଆ । ପ୍ରିୟା ବିମଳ ବାବୁଙ୍କ ପାଖକୁ ଯାଇ ପଚାରିଲା, ବାପା ମତେ କିଛି କହିବେ । ବିମଳବାବୁ କହିଲେ ତୁ ଯେଉଁ ପୁଅ ସାଥୀରେ ବୁଲୁଥିଲୁ ସେ ପୁଅ କିଏ ? ତୋର ତା ସାଙ୍ଗରେ କି କାମ । ତା'ର ପରିଚୟ ମତେ ଦେ । ପ୍ରିୟା କହିଲା, ବାପା ସେ ରଂଜନ । ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷରେ ପାଠ ପଢ଼ନ୍ତି । ତାଙ୍କ ଘର ଚନ୍ଦନପୁର, ବାପାଙ୍କ ନାମ ବସନ୍ତ ଦାସ । ମୁଁ ରଂଜନକୁ ଭଲ ପାଏ । ଆଉ ମୁଁ ତାକୁ ମୋର ଜୀବନ ସାଥୀ ଭାବରେ ବାଛି ନେଇଛି । ବିମଳ ବାବୁ କହିଲେ, କ'ଣ କହିଲୁ ତାଙ୍କ ଘର ଚନ୍ଦନପୁର । ବାପାଙ୍କ ନାଁ ବସନ୍ତ ଦାସ । ଯିଏ ମୋ ଘରେ ଡ୍ରାଇଭର ଭାବରେ କାମ କରୁଥିଲା । ଯାହାର ଘର ବୋଲି ଖଣ୍ଡେ ନାହିଁ ସେ ଭଡ଼ାଘରେ ରହୁଥିଲା । ପୁଣି ତୁ ବିମଳ ରାୟ ଝିଅ ହୋଇ ତା ପୁଅକୁ ଭଲପାଉଛୁ । ଏହା ଅସମ୍ଭବ । ଏହା ମୁଁ କେବେ କରେଇ ଦେବି ନାହିଁ । ଝିଅର ଜିଦ୍ ଆଉ ଖୁସି ଆଗରେ ବିମଳବାବୁ ହାର ମାନିଗଲେ । ବିମଳବାବୁ ପ୍ରିୟା ପାଖରେ ସର୍ତ୍ତ ରଖିଲେ ଯେ ତୁ ଯଦି ରଞ୍ଜନକୁ ବିବାହ କରିବୁ ତାହାଲେ ରଂଜନ ତାଙ୍କ ଘରଛାଡ଼ି ମୋ ଘରେ ରହିବେ ଆଉ ମୋ ଫ୍ୟାକ୍ଟ୍ରି ସମ୍ଭାଳିବ ।

ଲକ୍ଷ୍ମୀ ଭାଇ ଭଉଣୀକୁ ବହୁତ ସ୍ନେହ କରୁଥିଲା । କେବେ ତାଙ୍କ ବାପା ମରିଯାଇଛି ବୋଲି ଅନୁଭବ କରିବାକୁ ଦିଏନାହିଁ । ରଂଜନ, ପୂଜାର ସମସ୍ତ ଆବଶ୍ୟକତା ପୂରଣ କରୁଥିଲେ । ହେଲେ ପୂଜା ଲକ୍ଷ୍ମୀକୁ ଭୁଲ ବୁଝେ ।

ପୂଜା ଯେବେ ଭୁଲ ବାଟକୁ ଯାଏ ଲକ୍ଷ୍ମୀ ପୂଜାକୁ ବିରୋଧ କଲେ ପୂଜା ଲକ୍ଷ୍ମୀକୁ କହେ ତୁ ମତେ ଶିଖେଇବୁ କ'ଣ ଭୁଲ, କ'ଣ ଠିକ୍ । ପୂଜା ଦିନେ ମନୋଜକୁ ଭଲପାଇ ବାହାହୋଇ ଶାନ୍ତି ପାଖକୁ ଆସିଲା । କହିଲା ବୋଉ, ମୁଁ ମନୋଜକୁ ବାହା ହୋଇ ଯାଇଛି ଆମକୁ ଆଶୀର୍ବାଦ ଦେ । ଶାନ୍ତି ପୂଜାକୁ

ଚାପୁଡ଼ା ମାରି କହିଲା, ଆରେ ତୁମମାନଙ୍କୁ ବଡ଼ କରି ତୁମମାନଙ୍କ କ୍ୟାରିୟର ଭଲ ଭାବରେ ଗଢ଼ିବେ ବୋଲି ତୁମ ବାପା କେତେ ଆଶା କରିଥିଲେ । ହେଲେ ଭଗବାନଙ୍କୁ ବୋଧେ ସେ ଭଲ ଲାଗିଲେ ସେଥିପାଇଁ ଭଗବାନ ତାଙ୍କୁ ତାଙ୍କ ପାଖକୁ ନେଇଗଲେ । ତାଙ୍କରି ସ୍ୱପ୍ନକୁ ପୂରଣ କରିବାକୁ ଯାଇ ଲକ୍ଷ୍ମୀ ତା'ର କ୍ୟାରିୟର ଭୁଲି ତୁମମାନଙ୍କୁ ପାଠଶାଠ ପଢ଼େଇଲା । ଶେଷରେ ତୁ ଏଇଆ କଲୁ । ତୋ ମୁହଁ ଚାହିଁବାକୁ ଇଚ୍ଛା ନାହିଁ । ତୁ ମୋ ପାଇଁ ମରିଗଲୁ । ଏଠୁ ତୁ ଶୀଘ୍ର ବାହାରିଯାଆ । ଏତିକିବେଳେ ଲକ୍ଷ୍ମୀ କହିଲା, ବୋଉ ଏ କ'ଣ କହୁଛୁ ? ଯେତେ ଦୋଷ କଲେବି ସେ ଆମ ଝିଅ । ଏମିତି କହିବା ତୋର ଠିକ୍ ନୁହେଁ । ଏତିକିବେଳେ ପୂଜା କହିଲା, ଏତେ ଦରଦ ଦେଖେଇ ହେବା ଦରକାର ନାହିଁ । ତୁ ବୋଉକୁ ଶିଖେଇ ମନେଇ ତୋର ମାୟା ଫାଶରେ ବାନ୍ଧି ସାରିଲୁଣି । ଏହାଶୁଣି ଲକ୍ଷ୍ମୀ ଆଖିରୁ ଧାର ଧାର ହୋଇ ଲୁହ ବୋହିଗଲା । ଶାନ୍ତି ଏସବୁ ଦେଖି ପୂଜାକୁ ଗୋଟିଏ ଚାପୁଡ଼ା ମାରି କହିଲା, ବାହାରେ ଏଠୁ ମୋର ଚନ୍ଦ୍ରମାରେ କଳଙ୍କ ଲଗେଇଦେଲୁ । ତୋର ଜିଭ ଲେଉଟିଲା କେମିତି ଏସବୁ କହିବାକୁ । ତତେ ଟିକେ ଲଜ୍ୟା ନାହିଁ । ତୁ ଏଠୁ ବାହାରିଲୁ । ମନୋଜ ପୂଜାକୁ କହିଲା, ଏଠି ଠିଆ ହୋଇ ଆଉ କ'ଣ ଶୁଣିବ ? ଚାଲ ଏଠୁ । ପୂଜା କହିଲା, ହଁ ଚାଲ ଏଠୁ । ବୋଉ ମୁଣ୍ଡକୁ ଏ ଖାଇ ସାରିଲାଣି ଏହା କହି ଚାଲିଗଲେ ।

ଲକ୍ଷ୍ମୀ ଶାନ୍ତିକି କହିଲା, ବୋଉ ପୂଜା କଥାରେ ତୁ କାନ୍ଦୁଛୁ, କାନ୍ଦନାହିଁ । ମୁଁ ତା'ର କିଛି ଧରି ନାହିଁ । ରଂଜନ ଚାକିରୀ କରିବ ଆମ ଦୁଃଖ ଚାଲିଯିବ । ମନଦୁଃଖ କରନାହିଁ । ଦିନେ ରଂଜନ ଚାକିରୀ କଲା । ଶାନ୍ତି ଓ ଲକ୍ଷ୍ମୀ ଭାବିଲେ ଆମ ଦୁଃଖ ଚାଲିଗଲା । ଆମେ ଆମର ନିଜ ଘର କରିବା ଆଉ ରଂଜନକୁ ଧୁମ୍‌ଧାମରେ ବାହା କରିବା । ଏମିତି କେତେ କ'ଣ ? ହେଲେ ରଂଜନ ଚାକିରୀ କରି ପ୍ରିୟାକୁ ବାହା ହୋଇଗଲା । ଘରକୁ ଆଣି ଆସିଲା । ଶାନ୍ତି ଓ ଲକ୍ଷ୍ମୀ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ଶାନ୍ତି କହିଲା, ରଂଜନ ଏ ଝିଅ କିଏ ? ରଂଜନ କହିଲା, ଇଏ ପ୍ରିୟା ବୋଉ । ଶାନ୍ତି ରଂଜନକୁ ଆସି ଚାପୁଡ଼ା ମାରିଲା, କହିଲା ଆମକୁ କିଛି ନଜଣାଇ ବାହା ହୋଇଗଲୁ । ବଡ଼ ଭଉଣୀ ଲକ୍ଷ୍ମୀ ତୁମମାନଙ୍କୁ ନେଇ କ'ଣ ଭାବିଥିଲା । ଆଉ ତୁମେ କ'ଣ କରୁଛ । ରଂଜନ କହିଲା, ବୋଉ ତୁ ମତେ କହୁଛୁ । ପୂଜା ଭଲପାଇ ବାହାହେଲା କାହିଁ ତାକୁ କହିଲୁ ନାହିଁ । ଆଉ ତୁ ଯାହାକୁ ମୁଣ୍ଡରେ ମୁଣ୍ଡେଇଛୁ ସେ କ'ଣ ବଡ଼ କାମ କରିଛି ଶୁଣେ । ଆରେ ତୁମମାନଙ୍କ ମୁହଁରେ କ'ଣ ଲଜ୍ୟା ବୋଲି କିଛି ନାହିଁ । ଯେଉଁ ଭଉଣୀକୁ ଆଜି ନିନ୍ଦୁଛ ସେହି ଭଉଣୀ ତୁମମାନଙ୍କୁ ପାଠ ପଢ଼େଇ ଠିଆ କରିଛି । କେବେହେଲେ ତା'ର ଖୁସି କଥା ଭାବି ନାହିଁ । ହେଲେ ତୁମେ ଦୁହେଁ ଭାଇଭଉଣୀ ଆଜି ମତେ କିଛି ନକହି ନିଜ ଇଚ୍ଛାରେ ବାହାହେଇ । ମୋ ମୁହଁରେ କଳଙ୍କ ବୋଳିଲ । ବାପାଙ୍କ କେତେ ଆଶା ଥିଲା ତୁମେ ତିନିଜଣ ଭଲ ପାଠପଢ଼ି ଭଲ ମଣିଷ ହେବ । ହେଲେ ତୁମେ ମଣିଷ ହେବା ବଦଳରେ ଅମଣିଷ ହୋଇଗଲ । ଏତିକି କହି ଚାପୁଡ଼ା ମରିବା ବେଳେ ପ୍ରିୟା ଶାନ୍ତି ହାତକୁ ଧରି ପକାଇ ରଂଜନକୁ କହିଲା, ଆଉ ଏତେକଥା ଶୁଣିବା ଦରକାର ନାହିଁ । ମୁଁ ତୁମକୁ କହୁଥିଲି, ଆମେ ଦୁହେଁ ଆମ ଘରକୁ ଯିବା ବୋଲି । ବାପା ଆମମାନଙ୍କୁ ନେବା ପାଇଁ ଗାଡ଼ି ପଠାଇଥିଲେ । ହେଲେ ତୁମେ କହିଲ, ଆମେ ଆମ ଘରକୁ ଯିବା । ଏଥର ତୁମ ମନ

ଶାନ୍ତି ହୋଇଗଲା । ଏବେ ଯିବା, ହଁ କୁହତ ତୁମମାନଙ୍କର କେତେ ଟଙ୍କା ରଂଜନ ପିଛା ଖର୍ଚ୍ଚ ହୋଇଛି କୁହ । ମୁଁ ଦେଇଦେବି ଏହା କହି ଟଙ୍କା ବାହାର କରି ଦେଲା । ଶାନ୍ତି କହିଲା, ମା' ତୁମର ସେ ଟଙ୍କା ରଖିଦିଅ । ତୁମମାନଙ୍କ କାମରେ ଆସିବ । ନିଅ ଏ ଟଙ୍କା ନିଅ ଏହା କହି ଶାନ୍ତି ଟଙ୍କା ପ୍ରିୟା ମୁହଁକୁ ଫୋପାଡ଼ି ଦେଲା । ପ୍ରିୟା କହିଲା, କ'ଣ ହେଲା ତୁମେ ମୋ ମୁହଁକୁ ଟଙ୍କା ଫୋପାଡ଼ିବ ତୁମର ଏତେ ସାହାସ । ତୁମେ ପୁଣି ବିମଳରାୟ ଝିଅ ଉପରକୁ ଟଙ୍କା ଫୋପାଡ଼ିବ ଏହାକହି ଶାନ୍ତି ଉପରକୁ ହାତ ଉଠାଇଲା । ଲକ୍ଷ୍ମୀ ଆସି ପ୍ରିୟା ହାତକୁ ମାଡ଼ିବସିଲା । କହିଲା, ତୁମେମାନେ ଯେତେକଥା କହିଲଣି ବା କଲଣି ମୁଁ କିଛି କହୁନଥିଲି ହେଲେ ତୁମେ ମୋ ଆଖି ଆଗରେ ମୋ ବୋଉ ଉପରକୁ ଚାପୁଡ଼ା ମାରିବ ଏହାକହି ପ୍ରିୟାକୁ ଚାପୁଡ଼ା ମାରିଲା । ଏହାଦେଖି ରଂଜନ ଲକ୍ଷ୍ମୀକୁ ଚାପୁଡ଼ା ମାରି କହିଲା, ତୋର ଏତେ ସାହସ ତୁ ମୋର ସ୍ତ୍ରୀ ଉପରକୁ ହାତ ଉଠେଇଲୁ । ତୁ କିଏ ଆମ ଭିତରେ କଥା କହିବାକୁ । କାହିଁକି କେଜାଣି ବାପା ତୋତେ ରାସ୍ତା କଡ଼ରୁ ଉଠାଇ ଆଣିଥିଲେ । ପୂଜା ନାଁରେ ବୋଉକୁ କ'ଣ କହିଲୁ ଯେ ବୋଉ ପୂଜା ଆଉ ମନୋଜକୁ ଅପମାନ ଦେଇ ବାହାର କରିଦେଲା । ଆଉ ଆମ ମା ପୁଅ ଭିତରେ ଆସି ବିଦ୍ରୋହ ସୃଷ୍ଟି କରୁଛୁ । ତୁ ଆମମାନଙ୍କ ପାଇଁ ଶତ୍ରୁ ହେଉଛୁ । ତତେ ଟିକେ କ'ଣ ବିଷ ବିକୁନାହିଁ । ତୁ ମରିଗଲେ ଆମ ମା' ପୁଅ ଭିତରୁ ଦ୍ୱନ୍ଦ୍ୱ ତୁଟିଯିବ । ଏହା ଲକ୍ଷ୍ମୀ ଶୁଣି କାନ୍ଦି ଉଠିଲା । ଶାନ୍ତି ଲକ୍ଷ୍ମୀର ଦୁଃଖ ସହିପାରିଲା ନାହିଁ । ଶାନ୍ତି କହିଲା, ଆରେ ରଂଜନ, ଯେଉଁ ଭଉଣୀକୁ ନିନ୍ଦୁଛ ସେ ତୁମମାନଙ୍କ ପାଇଁ କ'ଣ ନ କରିଛି ? ତୁମେ ଦୁହେଁ ଭାଇଭଉଣୀ ଆଜି ମତେ ପର କରିଦେଲ । ସେହି ଲକ୍ଷ୍ମୀ ମତେ ଦିନେ ନ ଦେଖିଲେ ପାଗେଳି ହୋଇଯାଉଥିଲା । ଛି ଛି ଲକ୍ଷ୍ମୀ ଭଳି ଝିଅ ନାଁରେ ଏମିତି କହୁଛୁ । ବାହାରେ ଏଠୁ ବାହାରେ କହି ଶାନ୍ତି କାନ୍ଦି ଉଠିଲା । ପ୍ରିୟା ରଂଜନକୁ କହିଲା, ଚାଲ ଏଠୁ ଚାଲ । ଛୋଟ ଲୋକ ଆଗରେ ଠିଆ ହେବା ଦରକାର ନାହିଁ । ଏହାକହି ପ୍ରିୟା ରଂଜନର ହାତଧରି ଚାଲିଗଲା, ଏହି ଦୁଃଖରେ ଶାନ୍ତି ଦେହ ଖରାପ ହୋଇଗଲା । ଲକ୍ଷ୍ମୀ ଶାନ୍ତିକୁ ମେଡ଼ିକାଲ୍ ନେଇଗଲା । ଡାକ୍ତର ଶାନ୍ତିର ଚିକିତ୍ସା କରି କହିଲେ, ଶାନ୍ତିକୁ ଶୀଘ୍ର ଅପରେସନ୍ କରିବାକୁ ହେବ । ସେଥିପାଇଁ ଟଙ୍କା ଦରକାର । ଲକ୍ଷ୍ମୀ ଏହାଶୁଣି ଅବାକ୍ ହୋଇଗଲା । ଭାବିଲା ମୁଁ ଏତେ ଟଙ୍କା ଆଣିବି କେଉଁଠୁ ? ସାଙ୍ଗସାଥୀମାନଙ୍କୁ ଟଙ୍କା ମାଗିଲେ ହୁଏତ ୧୦, ୨୦ ହଜାର ଦେଇପାରିବେ ତା ଠାରୁ ଅଧିକ ନୁହେଁ । ଟଙ୍କା ନହେଲେ ବୋଉ ମରିଯିବ । ନା ମୁଁ ଏମିତି କରେଇଦେବି ନାହିଁ । ମତେ କିଛି କରିବାକୁ ପଡ଼ିବ । ଭାବୁଥିବା ବେଳେ ତା'ର ମୁଣ୍ଡକୁ ଆସିଲା ଯେ ପୂଜା ଆଉ ରଂଜନ ଯେତେହେଲେ ପୁଅ, ଝିଅ । ବୋଉର ଦେହ ଖରାପ କଥା ଶୁଣି ହୁଏତ କିଛି ଟଙ୍କା ଦେବେ । ଏହାଭାବି ଲକ୍ଷ୍ମୀ ପୂଜା ପାଖକୁ ଗଲା । କହିଲା, ପୂଜା ମତେ କିଛି ଟଙ୍କା ଦେ । ପୂଜା କହିଲା, କାହିଁକି ଟଙ୍କା ଦେବି ? ଲକ୍ଷ୍ମୀ କହିଲା, ବୋଉ ମେଡ଼ିକାଲରେ ପଡ଼ିଛି । ତା'ର ଶୀଘ୍ର ଅପରେସନ୍ ନହେଲେ ସେ ମରିଯିବ । ପୂଜା ମୁଁ କ'ଣ କରିବି ? ମତେ କିଛି ଟଙ୍କା ଦେ । ବୋଉର ଅପରେସନ୍ ହେବ । ପୂଜା କହିଲା, ତୋ ମୁହଁକୁ ଲାଜ ନାହିଁ । ମତେ ଟଙ୍କା ମାଗୁଛୁ । ଯେଉଁ ବୋଉ ପର ଝିଅ କଥାଶୁଣି ନିଜ ଝିଅକୁ ଘରୁ ଅପମାନ ଦେଇ ବାହାର କରିଦିଏ ସେହି ବୋଉ ଅପରେସନ୍ ପାଇଁ ମୁଁ ଟଙ୍କା ଦେବିନି । ମୁଁ ଟଙ୍କା ଦେଇପାରିବି

ନାହିଁ । ଲକ୍ଷ୍ମୀ ପୂଜାର ଗୋଡ଼ଧରି କହିଲା, ପୂଜା ତୁ ମୋ ଉପରେ ଦୟାକର, ମତେ କିଛି ଟଙ୍କା ଦେ । ପୂଜା ଗୋଡ଼ ଛାଡି କହିଲା, ଟଙ୍କା ନା ଫଙ୍କା କିଛି ନାହିଁ ! ତୁ ଏଠୁ ବାହାରେ । ଲକ୍ଷ୍ମୀ ଏହାଶୁଣି ବାହାରି ଆସିଲା । ଭାବିଲା ପୂଜା ସିନା ମତେ ଟଙ୍କା ଦେଲା ନାହିଁ ରଂଜନ କିନ୍ତୁ ବୋଉ କଥା ଶୁଣି ମତେ ଟଙ୍କା ଦେବ । ଏହାଭାବି ଲକ୍ଷ୍ମୀ ରଂଜନ ପାଖକୁ ଗଲା । ପ୍ରିୟା ଲକ୍ଷ୍ମୀକୁ ଦେଖି କହିଲା, ତୁ ଏଠିକି କାହିଁକି ଆସିଛୁ ? ତୋର ଏଠି କି କାମ ? ଲକ୍ଷ୍ମୀ ପ୍ରିୟା କଥା ନଶୁଣି ରଂଜନକୁ ଡାକିଲା ରଂଜନ, ରଂଜନ । ରଂଜନ ଘରୁ ଥାଇ କହିଲା, କିଏ ମତେ ଡାକୁଛି ପ୍ରିୟା । ପ୍ରିୟା ଦେଖିବ ଆସ ତୁମକୁ କିଏ ଡାକୁଛି । ରଂଜନ ଘରୁ ବାହାରି ଆସି କହିଲା, ଅପା ତୁ ଏଠି କାହିଁକି ଆସିଛୁ । ଲକ୍ଷ୍ମୀ ରଂଜନକୁ ଦେଖି କାନ୍ଦିଲା । କହିଲା, ରଂଜନ ବୋଉ ଦେହ ବହୁତ ଖରାପ । ତା'ର ଅପରେସନ୍ ଶୀଘ୍ର ନକଲେ ସେ ମରିଯିବ । ମୁଁ ପୂଜା ପାଖକୁ ଯାଇଥିଲି । ସେ ମତେ ଟଙ୍କା ନଦେଇ ଘରୁ ବାହାର କରିଦେଲା । ମୁଁ ଏତେଟଙ୍କା ଆଣିବି କେଉଁଠୁ ? ତୁ ମତେ ଲକ୍ଷେ ଟଙ୍କା ଦେ । ବୋଉର ଅପରେସନ୍ କରିବି । ଏହାଶୁଣି ରଂଜନ କହିଲା, ହଉ ରହ ମୁଁ ଟଙ୍କା ଆଣୁଛି । ରଂଜନ ଟଙ୍କା ଆଣି ଲକ୍ଷ୍ମୀକୁ ଦେଲାବେଳେ ପ୍ରିୟା ରଂଜନ ହାତରୁ ଟଙ୍କା ଛଡ଼େଇ ନେଇ କହିଲା, ତୁମେ ଏତେ ବୋକା ଲୋକ ହୋ । ଯେଉଁ ବୋଉ ପୁଅ ଭଲପାଇ ବାହା ହେଲା ବୋଲି ଘରୁ ଅପମାନ ଦେଇ ବାହାର କରିଦେଲା ସେହି ବୋଉ ପାଇଁ ଟଙ୍କା ଦେବ ? ନା ହୋଇପାରିବ ନାହିଁ । ଏହାଶୁଣି ଲକ୍ଷ୍ମୀ ପ୍ରିୟା ଗୋଡ଼ ଧରି ପକାଇଲା । କହିଲା, ମତେ କିଛି ଟଙ୍କା ଦେ ନହେଲେ ବୋଉ ମରିଯିବ । ଏହାଶୁଣି ପ୍ରିୟା କହିଲା, ବୋଉ ମରିଯିବ, ମରିଯାଉ କିଏ ମନା କରୁଛି ଯେ । ଲକ୍ଷ୍ମୀ ପ୍ରିୟା ଗୋଡ଼ ଛାଡ଼ି କହିଲା ତୁମେ ମତେ ଟଙ୍କା ନଦେଲେ ନାହିଁ ହେଲେ ଏମିତି କଥା କୁହ ନାହିଁ । ପ୍ରିୟା କହିଲା ଏମିତି କଥା ନ କହିଲେ ଯାଆ ଭିକ ମାଗିବୁ ହୁଏତ କିଛି ମିଳିଯିବ । ଏହାଶୁଣି ଲକ୍ଷ୍ମୀ କାନ୍ଦି କାନ୍ଦି ବାହାରିଗଲା । ଯାଇ ମେଡ଼ିକାଲ୍‌ରେ ପହଞ୍ଚିଲା ବେଳେ ସେହି ମେଡ଼ିକାଲର ଜଣେ ଲୋକ ତାଙ୍କର ପୁଅ ପାଇଁ ଆଖି ଦରକାର ହେଉଥିଲା । ଲକ୍ଷ୍ମୀ ଏହାଦେଖି ସେ ଲୋକକୁ କହିଲା ମୁଁ ତୁମ ପୁଅ ପାଇଁ ଆଖି ଦେବି ହେଲେ ତୁମେ ଏକଲକ୍ଷ ଟଙ୍କା ମତେ ଅଗ୍ରିମ ଦିଅ । ଲୋକଟି ଖୁସି ହେଲା ଓ ଲକ୍ଷେ ଟଙ୍କା ଦେଲା । ଲକ୍ଷ୍ମୀ ଶାନ୍ତିର ଅପରେସନ୍ କଲା । ତାହାପରେ ସେ ସେହି ଲୋକର ପୁଅକୁ ଚକ୍ଷୁ ଦାନ କଲା ।

●



# ମୋ ପିଲାବେଳର ସାଙ୍ଗ

ପ୍ରିୟଦର୍ଶିନୀ ସାହାଣୀ
+୩ ପ୍ରଥମ ବର୍ଷ, କଳା

ଗୋଟିଏ ସପନ । ଦିନେ ମୁଁ ଆମ ଗାଁକୁ ଦିନରେ ଫେରିବା ବାଟରେ ଗୋଟିଏ ବଡ଼ କୋଠା ଦେଖିଲି । ତାହା ଭିତରୁ ଗୋଟିଏ ଶବ୍ଦ ଆସୁଥାଏ । ମୁଁ ନ ଶୁଣିଲା ପରି ଚାଲିଗଲି । ଆମ ଘରେ ପହଞ୍ଚିଲି । ବାପା ବିଲକୁ ଯାଇଥିଲେ । ମା' ଗାଈମାନଙ୍କୁ ଘାସ ଦେଉଥିଲେ । ମୋର ସାନ ଭଉଣୀ ସ୍କୁଲକୁ ଯାଇଥାଏ । ମୋର ବଡ଼ ଭାଇ କଟକରେ ବହି ଦୋକାନ କରିଛନ୍ତି, ଭାଉଜ ଘରର ରୋଷେଇ ଦାୟିତ୍ୱ ନେଇଛନ୍ତି ।

ଗାଁରେ ମୋର ଛୋଟ ବେଳର ସାଙ୍ଗସାଥି ଅଛନ୍ତି । ମୋର ସବୁଠାରୁ ଭଲ ସାଙ୍ଗ ହେଉଛି 'ମନୁ' । ସେ ବି.ଏ. ପାସ୍ କରି ଗାଁ ବିଦ୍ୟାଳୟରେ ପାଠ ପଢ଼ାଉଛି । ମନୁ ସହିତ ଦେଖାହେଲା । ସେ ମୋତେ ଦେଖି ବହୁତ ଖୁସି । ମନୁର ମୋର ଗାଁରେ ଥିବା ଅନେକ ସାଙ୍ଗମାନଙ୍କ ସହ ଦେଖାହେଲା । ମୁଁ ମନୁକୁ ପଚାରିଲି ଆରେ ସେ କୋଠା ଘର କାହାର ? ଆମ ସାଥିରେ ପଢୁଥିବା ସୋମ୍ୟର ଘର । ଆରେ ସେତ ଏବେ ବହୁତ ସୁନ୍ଦର ହୋଇଯିବଣି ? ଆରେ ବିରାଟ ଦେଖେ ସୋମ୍ୟ ଆସୁଛି ।

ମନୁ କହିଲା, ସୋମ୍ୟ ଆକୁ ଚିହ୍ନିପାରୁନୁ ? ଆମ ସାଙ୍ଗରେ ପଢୁଥିଲା । ଆରେ ବିରାଟ ସିଏ, ସେ ଏମ୍.ବି.ଏ କରୁଛି । ତିନିବର୍ଷ ପରେ ଗାଁକୁ ଆସିଛି । ବିରାଟକୁ ଦେଖି ସୋମ୍ୟ କହିଲା, ଆରେ ବିରାଟ ତୁମେ କେମିତି ଅଛ ? କିନ୍ତୁ ବିରାଟ ସୋମ୍ୟକୁ ଦେଖୁଥାଏ । ମନୁ କହିଲା, ବିରାଟ ତୋତେ ସୋମ୍ୟ କ'ଣ କହୁଛି ପରା ? ବିରାଟ ଯେପରି ସୋମ୍ୟକୁ ନୂଆ ଦେଖୁଛି । ମୋର କଲେଜରେ କିଛି କାମ ଅଛି ମୁଁ ଯାଉଛି । ସୋମ୍ୟ ଗଲାପରେ ମଧ ବିରାଟ ତାକୁ ଚାହିଁଥାଏ । ସେଦିନ ଯେପରି ଭଲ ଭାବରେ ଦେଖିଲା ସୋମ୍ୟକୁ ।

ବିରାଟ ଓ ମନୁ ସେଦିନ ସଂଧ୍ୟାରେ ଛକରେ ଥିଲେ । ସୋମ୍ୟ ତା'ର ସାନ ଭାଇକୁ ନେଇଯାଇଥାଏ । ସେହି ସନ୍ଧ୍ୟାରେ ଦୁହିଁଙ୍କର ଦ୍ୱିତୀୟ ଭେଟ ଥିଲା । ବହୁତ ସୁନ୍ଦର ଓ ମନୋହରା ଥିଲା । ସୋମ୍ୟ ଛୋଟ ଭାଇନା ଭାରି ଚଗଲା । କହିଲା, ଅପା ଦେଖିଲୁ ମନୁଭାଇ ଓ ବିରାଟ ଭାଇ ଯାଉଛନ୍ତି । ରାଜାର ପାଟି ଶୁଣି ମନୁ ଆସିଲା । ଆରେ ସୋମ୍ୟ ତୁ କୁଆଡ଼େ ଆସିଛୁ ? ଘରେ କିଛି ପରିବା ନଥିଲା । ବାପାତ ନାହାନ୍ତି ସେଥିପାଇଁ ମତେ ଆସିବାକୁ ପଡ଼ିଲା । ବିରାଟ ମନରେ ପ୍ରଥମ ପ୍ରେମର ପ୍ରଥମ ଛୁଆଟି ଉଙ୍କି ଉଠିଲାଣି । ତାହାର ମନଟାକୁ କ'ଣ କ'ଣ କରିଦେଉଛି । ସେ ମନେ ମନେ ଭଲ ପାଇ ବସିଛି । ଦୁଇ ଚାରିଦିନ ରହିଲା ପରେ ବିରାଟ ଛୁଟି ସରିଗଲାଣି । ତାହାର ମନଟା ଯେପରି ସୋମ୍ୟ ପାଖରେ ରହିଗଲା । ସେପଟେ ସୋମ୍ୟ ମଧ ବିରାଟକୁ ତାହାର ମନରେ ଜାଗା ଦେଇ ସାରିଲାଣି । କିଛିଦିନ ପରେ ବିରାଟ ଭୁବନେଶ୍ୱର ଚାଲିଗଲା । ବିରାଟ ଯିବାର କଥାଶୁଣି ସୋମ୍ୟ ଯେପରି

ଭାଙ୍ଗିଗଲା । ସେ ବାଟରେ ଗଲାବେଳେ ମନୁକୁ ଦେଖିଲା । ଆରେ ବିରାଟ ଗଲାଣି । ସେତ ଦୁଇଦିନ ହେବ ପଳାଇ ଯାଇଛି । ତୁ କ'ଣ କହିଥାଆନ୍ତୁ ? ନା ଯେ, ସୋମ୍ୟ ହସି ପଳାଇଲା । ମନୁ ସୋମ୍ୟ କଥା ଯେପରି ଜାଣିପାରିଲା । ସେ ବିରାଟକୁ ଫୋନ୍ କଲା, ଆରେ ସୋମ୍ୟ ତୋ କଥା ପଚାରୁଥିଲା । ଆରେ ତମ ଭିତରେ କିଛି ଅଛି ! ହସିଦେଇ କହିଲା ନାହିଁରେ କିଛି ନାହିଁ । ମତେ କହ । ହଁ ମୁଁ ସୋମ୍ୟକୁ ଭଲ ପାଉଛି । ସୋମ୍ୟ ବି.ଏ.ସି ପାସ୍ କରି ଘରେ ଅଛି । ସେ ପ୍ରତିଦିନ କମ୍ପ୍ୟୁଟର କ୍ଲାସ୍ ଗଲାବେଳେ ମନୁ ପଚାରିଲା ସୋମ୍ୟ ଗୋଟିଏ କଥା କହିବି ? କ'ଣ କହ । ତୁ ବିରାଟକୁ ଭଲ ପାଉ ? କ'ଣ କହୁଛୁ ! ସତ କହ ସତ କହିବୁ ମତେ । ସୋମ୍ୟ ରାଗିଯାଇ କହିଲା, ହଁ ମୁଁ ଭଲ ପାଉଛି ।

ମନୁ ମୁଁ ଏହା ଚାହୁଁଥିଲି । କିନ୍ତୁ ବିରାଟ ଫୋନ୍‌ରେ ଥାଏ । ସେ ସୋମ୍ୟ କଥା ଶୁଣି ବହୁତ ଖୁସିରେ ପାଗଳ ପରି ହୋଇଗଲା । ତାହା ଆରଦିନ ଆସି ସୋମ୍ୟକୁ କହିଲା ତା'ର ମନକଥା । ତ ହିଁରେ ହଁ କହିଲା ସୋମ୍ୟ । କିଛିଦିନ ପରେ ସୋମ୍ୟକୁ ଦେଖିବାକୁ ପୁଅ ଘର ଲୋକ ଆସିଲେ । ଦେଖାଚାହାଁ ହେଲା । ସୋମ୍ୟର ବାପା ମା'ଙ୍କୁ ମନକୁ ପ୍ରସ୍ତାବଟି ଆସିଲା । ପୁଅଘର ଝିଅ ଘର ରାଜି ହୋଇଗଲେ । ବାହାଘର ହେଲା । ଭଲରେ ଭଲରେ ବିଦା ବିଦି ବି ସରିଗଲା । କିଛିବର୍ଷ ପରେ ସୋମ୍ୟର ପୁଅଟିଏ ହେଲା । ଦୁହେଁଙ୍କ ପରିବାର ଖୁସିରେ ରହିଲେ । ଜାଣନ୍ତି ସେହି ପୁଅ କାହାର ?

ତାହାର ବାପ କିଏ ସେ ହେଲେ,
ସୋମ୍ୟ ଓ ବିରାଟ
ସୋମ୍ୟ ସହିତ ବିରାଟ
"ଶୁଭ ପରିଣୟ"

●

# ପ୍ରତିଶ୍ରୁତି

**ଲକ୍ଷ୍ମୀପ୍ରିୟା ରାଉତ**
**+୨ ପ୍ରଥମ ବର୍ଷ, କଳା**

ମେଘାଚ୍ଛନ୍ନ ଆକାଶର ବିଜୁଳି ମାରିବା ବନ୍ଦ ହୋଇଯିବାର କିଛି ସମୟ ପରେ ପାଗ ଖୁବ୍ ସୁନ୍ଦର ଦେଖାଗଲା । ରାନି ତା'ର କଲେଜ୍ ବ୍ୟାଗ୍ ଧରି କଲେଜ ବାହାରିଗଲା । ପ୍ରଥମ କରି କଲେଜ ଯାଉଛି । ମନରେ ତା'ର ଅନେକ କିଛି ନୂଆ ଭାବନା । କେତେ ନୂଆ ସାଙ୍ଗଙ୍କ ସହିତ ଭେଟ ହବ । ପୁଣି କଲେଜର ପ୍ରାକୃତିକ ଦୃଶ୍ୟକୁ ସେ ତା'ର ଜୀବନରେ ପ୍ରଥମ କରି ଦେଖିବ । ଏହାଭାବି ସେ ସାଇକେଲ ଧରି ଚାଲିଗଲା କଲେଜ । କଲେଜର ପରିସରରେ ପଶୁ ପଶୁ ତାହା ସହିତ ଭେଟ ହେଲା ରାଜୁ ନାମକ ପୁଅ ।

ରାଜୁ ଥିଲା ବାପା ମା'ଙ୍କ ବଡ଼ ପୁଅ । ଦୁଇଭାଇ ଥିଲେ ସେମାନେ । କିନ୍ତୁ ଏପରି ଝଡ଼ ଆସିଲା ଯେ ସେମାନେ ଅଲଗା ଅଲଗା ହୋଇ ଅନ୍ୟ

ଏକ ମୋଡ଼ରେ ଗତି କଲେ । ଭାଇ ହୋଇ ମଧ୍ୟ ଭାଇ ଆଢ଼କୁ ଚାହିଁଲା ନା ପସନ୍ଦ କଲା । ବାପାମାଆ ଜନ୍ମ ଦେଇ ମଧ୍ୟ ନିଜ ସାନ ପୁଅକୁ ପାଖରେ ରଖି ରାଜୁକୁ ପଠାଇଦେଲେ ମାମୁଁ ଘରକୁ । ରାଜୁ ପିଲାବେଳରୁ ମାଆବାପା ଥାଇ ବି ସେ ପାଳିତ ହେଲା ତା'ର ସେହି ସ୍ନେହମୟୀ, ବାତ୍ସଲ୍ୟମୟୀ ମମତାମୟୀ ଆଈମା'ର ଯତ୍ନରେ । ଆଈର ବାତ୍ସଲ୍ୟ ମମତାରେ ସେ ବାନ୍ଧି ହୋଇଯାଇଛି । ସତେ ଯେମିତି ସେହି ତା'ର ମାଆ ଆଉ ବାପା । ଆଈମା' ନିଜେ ନଖାଇ ନପିଇ ନିଜେ ପର ଘରେ କାମ କରି ରାଜୁକୁ ମଣିଷଟିଏ କରିବ ବୋଲି ଇଚ୍ଛା ରଖିଥିଲା । ତାହିଁ ହେଲା, ରାଜୁ ତା'ର ସ୍କୁଲ ବେଳ ଛାଡ଼ି କଲେଜରେ ପ୍ରବେଶ କଲା । ପାଠ ସାଙ୍ଗକୁ ଗୀତ ବୋଲିବା, ଖେଳକୁଦରେ ସେ ଥିଲା ପାରଙ୍ଗମ । ରାଜୁ ନିଜର ସାଇକେଲ୍‌ଟିକୁ ସାଇକେଲ ଷ୍ଟାଣ୍ଡରେ ଥୋଇ ଆସୁଥିବା ସମୟରେ ରାଜୁର ଆଖିରେ ଏକ ପୋକ ପଡ଼ିଗଲା । ସେ ହଠାତ୍ କିଛି ନଭାବି କହି ପକାଇଲା ଭଉଣୀ ଟିକେ ଶୁଣିବେ ? ମୋତେ ଟିକିଏ ସାହାଯ୍ୟ କରିବ ? ମୋର ଆଖିରେ ଏକ ପୋକ ପଡ଼ିଛି ଦୟାକରି ଟିକିଏ କାଢ଼ି ଦେବ । ରାନି କିଛି ନଭାବି ରାଜୁର ଆଖିରୁ ପୋକ ବାହାର କରି ରାଜୁକୁ ଏକ ବୋତଲ ପାଣି ଦେଇ କହିଲା ପାଣି ଟିକିଏ ଆଖିରେ ଛାଟି ଦିଅ ଭଲ ଲାଗିବ । ଆଉ ଆଖି ଉପରେ କିଛି ପ୍ରଭାବ ପକାଇବ ନାହିଁ । ରାନିର ଏହି ସାହାଯ୍ୟ ଯୋଗୁ ରାଜୁ ରାନିକୁ ଧନ୍ୟବାଦ ଦେଇ ଚାଲିଗଲା ପରେ କହିଗଲା, ତୁମର ସାହାଯ୍ୟ ମନେ ରହିବ । ଆଜି ପାଇଁ ନୁହେଁ ସାରା ଜୀବନ ପାଇଁ । ଧୀରେ ଧୀରେ ଦୁହିଁଙ୍କ ମଧ୍ୟରେ ଭାଇଭଉଣୀର ସଂପର୍କ ସୃଷ୍ଟି ହୋଇଗଲା । ଥରେ ରାଜୁର ଜନ୍ମ ଦିନରେ ରାନି ଏକ ବଡ଼ ଉପହାର ଦେବ ବୋଲି ସ୍ଥିର କଲା । ଉପହାର କିଣି ମଧ୍ୟ ଦେଲା । କିନ୍ତୁ ଦେବାବେଳେ କହିଲା, ମୁଁ ତୁମକୁ ସାମାନ୍ୟ ଉପହାର ଦେଲି କିନ୍ତୁ ମୋତେ ପ୍ରତିଶ୍ରୁତି ଦିଅ ମୋତେ ଏପରି ଏକ ଉପହାର ଦେବ ଯାହାକି ମୋର ଜୀବନ ସାରା ମନ ମଧ୍ୟରେ ସାଇତି ହୋଇ ରହିଯିବ । ରାଜୁ ହଁ ଭରିଲା । ରାନି ରାଜୁକୁ କହିଲା, ମୁଁ ତୁମକୁ ଆଜି ତୁମ ଜନ୍ମ ଦିନରେ ମୋର ଭାଇ ବୋଲି ମାନିନେଲି । ଏହାକହି ନିଜ ଓଢଣୀରୁ ଖଣ୍ଡେ ଚିରି ସେହି ଜନ୍ମ ଦିନରେ ରାଜୁକୁ ଭାଇ ବୋଲି ଗ୍ରହଣ କଲା । ଏତେଦିନ ପରେ ରାଜୁ ତା'ର ମନ ଜାଣିଲା ପରି ଭଉଣୀଟିଏ ପାଇଗଲା । ଭାବିଲା ବାପାମା' ସିନା ପର କରି ଦୂରରେ ରଖିଲେ କିନ୍ତୁ ନିଜର ନହୋଇ ଧରମ ହେଉପଛେ ନିଜର ଭଉଣୀକୁ କେବେ ଦୁଃଖ ଆସିବାକୁ ଦେବ ନାହିଁ । ସମୟସ୍ରୋତ ଚାଲିଗଲା ପରି ରାନିର ପରୀକ୍ଷା ସରିଗଲା । ସେ ପାସ୍ କରି ଅନ୍ୟ ଏକ କଲେଜରେ ପାଠ ପଢ଼ିଲା । ରାଜୁ ମଧ୍ୟ +୩ ପରୀକ୍ଷାରେ ପାସ୍ କରି ଆଉ ନପଢ଼ି କେଉଁ କମ୍ପାନୀରେ ଚାକିରୀଟିଏ ପାଇଁ ଖୋଜି ବୁଲିଲା । ଏଣେ ଆଉ ମା'ର ଦେହ ଖରାପ ଯୋଗୁ ରାଜୁ ନିଜର ଭଉଣୀ ରାନିକୁ ଦେଖା କରିବାକୁ ଯାଇପାରିଲା ନାହିଁ । ମନର ଆଶାକୁ ମନରେ ରଖି ସେ ନିଜର କର୍ତ୍ତବ୍ୟ କରିଚାଲିଲା । ସମସ୍ତ ଜୀବନରେ ଯେମିତି ଛୋଟ ଛୋଟ ଝଡ଼ ଆସେ ସେହିପରି ରାଜୁ ଜୀବନରେ ଆସିଲା । ତା'ର ସେ ବାତ୍ସଲ୍ୟମୟୀ, ସ୍ନେହମୟୀ ଆଈମା'ର ମୃତ୍ୟୁ ହେଲା । ସେ ସେହି ଦୁଃଖରେ ଭାଙ୍ଗିପଡ଼ି ନିଜକୁ ନିଃସହାୟ ମନେକଲା । ବାପାମାଆ ମଧ୍ୟ ରାଜୁକୁ ଘରୁ ବାହାର କରିଦେଲେ । ରାଜୁ ନିଜକୁ ଏକୁଟିଆ ମନେକରି ସେହିଠାରେ ପଡ଼ି ରହିଲା । ଯେଉଁଠାରେ ଥିଲା ପିଲାଦିନର ରାଗରୁଷା, ମାନ ଅଭିମାନ, ଧୂଳିବାଲିର ଖେଳ, ଆଈମା'ର

ସେହି ଛାଡ଼ିଯାଇଥିବା ଘର ଖଣ୍ଡିକରେ । ସେ ସେହି ଘରେ ଆଉ ସମୟେ ସମୟେ ସେହି ହଜି ଯାଇଥିବା ସ୍ମୃତିକୁ ମନେପକାଇ ତାହା ହୃଦୟ କମ୍ପିତ ହୋଇଉଠେ । ଏହି ହଜିଥିବା ଅତୀତକୁ ମନେପକାଇ ରାଜୁର ଆଖିରେ ଦୁଇଟୋପାର ଲୁହଧାର ଚାଲିଆସିଲା । ହଠାତ୍ ସେ ଏକ ଶବ୍ଦ ଶୁଣିବାକୁ ପାଇଲା । ଶୋଇବା ଘରକୁ ଯାଇ ସେ ଦେଖେତ ମୋବାଇଲ୍‌ଟି ରିଙ୍ଗ ହେଉଛି । ସେ ଉଠାଇ କହିଲା ହ୍ୟାଲୋ ! ତା'ପରେ କିଛି ସମୟ ପାଇଁ ସେ ପାଇଟିଗଲା ଏକ ନିର୍ବାକ୍ କଣ୍ଢେଇଟିଏ । ତାକୁ ଚାରିଆଡ଼ ଅନ୍ଧାର ଦେଖାଗଲା । ତା'ର ଛାତି ମଧ୍ୟରେ ଏକ ଶକ୍ତ ଧକ୍କା ଲାଗିଲା ପରି ମନେହେଲା । ତା'ର ସେହି ଭଉଣୀ ଆଜି ମୃତ୍ୟୁ ସହିତ ସଂଗ୍ରାମ କରୁଛି । ମରିବ କି ବଞ୍ଚିବ ଠିକ୍ ନାହିଁ । ରାନିକୁ ଦେଖା କରିବାକୁ ରାଜୁ ବାହାରିଗଲା ଘରୁ । ବସ୍‌ଷ୍ଟାଣ୍ଡରେ ଅପେକ୍ଷା କରି ରହିଲା ବସ୍‌କୁ । ବସ୍ ଆସିଲା, ରାଜୁ ବସ୍‌ରେ ବସି ଚାଲିଲା ହସ୍‌ପିଟାଲ୍ । ଯେଉଁଠି ତା'ର ଅଲିଅଳ ଭଉଣୀ ପଡ଼ିଛି । ବିବ୍ରତ ମନରେ ସେ ପାହାଚ ଉଠିବାକ୍ଷଣି ହଠାତ୍ ପାହାଚରେ ରାଜୁର ଗୋଡ଼ ଖସିଗଲା । ସେ ଗଡ଼ି ଗଡ଼ି ତଳେ ପଡ଼ିଗଲା ।

ସେଠାରେ ଉପସ୍ଥିତ ନର୍ସ ଏବଂ ଅନ୍ୟ ଲୋକମାନେ ତାକୁ ନେଇଗଲେ ଡାକ୍ତରଙ୍କ ନିକଟକୁ । ଡାକ୍ତର ଚିକିତ୍ସା କରିସାରିବା ପରେ ମଧ୍ୟ ରାଜୁର ଦେହ ବହୁତ ଗୁରୁତର ଥିଲା । ତାହାର ବଞ୍ଚିବା ଅଳ୍ପ ସମୟ ପାଇଁ । ସେ ତା'ର କ୍ଷୀଣ ସ୍ୱରରେ ଡାକ୍ତରକୁ ଅନୁରୋଧ କରି କହିଲା ଯେ ଡାକ୍ତରବାବୁ, ମୋର ଏହି କୀଡ୍‌ନି ଦୁଇଟି ମୋର ଭଉଣୀ ରାନିକୁ ଦେବାକୁ ଚାହୁଁଛି । ମୋର ଏହି ଇଚ୍ଛା ପୂରଣ କରିବ, ଏତିକି କହି ସେ ନିଷ୍ପନ୍ଦ ହୋଇଗଲା । ଡାକ୍ତର ରାଜୁର ଇଚ୍ଛା ମୁତାବକ ରାନିକୁ କୀଡ୍‌ନି ଦେଇ ତାକୁ ନୂତନ ଜୀବନ ଦେଲେ । ଯେତେବେଳେ ରାନି ଭଲ ହୋଇଯିବାକୁ ଲାଗିଲା ସେ ତା'ର ଭାଇର ଖବର ତା'ର ଭାଇ ସାଙ୍ଗକୁ ପଚାରି ବୁଝିଲା ଯେ ସେ ଆଉ ଏ ଦୁନିଆରେ ନାହିଁ । ଏହାଶୁଣି ରାନି ସ୍ତବ୍ଧ ହୋଇଗଲା । ତା'ର ଆଖିରୁ ଅଶ୍ରୁର ଧାରା ଅଦିନିଆ ହୋଇ ବର୍ଷାପରି ଝରିବାକୁ ଲାଗିଲା । ସେ ଆଖିରୁ ଲୁହ ପୋଛି ପୋଛି କହିପକାଇଦେଲା, ତୁମେ ତୁମର ପ୍ରତିଶ୍ରୁତି ରଖିଦେଲ ରାଜୁଭାଇ । ତାହାକୁ ମୁଁ କେବେ କଣ୍ଠରେ ରଖିବି ନାହିଁ । ତୁମ ରଣରେ ମୁଁ ସାରା ଜୀବନ ରଣୀ ହୋଇ ରହିଗଲି ।





# କିମ୍ବଦନ୍ତୀର ମା'ତାରିଣୀ

ସୁମିତ୍ରା ମହାପାତ୍ର
+୨ ପ୍ରଥମ ବର୍ଷ, କଳା

ସୁବର୍ଣ୍ଣପୁର ଗ୍ରାମରେ ଏକ ନବଦମ୍ପତି ବାସ କରୁଥିଲେ । ସେହି ଦମ୍ପତି ହେଲେ ରମେଶ ବାବୁ ଓ ବିମଳା ଦେବୀ । କିଛିଦିନ ପରେ ସେମାନଙ୍କର ଏକ କନ୍ୟାସନ୍ତାନ ଜନ୍ମ ନେଲା । ସେହି ଗ୍ରାମର ପ୍ରତ୍ୟକ୍ଷ ଦେବୀ ଥିଲେ ମା' ତାରିଣୀ । କିଛିଦିନ ପରେ କନ୍ୟାସନ୍ତାନ ଜନ୍ମ ହେବା ଖୁସିରେ ଦେବୀଙ୍କ ଦର୍ଶନ ନିମନ୍ତେ ମନ୍ଦିରକୁ ଗଲେ । ସେଠାରେ ପହଞ୍ଚି ଦେବୀଙ୍କ ଦର୍ଶନ କଲେ ଓ ପୂଜାର୍ଚ୍ଚନା କଲେ । ତା'ପରେ ଅସହାୟ ଲୋକଙ୍କୁ କିଛି ଦାନ କଲେ । ସେହି ମନ୍ଦିରର ବ୍ରାହ୍ମଣ ଝିଅକୁ ଆଶୀର୍ବାଦ ଦେଲେ । ସେହି ଦେବୀଙ୍କ ନାମ ଅନୁସାରେ ଝିଅର ନାମ ରଖିଲେ 'ତାନି' ।

ଖୁସିରେ ଘରକୁ ଫେରିବା ସମୟରେ ସଡ଼କ ଦୁର୍ଘଟଣାରେ ତାନି ବାପାଙ୍କର ମୃତ୍ୟୁ ଘଟିଲା । ସତେ ଯେପରି ଖୁସିର ମୁହୂର୍ତ୍ତରେ ବୋମା ବିସ୍ଫୋରଣ ହେଲା । ଏହି ଘଟଣାକୁ ନେଇ ତାନିର ମା' ନିଃସ୍ୱ ହୋଇଗଲେ ଓ ଏତେବଡ଼ ଦୁନିଆରେ ମା' ଝିଅ ଦୁହେଁ ଏକୁଟିଆ ହୋଇ ରହିଗଲେ । ଏହି ଘଟଣାକୁ ନେଇ ଗ୍ରାମବାସୀମାନେ ଶୋକ ପ୍ରକାଶ କରିବା ପରିବର୍ତ୍ତେ ତାନିର ନିନ୍ଦା କରିଦେଲେ । କିଏ କହିଲେ, ଅଲକ୍ଷଣିଆ କିଏ ଭର୍ଥାସୀ କନ୍ୟା ? ଏହିପରି ଅନେକ ଲୋକ ଅନେକ ପ୍ରକାର କଥାବାର୍ତ୍ତା ହେଲେ । ତାନିର ଜୀବନରେ ଶୈଶବ ଅବସ୍ଥାରୁ ହିଁ ନିନ୍ଦା ଅପବାଦ ସୃଷ୍ଟି ହେଲା । ଝିଅର ଏହି ନିନ୍ଦା ମା' ବିମଳାଦେବୀଙ୍କ ପ୍ରାଣକୁ ଅଧୀର କଲା । ତଥାପି ସେ ଝିଅର ଏହି ନିନ୍ଦା ଅପବାଦକୁ ଗ୍ରାମବାସୀଙ୍କ ହୃଦୟରୁ ଦୂର କରିବାକୁ ଅଣ୍ଟା ଭିଡ଼ିଲେ । ତେଣୁ ସେ ଝିଅକୁ କିପରି ମଣିଷପରି ମଣିଷଟିଏ କରିବେ ଚିନ୍ତା କଲେ । କିନ୍ତୁ ଦୁନିଆରେ ଭଲ ମଣିଷଟିଏ ହେବାପାଇଁ ପ୍ରଚୁର ଅର୍ଥର ଆବଶ୍ୟକତା ରହିଛି । ଏହି ଅର୍ଥ ତାଙ୍କ ପାଖରେ ନଥିଲା । କାରଣ ଏକ ଛୋଟ ପରିବାରକୁ ହସଖୁସିରେ ରଖିବାକୁ ରମେଶ ବାବୁ ହିଁ ଏକମାତ୍ର ମାଧ୍ୟମ ଥିଲେ । ତେଣୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁପରେ ତାଙ୍କୁ ଏହିସବୁ ସମସ୍ୟାରେ ସମ୍ମୁଖୀନ ହେବାକୁ ପଡ଼ିଲା । ସେଥିପାଇଁ ସେ ନିଜେ ବଞ୍ଚିବା ଓ ତାନିକୁ ବଞ୍ଚାଇ ମଣିଷ କରିବାକୁ ଅନ୍ୟ ଏକ ଗ୍ରାମର ଜମିଦାର ଘରେ କାମ କଲେ । ତାଙ୍କରି ସେହି ସ୍ୱଳ୍ପ ରୋଜଗାରରେ ଦୁଃଖର ସଂସାର ଚାଲିଲା । ଚାହୁଁ ଚାହୁଁ ତାନିକୁ ୧୨ ବର୍ଷ ହୋଇଗଲା । ଦିନେ ତାନିର ମା' କାମସାରି ଫେରିବା ବାଟରେ ହୃଦ୍‌ଘାତରେ ମୃତ୍ୟୁବରଣ କଲେ । ମା' ବାପାଙ୍କ ମୃତ୍ୟୁପରେ ତାନି ସଂପୂର୍ଣ୍ଣ ଏକୁଟିଆ ହୋଇଗଲା । ଏମିତିବି ଗ୍ରାମବାସୀମାନେ ତାକୁ ନିନ୍ଦା ଦେଉଥିଲେ । କିନ୍ତୁ ମା'ର ମୃତ୍ୟୁ ପରେ ତାକୁ ଗ୍ରାମର ସମସ୍ତଙ୍କ ସହ ମିଳିମିଶି ବଞ୍ଚିବା ପାଇଁ ବଞ୍ଚିତ କଲେ । ଶେଷରେ ମାଡ଼ମାରି ଗାଁରୁ ବାହାର କରିଦେଲେ ।

ତାନି ନିଃସହାୟ ହୋଇ କୁଆଡ଼େ ଯିବ କିଛି ଭାବିପାରିଲା ନାହିଁ । ଶେଷରେ ସେ ତାରିଣୀ ମନ୍ଦିରରେ ଯାଇ ଆଶ୍ରୟ ନେଲା । ତା'ର ଏହି ନିଃସହାୟ ଅବସ୍ଥା ଦେଖି ମନ୍ଦିରର ବ୍ରାହ୍ମଣ ତାକୁ ନିଜେ

କୁଟୀରରେ ଆଶ୍ରୟ ଦେଲେ । ଝିଅଟି ସେଠାରେ ରହି ବ୍ରାହ୍ମଣଙ୍କୁ ପୂଜା କାର୍ଯ୍ୟରେ ସାହାଯ୍ୟ କଲା ଓ ଫୁଲ ତୋଳି ଦେବୀଙ୍କ ପୂଜାରେ ଲଗାଇଲା ।

କିଛିଦିନ ପରେ ସୁବର୍ଣ୍ଣପୁରର ଗ୍ରାମବାସୀ ଏକ ମହାମାରୀ ରୋଗରେ ଆକ୍ରାନ୍ତ ହେଲେ । ଏହି ରୋଗ ଗ୍ରାମର ପ୍ରତିଘରକୁ ଧୀରେ ଧୀରେ ବ୍ୟାପିଗଲା । ଏହି ରୋଗରୁ ମୁକ୍ତି ପାଇଁ ଅନେକ ଲୋକ ଅନେକ ପ୍ରକାର ଔଷଧ ଖାଇଲେ । କିନ୍ତୁ କିଛି ସୁଫଳ ମିଳିଲା ନାହିଁ । ଏହି ଘଟଣାକୁ ସମସ୍ତେ ଜାଣିଲେ । ତାନି ଏହି ଘଟଣା ବିଷୟରେ ଶୁଣି ଗ୍ରାମବାସୀଙ୍କୁ ଏହି ମହାମାରୀରୁ ରକ୍ଷା କରିବାକୁ କିଛି ଉପାୟ ନପାଇ ଗ୍ରାମବାସୀଙ୍କ ସହ ମିଶି ଦେବୀମା'ଙ୍କ ପୂଜା କଲା । ଦେବୀମା' ଏହି ପୂଜାରେ ସନ୍ତୁଷ୍ଟ ହୋଇ ଏକ ସାଧାରଣ ନାରୀ ବେଶ ଧାରଣ କରି ଆସି ସମସ୍ତଙ୍କୁ ପ୍ରସାଦ ମାଗିଲେ । କିନ୍ତୁ କୌଣସି ଜଣେ ମଧ ପ୍ରସାଦ ଦେଲେ ନାହିଁ ବରଂ ଗାଳିଦେଲେ । କିନ୍ତୁ ତାନି ପ୍ରସାଦ ଦେଲା । ତାନିର ଏହି ଭକ୍ତିରେ ମୁଗ୍ଧ ହୋଇ ତାକୁ ବର ମାଗିବାକୁ ସେହି ନାରୀ ଜଣଙ୍କ କହିଲେ । ତାନି ଖୁସି ହୋଇ ନିଜ ପାଇଁ ଗ୍ରାମବାସୀଙ୍କ ଜୀବନ ମାଗିଲା ।

ତା'ପରେ ସେହି ନାରୀଜଣକ ତାନିର କୁଟୀରକୁ ଯାଇ ଗ୍ରାମବାସୀଙ୍କୁ ମହାମାରୀରୁ ରକ୍ଷା କରିବା ପାଇଁ ଔଷଧ ବତାଇଲେ । ଏହି ଔଷଧ ସୂର୍ଯ୍ୟୋଦୟ ପୂର୍ବରୁ ଗାଁର ପ୍ରତିଗଳିରେ ସିଞ୍ଚନ କରିବାକୁ କହିଲେ ଓ ସୂର୍ଯ୍ୟୋଦୟ ପରେ ନିଜ କୁଟୀରକୁ ପ୍ରତ୍ୟାବର୍ତ୍ତନ କରିବାକୁ ଆଦେଶ ଦେଲେ । ତାନି ତାଙ୍କ କହିବା ଅନୁସାରେ ଔଷଧ ପ୍ରସ୍ତୁତ କରି ଗାଁର ପ୍ରତି ଗଳିରେ ସିଞ୍ଚନ କଲା କିନ୍ତୁ ସୂର୍ଯ୍ୟୋଦୟ ପୂର୍ବରୁ କୁଟୀରକୁ ଫେରିଆସିଲା । ସେଠାରେ ପହଞ୍ଚି ଦେଖିଲା ସେହି ସାଧାରଣ ନାରୀର ଦେବୀତ୍ୱ ରୂପ । ତା'ପରେ ନିଜକୁ ଭାଗ୍ୟବାନ ମନେକଲା । ଦେବୀମା'ଙ୍କ ମୂର୍ତ୍ତିକୁ ସେହି ସ୍ଥାନରେ ସ୍ଥାପନ କରିବା ପାଇଁ ଓ ଗାଁର ଲୋକମାନେ ସର୍ବଦା ରୋଗରୁ ରକ୍ଷା ପାଇବା ପାଇଁ ନଦୀକୁ ଡେଇଁ ପଡ଼ିଲା ।

ସେଦିନର ସୂର୍ଯ୍ୟୋଦୟର କିରଣ ଗ୍ରାମବାସୀଙ୍କ ଜୀବନରେ ନୂଆ ଆଲୋକ ଆଣିଦେଲା ସତ କିନ୍ତୁ ଅଳ୍ପ ବୟସର ଝିଅଟି ସମସ୍ତଙ୍କ ହୃଦୟରୁ ଲିଭିଗଲା । ସେ ଯେଉଁ ଅମୂଲ୍ୟ ରତ୍ନ ଗାଁ ଲୋକଙ୍କ ହୃଦୟରେ ଭରିଥିଲା ତାହା ମହାନୀୟତାରେ ପରିଣତ ହେଲା ।

ଗ୍ରାମର ଲୋକମାନେ ତା'ର ଇଛାକୁ ସମ୍ମାନ ଦେବାକୁ ଯାଇ ସେ ରହୁଥିବା କୁଟୀରରେ ମା'ଙ୍କ ମନ୍ଦିର ସ୍ଥାପନ କରି ତା'ର ନାମ ରଖିଲେ 'ତାନିପୀଠ' । ପରବର୍ତ୍ତୀ ସମୟରେ ଶହଶହ ଲୋକ ଏଠାକୁ ଆସି ଝିଅଟିର ଇତିହାସ ବିଷୟରେ ଜାଣି ଗର୍ବ ଅନୁଭବ କଲେ ।

# ସରଳ ଗଛର ସତକଥା

ସୁଭଦ୍ରା ମହାପାତ୍ର
+୨ ପ୍ରଥମ ବର୍ଷ, କଳା

ପୁରୁଖା ଲୋକମାନେ କୁହନ୍ତି ପୂର୍ବ ଜନ୍ମର କର୍ମଫଳ ଅନୁଯାୟୀ ତା'ର ପରଜନ୍ମକୁ ନିଅନ୍ତି । ସ୍ୱର୍ଗରେ ଯମରାଜ କର୍ମ ଅନୁଯାୟୀ ଦଣ୍ଡ ଦିଅନ୍ତି ଓ କିଏ କେଉଁ ଜନ୍ମ ନେବ ବିଚାର କରନ୍ତି । ଆମ ପୃଥିବୀ, ଜଳ, ବାୟୁ, ଜୀବଜଗତ ଓ ପ୍ରାଣୀଜଗତରେ ଗଠିତ । ମଣିଷ ଯେପରି କଥାବାର୍ତ୍ତା ହୁଅନ୍ତି ସେମିତି ଜୀବଜନ୍ତୁ ବୃକ୍ଷଲତା ସମସ୍ତେ କଥାବାର୍ତ୍ତା ହୁଅନ୍ତି ।

ଥରେ ଗୋଟିଏ ବଣରେ ଅନେକ ଗୁଡ଼ିଏ ଗଛ ଥିଲା । ସେଥିରେ କେତେକ ଗଛ ସଳଖ ସୁନ୍ଦର ହୋଇ ବଢ଼ି ସେହି ବଣର ସବୁଜ ପରିବେଶର ଗୁଣଗାଥା କରୁଥାନ୍ତି । ଆଉ କେତେକ କଣ୍ଟାଝଟା ପୂର୍ଣ୍ଣ ହୋଇ ବୁଦାଳିଆ ହୋଇ ପରିବେଶର ସୌନ୍ଦର୍ଯ୍ୟ ବଢ଼ାଉଥାନ୍ତି ।

ଗୋଟିଏ ସରଳ ଗଛ ଓ ଗୋଟିଏ କଣ୍ଟାଗଛ ପାଖାପାଖି ହୋଇ ଉଠିଥିଲେ । ଦୁଇଗଛ ଛୋଟ ବେଳରୁ ଭାରି ସାଙ୍ଗ । ଏଇଟା ହେଉଛି କଳିଯୁଗ । ଏହି ଯୁଗରେ ବାଦ, ହିଂସା, କଳହ, ଗର୍ବ ଆଦି ସ୍ୱାଭାବିକ କଥା । ଏହି ଗଛ ଦୁଇଟି ଚାଲିବୁଲି ପାରିବେ ନାହିଁତ ଖାଲି ସାଇଁ ସାଇଁ ହୋଇ ଶବ୍ଦ କରି କଥାବାର୍ତ୍ତା ହୁଅନ୍ତି । ସରଳ ଗଛଟି ଭାରି ସରଳ ପ୍ରକୃତିର କିନ୍ତୁ କଣ୍ଟା ଗଛର ମନରେ ଟିକିଏ ଈର୍ଷା ଥିଲା । ସରଳ ଗଛଟି ଶୀଘ୍ର ଶୀଘ୍ର ବଢ଼ିଗଲା । କିନ୍ତୁ କଣ୍ଟା ଗଛଟି ଆକାରରେ ଛୋଟ ଓ ଗେଡ଼ା ହୋଇ ରହିଗଲା । ଡେଙ୍ଗା ହୋଇପାରିଲା ନାହିଁ । ସରଳ ଗଛରେ ଅନେକ ପକ୍ଷୀ ବସନ୍ତି ଓ ବିଭିନ୍ନ ପ୍ରକାରର ଶବ୍ଦ କରନ୍ତି । ସେଥିରେ ସରଳ ଗଛର ମନ ଭାରି ଖୁସି ହୋଇଯାଏ । ସେଥିପାଇଁ କଣ୍ଟାଗଛର ସରଳ ଗଛ ଉପରେ ଭାରି ହିଂସା । ଦିନେ ସେ ଆଉ ସମ୍ଭାଳି ପାରିଲା ନାହିଁ । କଣ୍ଟାଗଛ କହିଲା, ହେ ସାଙ୍ଗ ! ତୁମେ ଏତେ ସରଳ ହୋଇ ବଢ଼ିଯାଉଛ । କିନ୍ତୁ ଲୋକମାନେ ତୁମକୁ ଶୀଘ୍ର କାଟିଦେବେ । ସରଳିଆ ପଣ ଯୋଗୁଁ ତୁମର ଜୀବନ ଯିବ । ଏଥିପାଇଁ ମୁଁ ଭାରି ଦୁଃଖିତ । ତୁମେ କଟା ହୋଇଗଲା ପରେ ସେ ପକ୍ଷୀମାନେ ବସା କରିଥିଲେ ଓ ଆସି ତୁମ ଉପରେ ବସୁଥିଲେ ସେମାନଙ୍କର କ'ଣ ହେବ ?

ସରଳ ଗଛ କହିଲା, ଏହି ସଂସାରରେ କେହି ଚିରସ୍ଥାୟୀ ନୁହେଁ ଆଜି ଅଛି କାଲି ନାହିଁ । ତୁମେବି ତ ଦିନେ କଟାହେବ । ମୁଁ କଟାହେଲେ ଲୋକଙ୍କର ଖଟ, ପଲଙ୍କ, ଟେବୁଲ, ଚୌକି ଆଦି ହୋଇ ଲୋକମାନଙ୍କର କେତେ ଉପକାରରେ ଲାଗିବି । ଲୋକମାନେ ମତେ ଆଦରରେ ବ୍ୟବହାର କରିବେ । କିନ୍ତୁ ତୁମେ କଟା ହେଲେ କେବଳ ଜାଳେଣି ହେବ । ଦୁଇଦିନ ପରେ ତୁମେ ହେବ ପାଉଁଶରେ ପରିଣତ ଓ ମାଟିରେ ମିଶିଯିବ । ଅକାରଣରେ ତୁମର ଜୀବନ ଯିବ । କିନ୍ତୁ ସରଳ ଲୋକର ଜୀବନ ଅନ୍ୟର ମଙ୍ଗଳ କରିବାରେ କଟିଥାଏ । ଏହାଶୁଣି କଣ୍ଟାଗଛ ସରଳ ଗଛକୁ ଥଟ୍ଟାକରି କହିଲା, ବଡ଼ ବଡ଼ ଭାଷଣ ଦେଉଛ ।

କିଛିଦିନ ଗଲା । ସେହି ରାଜ୍ୟର ରାଜାଙ୍କର

ଝିଅର ବିବାହ ହେବାର ଥାଏ । ରାଜା, ମନ୍ତ୍ରୀ, କଟୁଆଳ, ସୈନ୍ୟମାନେ ସମସ୍ତେ ସେହି ବଣକୁ ଶିକାର କରିବା ପାଇଁ ଆସିଥିଲେ । ଆଗରେ ରାଜା ଘୋଡ଼ାରେ ଯାଉଥାନ୍ତି । ପଛରେ ସମସ୍ତେ ଆସୁଥାନ୍ତି । ହଠାତ୍ ରାଜାଙ୍କର ମୁଣ୍ଡରେ ସେହି କଣ୍ଟାଗଛର ଡାଳ ବାଜି ଚିରି ହୋଇଗଲା । ରାଜାଙ୍କର ମୁଣ୍ଡରୁ ଧାର ଧାର ରକ୍ତ ବୋହିବାରେ ଲାଗିଲା । ମନ୍ତ୍ରୀ, କଟୁଆଳ ସମସ୍ତେ ଭାରି ବ୍ୟସ୍ତ ହୋଇପଡ଼ିଲେ । ରାଜବୈଦ୍ୟ ସେହି ବଣରୁ ଔଷଧ ବୃକ୍ଷରୁ ଚେରମୂଳି ସଂଗ୍ରହ କରି ରାଜାଙ୍କୁ ଆରୋଗ୍ୟ କଲେ ।

ରାଜା ସେହି କଣ୍ଟାଗଛ ପାଖରେ ଥିବା ସରଳ ଗଛର ଛାଇ ତଳେ ଶୋଇ ବିଶ୍ରାମ ନେଲେ । ରାଜା ଉଠି କିଛିସମୟ ପରେ ବସିଲେ । ରାଜା ଦେଖିଲେ ଯେଉଁ ଗଛ ମୂଳରେ ସିଏ ବିଶ୍ରାମ ନେଉଥିଲେ ସେହି ଗଛଟା ଅତି ସରଳ, ବିରାଟକାୟ ସୁନ୍ଦର ଅଟେ । ରାଜା ଆଦେଶ ଦେଲେ ସେଠି ଯେଉଁ କଣ୍ଟାଗଛଟି ଅଛି ତାକୁ ବିବାହ ଭୋଜିରେ ଜାଳିବା ପାଇଁ ନେଇଯାଅ ଏବଂ ଏହି ସରଳ ସୁନ୍ଦର ଗଛଟିକୁ ଖଟ, ପଲଙ୍କ ଆଦି ତିଆରି ପାଇଁ ନେଇଚାଲ । ଏହାଶୁଣି କଣ୍ଟାଗଛ ସରଳ ଗଛକୁ କହିଲା, ଭାଇ ତମେ ଯାହା କହୁଥିଲ ସତ ।

ଦୁଇଟି ଗଛ ସାଙ୍ଗ ହୋଇ ଉଠିଥିଲେ । ଭଗବାନ ଦୁଇଜଣଙ୍କୁ ପାତର ଅନ୍ତର କଲେ ନାହିଁ । ଏକାଠି ଉଠିଲେ, ଏକାଠି କଟାହେଲେ ।

●

# ଉଚିତ୍ ଶିକ୍ଷା

ରିଙ୍କିମୟୀ ବେହେରା
+୨ ପ୍ରଥମ ବର୍ଷ, କଳା

ପାଟଳି ପୁତ୍ରରେ ଜଣେ ରାଜା ରାଜ୍ୟ ଶାସନ କରୁଥିଲେ । ସେ ଯେପରି ବୀର ସେପରି ସଦାଚାରୀ ଓ ପ୍ରଜାପାଳକ ଥିଲେ । ପ୍ରଜାମାନେ ତାଙ୍କୁ ଈଶ୍ୱର ଭଳି ଆଦର କରୁଥିଲେ । ସେହି ସମୟରେ ପାଟଳିପୁତ୍ରରେ ଗଙ୍ଗାକୂଳରେ ଜଣେ ସାଧୁ ରହୁଥିଲେ । ସେ ଜଣେ ତାନ୍ତ୍ରିକ ଥିଲେ । ସେ ତନ୍ତ୍ରମନ୍ତ୍ର ଓ ବଳିଦ୍ୱାରା ସବୁକିଛି ସିଦ୍ଧିଲାଭ କରି ନେଉଥିଲେ । ହେଲେ ସେହି ସିଦ୍ଧିଲାଭରେ ତାଙ୍କର ମନ ମାନୁ ନଥିଲା । ସେ ଏପରି ସିଦ୍ଧିଲାଭ କରିବାକୁ ଚାହୁଁଥିଲେ, ଯେଉଁ ଶକ୍ତି ବଳରେ ସେ ପାଟଳିପୁତ୍ରର ରାଜା ହୋଇପାରିବେ । ତେବେ ଏଭଳି ସିଦ୍ଧିଲାଭ ଜଣେ ଶ୍ରେଷ୍ଠ ମନୁଷ୍ୟ ବଳି ଦେଲେ ପ୍ରାପ୍ତ ହୋଇପାରିବ । ସେହି ମଣିଷ ଜଣକ ପାଟଳି ପୁତ୍ର ରାଜା ବୋଲି ତାନ୍ତ୍ରିକ ବାଛିଥିଲେ । ତେଣୁ ରାଜାଙ୍କୁ ନିଜର ଫାନ୍ଦରେ ପକାଇ ବଳିଦେବାକୁ ମନେ ମନେ ଠିକ୍ କଲେ ।

ତାନ୍ତ୍ରିକ ପ୍ରତିଦିନ ରାଜାଙ୍କ ପାଖକୁ ଯାଇ ଗୋଟିଏ ଗୋଟିଏ କାଠ ତିଆରି ବନ୍ଦ ଡ଼ବା ଦେବାକୁ ଲାଗିଲେ । ସେ ପ୍ରଥମ ଡବାଟିକୁ ରାଜାଙ୍କୁ ଦେଇ କହିଲେ, ମହାରାଜ ଆପଣ ଏହାକୁ କାର୍ତ୍ତିକ ପୂର୍ଣ୍ଣିମା ଦିନ ଖୋଲିବେ । ରାଜା ଡବାକୁ ନେଇ ନିଜର ଭଣ୍ଡାର

ଘରେ ରଖିଲେ । ଦୁଇତିନି ମାସ ପରେ ଦିନେ ରାଜା ତାନ୍ତ୍ରିକ ହାତରୁ ଡବାଟିକୁ ନେଉଥିଲା ବେଳେ ତାହା ତଳେ ପଡ଼ି ଭାଙ୍ଗିଗଲା । ତା' ଭିତରେ ଥିବା ଅମୂଲ୍ୟ ରତ୍ନକୁ ଦେଖି ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ତା'ପରେ ସେ ନିଜର ଭଣ୍ଡାର ଘରୁ ସବୁ ଡବାଟକ ଆଣି ଖୋଲି ଦେଖନ୍ତିତ ସବୁଥିରେ ରତ୍ନ ଭରି ହୋଇ ରହିଛି । ରାଜା ସେହି ତାନ୍ତ୍ରିକଙ୍କୁ ପଚାରିଲେ ତୁମେ ଏତେ ଧନ ସବୁ ପାଇଲ କେଉଁଠୁ ?

ତାନ୍ତ୍ରିକ କହଲେ, ''ମହାରାଜ, ଏ ରତ୍ନ ସବୁ ଅମୂଲ୍ୟ । କେହି ଯେପରି ନ ଦେଖିପାରନ୍ତି । ସେଥିପାଇଁ ଏଗୁଡ଼ିକୁ ମୁଁ ବନ୍ଦ ଡବା ଭିତରେ ରଖିଦେଇଛି । ମୁଁ ଏଗୁଡ଼ିକୁ ସିଦ୍ଧିଲାଭ କରି ପାଇଛି । ଯଦି ଆପଣ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ମଶାଣିକୁ ଆସନ୍ତେ ତେବେ ମୁଁ ଆପଣଙ୍କୁ ରତ୍ନଭରା କୋଟିଏ ଡବା ଦେଇପାରନ୍ତି ।'' ଏବେ ଗୁଡ଼ିଏ ଧନ ପାଇବା କଥା ଶୁଣି ରାଜାଙ୍କ ମନରେ ଲୋଭ ହେଲା । କାର୍ତ୍ତିକ ପୂର୍ଣ୍ଣିମା ଦୁଇଦିନ ପୂର୍ବରୁ ରାତିରେ ଥରେ ଭଗବାନ ବିଷ୍ଣୁଦେବତା ଦେଖା ଦେଇ କହିଲେ, ହେ ରାଜା ! ତୁମେ ଜଣେ ସଦାଚାରୀ ଆଉ ସତ୍ୟବାଦୀ ଲୋକ । ଏଣୁ ମୁଁ ତୁମକୁ ରକ୍ଷା କରିବା ପାଇଁ ଆସିଛି । ମନେରଖ, ସେହି ତାନ୍ତ୍ରିକଟା ଭଣ୍ଡ । ସେ ତୁମକୁ ବଳି ଦେଇ ସିଦ୍ଧିଲାଭ କରିବାକୁ ଚାହୁଁଛି । ତେଣୁ ତୁମ ମନରେ ଧନର ଲୋଭ ଦେଖାଇ ତୁମକୁ ରାତିରେ ମଶାଣିକୁ ଡାକୁଛି । ସେ ସିଦ୍ଧିଲାଭ କରି ପାଟଳିପୁତ୍ରର ରାଜା ହେବାକୁ ଚାହୁଁଛି । ତୁମେ କାର୍ତ୍ତିକ ପୂର୍ଣ୍ଣିମା ରାତିରେ ମଶାଣିକୁ ଯାଅ । ସେ ତୁମକୁ ମନ୍ତ୍ର ଶିଖାଇବ । ମନ୍ତ୍ର ପଢ଼ିବା ବେଳେ ମୁଣ୍ଡ ନୁଆଁଇ ବସିବାକୁ କହିବ । ଯେତେବେଳେ ତୁମେ ମୁଣ୍ଡ ନୁଆଁଇ ବସିବ, ସେ ନିଜର ଖଣ୍ଡାରେ ତୁମ ମୁଣ୍ଡକୁ କାଟି ବଳି ଦେବ ଆଉ ସିଦ୍ଧିଲାଭ କରିବ । ହେଲେ ମନେରଖ, ସେ ଯେତେବେଳେ ମୁଣ୍ଡ ନୁଆଁଇ ବସିବାକୁ କହିବ ତୁମେ ତାକୁ କିପରି ବସିବାକୁ ହେବ ପ୍ରଥମେ ଶିଖାଇ ଦେବାକୁ କହିବ । ସେ ତା'ର ମୁଣ୍ଡ ନୁଆଁଇ ବସିବା ବେଳେ ତୁମେ ସଙ୍ଗେ ସଙ୍ଗେ ତା'ର ମୁଣ୍ଡକୁ କାଟିଦେବ । ଆଉ ସେହି ସିଦ୍ଧିଲାଭ ଫଳ ତୁମକୁ ହିଁ ମିଳିବ, ଏହାକହି ବିଷ୍ଣୁଦେବତା କେଉଁଆଡ଼େ ଚାଲିଗଲେ । କାର୍ତ୍ତିକ ପୂର୍ଣ୍ଣିମା ରାତିରେ ରାଜା ସେହି ମଶାଣିକୁ ଗଲେ । ତାନ୍ତ୍ରିକଟି ତାଙ୍କୁ ଦେଖି ଖୁସି ହୋଇଗଲା । ସେ ରାଜାଙ୍କୁ ନୁଆ ଲୁଗା ପିନ୍ଧାଇ କହିଲା ଏବେ ମୁଣ୍ଡ ନୁଆଁଇ ବସିପଡ଼ନ୍ତୁ । ରତ୍ନର ଗଛ ଆପଣଙ୍କ ଆଗରେ ଦେଖାଯିବ । ରାଜା ସଙ୍ଗେ ସଙ୍ଗେ ବିଷ୍ଣୁ ଦେବତାଙ୍କ କଥାକୁ ମନେପକାଇ କହିଲେ, ମତେ ଟିକେ ମୁଣ୍ଡ ନୁଆଁଇ ବସିବା ଶିଖାଇଦିଅ । ତାନ୍ତ୍ରିକଟି ଯେମିତି ମୁଣ୍ଡ ନୁଆଁଇ ବସିଛି ରାଜା ସଙ୍ଗେ ସଙ୍ଗେ ନିଜର ଖଣ୍ଡାରେ ତା'ର ମୁଣ୍ଡଟିକୁ କାଟି ଗଡ଼ାଇଦେଲେ ।

ଏତିକିବେଳେ ଆକାଶରୁ ଶୂନ୍ୟବାଣୀ ହେଲା ହେ ରାଜା ! ତୁମେ ଏହି ଧୂର୍ତ୍ତ ସାଧୁକୁ ହତ୍ୟା କରି ବଡ଼ ପୁଣ୍ୟ କଲ । ସେ ଯେ କେତେ ନିରପରାଧ ପୁରୁଷ ଓ ବାଳକମାନଙ୍କୁ ହତ୍ୟା କରିଥିଲା ତା'ର ସୀମା ନାହିଁ । ତୁମର ସିଦ୍ଧିଲାଭ ହେଲା । ତୁମେ ଯୁଦ୍ଧରେ ସର୍ବଦା ବିଜୟୀ ହେବ । ପୂର୍ଣ୍ଣିମାର ଜହ୍ନ କିରଣ ଭଳି ତୁମର ଯଶଖ୍ୟାତି ଚାରିଦିଗରେ ଖେଳିଯିବ ।

●

# କୁନିରାଈଜ

ସୀମାରାଣୀ ବିଶ୍ୱାଳ
+୨ ପ୍ରଥମ ବର୍ଷ, କଳା

ପୋଖରୀ କୂଳରେ ବର ଗଛଟିଏ । ଗୋଟିଏ ବଗୁଲୀ ଛୁଆମାନଙ୍କୁ ଧରି ସେଥିରେ ରହିଥିଲା । ଛୁଆମାନଙ୍କୁ ସେ ଭାରି ଭଲପାଏ । ବଗୁଲୀ ପୋଖରୀରୁ ମାଛ ଧରେ । ଛୁଆମାନଙ୍କୁ ଖାଇବାକୁ ଦିଏ । ସେଇ ପୋଖରୀରେ ବହୁତ ମାଛ । ତେଣୁ ବଗୁଲୀକୁ ବେଶୀ ପରିଶ୍ରମ କରିବାକୁ ପଡ଼େ ନାହିଁ । ପୋଖରୀର କିଛି ଦୂରରେ ଅନ୍ୟ ଏକ ବର ଗଛରେ ଶାଗୁଣାଟିଏ ତା'ର ପିଲାପିଲିଙ୍କୁ ଧରି ରହୁଥିଲା । ବଗୁଲୀର ଛୁଆମାନଙ୍କୁ ମାରି ଖାଇବାକୁ ଶାଗୁଣାର ଭାରି ଇଛା । ଦିନେ ସେ ବଗୁଲୀର ବସା ପାଖକୁ ଗଲା; କିନ୍ତୁ ବଗୁଲୀ ତା'ର ବସାରୁ କେଉଁଆଡ଼େ ଯାଇ ନଥିବାରୁ ଶାଗୁଣାଟି ତା'ର କିଛି କ୍ଷତି କରିପାରେନା । ଏମିତି ପ୍ରତିଦିନ ଯାଏ । ବଗୁଲୀର ଛୁଆମାନଙ୍କୁ ମାରି ନପାରି ଫେରିଆସେ । ଦିନେ ଶାଗୁଣା ବଗୁଲୀ ପାଖକୁ ଗଲା । ବଗୁଲୀ ମାଛ ଧରିବା ପାଇଁ ଗୋଟିଏ ଡାଳରେ ଲୁଚି ବସିଥାଏ । ମାଛ ପାଣି ଉପରକୁ ଆସିଲେ ବଗୁଲୀ ଧରିବ । ଛୁଆମାନଙ୍କୁ ଖାଇବାକୁ ଦେବ । ଠିକ୍ ସେହି ସମୟରେ ଶାଗୁଣା ଆସି ହାଜର । କହିଲା, ''ବଗୁଲୀନାନୀ, ବଗୁଲୀନାନୀ ଚାଲ ଯିବା ବୁଲି । ଦିନସାରା ତୁ ବସି ରହୁଛୁ । ଭୋଜନ କରିବା ପାଇଁ ଇଛା ବି ତୋର ନାହିଁ ।'' ଶାଗୁଣା କଥା ଶୁଣି ବଗୁଲୀ କହିଲା, ''ଯିବି ନାହିଁ ଭାଇ ଯିବି ନାହିଁ, ପିଲାଛୁଆ ଛାଡ଼ି ଯିବି ନାହିଁ । ପେଟଭରା ଏଠି ଭୋଜନ ପାଉଛି ଦୂର ଦେଶକୁ ଯିବି କାହିଁ ?'' ବଗୁଲୀ ଠାରୁ ଏପରି କଥାଶୁଣି ଶାଗୁଣା ଚୁପ୍‌ଚାପ୍ ପଳାଇଗଲା । କିଛି ସମୟ ପରେ ପାଣି ଉପରେ ଏକ ସୁନ୍ଦର ମାଛ ଆସି ପହଞ୍ଚିଲା । ବଗୁଲୀ କେବେ ଏମିତି ସୁନ୍ଦର ମାଛ ଦେଖିନି । ବଗୁଲୀ ମାଛକୁ ଧରିବାକୁ ଝପଟି ଆସିଲା । ଠିକ୍ ସେହି ସମୟରେ ମାଛଟି କହିଲା- ''ବଗୁଲୀ ନାନୀ, ବଗୁଲୀ ନାନୀ କଥାପଦିଏ ମୋର ଶୁଣ - ବୁଢ଼ା ଶାଗୁଣାଟି ଆସିଥିଲା ଆଜି କାହିଁ ପାଇଁ ତୁମେ ଜାଣ?'' ବଗୁଲୀ କଥା ଶୁଣି କହିଲା, ''କହୁଚ କିଏ ତ ମୁଁ ଜାଣି ପାରୁନି କେଉଁଠି ଅଛ ଦେଖିପାରୁନି । ଆସ ମୋ ପାଖକୁ ଆସ । ସତକଥା ପଦେ କହିଦେଇ ତୁମେ ମୁଖେ ଭରିଦିଅ ହସ ।'' ମାଛ କହିଲା- ''କହୁଛି ମୁଁ ମାଛରାଣୀ ସବୁକଥା । ଅଛି ମୁଁ ଜାଣି ବୁଢ଼ା ଶାଗୁଣାଟା ଆସିଥିଲା ପର। ଛୁଆକୁ ମାରିବା ପାଇଁକି ତୁମେ କ'ଣ ଜାଣି ନାହଁକି ତ'' । ବଗୁଲୀ କହିଲା- ''ହଇଓ ମାଛରାଣୀ, ତୁମେ କେମିତି ଜାଣିଲ ?'' ମାଛରାଣୀ କହିଲା- ମୁଁ ଜାଣିବିନି କେମିତି ତ, ମୁଁ ସବୁ ଜାଣିପାରେ । ପରର ଉପକାର କରିବା ମୋର କାମ । କିନ୍ତୁ ତୁମେ ଆମ୍ଭମାନଙ୍କୁ ଅଣ୍ଡରେ ଧରି ମାରି ପକାଉଛ । ତୁମେ ଛୁଆମାନଙ୍କୁ ସାବଧାନରେ ରଖ । ନଚେତ୍ ସେମାନଙ୍କୁ ଶାଗୁଣା ମାରି ଖାଇଦେବ । ଏତିକି କଥା କହି ମାଛ ରାଣୀ ପାଣି ଭିତରକୁ ଚାଲିଗଲା । ମାଛଠାରୁ ଏକଥା ଶୁଣି ବଗୁଲୀ ମନଦୁଃଖ କଲା । ସଙ୍ଗେ ସଙ୍ଗେ ବସାକୁ ଯାଇ ଛୁଆମାନଙ୍କୁ ଜଗି ରହିଲା । କିଛିଦିନ ପରେ ପୁଣି ବଗୁଲୀ ପୋଖରୀ କୂଳକୁ ଯାଇଥାଏ । ଛୋଟ ଛୋଟ

ମାଛମାନେ ନିର୍ଭୟରେ ଖେଳୁଥାନ୍ତି, ବଗୁଲୀ ଦେଖୁଥାଏ । କାହାକୁ ମାରୁ ନଥାଏ । ମାଛରାଣୀର କଥା ସତ ନା ମିଛ ଭାବୁଥାଏ । କିଛି ସମୟ ପରେ ପୁଣି ମାଛରାଣୀ ପାଣି ଉପରକୁ ଆସିଲା, ବଗୁଲୀକୁ ଦେଖିଲା । ମାଛରାଣୀ କହିଲା, ''ବଗୁଲୀନାନୀ, ତୁମେ ପୁଣି ଏଠିକି ଆସିଛ ? ମୋ କଥା ମନେ ନାହିଁ କି ?''

ବଗୁଲୀ କହିଲା- ''ମାଛରାଣୀ, ତୁମେ କହିଥିବା କଥା ସତ କି ?''

ମାଛରାଣୀ କହିଲା- ''ହଁ, ସବୁ ସତ । କାଲି ସେ ଶାଗୁଣା ଗୋଟିଏ ସାପ ସହିତ ବନ୍ଧୁ ବାନ୍ଧିଛି । ସାପକୁ ଲଗାଇ ଛୁଆମାନଙ୍କୁ ମାରି ଖାଇବ । ଦୁଇଜଣ କଥା ଭାଷା ହେଉଥିବା ମୁଁ ଶୁଣିଛି । ତୁମେ ଶୀଘ୍ର ଯାଇ ତୁମର ଛୁଆମାନଙ୍କୁ ଅନ୍ୟ ସ୍ଥାନକୁ ନେଇଯାଅ ।

ମାଛରାଣୀ କଥାମାନି ସେ ସଙ୍ଗେ ସଙ୍ଗେ ପିଲାମାନଙ୍କୁ ନେଇ ପୋଖରୀ କୂଳରେ ଥିବା ଅନ୍ୟ ଏକ ଗଛକୁ ଉଡ଼ିଗଲା । ସେଠାରେ ବସାବାନ୍ଧି ରହିଲା । ଦିନେ ବଗୁଲୀ ତା ବସାରୁ ଲୁଚି ଲୁଚି ଦେଖିଲା, ଗୋଟିଏ ବଡ଼ ସାପ ସେ ପୂର୍ବରୁ ରହୁଥିବା ବରଗଛ ଉପରକୁ ଉଠୁଛି । କିନ୍ତୁ ବଗୁଲୀ ଏବଂ ଛୁଆମାନେ ଆଉ କ'ଣ ଏଠି ଅଛନ୍ତି ?

ସାପଟି ଭୋକରେ ଆଉଟୁ ପାଉଟୁ ହୋଇ ବନ୍ଧୁ ଶାଗୁଣାକୁ କହିଲା-

''ଶାଗୁଣା ଭାଇ
  ମିଛକଥା କିଆଁ କହିଲ ?
କେତେ ଆଶା ଦେଇ
  ଭଲ କଥା କହି
  ଶେଷରେ ଭାଲୁ ଧରାଇଲ ।''

ଶାଗୁଣା ଆଶ୍ଚର୍ଯ୍ୟ ହୋଇ ସାପକୁ କହିଲା, ''କି କଥା କହୁଛ ଭାଇ ! କାଲି ଦେଖିଥିଲି ବଗୁଲୀ ଛୁଆକୁ ଆଜି ସେଠି କେହି ନାହିଁ ?''

ତୁମେ ଅପେକ୍ଷା କର ସେମାନେ ନିଶ୍ଚୟ ଆସିବେ । ଶାଗୁଣା ଶେଷରେ ଗଛ ଉପରକୁ ଗଲା, ଅପେକ୍ଷା କଲା । କିନ୍ତୁ ବଗୁଲୀ ଓ ଛୁଆମାନେ ଆସିଲେ ନାହିଁ । ବଗୁଲି ଲୁଚି ଲୁଚି ସବୁ ଦେଖୁଥାଏ । ଶାଗୁଣା ତା ବସାକୁ ପଳାଇଲା । ସାପକୁ ବହୁତ ଭୋକ । ଶେଷରେ ସେ ଶାଗୁଣା ବସାକୁ ଗଲା । ଶାଗୁଣା ଛୁଆକୁ ମୋଡ଼ିମାଡ଼ି ଖାଇଲା । ଶାଗୁଣା ବିଚରା ଗଛରୁ ପଡ଼ି ମଲା । କିଛି ସମୟ ପରେ ମାଛରାଣୀ ଆସିଲା । ବଗୁଲୀ କହିଲା-

''ମାଛରାଣୀ ଲୋ - ମାଛରାଣୀ
ପରମନ୍ଦ ପାଇଁ ଶାଗୁଣା ବିଚରା
  ଗଛତଳେ ପଡ଼ି ମଲା
ଯାହା ସଙ୍ଗେ ସିଏ ବନ୍ଧୁ ବାନ୍ଧିଥିଲା
  ସେଇ ସତ୍ୟାନାଶ କଲା
  ଉପକାର ମୋର କରିଲୁ
ତୋରି କଥା ମାନି ଜୀବନ ଆମର ରହିଲା
  ଭଲକଥା ପଦେ କହିଲୁ ।''

●

# ପାନ୍ଥଶାଳା

ସୁରଣିକା ସ୍ୱାଇଁ
+୩ ପ୍ରଥମ ବର୍ଷ, କଳା

ଆଗରୁ ଜନସଂଖ୍ୟା ଏତେ ଦ୍ରୁତ ଗତିରେ ବଢ଼ି ନଥିଲା କିମ୍ବା ଏତେ ଯାନବାହାନର ମଧ୍ୟ ଚଳପ୍ରଚଳ ନଥିଲା । ଲୋକେ ପାଦରେ ମଧ୍ୟ ଚାଲି ଚାଲି ବହୁ ଦୂର ଦୂରାନ୍ତକୁ ଯାତାୟତ କରୁଥିଲେ । ବାଟରେ ରାତିରେ ରହିବା ପାଇଁ ଏକମାତ୍ର ସାହା ଭରସା ଥିଲା ପାନ୍ଥଶାଳା, ଠିକ୍ ଯେମିତି ଅନ୍ଧ ଲୋକର ଏକମାତ୍ର ସାହା ଭରସା ତା'ର ବାଡ଼ି ଖଣ୍ଡିକ ପରି । ପାନ୍ଥଶାଳାକୁ ଅନେକ ଯାତ୍ରୀ ଯିବା ଆସିବା କରନ୍ତି । କିଏ ଏଠି ରହେ ରାତିକ ପାଇଁ ତ କିଏ କେତେ ରାତି ପାଇଁ, କେବେ କିଛି ବି ଆପତ୍ତି ନଥାଏ ପାନ୍ଥଶାଳାର । ପାନ୍ଥଶାଳାର ଗୋଟିଏ କଣରେ ରହିଥାଏ ଚୁଲି । ପଥିକମାନଙ୍କ ରୋଷେଇ କରିବା ଲାଗି, ସେଇଠି ପଡ଼ିଥାଏ ଅଇଁଠା ପତ୍ର । ଲୋକମାନଙ୍କର ପରିତ୍ୟକ୍ତ କିଛି ଜିନିଷ । ଏପରିକି ରାତି ପାହିଲା ପରେ ସେଠି ବି କିଏ ମଳତ୍ୟାଗ କରି ଦେଇଥାଏ, ସେଥିପ୍ରତି ନିଘା କାହାର ନଥାଏ । ପାନ୍ଥଶାଳାର କବାଟଟି ସବୁବେଳେ ଦର ଆଉଜା ହୋଇ ରହିଥାଏ ଠିକ୍ ଯେମିତି ଗୋଟିଏ ଦରୁଆନ୍ ପରି । ସକାଳ ହେଲେ ବାହାରେ ଆସର ଜମେ ବୁଲା କୁକୁର ଓ ଷଣ୍ଢମାନଙ୍କର । କାରଣ ଅଇଁଠା ପତ୍ରର ସ୍ୱାଦରେ ସେମାନଙ୍କ ଆସର ଜମିଥାଏ । ପାନ୍ଥଶାଳା କେତେ ଯିବା ଆସିବା ବାଟୋଇଙ୍କର ମୂକ ସାକ୍ଷୀ । କେତେ ଲୋକ ଯିବା ଆସିବା କଲେ ସେ ତା'ର ହିସାବ ରଖେନି । କିନ୍ତୁ କେତେ ସ୍ମୃତି, କେତେ ଛବି ସେ ସାଇତି ରଖିଛି ତା'ର ବୁକୁ ମଧ୍ୟରେ, ରାତିରେ ପାନ୍ଥଶାଳାର କାନ୍ଥରେ କିଏ ଲେଖିଥାଏ x+y, କିଏ ଲେଖିଥାଏ ପୁଣି ଇଟାରେ । ସେ ଲେଖା ଏମିତି ଲେଖା ହୋଇଥାଏ ଯେ ସେ କାନ୍ଥ ବି କ୍ଷତ ବିକ୍ଷତ ହୋଇ ଯାଇଥାଏ । ଲେଖିଲା ବେଳେ ଯଦି ପାନ୍ଥଶାଳାର ଛାତି ବଦଳରେ ନିଜକୁ ଭାବିଥାନ୍ତା ସେ କେବେବି ଏପରି ଲେଖି ନଥାନ୍ତା । ତଥାପି ଏସବୁ ପ୍ରତି ନିଘା ନଥାଏ ପାନ୍ଥଶାଳାର । ସେ ତ କେବଳ ଦଣ୍ଡାୟମାନ ଗାଁ ମୁଣ୍ଡରେ ଥିବା ବୁଢ଼ା ବରଗଛଟି ପରି । ପାନ୍ଥଶାଳାର ଆଉ ଗୋଟିଏ କଣରେ ସୁରେଇରେ କିଛି ପାଣି ରଖାଯାଇଥାଏ । କହିଲେ ଯେଉଁମାନେ ପାନ୍ଥଶାଳାକୁ ଆସନ୍ତି ସେମାନେ ହିଁ ପାଣି ରଖନ୍ତି । ବେଳେ ବେଳେ ମଧ୍ୟ ଦୁଇ ତିନିଦିନର ପାଣି ରହି ଯାଇଥାଏ । କିଛି ପଥିକ ମଧ୍ୟ ସେଥିରୁ ପିଇବାକୁ ପଛାଇ ନ ଥାଆନ୍ତି । ବେଳେବେଳେ ପାନ୍ଥଶାଳାରେ ଯଦି କ୍ୱଚିତ୍ ଦୁଇ ବନ୍ଧୁ ବା ଚିହ୍ନା ପରିଚିତ ବ୍ୟକ୍ତି ମିଳିଗଲେ ଚାଲେ ଗପ, ଥଟ୍ଟା, ତାମସା ଏମିତି ଅନେକ କିଛି । ପାନ୍ଥଶାଳାର ସ୍ଥୂ ଲୟ ଚଟାଣର ଗୋଟେ କଣର କାନ୍ଥରେ ଝୁଲିଥାଏ ଜଗନ୍ନାଥଙ୍କର ଫଟୋଟିଏ । କେବେ କେଉଁ ପଥିକ ଏଠି ଫଟୋଟି କାହିଁକି ଟାଙ୍ଗିଲା ସେ ନିଜେ ଜାଣିଥିବ । ବିଶାଳ ପୃଥିବୀର କର୍ମମୟ ଏବଂ ଜୀବନର ଚଳ ଚଞ୍ଚଳତା ଭିତରେ କିଏ ବା କାହିଁ ସେଠି ଠାକୁର ପୂଜିବ ଯେ, କେବଳ କେତେକ ପଥିକ ଆସିବା ଯିବା ବେଳେ ମୁଣ୍ଡିଆଟିଏ ପକାଇ ଦେଲେତ ସିଏ ଢେର୍ ବେଶି ।

ପାନ୍ଥଶାଳାକୁ କିଏ କେତେ ପ୍ରକାରର ବେଶ ଭୂଷାରେ ଏବଂ କେତେ ଢଙ୍ଗରେ ଆସନ୍ତି । ଚିତ୍ରକରଟିଏ ଆସିଲେ ସେ ଚିତ୍ର କରେ ଗାୟକଟିଏ ଆସିଲେ ସେ ଗୀତ ବୋଲେ ଏବଂ ଯାହାକୁ ତା' ଗୀତ ଭଲ ଲାଗେ ସେ ତାଳି ମାରି ପ୍ରଶଂସା କରେ । ଶିକ୍ଷକଟିଏ ଆସିଲେ ସେ ତା'ର ପିଲାଙ୍କୁ କାଲି କ'ଣ ପଢ଼େଇବ ସେହି ରାତିରେ ଟିକେ ବହି ଦେଖେ । ପାନ୍ଥଶାଳାରେ ଚୋରି ମଧ୍ୟ ବେଳେ ବେଳେ ହୁଏ । ସେଥିରୁ ବର୍ତ୍ତିବାକୁ ହେଲେ ବାଟୋଇମାନଙ୍କୁ ସତର୍କତାର ସହ ରହିବାକୁ ପଡ଼େ ।

ସବୁର ସ୍ମୃତିକୁ ନେଇ ପାନ୍ଥଶାଳା ଚିର ଦଣ୍ଡାୟମାନ । ଏବେ ଆଉ ପାନ୍ଥଶାଳା ନାହିଁ କହିଲେ ଅବଶ୍ୟ ଚଳେ । କାରଣ ଲୋକସଂଖ୍ୟା ଯେଉଁଭଳି ଭାବେ ବଢ଼ି ଚାଲିଛି ଠିକ୍ ସେହିଭଳି ଭାବେ ମଧ୍ୟ ଯାନବାହାନ ଯାତାୟତ କଲାଣି ଏବଂ ରହିବା ଲାଗି ହୋଟେଲ୍, ଲଜ୍‌ମାନ ସବୁ ଖୋଲିଲାଣି । ସେ ପାନ୍ଥଶାଳା ଅପେକ୍ଷା ହୋଟେଲ୍ ଏବଂ ଲଜ୍‌ରେ ଟିକେ ଭିନ୍ନତା କାହିଁକି ଢେର ଭିନ୍ନତା କହିଲେ ଚଳେ । ତଥାପି ସେତେବେଳର ଲୋକଙ୍କୁ ନେଇ ପାନ୍ଥଶାଳା ଠିକ୍ ଥିଲା । ଏତେ ଲୋକଙ୍କ ଭିତରେ ନିଜକୁ ଚଳେଇ ନେବାର କୌଶଳଟା ସେମାନେ ଜାଣିଥିଲେ । କିନ୍ତୁ ହୋଟେଲ୍ ଏବଂ ଲଜ୍‌ରେ ଜଣେ କିମ୍ବା ଦୁଇଜଣଙ୍କୁ ଗୋଟିଏ ବଖରା ଘର । ପାନ୍ଥଶାଳାର ରୋଷେଇ ଏବଂ ହୋଟେଲ୍ ଏବଂ ଲଜ୍‌ର ରୋଷେଇରେ ମଧ୍ୟ ବହୁତ ଭିନ୍ନତା । ହୋଟେଲ୍, ଲଜ୍‌ର ଚାକଚକ୍ୟ ସାଙ୍ଗରେ ପାନ୍ଥଶାଳା ପ୍ରାୟତଃ ଆଉ ନାହିଁ କହିଲେ ଚଳେ । ସମୟ ବଦଳିବା ସଙ୍ଗେ ସଙ୍ଗେ ମଣିଷ ଭିତରେ ମଧ୍ୟ ବଦଳିବାର ସ୍ୱଭାବ ଜନ୍ମିଛି । କିନ୍ତୁ ସେ ବେଳର ଲୋକଙ୍କ ମନରେ ପାନ୍ଥଶାଳା ଥିଲା, ଆଉ ଆଜି ମଧ୍ୟ ଚିର ଦଣ୍ଡାୟମାନ ।

●

# ନାରୀ ଆଖିର ଲୁହ

ମଧୁସ୍ମିତା ଦାସ
+୩ ପ୍ରଥମ ବର୍ଷ, କଳା

ସେଦିନର ସେହି ନିରିମାଖି ନାରୀ ସୀତାଙ୍କର ନୟନରୁ ବହି ପଡ଼ିଥିବା ଦୁଇଟୋପା ଲୋତକ କେବଳ ସମୁଦ୍ର ଗର୍ଭରେ ଲୀନ ହୋଇଯାଇନଥିଲା । ରାବଣ ସ୍ୱର୍ଣ୍ଣ ଭୁବନ ପରି ଲଙ୍କାପୁରୀ ସେହିପରି ମନ୍ଦୋଦରୀର ଦୁଇଟୋପା ଲୁହରେ ଧ୍ୱଂସ ପାଇଥିଲା । ଆହୁରି ମଧ୍ୟ ମା' ଗାନ୍ଧାରୀ ଆଖିରେ ଲୁହ ଦିନେ ଯଦୁବଂଶ ସଂପୂର୍ଣ୍ଣ ଭାବରେ ଲୋପ କରି ଦେଇଥିଲା । ଦ୍ରୌପଦୀର ଚକ୍ଷୁଲୁହରେ ଭାସି ଯାଇଥିଲେ ମହାପ୍ରତାପୀ କୌରବ ଶହେ ଭାଇ । ବର୍ତ୍ତମାନ ଏହି ନାରୀଟିଏ ଜନ୍ମନେବା ପରଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଦାରୁଣ ଯନ୍ତ୍ରଣା ଓ ଦୁଃଖରେ ତା ଆଖିରୁ ବହିଚାଲିଛି ଅସରନ୍ତି ଲୁହର ପସରା ଯେ ଦିନେ ଭୟଙ୍କର ବନ୍ୟା ସୃଷ୍ଟି କରି ସାରା ପୃଥିବୀକୁ ଧ୍ୱଂସ କରିଦେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

ଆଜିର ଦୁନିଆରେ ନାରୀଟି ଆଲୋକ ରାଜ୍ୟରେ ପାଦ ଥାପିବା ମାତ୍ରେ ଆରମ୍ଭ ହୋଇଯାଏ ତା ଉପରେ ଅତ୍ୟାଚାର । ଏହି ଅତ୍ୟାଚାରକୁ

ମଥାପାତି ଛାତିକୁ ପଥର କରି ସହିନିଏ ନାରୀଟିଏ ଏବଂ ତା ନୟନରୁ ଧାର ଧାର ଲୁହ ପରି ବହି ଆସୁଥିବା ଲୁହକୁ ଓଠତଳେ ଚାପିରଖି ହସିବା ଛଳନା କରିଥାଏ ।

ବହୁ ଦୁଃଖ, ଯନ୍ତ୍ରଣା ସହ୍ୟକରି କରି ଶେଷରେ ଯୌବନ ଅବସ୍ଥାରେ ଉପନୀତ ହୋଇଥାଏ । କେତେ ଆଶା କେତେ ସ୍ୱପ୍ନ କେତେ ଆକାଂକ୍ଷାକୁ ନେଇ ସେ ଭବିଷ୍ୟତ ପାଇଁ ଦେଖିଥାଏ ଅସରନ୍ତି ସ୍ୱପ୍ନ । କିନ୍ତୁ ବିବାହ ପରେ, ଏ ଘର ଏରୁଣ୍ଡି ବନ୍ଧ ଡେଇଁ ଆଉ ଗୋଟିଏ ଘରର ଏରୁଣ୍ଡି ବନ୍ଧ ଉପରେ ପାଦ ଥାପିବା ଆରମ୍ଭ ହୋଇଯାଏ । ଶାଶୁଘର ଲୋକମାନଙ୍କର ନିର୍ମମ, ପଶୁପରି ଅତ୍ୟାଚାର । ଅତ୍ୟାଚାର ସହ୍ୟ କରି କରି ଶେଷରେ ତାକୁ ଜୀବନ୍ତ ଦାହ ହୋଇ ଶେଷ ନିଃଶ୍ୱାସ ଚିକକ ଛାଡ଼ିବାର ପଡ଼ିଥାଏ । ରାମାୟଣରେ ବର୍ଣ୍ଣିତ ସତୀ, ମନ୍ଦୋଦରୀ, ମହାଭାରତର ମା' ଗାନ୍ଧାରୀ, ଦ୍ରୌପଦୀ ପରି ନାରୀମାନଙ୍କ ଲୁହରେ ଯଦି ଏତେ ବଡ଼ ବଡ଼ ପ୍ରଭାବଶାଳୀ ଲୋକମାନେ ଧ୍ୱଂସ ପାଇଯାଇଛନ୍ତି, ତେବେ ବର୍ତ୍ତମାନର ନାରୀଆଖିରୁ ପଡୁଥିବା ଅସରନ୍ତି ଲୁହର ଅସରା ଦିନେ ନା ଦିନେ ଏ ସାରା ପୃଥିବୀକୁ ବିଲୀନ କରି ମାଟିରେ ମିଶାଇବ ।

ସେଥିପାଇଁ କୁହାଯାଏ, 'ନାରୀ ଆଖିର ଟୋପାଏ ଲୁହ ଦୁନିଆକୁ ଧ୍ୱଂସ କରିବାକୁ ଯଥେଷ୍ଟ' ।

●

# ବିଦେଶୀ ଓ ଧୋବଣୀ କଥା

ସୁରଣିକା ସାଇଁ
+୩ ପ୍ରଥମ ବର୍ଷ, କଳା

ଉଜ୍ଜୟିନୀ ବୋଲି ଗୋଟିଏ ବଡ଼ ନଗର ଥିଲା । ବିକ୍ରମାଦିତ୍ୟ ସେ ନଗରରେ ରାଜା ଥିଲେ । ସେ ଧାର୍ମିକ ଯେମିତି, ସତ୍ୟବାଦୀ ବି ସେମିତି । ପରର ଉପକାର ପାଇଁ ସେ ଜୀବନ ଦେଇ ଦେଉଥିଲେ । ତାଙ୍କ ରାଇଜର ଲୋକେ ଭୋକ ଉପାସ କ'ଣ ଜାଣୁ ନଥିଲେ । ରାଜାଙ୍କ ଏପରି ଗୁଣ ବିଷୟରେ ପ୍ରଶଂସା ଶୁଣି ଅନେକ ବିଦେଶୀ ବୁଲିବା ପାଇଁ ଆସୁଥିଲେ । ଦିନେ ଜଣେ ବିଦେଶୀ ଆସି ସେ ରାଜ୍ୟର ଧର୍ମଶାଳାରେ ରହିଲା, ଚାନ୍ଦିନୀ ବୋଲି ଗୋଟିଏ ଧୋବଣୀ ସେ ଧର୍ମଶାଳାରୁ ଆସି ଲୁଗାପଟା ନିଏ । ସେ ଧୋବଣୀ ବିଦେଶୀକୁ ଦେଖି କହିଲା, ତମର କିଛି ଲୁଗା ପକାଇବ କି ବାବୁ ? ଗୋଟିଏ ଲୁଗା ଓ ଗୋଟିଏ ପଞ୍ଜାବୀ ଆଣି ବିଦେଶୀ ଧୋବଣୀକୁ ଦେଇ କହିଲା, ମୋତେ ସନ୍ଧ୍ୟା ବେଳକୁ ଦେଇଯିବୁ । ଦୁଇଟିଯାକ ସଫା କରିବାକୁ କେତେ ନେବୁ କହିଯା । ଧୋବଣୀ ହସି ହସି କହିଲା, କ'ଣ ନେବି ବାବୁ ? ଲୁଗା ସଫା କରିଦେଲେ ପଞ୍ଜାବୀଟା ନେବି ଆଉ ପଞ୍ଜାବୀଟା ସଫା କରି ଦେଲେ ଲୁଗାଟା ନେବି । ଏକଥା ଶୁଣି ବିଦେଶୀ କହିଲା ଆଚ୍ଛା ସଫା କରି ଆଣ । ଯାହାକୁ କହିବୁ ତାହା ନେବୁ । ଧୋବଣୀ ଏହାଶୁଣି ଲୁଗା ନେଇ ଚାଲିଗଲା । ସଞ୍ଜବେଳକୁ ଆସିବ କ'ଣ ତିନି ଦିନ ଚାଲିଗଲା, ଆଦୌ ତା'ର ଦେଖାନାହିଁ ।

ବିଦେଶୀ ବିଚରା ବଡ଼ ହଇରାଣରେ ପଡ଼ିଲା । ସେ ଖୋଜି ଖୋଜି ଯାଇ ଧୋବଣୀର ଘରଠାରେ ପହଞ୍ଚିଲା । ବିରକ୍ତ ହୋଇ କହିଲା, ତୁ ସନ୍ଧ୍ୟାକୁ ଲୁଗା ଦେଇ ଆସିବାକୁ କହି ଏକବାର ଇଆଡ଼େ । ମୁଁ ବିଦେଶୀ ଲୋକ ଚଳିବି କେମିତି ? ଧୋବଣୀ କହିଲା, କି ବାବୁ ! ତୁମେ କ'ଣ ପାଗଳ ହୋଇଗଲ କି ? ମୁଁତ କହି ଆସିଥିଲି ଲୁଗା ସଫା କଲେ ପଞ୍ଜାବୀ ନେବି । ପଞ୍ଜାବୀ ସଫା କଲେ ଲୁଗା ନେବି । ଦୁଇଟିଯାକ ତ ସଫା କରି ଦୁଇଖଣ୍ଡ ନେଇଛି; ତମେ ଆସି ପାଟିତୁଣ୍ଡ କରୁଛ କିଆଁ । ମୁଣ୍ଡ କ'ଣ ତୁମର ଖରାପ ଅଛି କି ? ଚୁପ୍‌କରି ଚାଲିଯାଅ । ଆଉ ବକ୍ ବକ୍ କର ନାହିଁ । ବିଦେଶୀ ବିଚରା କରେ କ'ଣ ? ଥାନାକୁ ଯାଇ ଜମାଦାର ବାବୁଙ୍କୁ କହିଲା । ଜମାଦାର ସିପାହୀ ପଠାଇ ଧୋବଣୀକୁ ଧରିଆଣି କହିଲେ, କିଲୋ ଚାଣ୍ଡିନୀ ! ତୁ ପରା ପାଖ ମଡ଼ାଇ ନଥିଲୁ । ଏଥର ଯିବୁ କୁଆଡ଼େ । ଏଇଥର ତତେ ହାତକଡ଼ି ଲଗାଇ କଚେରିକି ଧରିନେବି । ଧୋବଣୀ ଏକଥା ଶୁଣି କ'ଣ ବୁଝେଇଲା କେଜାଣି ବିଦେଶୀକୁ ଦୁର୍ ଦୁର୍ କରି ବାହାର କରିଦେଲେ ।

ବିଦେଶୀ ଏସବୁ କାଣ୍ଡ ଦେଖି ସବ୍ ଇନିସ୍‌ପେକ୍ଟର ବାବୁଙ୍କ ପାଖକୁ ଯାଇ ଜଣାଇଲା । ସବ୍ ଇନିସ୍‌ପେକ୍ଟର ପୁଣି ସିପାହୀ ପଠାଇ ଧୋବଣୀକୁ ଧରି ଆଣିଲେ । ପ୍ରଥମରେ ବଡ଼ କଡ଼ା ମିଜାଜରେ ତାକୁ ଧମକାଇ ପଚାରିଲେ- ହାରାମଯାଦି, ତୁ ଏ ବିଦେଶୀର ଲୁଗା କାହିଁକି ନ ଦେଉଛୁ ? ରହ, ତୋର ସବୁ ବଦମାସୀ ଛଡ଼ାଇ ଦେଉଛି । ଧୋବଣୀ ବଡ଼ ସାନୁଲା କଣ୍ଠରେ କହିଲା- ହଜୁର୍ ! ମୋ କଥା ଟିକିଏ ଶୁଣିବା ହୁଅନ୍ତୁ । ଯା ପରେ ଯୋଉ ଦଣ୍ଡ ଚାହିଁବେ ସେ ଦଣ୍ଡରେ ମୁଁ ହାଜର ହେବି । ଧୋବଣୀର ଡଉଲ ଡାଉଲ ମୁହଁରୁ ଏତକ କଥା ଶୁଣି ସବ୍ ଇନିସ୍‌ପେକ୍ଟର ବାବୁ ତରଳା ମହମ ପରି ତରଳି ଗଲେ । ତାଙ୍କ ଆଖିରେ, ମୁହଁରେ କିପରି ଗୋଟାଏ ପାଲିସ୍ ହସ ଫୁଟି ଉଠିଲା । ସେ ପୁଣି କଲେ, ବେଶ୍ ତୁ ସବୁବେଳେ ବିଦେଶୀଙ୍କ ସାଥିରେ କାରବାର କରିବୁ, ଆମ ପାଖରେ ଖାଲି ଦଣ୍ଡ ପାଇଁ ହାଜର ହେବୁ । ଧୋବଣୀର ରଙ୍ଗୀ ଗାଲ ଦୁଇଟି ଏକଥା ଶୁଣି ଲାଜରେ ଆହୁରି ଲାଲ ହୋଇଗଲା । ସେ କହିଲା- ମୋର ନିଜ ହାକିମମାନେ ହେବେ ନାହିଁ, ହେବେ ବିଦେଶୀ ? ଏତେ ତାଙ୍କର ସାହସ ?

ସବ୍ ଇନିସ୍‌ପେକ୍ଟର ବାବୁହସି ହସି ଆରମ୍ଭ କଲେ- ନିଜ ହାକିମ ଖାଲି ତୁଣ୍ଡରେ, କାମବେଳେ କିଛୁ ନୁହଁନ୍ତି । ଧୋବଣୀ ସ୍ୱରକୁ ଟିକିଏ ଦବେଇ ଦବେଇ କହିଲା- କାହିଁକି ନୁହଁନ୍ତି ? ଆଜି ରାତି ଦଶଟାରେ ମୋ ବସାକୁ ଚାଲନ୍ତୁ । ଏତିକିରେ ମୋକଦ୍ଦମା ବିଚାର ଶେଷ ହେଲା । ସବ୍ ଇନିସ୍‌ପେକ୍ଟର ବାବୁ ବିଦେଶୀକୁ କଡ଼ା କଡ଼ା ବତାଇଦେଲେ- ଏଠାରେ ଆମର ବେମାନି ଚଳିବ ନାହିଁ । ଛୋଟ ଲୋକ ଘରର ମାଇପି ବୋଲି ତା'ର କ'ଣ ଇଜ୍ଜତ ନାହିଁ, ଲୁଗାପଟା କିଛି ନ ଦେଇ ଗୋଟାଏ ମିଥ୍ୟା ଅଭିଯୋଗ, ଯାଅ । ମହତକୁ ବାଟ ଅଛିତ ଜଲ୍‌ଦି ବାହାରିଯାଅ ।

ବିଦେଶୀ ବିଚରା ଏଥିରେ ଦୁଃଖ କରିବ ନା ଆଶ୍ଚର୍ଯ୍ୟ ହେବ । ମନରେ ରାଗ ତା'ର ଦୁଇଗୁଣ ବଢ଼ିଗଲା । ସେ ସିଧା ଡୁଇନୟର ଇନିସ୍‌ପେକ୍ଟର ବାବୁଙ୍କ ନିକଟକୁ ଯାଇ ସବୁକଥା ଜଣାଇଲା । ଇନିସ୍‌ପେକ୍ଟର ପୁଣି ଧୋବଣୀକୁ ଡକାଇ ଆଣିଲେ । ଧୋବଣୀ ଦେଢ଼ହାତର ଗୋଟିଏ ଓଢ଼ଣା ଟାଣି ଅଫିସ୍ ଘରର ଗୋଟାଏ କଣକୁ ଛିଡ଼ା ହେଲା । ଇନିସ୍ପେକ୍ଟର ବାବୁ ରାଗିଯାଇ କହିଲେ- କିଲୋ, ତୋର ହିମତ୍ କ'ଣ ଭାରି ବଢ଼ିଗଲାଣି । ତୁ ବିଦେଶୀମାନଙ୍କୁ ଏପରି

ହରକତ କରିବା କଥାତ ମୁଁ ଅନେକବାର ଶୁଣିଲିଣି । ଘଟଣା କ'ଣ ? ଧୋବଣୀ ଓଢ଼ଣା ଟେକି ବୀଣାଜିଣା ସ୍ୱରରେ ଆରମ୍ଭ କଲାଣ, ହଜୁର୍ ! ମୋର ଏଥିରେ ଦୋଷ କ'ଣ ? ଆମର ତ ଏ ଜୀବିକା, ଥାନ ଦେଖି ଆମେ ପଇସାକ ଯାଗାରେ ପାଞ୍ଚ ପଇସା, ପାଞ୍ଚ ପଇସା ଯାଗାରେ ପାଞ୍ଚ ଟଙ୍କା ନେଇପାରୁ, ମୁଁ ତ ତାଙ୍କୁ ଲୁଗା ନେଲାବେଳେ କହିଥିଲି- ପଞ୍ଜାବୀ ସଫା କଲେ ଲୁଗା ନେବି । ଲୁଗା ସଫା କଲେ ପଞ୍ଜାବୀଟା ନେବି । ବର୍ତ୍ତମାନ ତ ଦୁଇଟିଯାକ ସଫା କରିଛି ଦୁଇଟିଯାକ ନେଇଛି । ତାଙ୍କର ମୋ ଠାରେ ଓଜର ଆଉ ରହିଲା କ'ଣ ? ଆପଣମାନଙ୍କ ପରି ହାକିମମାନେ ଆମ କଥା ବୁଝୁ ନାହାନ୍ତି ବୋଲି ସିନା ଏମାନେ ମିଛ କଥାରେ ମଧ ଆମକୁ ଏତେ ହଇରାଣ କରିବାକୁ ଯାଉଛନ୍ତି ।

ଧୋବଣୀ କହି ଯାଉଥିଲା । ଇନସ୍ପେକ୍ଟର ବାବୁ ଶୋଷିଲା ଆଖିରେ ତା'ର ସୁନ୍ଦର ମୁହଁଟିକୁ ଖାଲି ଚାହିଁଥିଲେ । ଆଉ ଭୋକିଲା କାନର କଥାଗୁଡ଼ାକ ତା'ର ଶୁଣି ଯାଉଥିଲେ । ଧୋବଣୀର ଶେଷ ପଦକ ତାଙ୍କ ହୃଦୟକୁ ବଢ଼ ଲାଗିଲା ସେ କହିଲେ, ''ତମମାନଙ୍କର ତ ହାକିମଙ୍କ ପାଖରେ ଦିନେ ସୁଦ୍ଧା ଦେଖା ମିଳିବା ମୁସ୍କିଲ୍ । ଏଥିରେ ହାକିମ ଆଉ ତମ କଥା ଜାଣିଲେ କ'ଣ ଯେ ବୁଝିବେ ?

ଧୋବଣୀ ବାଗ ଭଣ୍ଡି କଥା ପଦକ ବସାଇବାକୁ ଯାଇ କହିଲା, ହାକିମଙ୍କ ଅନୁଗ୍ରହ ପାଇବାକୁ ଆମର କ'ଣ ଏତେ ଭାଗ୍ୟ, ନ ହେଲେ ତାଙ୍କୁ ପୁଣି ମନା କରିବ ଏପରି କାହାର ସାହାସ । ଚାପା ହସଟିଏ ଫକ୍ କରି ତା ଓଠ ଉପରେ ଫୁଟି ପଡ଼ିଲା ।

ଇନ୍‌ସ୍ପେକ୍ଟର ବାବୁ ଧୈର୍ଯ୍ୟହରା ହୋଇ କହିଲେ- ଆଜି ତେବେ ପରୀକ୍ଷା କରିନେବି । ଧୋବଣୀ କହିଲା ''ରାତି ଏଗାରଟାକୁ ବସାଆଡ଼େ ବୁଲିଯିବେ ତ ପରୀକ୍ଷା ନେବାକୁ କଷ୍ଟ ପଡ଼ିବ ନାହିଁ । ଇନ୍‌ସ୍ପେକ୍ଟର ବାବୁ ହସି ହସି କହିଲେ- ଆଚ୍ଛା ଆଚ୍ଛା ।

ତା'ପରେ ଧୋବଣୀକୁ ବିଦା କରିଦେଇ ବିଦେଶୀକୁ ପଚାରିଲେ, ଧୋବଣୀ ତୁମଠାରୁ ଲୁଗା ନେଲାବେଳେ କ'ଣ କହିଥିଲା ? ବିଦେଶୀ କହିଲା- ସେ କହିଲା, ''ପଞ୍ଜାବୀ ସଫା କଲେ ଲୁଗା ନେବି, ଲୁଗା ସଫା କଲେ ପଞ୍ଜାବୀ ନେବି । ଇନ୍‌ସ୍ପେକ୍ଟର କହିଲେ, ତୁମେ ସେତେବେଳେ କ'ଣ କହିଲ ? ବିଦେଶୀ କିଛି କହିନାହିଁ, ଖାଲି କହିଥିଲି ଯାହା କହିବୁ ଦେବି । ଇନ୍‌ସ୍ପେକ୍ଟର କହିଲେ ବେଶ୍ ବର୍ତ୍ତମାନ ଚାଲିଯାଅ ସେ ଯାହା କହିଛି ତାହା ନେଇଛି ।

ବିଦେଶୀ ଏଥର ଆଉ କରେ କ'ଣ ? କାନମୁଣ୍ଡା ଆଉଁସି ଧର୍ମଶାଳାକୁ ଫେରି ଆସିଲା । ନିଜର ଜିନିଷପତ୍ର ଧରି ସେହିଦିନ ରାଜ୍ୟରୁ ଚାଲିଗଲା ।

ରାତି ହେଲା, ସହର ବଜାର ଚାରିଆଡ଼େ ଆଲୁଅ ଲାଗିଗଲା । ରାଜାଙ୍କର କଚେରୀ ଘଣ୍ଟାରେ ଛ, ସାତ, ଆଠ ହୋଇ ନଅଟା ବାଜିଲା । ଜମାଦାରବାବୁ ଧୋବଣୀ ଘରେ ଯାଇ ହାଜର ହେଲେ । ଧୋବଣୀ ତାଙ୍କୁ ଭାରି ଆଦର ଗୌରବ କରି ନେଇ ପଲଙ୍କ ଉପରେ ବସାଇଲା । ନିଜ ହାତରେ ପାନ ଭାଙ୍ଗିଦେଇ ତଳେ ବସି ରହିଲା । ଜମିଦାର ବାବୁ ପାନ ନେଇ କହିଲେ, ଆଉ ଡ଼େରି କାହିଁକି ? ଚାନ୍ଦିନୀ, ପଲଙ୍କକୁ ଆସ । ଧୋବଣୀ କହିଲା- ଏପରି ତରତର ହେଉଛନ୍ତି କାହିଁକି ? ରାତି କ'ଣ ପଳାଇ ଯାଉଛି ? ଚାଲି ଚାଲି ଆସିଛନ୍ତି, ଟିକିଏ ଦମ୍ ନିଅନ୍ତୁ । ଏହିପରି କେତେ ଭୁଲାଣିଆ କଥା କହୁ କହୁ ଦଶଟା ବାଜିଗଲା ।

ସବ୍‌ଇନ୍‌ସ୍ପେକ୍ଟର ଆସି ଦୁଆରେ ଡାକ ଦେଲେ, ଜମାଦାର ଚମକି ପଡ଼ି ପଚାରିଲା କିଏ ? ଧୋବଣୀ ଉତ୍ତର ଦେଲା ସବ୍ ଇନ୍‌ସ୍ପେକ୍ଟର ବାବୁ । ଆପଣ ବସିଥାନ୍ତୁ ମୁଁ ଟିକିଏ ଦୁଆର ଖୋଲିଦେଇ ଆସେ ।

ଜମାଦାର ବାବୁ ଆଉ ରସିକ କାମ କରିବେ କ'ଣ, ସବ୍ ଇନ୍‌ସ୍ପେକ୍ଟରଙ୍କ ନାମ ଶୁଣୁ ଶୁଣୁ ତାଙ୍କର ପିଳେଇ ପାଣି ହୋଇଗଲା । ସେ ପଲଙ୍କରୁ ଓହ୍ଲାଇପଡ଼ି ଧୋବଣୀର ହାତ ଧରିପକାଇ କହିଲେ- ହେ ରହ ରହ, ମୋ କଥା ଆଗ ଟିକିଏ ଶୁଣ । ମୋତେ କୁଆଡ଼େ ଲୁଚାଇ ରଖ, ଯେପରି ସେ ନ ଦେଖନ୍ତି । ଦାନାପାଣିର କଥା, ବୁଝିଲୁ ?

ଧୋବଣୀ କହିଲା- ତୁମକୁ ଆଉ ଲୁଚାଇ ରଖିବି କୁଆଡ଼େ ବାବୁ ! ଘର ବୋଲି ତ ଏଇ ବଖରାକ । ଏଠେଇଁ ଯେଉଁ କୁକୁଡ଼ା ଟାପାଟି ରହିଛି, ତା'ରି ଭିତରେ ଲୁଚିଯାଅ । ମୁଁ ଲୁଗାଟା ଘୋଡ଼ାଇ ଦେଉଛି । ତା ତୁଣ୍ଡରୁ କଥା ନ ସରୁଣୁ ଜମାଦାର ବାବୁ କୁକୁଡ଼ା ଟାପା ଭିତରେ ପଶିଗଲେ । ଧୋବଣୀ ଲୁଗାଟିଏ ଘୋଡ଼ାଇ ଦେଇ ଯାଇ ଦାଣ୍ଡ ଦୁଆର ଖୋଲିଲା । ସବ୍ ଇନ୍‌ସ୍ପେକ୍ଟର ଘର ଭିତରକୁ ପଶି ଆସିଲେ । ପାଦରେ ଯୋତା ଯେପରି ମସ୍ ମସ୍ ମନ ଭିତରଟା ସେହିପରି ମସ୍ ମସ୍ ।

ଧୋବଣୀ ତାଙ୍କୁ ପଲଙ୍କ ଉପରେ ବସାଇ ନିଜେ ପାନ ଭାଙ୍ଗୁ ଭାଙ୍ଗୁ ନାନା ଆଡୁ ଗପ ଯୋଡ଼ିଦେଲା । ସବ୍ ଇନ୍‌ସ୍ପେକ୍ଟର ବାବୁ ଖଣ୍ଡେ ଦି ଖଣ୍ଡ ଖାଇ ତାକୁ ପାଖକୁ ଡାକିଲେ । ଧୋବଣୀ କହିଲା- ବସନ୍ତୁ ଆଉ ଟିକିଏ । ରାତି ଗୋଟାକଯାକ ତ ଅଛି । ତାହାର ଏହିକଥା କେଇପଦ ସରିଛି କି ନାହିଁ, ଇନ୍‌ସ୍ପେକ୍ଟର ବାବୁ ଆସି ଦୁଆର ବାଡ଼େଇଲେ । ସବ୍ ଇନ୍‌ସ୍ପେକ୍ଟର ବାବୁ ପଚାରିଲେ କିଏ ? ଧୋବଣୀ ଉଠି ଛିଡ଼ା ହୋଇ ଜବାବ ଦେଲା- ଇନ୍‌ସ୍ପେକ୍ଟର ବାବୁ । ବସିଥାନ୍ତୁ ଆପଣ । ମୁଁ ଦୁଆର ଖୋଲି ଦେଇ ଆସେ ।

ଏତିକି କହି ସେ ଚାଲିଗଲା ବେଳେ ଇନ୍‌ସ୍ପେକ୍ଟର ବାବୁ ପଛରୁ ତା'ର ଲୁଗା କାନି ଭିଡ଼ିଧରି କହିଲେ- ରହ ରହ, ମୋର ଉପର ହାକିମ ସିଏ । ଚାକିରୀ ଖଣ୍ଡିକ ଯିବା କଥା । ମୋତେ ଆଗ କୁଆଡ଼େ ଲୁଚାଇ ରଖ - ତା'ପରେ ଯାଇ ଦୁଆର ଖୋଲ । ଧୋବଣୀ କହିଲା, କୁଆଡ଼େ ଆଉ ଲୁଚାଇବି ? ଘରବୋଲିତ ଏତିକି, ତେବେ ଗୋଟିଏ କଥା କରନ୍ତୁ । ଏହି ଶାଢୀରୁ ଖଣ୍ଡିଏ ଘୋଡ଼ାଇ ହୋଇ ଚକି ପାଖରେ ବସି ଚଣା ତୁରନ୍ତୁ । ସେ କିଛି ଜାଣିପାରିବେ ନାହିଁ । କଥାଟା ସବ୍‌ଇନ୍‌ସ୍ପେକ୍ଟର ମନକୁ ପାଇଲା । ସେ ସାଙ୍ଗେ ସାଙ୍ଗେ ଶାଢୀ ଘୋଡ଼ାଇ ହୋଇ ଚକି ପାଖରେ ବସିପଡ଼ିଲେ । ଧୋବଣୀ ଇନ୍‌ସ୍ପେକ୍ଟର ବାବୁଙ୍କ ଦୁଆର ଖୋଲି ଘର ଭିତରକୁ ଆଣିଲା । ପଲଙ୍କ ଉପରେ ବସାଇ ପାନ ଭାଙ୍ଗିଦେଇ କହିଲା- ବସନ୍ତୁ, ମୁଁ ଟିକିଏ ବାହାରୁ ଆସୁଛି ।

ସେ ଚାଲିଗଲା, ଇନ୍‌ସ୍ପେକ୍ଟର ବାବୁ ବସି ରହିଲେ । ଘଣ୍ଟାଏ ଗଲା, ଦୁଇଘଣ୍ଟା ଗଲା, ତଥାପି ଧୋବଣୀର ଦେଖା ନାହିଁ । ଇନ୍‌ସ୍ପେକ୍ଟର ବାବୁ ରାଗରେ ଏକବାର ତାତି ଉଠିଲେ । ଘର ଦୁଆର ଚାରିଆଡ଼େ ଖାଲି ବାଡ଼ିଆବାଡ଼ି କରିବାକୁ ଆରମ୍ଭ କଲେ । କୁକୁଡ଼ା ଟାପା ଉପରେ ଗୋଟାଏ ଯୋତାମିଶା ଗୋଇଠା ଦେଲାବେଳକୁ ସେଇଟା ଭାଙ୍ଗିଯାଇ ମାଡ଼ଟା ଜମାଦାର ଉପରେ ବସିଲା । ସେ ବିଚରା ମନେକଲା ଯେ, ବାବୁ ତାକୁ ଜାଣିପାରି ମାରୁଛନ୍ତି । ଉଠି ହାତ ଯୋଡ଼ି କହିଲା ମାଫ୍ କରନ୍ତୁ

ହଜୁର୍ ! ନ ଜାଣି ଦୋଷ କରିଛି । ମୁଁ ତ ଏକା ନୁହେଁ ସବ୍ ଇନ୍ସପେକ୍ଟର ବାବୁ ବି ସେଠାରେ ଓଡ଼ଣା ପକାଇ ଚଣା ରଗଡୁଛନ୍ତି । ଏକଥା ଶୁଣି ସବ୍ ଇନ୍ସପେକ୍ଟର ଆଉ ଲୁଚିବେ କ'ଣ, ଆସି ହାତଯୋଡ଼ି ବାବୁଙ୍କ ପାଖରେ ଛିଡ଼ା ହେଲେ । ଇନ୍ସପେକ୍ଟର ପଚରା ପଚରି କରି ବୁଝିନେଲେ ଯେ ସମସ୍ତଙ୍କୁ ଧୋବଣୀ ଧପେଇଛି । ସେ ରାଗରେ ତମତମ ହୋଇ ସେ ଦୁହିଁଙ୍କି ସାଥିରେ ଧରି ଥାନାକୁ ଚାଲିଲେ । ସକାଳୁ ଧୋବଣୀକୁ ସିପାହୀମାନଙ୍କ ଦ୍ୱାରା ଖୋଜାଇ ଥାନାକୁ ଧରାଇ ନେଲେ । ମନ ଓରମାନ ମେଣ୍ଟାଇବାକୁ ଦୁଇ ଦର୍ଜନ ଯୋଡ଼ି ବେତ ଲଗାଇ ଛାଡ଼ିଦେଲେ । ବଦ୍‌ମାସ ଧୋବଣୀ ଥଣ୍ଡା ହୋଇ ଘରକୁ ଫେରିଲା ।

●

# "ସେ ତ ଭକତ ଭାବରେ ବନ୍ଧା"

କଲ୍ୟାଣୀ ଦାସ
ମନୋବିଜ୍ଞାନ ବିଭାଗ

ଜୀବନରେ ସୁଖଦୁଃଖ, ଉତ୍‌ଥାନପତନ ନିୟତି ନିୟନ୍ତ୍ରିତ ଧର୍ମ କର୍ମ ଅନୁସାରେ ମଣିଷକୁ ତା' ଜୀବନରେ ଭୋଗ କରିବାକୁ ପଡ଼ିଥାଏ । ସମୟ ଚକ୍ରରେ ଧର୍ମକର୍ମରେ ଠିକ୍ ଥିବାବେଳେ ମଣିଷ ଜୀବନରେ ଦୁଃଖ ଯେ କାହିଁକି ଆସେ ତାହା ସେହି ଭଗବାନଙ୍କୁ ଜଣା ।

ପଶ୍ଚିମବଙ୍ଗରେ ଦୁଇଜଣ ବନ୍ଧୁ ଥିଲେ । କେଶବଚନ୍ଦ୍ର ଓ ରାମଚନ୍ଦ୍ର । ଦୁଇବନ୍ଧୁ ନିଜର ପରିଶ୍ରମ ନିଷ୍ଠା ବଳରେ ଧନ ଉପାର୍ଜ୍ଜନ କରି ଅଚଳାଚଳ ସମ୍ପତ୍ତିର ମାଲିକ ହେଲେ । ରାମଚନ୍ଦ୍ରର ବହୁଦିନ ପରେ ଗୋଟିଏ ପୁଅ ହେଲା । ତା'ର ନାମ ରଘୁନାଥ । ରଘୁନାଥ ଦେଖିବାକୁ ଯେପରି ସୁନ୍ଦର ସେପରି ସୁଲକ୍ଷଣଯୁକ୍ତ । ବାଲ୍ୟକାଳରୁ ସେ ଈଶ୍ୱରଭକ୍ତ ଥିଲେ । ସେହିପରି କେଶବଚନ୍ଦ୍ରଙ୍କର ସାତପୁଅରେ ଗୋଟିଏ ଝିଅ ହେଲା । ନାମ ତାହାର ଅନ୍ନପୂର୍ଣ୍ଣା । ଅନ୍ନପୂର୍ଣ୍ଣା ଜନ୍ମହେଲା ଦିନଠାରୁ କେଶବଚନ୍ଦ୍ରଙ୍କର ଆହୁରି ସମ୍ପତ୍ତି ବଢ଼ିବାକୁ ଲାଗିଲା ।

ଦୁଇବନ୍ଧୁ ସ୍ଥିର କଲେ ପୁରୀ ଯିବେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବେ । ସେଠାରେ ଶ୍ରୀଜଗନ୍ନାଥଙ୍କୁ ସାକ୍ଷୀ ରଖି ରଘୁନାଥ ସହିତ ଅନ୍ନପୂର୍ଣ୍ଣାଙ୍କୁ ବିବାହ ଦେବା ଲାଗି ପ୍ରତିଜ୍ଞାବଦ୍ଧ ହେବେ । ତାହାହିଁ ହେଲା । ରଘୁନାଥ ସହିତ ଅନ୍ନପୂର୍ଣ୍ଣାଙ୍କର ବାଲ୍ୟବିବାହ ହେଲା । ସେତେବେଳେ ସମାଜରେ ବାଲ୍ୟବିବାହ ପ୍ରଥା ପ୍ରଚଳିତ ଥିଲା । ଦୁଇବନ୍ଧୁ ବେଶ୍ ହସଖୁସିରେ ଚଳୁଥିଲେ ।

ସୁଖ ପରେ ଦୁଃଖ ଆସେ । ହଠାତ୍ ରାମଚନ୍ଦ୍ରଙ୍କ ଜୀବନରେ ସେହିଭଳି ଦୁଃଖ ମାଡ଼ିଆସିଲା । ଏକ ବନ୍ୟାରେ ରାମଚନ୍ଦ୍ର ସମସ୍ତ ସମ୍ପତ୍ତି ହରାଇ ବସିଲେ । ବହୁ ଦୁଃଖ ଦରିଦ୍ରତା ସହ ଲଢ଼େଇ କରି ଶେଷରେ ସବୁଦିନ ଲାଗି ଆଖି ବୁଜିଲେ । ସତୀ ପତ୍ନୀ ସ୍ୱାମୀର ଏତାଦୃଶ ଅବସ୍ଥା ଦେଖି ଅଗ୍ନିରେ ଝାସ ଦେଲେ । ରଘୁନାଥ ପିତୃମାତୃହରା ହୋଇଗଲେ । ଶେଷରେ ସେ ଠିକ୍ କଲେ ମୋର ତ ଏଠାରେ କେହି ନାହିଁ । ମୋର ପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକ୍ଷେତ୍ରରେ ଅଛନ୍ତି । ସେହି ମୋର

ଭରସା । ଏକଥା ଭାବି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ।

ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପ୍ରଥମେ ଆତ୍ମହରା ହୋଇଗଲେ । ଭାବବିହ୍ୱଳ ହୋଇ ତାଙ୍କ ପାଟିରୁ ବାହାରି ଆସିଲା ପ୍ରଭୁ ସବୁ ତୋର ଇଚ୍ଛା । ଶ୍ରୀକ୍ଷେତ୍ରର ଆନନ୍ଦ ବଜାରରୁ ଶ୍ରୀମହାପ୍ରସାଦ ମାଗିକରି ଖାଇଲେ । ଅଜଣା ଲୋକର ବାରଣ୍ଡାରେ ଶୋଇ ରାତି ବିତାଇଲେ । ଏକଥା ଧନୀ କେଶବଚନ୍ଦ୍ର ଜାଣିପାରିଲେ । ଭାବିଲେ ମୋର ଏ ଅଲିଅଳି ଝିଅକୁ ଭିକ ମଗା ରଘୁନାଥଙ୍କୁ ନଦେଇ ଅଜସ୍ର ଧନସମ୍ପତ୍ତି ଦେଇ ଗୋଟେ ଭଲ ବ୍ୟାଇଁ ଦେଖି ବାହାଘର କରିଦେବି । ସତକୁ ସତ ସେହି ରାଜ୍ୟର ରାଜାପୁଅ ସହିତ ବିବାହ ଠିକ୍ କରି ବିବାହର ତିଥି ମଧ୍ୟ ନିର୍ଦ୍ଦିଷ୍ଟ କରିଦେଲେ ।

ସତୀ ଶିରୋମଣି ଅନ୍ନପୂର୍ଣ୍ଣା କିଛି ଉପାୟ ନପାଇ ଶ୍ରୀଜଗନ୍ନାଥଙ୍କୁ ସ୍ମରଣ କଲେ । ପ୍ରଭୁ ଯାହାର କେହି ନଥାନ୍ତି ଆପଣ ପରା ତାକୁ ସାହା ହୁଅନ୍ତି । ମୁଁ ଆଜି ଆପଣଙ୍କର ଶରଣାପନ୍ନ । ମୋର ମାନ ରକ୍ଷା କରନ୍ତୁ । ଆପଣ ପରା ନୀଳାଚଳ କ୍ଷେତ୍ରରେ ଶରଣରକ୍ଷଣ ବାନା ଉଡ଼ାଉଛନ୍ତି । ଦ୍ରୌପଦୀଙ୍କୁ କୁରୁସଭା ତଳେ ଆପଣ ପରା ରକ୍ଷା କରିଥିଲେ । ମୋତେ ରକ୍ଷା କରନ୍ତୁ । ତା' ପରଦିନ ସେ ଜାଣିବାକୁ ପାଇଲେ ପଡ଼ିଶାଘର ଲୋକେ ପୁରୀ ଶ୍ରୀକ୍ଷେତ୍ର ଯିବେ । ସତୀ ଶିରୋମଣୀ ଅନ୍ନପୂର୍ଣ୍ଣା ସ୍ୱାମୀ ରଘୁନାଥଙ୍କ ନିକଟକୁ ଏକ ଚିଠି ଦେଲେ । ମତେ ଏଠାରୁ ଶୀଘ୍ର ନେଇଯାଅ । ନଚେତ୍ ମୁଁ ଆତ୍ମହତ୍ୟା କରିଦେବି । ପିତାମାତା ମୋର ରାଜାଘର ପୁଅ ସହିତ ବିବାହ ଠିକ୍ କରିଛନ୍ତି । ଆଉ ମାତ୍ର ଦଶଦିନ ବାକି ରହିଲା । ଏଭଳି ଏକ ଚିଠି ପଢ଼ି ରଘୁନାଥଙ୍କ ମୁଣ୍ଡ ଘୂରିଗଲା କ'ଣ କରିବି ? ଶେଷରେ ସିଂହଦ୍ୱାର ନିକଟରେ ଅଧିଆ ପଡ଼ିଲେ । ପ୍ରଭୁ ତୁହିଁ ମୋର ସାହା ଭରସା । ତୋ ଛଡ଼ା ମୋର କେହି ନାହାଁନ୍ତି । ଏତେ କୋଶ ବାଟ ମୁଁ କିପରି ଯିବି ଏତେ କମ୍ ଦିନ ଭିତରେ ।

ନମସ୍ତେ ବାଞ୍ଛା କଳ୍ପତରୁ । କୃପା ସମୁଦ୍ର ମହାମେରୁ ।

ଭୃତ୍ୟ କାମନା-କାମଧେନୁ । ଘୋର ବିପତ୍ତି ତମ-ଭାନୁ ।

ମୋର ସଙ୍କଟ ନିବାରଣେ । ତୁମ୍ଭକୁ ନାହିଁ ଅନ୍ୟ ଜଣେ ।

କିସ କରିବି ଦେବସ୍ୱାମୀ । ତୁମ୍ଭେତ ସର୍ବ ଅନ୍ତର୍ଯ୍ୟାମୀ ।

ବାରକେ ଫେଡ ଅଭିମାନ । ନୋହିଲେ ଗଲାଟି ଜୀବନ ।

ସିଂହଦ୍ୱାର ନିକଟରେ ପଡ଼ି ରହିଥାନ୍ତି । ଭକ୍ତ ବତ୍ସଳ ପ୍ରଭୁ ଜଗନ୍ନାଥ ରତ୍ନସିଂହାସନରେ ରହିପାରିଲେ ନାହିଁ । ରଘୁ ଅରକ୍ଷିତର ଏଭଳି ଦୟନୀୟ ଅବସ୍ଥା ଦେଖି । ଏଣେ ସତୀ ଶିରୋମଣି ଅନ୍ନପୂର୍ଣ୍ଣା ମଧ୍ୟ ଶ୍ରୀଜଗନ୍ନାଥଙ୍କୁ ଆକୁଳ ପ୍ରାର୍ଥନା କରୁଥାନ୍ତି । କିପରି ସ୍ୱାମୀ ପହଞ୍ଚିବେ । ପ୍ରଭୁ ଭକ୍ତର ଆର୍ତ୍ତ ବୁଝିପାରିଲେ । ରାତିପାହିବା ପରେ ରଘୁ ଅରକ୍ଷିତ ଦେଖନ୍ତି ଦୁଇଜଣ ଏକାଠି ଛିଡ଼ା ହୋଇଛନ୍ତି କେଶବଚନ୍ଦ୍ରଙ୍କ ଘରେ । ଏସବୁ ସେହି କରୁଣା ସାଗର ଦୟାମୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କର କରୁଣା । ନିମିଷକ ମଧ୍ୟରେ ପତ୍ନୀ ଅନ୍ନପୂର୍ଣ୍ଣାଙ୍କ ନିକଟରେ ପହଞ୍ଚିଲେ । ଅନ୍ନପୂର୍ଣ୍ଣାଙ୍କ ଭାବାବେଶ ସ୍ୱାମୀଙ୍କୁ ଦେଖି ଉଚ୍ଛୁଳି ଉଠିଲା । ଶ୍ରୀଜଗନ୍ନାଥଙ୍କୁ ଜଣାଇଲେ ପ୍ରଭୁ ସତରେ ଆପଣ ଦୁଃଖୀର ଦୁଃଖ ବୁଝନ୍ତି । ଶ୍ୱଶୁରଶାଶୁ ବ୍ୟାଇଁଙ୍କୁ ଦେଖି

ବହୁ ଦୁଃଖ ପ୍ରକାଶ କଲେ । କ'ଣ କରିବେ ଲୋକ ଲଜ୍ୟାକୁ ଡ଼ରି ସ୍ୱାମିଙ୍କୁ ଉପଯୁକ୍ତ ସମ୍ମାନ ଦେଇ ଘରେ ରଖିଲେ ସତ, ମନରେ କପଟତା ଭରି ରହିଥିଲା । ସେମାନେ ସ୍ଥିର କଲେ 'ମୂଳରୁ ମାରିଲେ ଜୀବ ସରି' । ରାତ୍ରି ଭୋଜନରେ ବିଷ ଭରିଦେଲେ । ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ଅନ୍ନପୂର୍ଣ୍ଣା ଜାଣିପାରିଲେ । ଅନ୍ନପୂର୍ଣ୍ଣା ଏକ ପିଠା ତିଆରି କରି ପିଠା ଭିତରେ ଚିଠି ଲେଖିଲେ ରାତି ଭୋଜନରେ ବିଷ ମିଶିଛି, ଖାଇବେ ନାହିଁ । ଦାସୀ ହାତରେ ରାତ୍ରି ଭୋଜନରେ ପିଠା ଦେଲେ ପତ୍ନୀ ଅନ୍ନପୂର୍ଣ୍ଣା । ରଘୁନାଥଙ୍କ ନିକଟରେ ରାତ୍ରି ଭୋଜନ ପହଞ୍ଚିଲା ପରେ ଭକ୍ତ ରଘୁନାଥ ଶ୍ରୀଜଗନ୍ନାଥଙ୍କୁ ଭୋଗ ଲଗାଇ ପତ୍ନୀ ଦେଇଥିବା ପିଠାକୁ ପ୍ରଥମେ ଭାଙ୍ଗିଲେ । ଚିଠିଟି ପଢ଼ି ପ୍ରଥମେ ହତଚକିତ ହୋଇଗଲେ । କ'ଣ କରିବେ ଯେଉଁ ପ୍ରସାଦ ସେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଛନ୍ତି ତାହାତ ପ୍ରଭୁ ଗ୍ରହଣ କରିଛନ୍ତି । ସେତ ଶ୍ରୀ ମହାପ୍ରସାଦ ମୋ ଲାଗି । ଜଗନ୍ନାଥଙ୍କୁ ସ୍ମରଣ କରି ପ୍ରସାଦ ଗ୍ରହଣ କଲେ ।

ଶାଶୁ ଶଶୁରଙ୍କ ମନ ଭାରି ଖୁସି । ରାତି ପାହିଲେ ଶବ ସତ୍କାର କିପରି ହେବ, ଲୋକଙ୍କୁ କହିବେ ସର୍ପ ଦଂଶନରେ ମରିଗଲା । ସତୀ ଶିରୋମଣୀ ଅନ୍ନପୂର୍ଣ୍ଣା ସ୍ୱାମୀର ଚିନ୍ତାରେ ଅଧିର ହୋଇପଡ଼ିଲେ । ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆକୁଳ ପ୍ରାର୍ଥନା କରି ରାତି ପାହିଲା । ଶାଶୁ ଶଶୁରଙ୍କ ମନ ଖୁସିରେ ନାଚି ଉଠୁଛି । ଅନ୍ନପୂର୍ଣ୍ଣା ଅଗ୍ନିରେ ଝାସ ଦେବାଲାଗି ପ୍ରସ୍ତୁତ ହେଉଥାନ୍ତି । ଦୁଃଖୀର ଦୁଃଖ ନିବାରଣ କରିବା ଲାଗି ପ୍ରଭୁଙ୍କର ଅବତାର । ମୁହୂର୍ତ୍ତକ ଭିତରେ ବିଷକୁ ଅମୃତ କରିଦେଲେ । ରଘୁ ଅରକ୍ଷିତଙ୍କୁ ଡାକିଲେ, ଧନ ତୁ ଉଠିଯା କାହିଁକି ଶୋଇଛୁ । ଆଖି ଖୋଲି ରଘୁ ଦେଖେତ କୋଟି ଲାବଣ୍ୟନିଧି ଜଗତର ନାଥ ତାଙ୍କ ସମ୍ମୁଖରେ ଦଣ୍ଡାୟମାନ । ପାଦସ୍ପର୍ଶ କରିବାକୁ ଯାଆନ୍ତେ ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ।

ରାତି ପାହିଲା, ଶାଶୁଶ୍ୱଶୁର ଦେଖିଲେ ସ୍ୱାମିଙ୍କ ରଘୁନାଥଙ୍କ ମୁହଁରେ ଜୟ ଜଗନ୍ନାଥଙ୍କ ଧ୍ୱନି ଶୁଭୁଛି । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ପତ୍ନୀ ଅନ୍ନପୂର୍ଣ୍ଣା ପ୍ରଭୁଙ୍କ ପାଦତଳେ ପଡ଼ି ରହିଥିଲେ । ସ୍ୱାମୀ ବଞ୍ଚିଥିବା ଜାଣି ଏ ଶରଣାପନ୍ନକୁ ରକ୍ଷା କରିଛୁ କହି ପ୍ରଣାମ ଜଣାଇ ସ୍ୱାମୀ ପାଦତଳେ ପଡ଼ି କାନ୍ଦିବାକୁ ଲାଗିଲା । ଏହାପରେ ରଘୁନାଥ ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ସାଥିରେ ଶ୍ରୀକ୍ଷେତ୍ର ନେଇଯିବାକୁ ଶାଶୁଶଶୁରଙ୍କ ଠାରୁ ଅନୁମତି ମାଗିଲେ । କେଶବ ଚନ୍ଦ୍ର ତା'ର ପତ୍ନୀ ବିଚରା ଆଉ କରିବେ କ'ଣ କନ୍ୟାକୁ ସ୍ୱାମିଙ୍କ ରଘୁନାଥ ସହିତ ବିଦା କଲେ ।

ଯେଉଁ ରାଜାପୁଅ ସହିତ ବାହାଘର ଅନ୍ନପୂର୍ଣ୍ଣାରି ସ୍ଥିର ହୋଇଥିଲା ସେମାନେ ଏସବୁ ଶୁଣି କ୍ରୋଧରେ ଜର୍ଜରିତ ହୋଇ ଅନେକ ସୈନ୍ୟ ସାମନ୍ତ ପଠାଇଲେ । ରଘୁନାଥ ତା'ର ପତ୍ନୀ କରିବେ କ'ଣ ? ସେହି ଦୟାମୟ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କଲେ । ଭକ୍ତର ଡାକ ଶୁଣି ଭଗବାନ ରହିପାରିଲେ ନାହିଁ ଶ୍ରୀକ୍ଷେତ୍ରରେ ତତ୍‌କ୍ଷଣାତ୍ ଆସି ପହଞ୍ଚିଲେ ସୈନିକ ବେଶରେ ରଘୁନାଥଙ୍କ ନିକଟରେ । ପଛପଟୁ ଡାକିଲେ, ରହିଯାଅ । ତୁମେ ଦୁଇଜଣ କିଏ କୁଆଡ଼େ ଯାଉଛ, "ତୁମ ପଛପଟେ ସୈନ୍ୟସାମନ୍ତ କାହିଁକି ଆସୁଛନ୍ତି ? ମାୟାଧରଙ୍କ ମାୟା ବୁଝିବ କିଏ ? ପତିପତ୍ନୀ ମାୟାଧରଙ୍କ ମାୟା ବୁଝିପାରିଲେ ନାହିଁ । କେବଳ ଏତିକି କହିଲେ ଆମେ ଦୁହେଁ ପତିପତ୍ନୀ ଶ୍ରୀକ୍ଷେତ୍ରକୁ

ଯାଉଛୁ । ଏ ମନ୍ଦବୁଦ୍ଧିମାନେ ଆମକୁ ଧରିନେବାକୁ ଆସୁଛନ୍ତି । ଆମକୁ ସେହି ପରମ ଦୟାଳୁ ପ୍ରଭୁ ଶ୍ରୀଜଗନ୍ନାଥ ଭରସା । ଆମର କେହି ନାହାଁନ୍ତି । ସେ ଆମକୁ ବିପଦରୁ ରକ୍ଷା କରିବେ । ଏହି ସମୟରେ ରାଜା ପଠାଇଥିବା ସୈନ୍ୟସାମନ୍ତ ଦେଖିଲେ, ରଘୁନାଥ ତା'ର ପତ୍ନୀଙ୍କ ପଛପଟେ ଶହ ଶହ ଅଶ୍ୱାରୋହୀ । ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ରାଜ୍ୟର ସୀମା ପର୍ଯ୍ୟନ୍ତ ଆସି ରାଜାଙ୍କ ସୈନ୍ୟସାମନ୍ତ ଫେରିଗଲେ । କରୁଣାନିଧି ଶ୍ରୀଜଗନ୍ନାଥ ସେମାନଙ୍କ ପଳାୟନ ଦେଖି ରଘୁ ଓ ତା'ର ପତ୍ନୀଙ୍କୁ ଆଶ୍ୱାସନା ଦେଇ ଅନ୍ତର୍ଦ୍ଧାନ ହୋଇଗଲେ ।

ରଘୁନାଥ ତା'ର ପତ୍ନୀ ଶ୍ରୀକ୍ଷେତ୍ରରେ ପହଞ୍ଚି କିଛି ପଇସା ବିନିମୟରେ ଛୋଟ କୁଟୀରଟିଏ କିଣିଲେ । ସ୍ୱାମୀସ୍ତ୍ରୀ ଡାରି ଭିତରେ ବାସ କଲେ । ରଘୁ ଅରକ୍ଷିତ ଭିକ୍ଷା ଯାହା ଆଣନ୍ତି ଦୁଇଜଣ ଚଳିଯାଆନ୍ତି । କିଛି ଦରିଦ୍ରମାନଙ୍କୁ ଦାନ ବି ଦିଅନ୍ତି ।

ଦିନକର କଥା ସାତଜଣ ସାଧୁ ଆସି ତାଙ୍କ କୁଟୀରରେ ପହଞ୍ଚି କିଛି ଖାଇବାକୁ ମାଗିଲେ । ଅତିଥି ସେବାହିଁ ଈଶ୍ୱର ସେବା । ହେଲେ କ'ଣ କରିବେ ପାଖରେ ତ କାଣି କଉଡ଼ିଟିଏ ବି ନାହିଁ । କିପରି ସାତଜଣ ସାଧୁଙ୍କୁ ସନ୍ତୁଷ୍ଟ କରିବେ । ଏହି ଚିନ୍ତାରେ ରଘୁନାଥ କିଛି ଚିନ୍ତା କରିବା ପୂର୍ବରୁ ପତ୍ନୀ ଅନ୍ନପୂର୍ଣ୍ଣା ଶରୀରରୁ ସମସ୍ତ ଅଳଙ୍କାର ଖୋଲିଦେଇ ସ୍ୱାମୀଙ୍କୁ ଦେଇ କହିଲେ, ଏସବୁ ନେଇ ଜମିଦାରଙ୍କ ନିକଟରେ ରଖି କିଛି ଅର୍ଥ ଆଣ । ସେହି ଅର୍ଥରେ ଆମେ କିଛି ଖାଦ୍ୟ ଯୋଗାଡ଼ କରି ସାଧୁମାନଙ୍କୁ ଭୋଜନ ବ୍ୟବସ୍ଥା କରିବା । ରଘୁନାଥ ଭାବିଲେ, ମୁଁ ତ ଭିକାରୀଟିଏ । ଏସବୁ ଅଳଙ୍କାର ଦେଖି ମତେ ସନ୍ଦେହ କରିବେ । ଦେଖି ସେ ଅଳଙ୍କାର ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ଦେଇ ଜମିଦାରଙ୍କ ନିକଟକୁ ଗଲେ । କାମୁକ ଜମିଦାର ଅନ୍ନପୂର୍ଣ୍ଣାଙ୍କୁ ଦେଖି ତା'ର ମନ୍ଦବୁଦ୍ଧି ଆସିଲା । ଅନ୍ନପୂର୍ଣ୍ଣାଙ୍କୁ ଆସିବାର କାରଣ ପଚାରି କିଛି ଅର୍ଥ ଦେଲେ । ଅଳଙ୍କାର ଦେବା ପରିବର୍ତ୍ତେ ତାଙ୍କଠାରୁ ଗୋଟିଏ ରାତି ରତିଦାନ ଚାହିଁଲେ । ଅନ୍ନପୂର୍ଣ୍ଣା ଏକଥା ଶୁଣି ମୁଣ୍ଡରେ ଚଡ଼କ ପଡ଼ିଲା କ'ଣ କରିବେ । ଗୋଟିଏ ପଟେ ସତୀତ୍ୱ ଅନ୍ୟ ପଟେ ଅତିଥି ସେବା । ଶେଷରେ ପ୍ରଭୁ ତୁ ଭରସା ମୋ ଅତିଥି ମୋ ଦୁଆରୁ ନ ଫେରନ୍ତୁ କହି ଅର୍ଥ ଆଣି ଆସିଲା ଏବଂ ପ୍ରତିଶ୍ରୁତି ଦେଇଥିଲେ ଆଜି ରାତିରେ ଜମିଦାରଙ୍କୁ ଦେହଦାନ କରିବେ ବୋଲି । ଏସବୁ ଘଟଣା ସ୍ୱାମୀ ରଘୁନାଥଙ୍କୁ ଜଣାଇଲେ । ରଘୁନାଥ ମନଦୁଃଖ କଲେ କ'ଣ କରିବେ ସବୁ ସେହି ମୋର କରୁଣାବତାର ଶ୍ରୀଜଗନ୍ନାଥ ଯାହା କରିବେ ।

ଅନ୍ନପୂର୍ଣ୍ଣା ଆଣିଥିବା ଅର୍ଥରେ ଖିରୀ, ଖେଚୁଡ଼ି, ପିଠା ଏବଂ ଅନ୍ୟାନ୍ୟ କେତେ ପ୍ରକାର କରି ଅତିଥିମାନଙ୍କୁ ଭୁରି ଭୋଜନ ଓ ଦକ୍ଷିଣା ଦେଲେ । ସେମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରି ବିଦା କଲେ । ଏଣେତ ଜମିଦାରଙ୍କ ନିକଟରେ ବଚନବଦ୍ଧ । ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ କରୁଣ ପ୍ରାର୍ଥନା ଜଣାଇ ଜମିଦାର ଆସିବା ପାଇଁ ଚାହିଁ ବସିଲେ । ରାତ୍ରିର କିଛି ସମୟ ପରେ ମନ୍ଦ ନଷ୍ଟ ବୁଦ୍ଧି କାମୁକ ମନ ଭିତରେ ଅସରନ୍ତି ସ୍ୱପ୍ନ ଆଣି ଆସି ପହଞ୍ଚିଲା । ସତୀ ଶିରୋମଣୀ ଅନ୍ନପୂର୍ଣ୍ଣା କିନ୍ତୁ ମନ ଭିତରେ ପ୍ରଭୁଙ୍କୁ ଡାକୁଥାଏ । ହେ ଦୟାମୟ, ଦୟାସାଗର ମୋର ଭରସା ତୁଅ । ସ୍ୱାମୀ ରଘୁନାଥ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ତଳେ ଆକୁଳ ନିବେଦନ କରି ପଡ଼ି ରହିଥାନ୍ତି ।

କିନ୍ତୁ ଏ କ'ଣ ହେଲା । କାମୁକ ଜମିଦାର ଅନ୍ନପୂର୍ଣ୍ଣା ରହିଥିବା ଘରେ କବାଟ ଖୋଲିବା ପରେ ଘରକୁ ପ୍ରବେଶ କରନ୍ତେ ଯାହା ଦେଖିଲେ ସେଥିରେ ସେ ବିଚଳିତ ହୋଇଗଲେ । ଆଣିଥିବା ଆଖିରେ ଆଖିଏ ସ୍ୱପ୍ନ ତା'ର ନିମିଷକ ମଧ୍ୟରେ ଉଭେଇଗଲା । ସଙ୍ଗେ ସଙ୍ଗେ ସତୀ ଶିରୋମଣୀ ଅନ୍ନପୂର୍ଣ୍ଣାଙ୍କ ପାଦତଳେ ଲମ୍ବ ହୋଇ ପଡ଼ିଯାଇ ଭୋ ଭୋ କାନ୍ଦିବାକୁ ଲାଗିଲେ ଏବଂ କହିଲେ ମା, ମୋତେ କ୍ଷମା ଦେ । ମୁଁ ଆଉ ଏଭଳି ଭୁଲ୍ କରିବି ନାହିଁ । ମୋ ଆଖି ଖୋଲିଦେଲୁ । ଆଜିଠାରୁ ମୁଁ ତୋର ପୁତ୍ର । ମା' ମୋତେ କ୍ଷମା ଦେଇଦେ କହି ପାଦତଳେ ପଡ଼ି ରହିଥାଏ । ରାତି ପାହିଲା, ରଘୁନାଥ ରାତିସାରା ସେହି ଜଗତରନାଥ ଜଗନ୍ନାଥଙ୍କ ପାଦପଦ୍ମକୁ ଭରସା କରି ପ୍ରାର୍ଥନା କରି ଶେଷରେ ଗଲା ପତ୍ନୀ ଅନ୍ନପୂର୍ଣ୍ଣାଙ୍କୁ ଦେଖିବା ଲାଗି । କେମିତି ରଖିଛନ୍ତି ତା'ର ପ୍ରଭୁ ଶ୍ରୀଜଗନ୍ନାଥ । ଯାହା ଦେଖିଲେ ସେଥିରେ ଆଶ୍ଚର୍ଯ୍ୟ ହୋଇଗଲେ । ଜମିଦାର ରଘୁନାଥଙ୍କୁ ଦେଖିବା କ୍ଷଣି ତାଙ୍କ ପାଦତଳେ ପଡ଼ି କ୍ଷମା ମାଗିଲା । ରଘୁନାଥ ଦେଖୁଛନ୍ତି ଶ୍ରୀଜଗନ୍ନାଥ ତା'ର ସତୀ ଶିରୋମଣୀ ଅନ୍ନପୂର୍ଣ୍ଣାଙ୍କୁ ନିଜର ସନ୍ତାନ ବତ୍ସଳ ପିତାଙ୍କ ପରି କୋଳରେ ଧାରଣ କରି ପଲଙ୍କ ଉପରେ ବିଜେ କରିଛନ୍ତି । ରଘୁ ଦେଖନ୍ତେ ପ୍ରଭୁ ଅପସରି ଗଲେ । ତିନିଜଣଯାକ ଭାବ ଗଦ୍‌ଗଦ୍ କଣ୍ଠରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ କୀର୍ତ୍ତନ କରିବାକୁ ଲାଗିଲେ । ଧନ୍ୟ ପ୍ରଭୁ ଶ୍ରୀଜଗନ୍ନାଥ । ଆପଣଙ୍କୁ କିଏ କହିଲା ଆପଣ ଦୁଃଖୀର ଦୁଃଖ ଶୁଣନ୍ତି ନାହିଁ । ଧନ୍ୟ ପ୍ରଭୁ ଶ୍ରୀଜଗନ୍ନାଥ । କିଏ ତାଙ୍କ ମହିମା ବର୍ଣ୍ଣନା କରିପାରିବ । ପରଂବ୍ରହ୍ମ ବ୍ରହ୍ମରାଶି ପରାତ୍ପର ପ୍ରଭୁ ଶ୍ରୀଜଗନ୍ନାଥ ନିମିଷକ ମଧ୍ୟରେ ଭକ୍ତର ଦୁଃଖ ହରଣ କରିନିଅନ୍ତି । ଭକ୍ତକୁ ସବୁବେଳେ ସେ ରକ୍ଷା କରନ୍ତି । ଭକତ ଭାବରେ ସେ ସବୁବେଳେ ବନ୍ଧା ହୋଇଥାନ୍ତି । ଭକ୍ତର ସେ ବନ୍ଧୁ । ପୁତ୍ର, ସଖା କୋଟି ଲାବଣ୍ୟନିଧି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ ତଳେ ଆମେ ସମସ୍ତେ ଶରଣ ନେଇ ପ୍ରାର୍ଥନା କଲେ ଆମର ଦୁଃଖକୁ ସେ ନାଶନ କରିବେ ।

।। ଜୟ ଜଗନ୍ନାଥ ।।

●

# ନକଲି ଭୂତ

ଅନନ୍ତ ନାୟକ
+୨ ପ୍ରଥମ ବର୍ଷ, କଳା

ବାସୁଦେବପୁର ନାମରେ ଗୋଟିଏ ଛୋଟିଆ ଗାଁ ଟିଏ । ସେହି ଗାଁରେ ନିଧି ସାଆନ୍ତ ନାମରେ ଜଣେ ଜମିଦାର ଥା'ନ୍ତି । ସେ ଥିଲେ ଜଣେ ଦୟାଳୁ, ପରୋପକାରୀ ଲୋକ । ସେହି ଗାଁର ସବୁ ଲୋକମାନଙ୍କର ସୁଖଦୁଃଖ ବୁଝନ୍ତି । ତାଙ୍କର ଜମିବାଡ଼ି, ତୋଟା ବଗିଚାର କଳନା ନାହିଁ । ଗାଁର କୃଷକ ଲୋକମାନେ ତାଙ୍କ ଜମିରେ ଫସଲ କରନ୍ତି । ଯାହା ଅମଳ କରାଯାଏ ଭାଗ ବାଣ୍ଟି ନିଅନ୍ତି । କିନ୍ତୁ ଗାଁ ପିଲାମାନଙ୍କର ସବୁଠାରୁ ପ୍ରିୟ ଥିଲା ଆମ୍ବ ତୋଟା । ଆମ୍ବ ତୋଟାରେ ଯେଉଁ ସମୟରେ ଆମ୍ବ

ଫଳେ ସେହି ସମୟରେ ପିଲାମାନଙ୍କର ଲାଗିଯାଏ ତୋଟା ଭିତରେ ଯାତରା । ପିଲାମାନେ ମନଖୁସିରେ ଆମ୍ବ ଖାଆନ୍ତି ଆଉ ମଧ ଘରକୁ ନିଅନ୍ତି । ଏଥିରେ ନିଧି ସାଆନ୍ତେ ପିଲାମାନଙ୍କୁ ଜମାରୁ ଆକଟ କରନ୍ତି ନାହିଁ ଓଲଟା ଯାଅ ଯିଏ ଯେତେ ପାରୁଛ ନେଇଯାଅ ବୋଲି ନିଜଆଡୁ କହି ପକାନ୍ତି । ପିଲାମାନେ ନିଧି ସାଆନ୍ତେଙ୍କୁ ନିଧି ଜେଜେ ଡାକିଦେଲେ ତାଙ୍କ ମନତ କୁଣ୍ଢେ ମୋଟ ଆଉ ସେ ପିଲାଙ୍କୁ ଆକଟ କରିବେ କ'ଣ ? ସେହି ଗାଁରେ ସନିଆ ଆଉ ମନୁଆ ଭାରି ସାଙ୍ଗ । ବୁଦ୍ଧିରେ ଦୁହେଁ ଓସ୍ତାଦ୍ କାମରେ ବି ସେମିତି । ଥରେ ନିଧି ସାଆନ୍ତେଙ୍କ ଆମ୍ବ ତୋଟାରେ ଏମିତି ଆମ୍ବ ଆସିଲା ଯେ କହିଲେ ନସରେ । ପ୍ରଥମେ କଞ୍ଚା ସୁଆଦିଆ ଆମ୍ବ ତା'ପରେ ପାଚିଲା ଆମ୍ବ । ଏଥର ମଧ ପିଲାମାନଙ୍କର ଯାତରା ଲାଗିଗଲା ଆମ୍ବ ତୋଟାରେ । ଖଦ୍ କିନା ଶବ୍ଦ ହେଲେ ପିଲାମାନେ ଦୌଡ଼ନ୍ତି ଆମ୍ବତୋଟାକୁ । ଗୋଟେ ଆମ୍ବକୁ ତ ଗୋଠେ ପିଲା ଯିଏ ପାଇଲା ତା'ର । ଏତେ ଧାଁ ଦଉଡ଼ ଭିତରେ ସନିଆ ଆଉ ମନୁଆ ଭାଗରେ ଗୋଟେ କିମ୍ବା ଦୁଇଟା ବେଳେବେଳେ କିଛିବି ଆମ୍ବ ପଡ଼େନି । ଏଥିରେ ସନିଆ ମନୁଆ ମନରେ ଭାରି ଦୁଃଖ । ଦିନେ ଭାବିଲେ, କିପରି ସବୁତକ ଆମ୍ବ ଆମେ ପାଇପାରିବା । ସନିଆର ମୁଣ୍ଡତ ଅକଲର ଖଣି । ହଠାତ୍ ତା ମୁଣ୍ଡକୁ ଗୋଟିଏ ବୁଦ୍ଧି ଆସିଲା ସେ ମନୁଆର କାନରେ ଚୁପ୍ ଚୁପ୍ କରି କହିଲା । ତା'ପରେ ଦୁହେଁ ହସାହସି ହୋଇ ସେଠାରୁ ଫେରିଲେ । ତା ପରଦିନ ସନିଆ କହିଥିବା କଥାଟା ଗାଁ ପିଲାଙ୍କ ଆଗରେ କହିଲା ଯେ, ଆମ୍ବତୋଟାର ଗୋଟିଏ ଗଛରେ ଭୂତଟାଏ ସବାର କରିଛି ଆଉ ତା'ର ମଧ ବିକଟାଳ ରଡ଼ି ଶୁଣିଛି । ପିଲାମାନେ ମନୁଆର କଥାଶୁଣି କହିଲେ ଯେ ଏ ବିଜ୍ଞାନ ଯୁଗରେ ଭୂତ, ପ୍ରେତ ବୋଲି କିଛି ନାହିଁ । ଏସବୁ ଅନ୍ଧବିଶ୍ୱାସ, ଏହାକହି ପିଲାମାନେ ହସିଦେଲେ । ଏଥିରେ ମନୁଆ ନିଜର ଆଖି ଛୁଇଁ ବିଦ୍ୟାରାଣ ପକାଇ କହିଲା, ଏଥର ଡରୁଆ ପିଲାମାନେ ଟିକିଏ ଦବିଗଲେ । ଅନ୍ୟ ପିଲାମାନେ କହିଲେ, ଆମ୍ବତୋଟାରେ କିଛି ଗୋଟିଏ ତାଲ୍ ରହିଛି । ମନୁଆ ସେଠାରୁ ଆସି ସବୁକଥା ସନିଆକୁ କହିଲା । ସନିଆ ଏଥିରେ ଆଶ୍ଚର୍ଯ୍ୟ ହୋଇଗଲା । ତା'ର ଏତେବଡ଼ ଜ୍ଞାନ ଫସର ଫାଟିଗଲା । ହେଲେ ସନିଆ ଅଟଳ ରହିଲା । ମନୁଆକୁ କହିଲା, କାଲି ଦ୍ୱିପହର ବେଳେ ପିଲାମାନଙ୍କୁ ନେଇ ପୂର୍ବ ପରି ଆମ୍ବତୋଟାକୁ ଆସିବୁ । ତା'ପରେ ଦେଖିବା ପିଲାମାନେ ଡ଼ରିବେନି କେମିତି ? ଏମିତି ଡରିବେ ଯେ ଆମ୍ବ ଖାଇବାତ ଦୂରର କଥା ଆମ୍ବ ତୋଟାକୁ ମଧ ଆସିବାକୁ ସାହାସ କରିବେନି । ତା ପରଦିନ ସକାଳୁ ସନିଆ ଚୂନ ଆଉ କଳାରଙ୍ଗ ନିଜ ଦେହସାରା ମାରିଦେଲା । ନକଲି ଭୂତ ମୁଖାଟାଏ କାଗଜରେ ତିଆରି କରି ତାକୁ ନିଜ ମୁହଁରେ ମାରିଲା । ତା'ପରେ ସନିଆ ଅବିକଳ ନକଲି ଭୂତ ପରି ଦେଖାଗଲା । ଦ୍ୱିପହର ବେଳେ ମନୁଆ ଗାଁ ପିଲାମାନଙ୍କୁ ସାଥିରେ ଡାକି ପୂର୍ବପରି ଆମ୍ବତୋଟାକୁ ଗଲା । ହେଲେ ସନିଆ ଆଗରୁ ଭୂତ ବେଶଧାରୀ ଗଛ ଉପରେ ବସିଛି ବୋଲି ପିଲାଙ୍କୁ ଜଣା ନଥାଏ । ତୋଟା ଭିତରେ ପିଲାମାନେ ଆମ୍ବ ଖୋଜା ଖୋଜି କରୁ କରୁ ହଠାତ୍ ଗୋଟିଏ ବିକଟାଳ ରଡ଼ି ଶୁଭିଲା । ପିଲାମାନେ ଏଥିରେ ଭୟଭିତ ହୋଇଗଲେ କାହିଁକିନା ଆଗରୁ ତ ମନୁଆ ପାଖରୁ ଭୂତ ଅଛି ବୋଲି ଶୁଣିଥିଲେ । ଏଥର ବିକଟାଳ ରଡ଼ି ଶୁଣି ଡରିଗଲେ । ଏହି ସମୟରେ

ପିଲାମାନଙ୍କୁ ଆଉ ଟିକିଏ ଭଲକରି ଡରାଇବା ପାଇଁ ଗୋଟିଏ ଡାଳକୁ ଟାଣିଦେଇ ଆଉ ଗୋଟିଏ ଡାଳକୁ ଡେଇଁବା ସମୟରେ ସନିଆର ହାତ ଖସିଗଲା । ସଙ୍ଗେ ସଙ୍ଗେ ତଳେ ଦୁମ୍ କରି କଚାଡ଼ି ହୋଇପଡ଼ିଲା । ମା ଲୋ, ମରିଗଲି ଲୋ କହି ଚିତ୍କାର କଲା । ଭୂତର ଏପରି ଗଛଚଢ଼ିଆଁ ସାଙ୍ଗକୁ କିଳିକିଳା ରଡ଼ି ଶୁଣି କିଏବା ସେଠି ଆଉ ରହେ । ସମସ୍ତେ ଡିଆଁ ମାରି ଚମ୍ପଟ୍ । ଏତେସବୁ ଘଟଣା ପରେ ମନୁଆ ମଧ୍ୟ ପିଲାମାନଙ୍କ ସହ ଚମ୍ପଟ୍ । ବିକଳରେ ମନୁଆର ପାଟିରୁ ସତକଥାଟା ବାହାରି ପଡ଼ିଲା । ସବୁକଥା ଶୁଣି ପିଲାମାନେ ତୋଟାକୁ ଗଲେ । ଦେଖିଲା ବେଳକୁ ପିଲା ଭୂତଟାଏ ଗଛରେ ଡ଼େଇଁବା ସମୟରେ ତଳେପଡ଼ି ତା'ର ଗୋଡ଼ହାତ ଭାଙ୍ଗି ଯାଇଥାଏ । ଆଗ ଛାମୁଦାନ୍ତ ଦୁଇଟା ବି ନଥାଏ । କାଗଜ ତିଆରି ନକଲି ଭୂତ ମୁଖାଟା କୁଆଡ଼େ ପଡ଼ିଥାଏ । ବିକଳରେ ଭୂତଟା ମରିଗଲି ମରିଗଲି ବୋଲି ପାଟି କରୁଥାଏ । ଗାଁ ପିଲାମାନେ ସେହି ପିଲା ଭୂତ ସନିଆକୁ ଟେକା ଟେକି କରି ଘରକୁ ଆଣିଲେ । ସେଇ ଗାଁରେ ଜଣେ ଭଲ ବୈଦ୍ୟ ଥିଲେ । ତାଙ୍କୁ ଡକାଗଲା । ସନିଆର ଏପରି ଅବସ୍ଥା ଦେଖି ତା'ର ଦେହ ଭଲ ହେବା ପାଇଁ ମାସେ ସମୟ ଲାଗିବ ବୋଲି କହିଲେ । ମନୁଆ ମିଛଟାରେ ଭୂତ ଅଛି ବୋଲି ଆଖି ଛୁଇଁ ବିଦ୍ୟାରାଣ ପକାଇ ଥିବାରୁ ସେ ବଡ଼ ମିଛୁଆ ବୋଲି ପିଲାମାନଙ୍କ ଆଗରେ ଧରାପଡ଼ିଲା । ସେହି ଦିନଠାରୁ ମନୁଆ ଆଉ ସନିଆ ଗାଁ ପିଲାଙ୍କୁ ମୁହଁ ଦେଖାଇ ପାରନ୍ତି ନାହିଁ କି ତାଙ୍କ ସହିତ ମିଳାମିଶା କରିପାରନ୍ତି ନାହିଁ । ମିଛକଥା କହି ମିଛ କାମ କରି ସନିଆ ଆଉ ମନୁଆ କେତେ ହଟହଟା ନ ହେଲେ ସତେ ।

●

# ପରୋପକାରୀ

ରତିରଂଜନ ମହାରଣା
+୨ ପ୍ରଥମ ବର୍ଷ, କଳା

ସଂନ୍ଧ୍ୟାବେଳ, ବିଦ୍ୟାଳୟ ଛୁଟି ହୋଇଯାଇଥାଏ । ମାଧବ ଘରକୁ ଫେରୁଛି । ଏତିକି ବେଳେ ରାସ୍ତାରେ ସେ ଗୋଟିଏ ପିଲାକୁ ଭେଟିଲା । ପିଲାଟି ଧୂଳିରେ ପଡ଼ି କାନ୍ଦୁଥିଲା । ତା ବହିପତ୍ର ଖେଳାଇ ହୋଇ ପଡ଼ିଥିଲା । ତା ଗୋଡ଼ ଖଣ୍ଡିଆ ହୋଇଯାଇ ସେଥିରୁ ରକ୍ତ ବାହାରୁଥିଲା । ମାଧବ ତା' ପାଖକୁ ଯାଇ ତା'ର ବହିଗୁଡ଼ିକ ଗୋଟାଇ ତା ବ୍ୟାଗ୍‌ରେ ପୁରାଇଲା ଓ ତା'ର ଲୁହ ପୋଛିଦେଲା । ତା' ହାତଧରି ଉଠାଇଲା । ପିଲାଟିକୁ ମାଧବ ତାଙ୍କ ଘରକୁ ନେଇଆସିଲା । ଘରେ ତା ମା' ଥିଲେ । ସେହି ପିଲାଟିର ଘା' ଟିକୁ ପରିଷ୍କାର କରି ଧୋଇଦେଇ ମଲମ ଲଗାଇ ଦେଲେ ଓ ତାକୁ କିଛି ମିଠାଇ ଖାଇବାକୁ ଦେଲେ । ପିଲାଟି ହସି ହସି ଘରକୁ ଫେରିଗଲା । ତା'ପରେ ମା' ପଚାରିଲେ, ''ବାପା ମଧୁ, ତୋର ଏହି ସାଙ୍ଗର ନାଁ କ'ଣ ? ସେ କ'ଣ ତୋ ସହିତ ପଢ଼େ ?''

ମାଧବ କହିଲା, ''ନାଁ ମା', ସେ ମୋ ସହିତ ପଢ଼େନାହିଁ କି ମୋ ସାଙ୍ଗ ନୁହେଁ । ବିଚରା ଭାଷାରେ ପଡ଼ି କାନ୍ଦୁଥିଲା । ତେଣୁ ମୁଁ ତାକୁ ଘରକୁ ନେଇ ଆସିଲି ।'' ମା' କହିଲେ, ''ସାବାସ୍ ମଧୁ, ତୁ ବହୁତ ଭଲ କରିଛୁ । ଯିଏ ବି ଦୁଃଖ ପାଉଥିବ, ତାକୁ ସାହାଯ୍ୟ କରିବା ମନୁଷ୍ୟର କର୍ତ୍ତବ୍ୟ ।'' ମାଧବ ଏହିପରି ପରୋପକାରୀ ଥିଲା । ସେ ମଧ ଭାବୁକ ସ୍ୱଭାବର ଥିଲା । ତାକୁ ବହି ପଢ଼ିବାକୁ ବହୁତ ଭଲ ଲାଗୁଥିଲା । ଗୋଟିଏ ଉପନ୍ୟାସରେ ଗୋଟିଏ ଭଲ ପିଲାଟିଏ ବିପଦରେ ପଡ଼ି ହଇରାଣ ହେବା କଥା ବର୍ଣ୍ଣିତ ଥିଲା ତାକୁ ପଢ଼ିବା ସମୟରେ ମାଧବକୁ କାନ୍ଦ ଲାଗିଲା । ମାଧବର କାନ୍ଦିବା ଦେଖି ମା' ଆଶ୍ଚର୍ଯ୍ୟ ହୋଇଗଲେ । ତା'ର କ'ଣ ହେଲା ବୋଲି ପଚାରିଲେ । ମାଧବ ସେହି ପିଲାଟିର କରୁଣ କାହାଣୀ ମା'କୁ ଶୁଣାଇଲା ଏବଂ ଶେଷରେ କହିଲା, ''ମା', ଦେଖ ବିଚରା କେତେ ଅସୁବିଧାରେ ପଡ଼ିଛି । କେଜାଣି କେମିତି ସେ ବିପଦରୁ ମୁକୁଳିବ ?''

ମା' କହିଲେ, ''ଚିନ୍ତା କରନା, ନିଶ୍ଚୟ ତା'ର ବିପଦ ଦୂର ହୋଇଯିବ । ଭଗବାନ ଭଲ ଲୋକମାନଙ୍କୁ ସାହାଯ୍ୟ କରନ୍ତି ।'' ଛୋଟ ପିଲାମାନେ ବେଳେବେଳେ ବିନା କାରଣରେ କ'ଣ କରିପକାନ୍ତି । ଥରେ ଅଗଣାରେ ବସି ମାଧବ ଦଣ୍ଡା ବାଡ଼େଉଥିଲା । ଏକଥା ଦେଖି ମା' କହିଲେ, ପୁଅ ଭଲ ପିଲାମାନେ ଏମିତି କରନ୍ତି ନାହିଁ । ଏ ପରା ଆମର ଧରିତ୍ରୀ ମାତା । ତାଙ୍କ ଦେହରେ ଦଣ୍ଡା ବାଡ଼େଇ ତାଙ୍କୁ କଷ୍ଟ ଦେବାକଥା ନୁହେଁ । ''ଧରିତ୍ରୀ ମାତା'' ଏହି ଶବ୍ଦଟି ମାଧବର ଚିରଦିନ ପାଇଁ ମନେ ରହିଗଲା ।

•

# କାଳଜୟୀ କେତେକ ପୁସ୍ତକ ଓ ସେମାନଙ୍କର ସ୍ରଷ୍ଟା

ସ୍ମରଣିକା ସ୍ୱାଇଁ

+୩ ପ୍ରଥମ ବର୍ଷ, କଳା

ପୁସ୍ତକ ଲେଖକ :

ଶ୍ରୀମଦ୍ ଭଗବତ୍ ଗୀତା - ମହର୍ଷି ବେଦବ୍ୟାସ

ଓଡ଼ିଆ ଭାଗବତ - ଜଗନ୍ନାଥ ଦାସ

ରାମାୟଣ - ମହର୍ଷି ବାଲ୍ମୀକି

ମହାଭାରତ - ମହର୍ଷି ବେଦବ୍ୟାସ

ଓଡ଼ିଆ ମହାଭାରତ - ସାରଳା ଦାସ

ରାମଚରିତ ମାନସ - ସନ୍ଥ ତୁଳସୀଦାସ

ପଞ୍ଚତନ୍ତ୍ର - ବିଷ୍ଣୁ ଶର୍ମା

ଅଭିଜ୍ଞାନ ଶକୁନ୍ତଳମ୍ - କାଳିଦାସ

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ (ଓଡ଼ିଆ) - ଗୋପାଳଚନ୍ଦ୍ର

ପ୍ରହରାଜ
ଜ୍ଞାନ ମଣ୍ଡଳ (ଓଡ଼ିଆ) - ବିନୋଦ କାନୁନ୍‌ଗୋ
ସିଦ୍ଧାନ୍ତ ଦର୍ପଣ ବିଶିଷ୍ଟ ବ୍ୟକ୍ତିଙ୍କ ଉକ୍ତି - ସାମନ୍ତ ଚନ୍ଦ୍ରଶେଖର
ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ନେତାଜୀ ସୁବାସ ଚନ୍ଦ୍ର ବୋଷ
ଆରାମ୍ ହାରାମ୍ ହେ - ଜବାହାରଲାଲ ନେହେରୁ
ଜୟ ଜବାନ, ଜୟ କିଷାନ - ଲାଲ ବାହାଦୁର ଶାସ୍ତ୍ରୀ
ଜୟ ଜବାନ, ଜୟ କିଷାନ, ଜୟ ବିଜ୍ଞାନ - ଅଟଳ ବିହାରୀ ବାଜପେୟୀ
ମୋର ଅହିଂସା ଭୀରୁତା ଶିଖାଏ ନାହିଁ - ମହାତ୍ମା ଗାନ୍ଧୀ
ତୃଷ୍ଣା ହିଁ ସବୁ ଦୁଃଖର ମୂଳ - ବୁଦ୍ଧଦେବ
ମୁଁ ସମ୍ପୂର୍ଣ୍ଣ ଭାରତବର୍ଷ ଅଟେ - ସ୍ୱାମୀ ରାମତୀର୍ଥ

**ଆଦର୍ଶ ବାଳକ ଓ ସେମାନଙ୍କର ବିଶେଷ ଗୁଣ :**

| ନାମ | ଗୁଣ |
|---|---|
| ଆରୁଣି | ଗୁରୁ ଭକ୍ତି |
| ଉପମନ୍ୟୁ | ଗୁରୁ ଭକ୍ତି |
| ଅଭିମନ୍ୟୁ | ସାହସୀ |
| ପ୍ରହ୍ଲାଦ | ଈଶ୍ୱର ଭକ୍ତି |
| ଧ୍ରୁବ | ଦୃଢ଼ତା ଓ ଭଗବତ୍ ଭକ୍ତି |
| ଲବ, କୁଶ | ବୀରତ୍ୱ |
| ଶ୍ରବଣ କୁମାର | ମାତୃପିତୃ ଭକ୍ତି |
| ଧର୍ମପଦ | ତ୍ୟାଗ |
| ଅଜିତ୍ ସିଂହ | ଧର୍ମପାଇଁ ବଳିଦାନ ଓ ସାହସୀ |
| କୁଝାର ସିଂହ | ଧର୍ମପାଇଁ ବଳିଦାନ ଓ ସାହସୀ |
| ଫତେହ ସିଂହ | ଧର୍ମପାଇଁ ବଳିଦାନ ଓ ସାହସୀ |
| ଜୋରାବର ସିଂହ | ଧର୍ମପାଇଁ ବଳିଦାନ ଓ ସାହସୀ |
| ଏକଲବ୍ୟ | ଗୁରୁ ଭକ୍ତି |

**କେତେକ ମହାପୁରୁଷଙ୍କ ପିଲାଦିନର ନାମ :**

| ମହାପୁରୁଷ | ପିଲାଦିନ ନାମ |
|---|---|
| ମହାତ୍ମାଗାନ୍ଧୀ | ମୋହନ |
| ବିବେକାନନ୍ଦ | ବିଲେ, ନରେନ୍ଦ୍ର |
| ଆଦି ଶଙ୍କରାଚାର୍ଯ୍ୟ | ଶଙ୍କର |
| ବାଲ୍ମୀକି | ରତ୍ନାକର |
| ତୁଳସୀଦାସ | ରାମ ବୋଲା |
| ଚୈତନ୍ୟ ମହାପ୍ରଭୁ | ନିମାଇ |
| ଭଗତ୍ ସିଂହ | ଭାଗ୍ୟବାନ |
| ରାଣୀ ଲକ୍ଷ୍ମୀ ବାଈ | ମନୁ, ଛବିଲି |
| ସତ୍ୟସାଇ ବାବା | ରାଜୁ |

# ସଂପର୍କ

ସୃଷ୍ଟିର ସତ ପରିଚୟ ପାଇଁ ଦୁଃଖକୁ ସୁଖର ମିତ୍ର କରେ ଏକ ଅସାଧାରଣ ଶବ୍ଦ ଯେ ସଂପର୍କ, ଏଇ ବନ୍ଧୁତା ସଜଳ ସକାଳ ପରି ପବିତ୍ର, ଉଦାସୀ ବିରହୀର ବିଚ୍ଛେଦ ପରି ନିଛକ, ସଂପର୍କ ଏଇ ସମୟରେ ସାଥୀ । ଆଗର ଲମ୍ବା ରାସ୍ତାରେ ହାତକୁ ହାତ ଯୋଡ଼ି ଝକରେ ବାଟ ଦେଖାଇ କହେ ଏଇତ ଠିକ୍ ରାସ୍ତା । 'ନାହିଁ-ହଁର ବ୍ୟବଧାନ ରହେନି ତା' ପାଖରେ ଅଭିନୟ ସତ ହୋଇଥାଏ । ବେଳା ଯେମିତି ଲହରୀର ମିତ । ସେ, ତମେ, ମୁଁ - ସମସ୍ତେ ତା' ପାଖରେ ଏକ ରୂପ ଅରୂପ, ପ୍ରେମ ଏକବାର ପୂର୍ଣ୍ଣ । ମାଟିର ମମତା ଯେମିତି ସଂପର୍କ - ବୁଝା ଅବୁଝାର, ଚିହ୍ନା-ଅଚିହ୍ନାର, ଅନ୍ଧାର-ଆଲୁଅର, ଭଙ୍ଗା-ଗଢ଼ାର, ଗୋଟିପଣେ ଆପଣାର କରି ତୋଳିବା ଭିନ୍ନତାକୁ ଭାଙ୍ଗି ଗୋଟିଏ ଫୁଲ ପେନ୍ଥା କରି ସୁଖ ମିତମୟ ଦୁନିଆଟିଏ, ଅତି ପାଖରେ ଠିଆ ହୋଇ ଚାହିଁବା ଏଇ ପାଖରେ ଆପଣାର କରିବା, ଏଇଠି ତ ଛନ୍ଦାଛନ୍ଦି ହେବାର ସୁନ୍ଦର ମଞ୍ଚ, ସଂପର୍କ, ସ୍ୱର୍ଗକୁ ଏଇଠି ଓହ୍ଲାଏ ଅସଙ୍ଗତିକୁ ଭାଳିଦିଏ ଚେତନା ନିଆରେ, ଆଗବାଟରେ ଖାଲି ଫୁଲ, ପ୍ରେମ ଓ ମହକ ଏଇ କ'ଣ ସମର୍କ ?

●

# ସୁଖ ସାଉଁଟା ବେଳ

ଶୁଭସ୍ମିତା ସ୍ୱାଇଁ
+୨ ଦ୍ୱିତୀୟ ବର୍ଷ, କଳା

ସୁଖ ସାଉଁଟିବା ପାଇଁ ପ୍ରତିଟି ମୁହୂର୍ତ୍ତ ଜୀଇଁବା । ଆକାଶର ଛାଇରେ ପହଁରୁଥିବା ଚଢ଼େଇଟି ପରି ଫୁଲରୁ ମହୁ ପିଉଥିବା ମହୁମାଛିଟି ପରି, ଫୁଲରୁ ମୁହଁ କାଢ଼ି ପୃଥିବୀକୁ ଚାହୁଁଥିବା ଶିଶୁ ଫଳଟି, ଗାଁ ଦାଣ୍ଡରେ ବାଲି ଖେଳୁଥିବା ଛୋଟ ଛୋଟ ପିଲାମାନଙ୍କ ପରି ସୁଖ ବାଣ୍ଟିଛି ଅହରହ ଅମାପ ଅପରିମିତ । ଏଇତ ସୁଖ-ସାଉଁଟା ବେଳ । ଶତାବ୍ଦୀ ବଦଳୁଥାଏ ଦିନ ପଞ୍ଜିରେ ନିର୍ବିଘ୍ନରେ । ଆରମ୍ଭ ଓ ଶେଷର ହିସାବ ପାଉଥାଏ ଅହରହ । ସକାଳେ ସବୁ ଆସନ୍ତି ସୁଖର ବାର୍ତ୍ତା ଦେବା ପାଇଁ । ସୂର୍ଯ୍ୟର ବୟସ ବଦଳୁଥାଏ ଆକାଶରେ । ଦୁଃଖର ରୂପାନ୍ତର ହେଉଥାଏ ମାଟିରେ ଏଇତ ସୁଖ ସାଉଁଟା ବେଳ । ଚଉରାରେ ତୁଳସୀ ସକାଳେ ଜଳ ସଂଜେ ପାଏ । ସଂଜ ନଇଁଲେ ଜଳନ୍ତା ପ୍ରଦୀପ, ବାଉଳା ପବନ ଧାଇଁଆସି ଖେଳେ ଆଲୁଅରେ ପେନ୍ଥାଏ ଶିମ୍ବ ଫୁଲରେ ଶିଶିର ଝଟକୁଥାଏ । ଖୋଲିଚାଲେ, ବଢ଼ିବାର ସ୍ୱପ୍ନରେ ଭିଜୁଥାଏ । ଏଇଯେ ସୁଖ ସାଉଁଟା ବେଳ । ସଂସାରରେ ପ୍ରତିଟି ମୁହୂର୍ତ୍ତ ସୁଖ ସାଉଁଟିବା, ସୁଖକୁ ଆପଣାର କରିବା, ଦୁଃଖକୁ ବି ।

●

# ସାଧାରଣ ଜ୍ଞାନ

ପ୍ରିୟଙ୍କା ପ୍ରିୟଦର୍ଶିନୀ ମହାନ୍ତି
+୨ ପ୍ରଥମ ବର୍ଷ, କଳା

୧. ମାନବ ଶରୀରରେ କେତେଖଣ୍ଡ ହାଡ଼ ଅଛି ? ଉ-୨୦୬

୨. ମନୁଷ୍ୟର ହୃଦୟରେ ଏକ ମିନିଟ୍‌ରେ କେତେଥର ସ୍ପନ୍ଦନ ହୋଇଥାଏ ? ଉ- ୭୨

୩. ମନୁଷ୍ୟ ଶରୀରରେ ଯେଉଁ ଶିରା ଦେଇ ରକ୍ତପ୍ରବାହ ହୁଏ ତାହାକୁ କ'ଣ କୁହନ୍ତି ? ଉ- ଧମନୀ

୪. ମାନବ ଶରୀରରେ ମନୁଷ୍ୟ ଓଜନର କେତେ ଶତକଡ଼ା ଜଳ ଥାଏ ? ଉ- ୭୦ ଶତକଡ଼ା

୫. ମାନବ ଶରୀରରେ ସବୁଠାରୁ ବଡ଼ ହାଡ଼କୁ କ'ଣ କୁହନ୍ତି ? ଉ- ଜଙ୍ଘାସ୍ଥି

୬. ମାନବ ଶରୀରରେ ସବୁଠାରୁ କ୍ଷୁଦ୍ରତମ ହାଡର ନାମ କ'ଣ ଓ ଏହା କେଉଁଠି ଥାଏ ? ଉ- ଷ୍ଟେପ୍‌ସ (ଏହା କାନରେ ଥାଏ

୭. ଭିଟାମିନ୍‌ର ଆବିଷ୍କାର କେଉଁ ବୈଜ୍ଞାନିକ କରିଥିଲେ ? ଉ- ଲ୍ୟୁନିନ୍

୮. ରେଫ୍ରିଜରେଟରରେ କେଉଁ ଗ୍ୟାସ୍ ଅଛି ? ଉ- ରେଫ୍ରାନ୍

୯. ବିଶ୍ୱରେ ପ୍ରଥମ ପରୀକ୍ଷାନଳୀ ଦ୍ୱାରା ସୃଷ୍ଟି ହୋଇଥିବା ଶିଶୁ କେଉଁଠି ଓ କେବେ ଜନ୍ମ ହୋଇଥିଲା ? ଉ- ଲୁଇବ୍ରାଉନ୍ ୨୬ ଜୁଲାଇ ୧୯୭୮ ମସିହା ।

୧୦. ବ୍ରିଟେନ୍‌ରେ ଚାରିଥର ପ୍ରଧାନମନ୍ତ୍ରୀ ହୋଇଥିବା ବ୍ୟକ୍ତି କିଏ ? ଉ- ଏବ୍ରଟ୍ ଉଇଲିୟମ୍ ଗ୍ଲାଷ୍ଟ ଷ୍ଟୋନ୍

୧୧. ବିଶ୍ୱର ଲୌହ ମହିଳା କିଏ ଥିଲେ ? ଉ- ଶ୍ରୀମତୀ ମାର୍ଗାରେଟ୍ ଥାଚର

୧୨. ବିଶ୍ୱର କେଉଁ ଦେଶର ବନ୍ଧୁଙ୍କୁ ଜିଭ ଦେଖାଇ ସମ୍ମାନ ଦିଆଯାଏ ? ଉ- ତିବ୍ବତ (ଚୀନ୍)

୧୩. ବିଶ୍ୱର କେଉଁ ବୈଜ୍ଞାନିକ ଥିଲେ ଯାହାଙ୍କର ସ୍ୱାମୀ, ଝିଅ, ଜ୍ୱାଇଁ ଏବଂ ସେ ନିଜେ ନୋବେଲ୍ ପୁରସ୍କାର ପାଇଥିଲେ ? ଉ- ପତ୍ନୀ ମ୍ୟାଡମ୍ କ୍ୟୁରି, ଗିଅରେକ୍ୟୁରି, ଆଇନ୍ କ୍ୟୁରି, ଫ୍ରେଡ୍ ଜୁଲିଅଟ୍

୧୪. ନକଲି ସୁନା କାହାକୁ କୁହନ୍ତି ? ଉ- ଆଇରନ୍ ଅକ୍ସାଇଡ୍

୧୫. ମନୁଷ୍ୟ ଲୁହରେ କ'ଣ ମିଳେ ? ଉ- ସୋଡିୟମ୍ କ୍ଲୋରାଇଡ୍

୧୬. ହସିବା ପାଇଁ କେଉଁ ଗ୍ୟାସ୍ ବ୍ୟବହାର କରାଯାଏ ? ଉ- ନାଇଟ୍ରିକ୍ ଅକ୍ସାଇଡ୍

୧୭. କେଉଁ ପକ୍ଷୀର ଅଣ୍ଡା ସବୁଠାରୁ ବଡ଼ ? ଉ- ସତର ମୁଖ ରକିଗ୍ରାଓଜନ

୧୮. ଇତିହାସରେ ପାଗଳା ବାଦ୍‌ଶାହା କାହାକୁ କୁହାଯାଏ ? ଉ- ମହମ୍ମଦ ତୁଘଲକ୍

୧୯. ଦିଲ୍ଲୀରେ କେଉଁ ମୁସଲମାନ ଶାସକଙ୍କୁ ଲାଲ୍‌ବାକ୍ସ କୁହାଯାଏ ? ଉ- କୁତୁବୁଦ୍ଦିନ୍ ଆଇବାକ୍

୨୦. କେଉଁ ମୋଗଲ ଶାସକଙ୍କୁ ହତଭାଗ୍ୟ କୁହାଯାଏ ? ଉ- ହୁମାୟୁନ୍

୨୧. 'ଇଣ୍ଡିକା' ପୁସ୍ତକ କିଏ ରଚନା କରିଥିଲେ ? ଉ- ମେଘାସ୍ଥିନିଜ୍

୨୨. 'ସାହାନାମା' ପୁସ୍ତକର ଲେଖକ କିଏ ? ଉ- ଫିର୍ଦୌଷୀ

୨୩. ବୌଦ୍ଧ ଧର୍ମର ଦୁଇ ସମ୍ପ୍ରଦାୟ କ'ଣ ଥିଲା ? ଉ- ହୀନଯାନ, ମହାଯାନ

୨୪. ଜୈନ ଧର୍ମର ଦୁଇ ସମ୍ପ୍ରଦାୟ କ'ଣ ଥିଲା ? ଉ- ଶ୍ୱେତାମ୍ବର, ଦିଗାମ୍ବର

୨୫. କେଉଁ ଭାରତ ଶାସକଙ୍କୁ ଭାରତୀୟ ନେପୋଲିୟନ୍ କୁହାଯାଏ ? ଉ- ସମୁଦ୍ରଗୁପ୍ତ

୨୬. ଗୌତମ ବୁଦ୍ଧଙ୍କ ଉପଦେଶଗୁଡ଼ିକ କେଉଁ ଭାଷାରେ ଲେଖାଯାଇଛି ? ଉ- ପାଲି

୨୭. ମୋହନ୍ ମୌର୍ଯ୍ୟବଂଶ ସମ୍ରାଟ୍ ଅଶୋକ କାହାଠାରୁ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ? ଉ- ଉପଗୁପ୍ତ

୨୮. ହର୍ଷବର୍ଦ୍ଧନଙ୍କ ସମୟର ଶ୍ରେଷ୍ଠ ସଂସ୍କୃତ କବି କିଏ ଥିଲେ ? ଉ- ବାଣଭଟ୍ଟ

୨୯. କୁଶାଣ ବଂଶର ଶ୍ରେଷ୍ଠ ଶାସକ କିଏ ଥିଲେ ଓ ତାଙ୍କ ସମୟରେ ପ୍ରସିଦ୍ଧ ଚିକିତ୍ସକ କିଏ ଥିଲେ ? ଉ- କନିଷ୍କ, ଚରକ

୩୦. ଛତ୍ରପତି ଉପାଧି କାହାକୁ ମିଳିଥିଲା ? ଉ- ଶିବାଜୀ

୩୧. ଭାରତର ପ୍ରଥମ ମୁସଲମାନ ଶାସିକା କିଏ ଥିଲେ ? ଉ- ରେଜିୟା ସୁଲତାନ

## ପୃଥିବୀର ପାଞ୍ଚ ଶ୍ରେଷ୍ଠ ମାର୍ଗ

(୧) ଲଣ୍ଡନରୁ ମେଲବୋର୍ଣ୍ଣ (୨) ଲଣ୍ଡନରୁ କେପ୍‌ଟାଉନ୍ (୩) ସେନ୍ ଫ୍ରାନ୍‌ସିସ୍କୋରୁ ପେକିଂ (୪) ଚିକାଗୋରୁ ବ୍ୟୁନସି ଆୟସି (୫) ନ୍ୟୁୟର୍କରୁ ବ୍ଲାଡିବୋଷ୍ଟକ୍

## ପୃଥିବୀର ଶ୍ରେଷ୍ଠ ଦଶ ବନ୍ଦର

(୧) ଗ୍ଲାସଗୋ (୨) ଲିଵରପୁଲ୍ (୩) ମାନ୍‌ଚେଷ୍ଟର (୪) ଲଣ୍ଡନ (୫) ସାନ ଫ୍ରାନ୍‌ସିସ୍‌କୋ (୬) ୟାକୋହାମା (୭) ହଂକଂ (୮) ଲିସ୍‌ବନ୍ (୯) ସିଡ୍‌ନୀ (୧୦) ଡରବାନ୍

## ବିଶ୍ୱର ଦଶ ପ୍ରମୁଖ ବିମାନ ବନ୍ଦର

(୧) ହାୱାଇ ଦ୍ୱୀପ (୨) ଟୋକିଓ (୩) ସାଙ୍ଘାକୁଜ (୪) ପ୍ୟାରିସ୍ (୫) ବାଗ୍‌ଦାଦ୍ (୬) କାହାରି (୭) ମନୀଲା (୮) ତ୍ରିନିଦାଦ୍ (୯) ନେଟାଲ୍ (୧୦) ମସ୍କୋ

## ପ୍ରସିଦ୍ଧ ବହି ଓ ଲେଖକ

| ପୁସ୍ତକର ନାମ | ଲେଖକ |
|---|---|
| ଆଇନ୍-ଇ-ଆକ୍‌ବରୀ | ଆବୁଲ ଫାଜଲ୍ |
| ଡିସ୍କଭରୀ ଅଫ୍ ଇଣ୍ଡିଆ | ଜବାହାରଲାଲ ନେହେରୁ |

| | |
|---|---|
| ଲାଇଫ୍ ଡିଭାଇନ୍ | ଅରବିନ୍ଦ ଘୋଷ |
| ମଦର | ମେକ୍ସିନ୍ ଗର୍କି |
| ଏସିଆନ୍ ଡ୍ରାମା | ଗୁନ୍ନାର ମିଡିଲ୍ |
| ପଞ୍ଚତନ୍ତ୍ର | ବିଷ୍ଣୁଶର୍ମା |
| ରିପବ୍ଲିକ୍ | ପ୍ଲୁଟୋ |
| ଇଣ୍ଡିଆଣ୍ଡ୍ରିନ୍ ବ୍ରିଜମ୍ | ଅବୁଲ୍ କାଲାମ୍ ଆଜାଦ୍ |
| ଲେନିନ୍ ଇନ୍କ୍ୟୁରିକ୍ | ଆଲେକ୍‌ଜାଣ୍ଡାର ସୋଲଜେନିସ୍ତିନ୍ |

ମେଘଦୂତମ୍, ଶାକୁନ୍ତଳମ୍ - ମହାକବି କାଳିଦାସ

## ଖେଳ ସମ୍ବନ୍ଧିତ ପ୍ରସିଦ୍ଧ ସ୍ଥାନ

| | |
|---|---|
| ଇଡେନ୍ ଗାର୍ଡେନ୍ | କ୍ରିକେଟ୍ (କଲିକତା) |
| ଚେପକ୍ ମୈଦାନ | କ୍ରିକେଟ୍ (ଚେନ୍ନାଇ) |
| ଫିରୋଜସାହା କୋଟଲା | କ୍ରିକେଟ୍ (ଦିଲ୍ଲୀ) |
| ୱାନ୍‌ଖେଡ୍ ଷ୍ଟାଡିୟମ୍ | କ୍ରିକେଟ୍ (ମୁମ୍ବାଇ) |
| ବାରବାଟୀ ଷ୍ଟାଡିୟମ୍ | କ୍ରିକେଟ୍ (କଟକ) |
| ହରଲିଂଗମ୍ | ପୋଲୋ (ଇଂଲଣ୍ଡ) |
| ଗ୍ରିନ୍‌ପାର୍କ | କ୍ରିକେଟ୍ (ଭାରତ) |
| ଲର୍ଡସ୍, ଓଭାଲ୍, ଲିଡ୍‌ସ | କ୍ରିକେଟ୍ (ଇଂଲଣ୍ଡ) |
| ଏମ୍‌ପସ | ଡର୍ବି, ଘୋଡାଦୌଡ (ଇଂଲଣ୍ଡ) |
| ୱିମ୍ବିଲଡନ୍ ଟେନିସ୍ | ଟେନିସ୍ (ଇଂଲଣ୍ଡ) |
| ନେତାଜୀ ଷ୍ଟାଡିୟମ୍ | କଲିକତା |
| ନେଶନାଲ୍ ଷ୍ଟାଡିୟମ୍ | ମୁମ୍ବାଇ |
| ନେହେରୁ ଷ୍ଟାଡିୟମ୍ | ଚେପକ୍ (ଚେନ୍ନାଇ) |
| ଶିବାଜୀ ଷ୍ଟାଡିୟମ୍ | ନୂଆଦିଲ୍ଲୀ |
| ଜବାହାରଲାଲ ନେହେରୁ ଷ୍ଟାଡିୟମ୍ | ନୂଆଦିଲ୍ଲୀ |

୧. ଚେସ୍‌ରେ ଭାରତର ସର୍ବପ୍ରଥମ ଆନ୍ତର୍ଜାତିକ ମାଷ୍ଟର - ସାମୁଏଲ୍ ଆରାନ୍
୨. ନିଜ ବ୍ୟାଟିଂ ଓ ବୋଲିଂରେ ଶ୍ରେଷ୍ଠତମ ପ୍ରଦର୍ଶନ କରିଥିବା କ୍ରିକେଟ୍ ଖେଳାଳୀ - ମୁଦାସର ନଜର
୩. ହକି ଖେଳର ଯାଦୁଘର - ଧ୍ୟାନଚାନ୍ଦ, ଭାରତ
୪. ଭାରତୀୟ ଚେସ୍ ଗ୍ରାଣ୍ଡ ମାଷ୍ଟର - ବିଶ୍ୱନାଥ ଆନନ୍ଦ
୫. ବର୍ତ୍ତମାନ କ୍ରିକେଟ୍‌ରେ ଅଧିକ ଉଇକେଟ୍ ହାସଲ କରିଥିବା ମହାନ୍ ଖେଳାଳୀ - କର୍ଟଲି ୱାଲ୍ସ
୬. ଟେଷ୍ଟ କ୍ରିକେଟ୍‌ରେ ପ୍ରଥମ ହେଲ୍‌ମେଟ୍ ବ୍ୟବହାର କରିଥିବା ଖେଳାଳୀ - ଗ୍ରାହାମ୍ ୟାଲାପ, ଅଷ୍ଟ୍ରେଲିଆ
୭. ସର୍ବକନିଷ୍ଠ ଭାରତୀୟ କ୍ରିକେଟ୍ ଖେଳାଳୀ - ସଚିନ୍ ରମେଶ ତେନ୍ଦୁଲ୍‌କର
୮. କ୍ରିକେଟ୍‌ରେ ଅର୍ଜୁନ ପୁରସ୍କାର ପାଇଥିବା ପ୍ରଥମ ଖେଳାଳୀ - ସଲିମ୍ ଦୁରାନୀ, ଭାରତ
୯. ହରିୟାନ ହରିକେନ୍ - କପିଳଦେବ
୧୦. ଭାରତ କେବେ କ୍ରିକେଟ୍‌ରେ ବିଶ୍ୱକପ୍ ଜିତିଥିଲା - ୧୯୮୩
୧୧. ଟେଷ୍ଟ ମ୍ୟାଚ୍‌ରେ ସବୁଠାରୁ ଅଧିକ ରନ୍ କରିଥିବା ଖେଳାଳୀ - ଆଲାନ୍ ବର୍ଡର
୧୨. ଟେଷ୍ଟ ମ୍ୟାଚ୍‌ରେ ସବୁଠାରୁ ଅଧିକ ଶତକ ଲଗାଇଥିବା ଖେଳାଳୀ - ସଚିନ୍ ତେନ୍ଦୁଲକର

## ଖେଳପାଇଁ ବ୍ୟବହୃତ କେତେକ ଶବ୍ଦ

୧. (ହକି) - କର୍ଣ୍ଣର, ହ୍ୟାଟ୍ରିକ୍, ଅଫ୍‌ସାଇଡ୍, ସର୍କଲ୍‌କର୍ଣ୍ଣର, ଷ୍ଟିକ୍, ଷ୍ଟ୍ରାଇକିଙ୍ଗ ସର୍କିଲ୍, ଟ୍ରାଇବ୍ରେକର ।

(୨) (କ୍ରିକେଟ୍) - ଏଲ୍.ବି.ଡବ୍ଲ୍ୟୁ, ମେଡନ୍ ଓଭର, ହ୍ୟାଟ୍ରିକ୍, ଲେଗ୍‌ବାଇ, ନୋବଲ୍, ଓଭର୍‌ପିଚ୍, ଗୁଗୁଲି, ଡାଉନ୍‌ଶର, କଭର ଡ୍ରାଇଭ୍, ସ୍କୋୟାରକଟ୍, ରନ୍ ଆଉଟ୍, ଷ୍ଟେଟ୍ ଡ୍ରାଇଭ୍, ଉଇକେଟ୍, ଷ୍ଟମ୍ପଡ୍ କଟ୍, ଓଭର ଦି ବାଉଣ୍ଡରି, ଗଲି ସସିଲି ପଏଣ୍ଟ

(୩) (ଫୁଟ୍‌ବଲ) - କର୍ଣ୍ଣର କିକ୍, ଡାଇରେକ୍ଟ, ଫ୍ରି କିକ୍, ହ୍ୟାଟ୍‌ଟ୍ରିକ୍, ଅଫ୍‌ସାଇଡ୍, ପେନାଲ୍‌ଟି କିକ୍, ଧ୍ରାଇଙ୍ଗ, ଟ୍ରିପିଙ୍ଗ

(୪) (ଭଲିବଲ) - ସର୍ଭିସ୍, ହୋଲଡିଂ, ଡବ୍ଲିଂ, ପଏଣ୍ଟ, ବୁଲିଂ ଓ ଲିଭ ।

(୫) (ବ୍ୟାଡ୍‌ମିଣ୍ଟନ୍) - ଲଉଅଲ, ସ୍ମାସ୍, ଡିଉସ୍, ହାଲ୍‌ଫଭଲି, ଲେଟ୍ ସ୍ମାସ୍, ଡବଲ୍ ଫଲଟ ଭଲି ।

(୬) (ବାସ୍କେଟ୍‌ବଲ) - ଡାଇମଣ୍ଡ, ବଣ୍ଟିଂ, ଶୁଟ୍ ଆଉଟ୍, ସର୍ଟଷ୍ଟପ୍, ଆଉଟ୍ ଫିଲଡ, ହୋମିଓଶିଟର୍ ପ୍ଲେଟ୍

(୭) (ବେସ୍‌ବଲ୍) - ଡାଇମଣ୍ଡ, ବଣ୍ଟିଂ, ଶୁଟ୍ ଆଉଟ୍, ସର୍ଟଷ୍ଟପ୍, ଆଉଟ୍ ଫିଲଡ, ହୋମିଓ ଶିଟର୍ ପ୍ଲେଟ୍

(୮) (ସୁଟିଂ) - ବାର୍, ବୁଲସ୍‌ଆଇ, ମାର୍କସ୍ ମେନ୍‌ସିପ୍, ଲୁଗ୍, ମଜଲା ।

(୯) (ବିଲିଆର୍ଡ) - ବ୍ୟାଲ୍‌ନସ୍, କ୍ରେକ୍, କଫିର୍, ସ୍କଟ୍, ହାଜାର୍ଡ, ସଟିକେନି, ଇଙ୍ଗ୍ କେନି ଓ ସ୍ପଟ୍ ଷ୍ଟୋକ୍

(୧୦) (କ୍ରିକ୍) - ଲିଟିଲ୍ ସ୍ଲାମ୍, ଡିମି, ଗ୍ରାଣ୍ଡ ସ୍ଲାମ୍, ଡାଇମଣ୍ଡସ, ରିଭୋକ୍ ।

(୧୧) (ପୋଲେ) - ବାଉଣ୍ଡର୍, ଚକ୍କ ଓ ମାଲେଟ୍ ।

(୧୨) (ବୋଟରେସ୍) - (ନୌକାଦୌଡ଼) - କକ୍ସ ।

(୧୩) (ରେସ୍‌ଲିଂ) - (ମୁଷ୍ଟି ଯୁଦ୍ଧ) - ହାପ୍ ନେଲ୍‌ସନ୍, ହୋଲଡ୍‌ରିବୋଟସ୍, ସିଜର, ହଏଭ, ହେଡ୍‌ଲକ୍ ।

(୧୪) (ବକ୍ସିଂ) - ଅବ୍ କୁଲାରୀ ପଏଣ୍ଟ ସିଷ୍ଟମ୍, ସେକେଣ୍ଡ ଆଉଟ୍, ଅପରକଟ୍, ଉଇନାବାଏ, ନକ୍‌ଆଉଟ୍, ବବିଂପଞ୍ଚ, କିଡ୍‌ନି ପଞ୍ଚ, କବାଓ ହୋଇକ୍ ଅନ୍ ।

## ବିଭିନ୍ନ ଦେଶର ଜାତୀୟ ଚିହ୍ନ

ଅଷ୍ଟ୍ରେଲିଆ - କଙ୍ଗାରୁ ପଶୁ

କାନାଡା - ଧଳା କଇଁଫୁଲ

ଫ୍ରାନ୍ସ - କଇଁ ଫୁଲ

ଜାପାନ୍ - ଚନ୍ଦ୍ର ମଲ୍ଲିକା

ପାକିସ୍ତାନ - ଚନ୍ଦ୍ରକଳା

ବ୍ରିଟେନ୍ - ଗୋଲାପ

ଯୁକ୍ତରାଷ୍ଟ୍ର ଆମେରିକା - ସ୍ୱର୍ଣ୍ଣଦଣ୍ଡ

## ଫାର୍ମାସୀ କଲେଜ୍

| କଲେଜ୍ ଓ ଶିକ୍ଷାନୁଷ୍ଠାନର ନାମ | ପାଠ୍ୟକ୍ରମ |
|---|---|
| ଏସ୍.ସି.ବି ମେଡିକାଲ୍ କଲେଜ, କଟକ | ବି.ଫାର୍ମା |
| ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର | ବି.ଫାର୍ମା |
| ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି, ପଦ୍ମପୁର, କଟକ | ବି.ଫାର୍ମା |
| ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍‌ନୋଲୋଜି, ସାଲେପୁର | ବି.ଫାର୍ମା |
| ଉଦୟନାଥ କଲେଜ ଅଫ୍ ସାଇନ୍ସ ଆଣ୍ଡ ଟେକ୍‌ନୋଲୋଜି, ଅଡଶପୁର, କଟକ | ବି.ଫାର୍ମା |
| ଶ୍ରୀ ଜୟଦେବ କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ୍ | |

| | |
|---|---|
| ସାଇନ୍ସ, ନହରକଣ୍ଟା, ଖୋର୍ଦ୍ଧା | ବି.ଫାର୍ମା |
| ଇନ୍ଦିରାଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସ୍ୟୁ-ଟିକାଲ୍ ସାଇନ୍ସ, ନୟାପଲ୍ଲୀ, ଭୁବନେଶ୍ୱର | ବି.ଫାର୍ମା |
| କଲେଜ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ, ତମାଣ୍ଡୋ, ଭୁବନେଶ୍ୱର | ବି.ଫାର୍ମା |
| ପତିତପାବନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଗଙ୍ଗପଡ଼ା, ଜାଟଣୀ, ଖୋର୍ଦ୍ଧା | ବି.ଫାର୍ମା |
| ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ, ଆଇଟିଆଇର 'ଶିକ୍ଷାଅନୁସନ୍ଧାନ' ଭୁବନେଶ୍ୱର | ବି.ଫାର୍ମା |
| କଲେଜ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍ସ, ବାଲିଗୁଆଳି, ପୁରୀ | ବି.ଫାର୍ମା |
| ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଟେକ୍‌ନୋଲୋଜି ମଧୁବନ, ପୁରୀ | ବି.ଫାର୍ମା |

•

# ସାଧାରଣ ଜ୍ଞାନ

ସୀମାରାଣୀ ବିଶ୍ୱାଳ
+୨ ପ୍ରଥମ ବର୍ଷ, କଳା

୧. ଓଡ଼ିଶାର ପ୍ରଥମ ରାଜ୍ୟପାଳ କିଏ ? ଉ- ଡଃ ହରେକୃଷ୍ଣ ମହତାବ

୨. ଭାରତର ପ୍ରଥମ ବ୍ରିଟିଶ ଗଭର୍ଣ୍ଣର ଜେନେରାଲ ? ଉ- ୱାରେନ୍ ହେଷ୍ଟିଙ୍ଗସ

୩. ଭାରତର ପ୍ରଥମ ତଥା ଶେଷ ଗଭର୍ଣ୍ଣର ଜେନେରାଲ୍ ? ଉ- ରାଜଗୋପାଳଚାରୀ

୪. ଭାରତର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ? ଉ- ଶ୍ରୀମତୀ ଇନ୍ଦିରା ଗାନ୍ଧୀ

୫. ଭାରତର ପ୍ରଥମ ରାଷ୍ଟ୍ରପତି କିଏ ? ଉ- ଡଃ ରାଜେନ୍ଦ୍ର ପ୍ରସାଦ

୬. ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ? ଉ- ପଣ୍ଡିତ ଜବାହରଲାଲ ନେହେରୁ

୭. ଭାରତର ପ୍ରଥମ ଉପରାଷ୍ଟ୍ରପତି କିଏ ? ଉ- ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍

୮. ଭାରତର ପ୍ରଥମ ମୁସଲିମ୍ ଶାସିକା କିଏ ? ଉ- ରେଜିଆ ସୁଲତାନ

୯. ଭାରତରେ କେଉଁ ରାଜ୍ୟ ଦ୍ୱାରା ଉର୍ଦ୍ଦୁକୁ ଦ୍ୱିତୀୟ ଭାଷା ରୂପେ ଗ୍ରହଣ କରାଯାଇଛି ? ଉ- ବିହାର, ଉତ୍ତର ପ୍ରଦେଶ

୧୦. ଭାରତର କ୍ଷେତ୍ରଫଳ କେତେ ? ଉ- ୩୨,୮.୩୪୭ ବର୍ଗବିଦ

୧୧. ଅଶୋକ ଚକ୍ରରେ କେତୋଟି ରେଖା ଥାଏ ? ଉ- ୨୪ଟି

୧୨. ଭାରତର ଜନସଂଖ୍ୟା ପ୍ରାୟ କେତେ ? ଉ- ୧୦୦ କୋଟିରୁ ଉର୍ଦ୍ଧ୍ୱ

୧୩. ଭାରତରେ ପ୍ରଥମ ଉଡାଜାହାଜ କିଏ ଉଡାଇଥିଲେ ? ଉ- ଜାମ୍‌ସେଦ୍‌ଜୀ ଟାଟା

୧୪. ଭାଡରରେ କେତୋଟି ରେଡ଼ିଓ ଷ୍ଟେସନ୍ ଅଛି ? ଉ-୧୦୮

୧୫. ଏସିଆର ସର୍ବବୃହତ୍ ଶିବଲିଙ୍ଗ ନାମ କ'ଣ ଓ ଏହା କେଉଁଠାରେ ? ଉ-ଭୁବନେଶ୍ୱର (ଜଳେଶ୍ୱର ଭାରତର)

୧୬. ଜଗନ୍ନାଥଙ୍କ ମୁଖ୍ୟ ଓ ପ୍ରଥମ ସେବକ କିଏ ? ଉ- ଗଜପତି ମହାରାଜ

୧୭. ହିନ୍ଦୀ ରାମାୟଣର ରଚୟିତା କିଏ ଥିଲେ ? ଉ- ତୁଳସୀଦାସ

୧୮. ଚଣ୍ଡିପୁରାଣ ରଚୟିତା କିଏ ଥିଲେ ? ଉ- ଆଦିକବି ସାରଳାଦାସ

୧୯. ରାମାୟଣର ଜାମ୍ବବାନ ଚରିତ୍ର କେଉଁ ଜୀବର ଉଦାହରଣ ? ଉ- ଭାଲୁ

୨୦. ମହାଭାରତ ଗ୍ରନ୍ଥରେ ଅଶ୍ୱତ୍ଥାମାଙ୍କର ପିତାଙ୍କ ନାମ କ'ଣ ? ଉ- ଦ୍ରୋଣ

୨୧. ରାମାୟଣରେ ରାବଣର ପିତାଙ୍କ ନାମ କ'ଣ ? ଉ- ବିଶ୍ରବା ଋଷି ।

## ଭାରତର କେତେକ ଉଚ୍ଚତମ ଶୃଙ୍ଗ

| ଶୃଙ୍ଗର ନାମ | ଉଚ୍ଚତା |
|---|---|
| ଏଭରେଷ୍ଟ | ୨୯୦୨୮ ଫୁଟ |
| ଗୁଡୁଇଇନ୍ ଅଷ୍ଟିନ୍ | ୨୮୫୫୦ ଫୁଟ |
| କାଞ୍ଚନଜଙ୍ଘା | ୨୮୧୪୭ ଫୁଟ |
| ନଙ୍ଗାପର୍ବତ | ୨୬୬୨୯ ଫୁଟ |
| ନନ୍ଦାଦେବୀ | ୨୫୬୪୫ ଫୁଟ |

## କ୍ରୀଡ଼ା ସମ୍ବନ୍ଧୀୟ

୧. ଟେସ୍‌ରେ ଭାରତର ସର୍ବପ୍ରଥମ ଆନ୍ତର୍ଜାତିକ ମାଷ୍ଟର । ଉ- ସାମୁଏଲ ଆରନ
୨. କ୍ରିକେଟ୍‌ରେ ଅର୍ଜ୍ଜୁନ ପୁରସ୍କାର ପାଇଥିବା ପ୍ରଥମ ଖେଳାଳୀ । ଉ- ସଲୀମ୍ ଦୁରାନୀ, ଭାରତ
୩. ଟେଷ୍ଟ କ୍ରିକେଟ୍‌ରେ ପ୍ରଥମ ହେଲମେଟ୍ ବ୍ୟବହାର କରିଥିବା ଖେଳାଳୀ । ଉ- ଗ୍ରାହମ୍ ୟାଲାପ୍
୪. ହକି ଖେଳର ଯାଦୁକର ? ଉ- ଧ୍ୟାନଚାନ୍ଦ, ଭାରତ
୫. ଭାରତର ଚେସ୍ ଗ୍ରାଣ୍ଡ ମାଷ୍ଟର ? ଉ- ବିଶ୍ୱନାଥନ୍ ଆନନ୍ଦ, ଚେସ୍
୬. କ୍ରିକେଟ୍ ଖେଳ କେଉଁ ଦେଶରେ ସର୍ବପ୍ରଥମେ ହୋଇଥିଲା ? ଉ- ଇଂଲଣ୍ଡ
୭. ସର୍ବକନିଷ୍ଠ ଭାରତୀୟ କ୍ରିକେଟ୍ ଖେଳାଳୀ ? ଉ- ସଚିନ୍ ରମେଶ ତେନ୍ଦୁଲ୍‌କର
୮. ସର୍ବକନିଷ୍ଠ ଭାରତୀୟ କ୍ରିକେଟ୍ ଖେଳାଳୀ ? ଉ- ତେନ୍ଦୁଲକର
୯. ଭାରତର ବର୍ତ୍ତମାନ ଶ୍ରେଷ୍ଠ କ୍ରିକେଟ୍ ଖେଳାଳୀ ? ଉ- ସଚିନ୍ ରମେଶ ତେନ୍ଦୁଲକର
୧୦. ହରିୟାନା ହରିକେନ୍ ? ଉ- କପିଳଦେବ
୧୧. ଭାରତ କେବେ କ୍ରିକେଟ୍‌ରେ ବିଶ୍ୱକପ୍ ଜିତିଥିଲା ? ଉ- ୧୯୮୩
୧୨. କ୍ରିକେଟ୍‌ର ଜନକ କିଏ ? ଉ- ଉଇଲିୟମ ଜଲବର୍ଟ, ଗ୍ରୀସ୍
୧୩. କିଏ ଦିନିକିଆ କ୍ରିକେଟ୍‌ର ଜନକ ? ଉ- ମନୋହର ନାରାୟଣ ମୋରେ
୧୪. ବିଶ୍ୱ କ୍ରିକେଟ୍ ପ୍ରଥମ ଟେଷ୍ଟ ମ୍ୟାଚ୍ କେବେ ଆରମ୍ଭ ହୋଇଥିଲା ? ଉ- ୧୮୭୬-୭୭
୧୫. ସର୍ବ ପୁରାତନ କ୍ରିକେଟ୍ କ୍ଲବ୍ କେଉଁଠାରେ ? ଉ- ମେଲ୍‌ବୋନ୍ କ୍ରିକେଟ୍ ଗ୍ରାଉଣ୍ଡ
୧୬. ବିଶ୍ୱର ପ୍ରଥମ ଷ୍ଟାଡିୟମ କେଉଁଠାରେ ? ଉ- ବ୍ରାବୋର୍ଣ୍ଣ ଷ୍ଟାଡିୟମ୍, ମୁମ୍ବାଇ

## ମାନବ ବିଜ୍ଞାନ

୧. ମାନବ ଶରୀରରେ କେତେଖଣ୍ଡ ହାଡ଼ ଅଛି ? ଉ- ୨୦୬
୨. ମାନବ ଶରୀରରେ ମନୁଷ୍ୟ ଓଜନର କେତେ ଶତକଡ଼ା ଜଳ ଥାଏ ? ଉ- ୭୦ ଶତକଡ଼ା
୩. ବାଳ ଓ ନଖ କାଟିବା ସମୟରେ ବ୍ୟଥା ହୁଏ ନାହିଁ କାହିଁକି ? ଉ- ଏମାନଙ୍କ ମଧ୍ୟରେ ତନ୍ତୁ ନଥାଏ
୪. କେଉଁ ବୃକ୍ଷରୁ ମାନବକୁ ପ୍ରଚୁର ଅମ୍ଳଜାନ ମିଳିଥାଏ ? ଉ- ଅଶ୍ୱତ୍ଥ ଗଛ
୫. ମାନବ ଶରୀରରେ ସବୁଠାରୁ ବଡ଼ ହାଡ଼କୁ କ'ଣ କୁହନ୍ତି ? ଉ- ଜଙ୍ଘାସ୍ଥି
୬. ମାନବ ଶରୀରରେ ସବୁଠାରୁ କ୍ଷୁଦ୍ରତମ ହାଡ଼ (ଅସ୍ଥିର) ନାମ କ'ଣ ? ଏହା କେଉଁଠି ଥାଏ ? ଉ- ଷ୍ଟେମସ୍, କାନରେ

# ସାଧାରଣ ଜ୍ଞାନ

ସୁଭଦ୍ରା ମହାପାତ୍ର
+୨ ପ୍ରଥମ ବର୍ଷ, କଳା

୧. ପୃଥିବୀ ଆଦିଗ୍ରନ୍ଥର ନାମ କ'ଣ ? ଉ- ରାମାୟଣ
୨. ହିନ୍ଦୀ ରାମାୟଣ କିଏ ରଚନା କରିଥିଲେ ? ଉ- ତୁଳସୀଦାସ
୩. ଓଡ଼ିଆ ରାମାୟଣ କିଏ ରଚନା କରିଥିଲେ ? ଉ- ବଳରାମ ଦାସ
୪. ବିଲଙ୍କା ରାମାୟଣ କିଏ ଲେଖିଥିଲେ ? ଉ- ଶାରଳା ଦାସ
୫. ରାମାୟଣ କେତେ ଭାଗରେ ବିଭକ୍ତ ? ଉ- ସାତଭାଗରେ
୬. ରାମାୟଣର ସର୍ଗ ସଂଖ୍ୟା କେତେ ? ଉ- ପାଞ୍ଚଶହ
୭. ରାମାୟଣ କେଉଁ ଯୁଗର ଘଟଣା ? ଉ- ତ୍ରେତୟା ଯୁଗର
୮. ରାମଚନ୍ଦ୍ର କେଉଁ ବଂଶରେ ଜନ୍ମିଥିଲେ ? ଉ- ସୂର୍ଯ୍ୟବଂଶ
୯. ରାମଚନ୍ଦ୍ରଙ୍କର ପ୍ରକୃତ ଗୁରୁ କିଏ ? ଉ- ବଶିଷ୍ଠ
୧୦. ଉର୍ମିଳା କାହାର ପତ୍ନୀ ଥିଲେ ? ଉ- ଲକ୍ଷ୍ମଣଙ୍କର
୧୧. ମାଣ୍ଡବି କାହାର ପତ୍ନୀ ଥିଲେ ? ଉ- ଭରତଙ୍କର
୧୨. ସୀତାଙ୍କର ପ୍ରକୃତ ପୀତାଙ୍କର ନାମ କ'ଣ ? ଉ- ରାବଣ
୧୩. ସୀତାଙ୍କର ପାଳିତ ପିତାଙ୍କ ନାମ କ'ଣ ? ଉ- ଜନକ ରାଜା
୧୪. ଜନକ କେଉଁ ଦେଶର ରାଜା ଥିଲେ ? ଉ- ମିଥିଳା
୧୫. ରାମଚନ୍ଦ୍ରଙ୍କ ଧନୁର ନାମ କ'ଣ ? ଉ- କୋଦଣ୍ଡ
୧୬. ରାମଚନ୍ଦ୍ର କେଉଁଦିନ ଜନ୍ମଗ୍ରହଣ କରିଥିଲେ ? ଉ- ରାମନବମୀ
୧୭. ରାମଙ୍କର ପାଦୁକା ଆଣି ଭରତ କେଉଁଠି ରଖିଥିଲେ ? ଉ- ନନ୍ଦିଗ୍ରାମ
୧୮. ମାୟାମୃଗ ରୂପ କିଏ ଧାରଣ କରିଥିଲେ ? ଉ- ମାରୀଚି
୧୯. ମାରୀଚ ରାକ୍ଷସଙ୍କୁ କିଏ ବଧ କରିଥିଲେ ? ଉ- ରାମଚନ୍ଦ୍ର
୨୦. ସୀତା ହରଣ ବେଳେ ରାବଣର ପଥରୋଧ କିଏ କରିଥିଲା ? ଉ- ପକ୍ଷୀ ଜଟାୟୁ

୨୧. ମହାଭାରତ କେତେଖଣ୍ଡରେ ବିଭକ୍ତ ? ଉ- ୧୮ ଖଣ୍ଡରେ

୨୨. ମହାଭାରତର ଶ୍ଳୋକ ସଂଖ୍ୟା ? ଉ- ୧ ଲକ୍ଷ

୨୩. ବିଷ୍ଣୁଙ୍କ ପିତାଙ୍କ ନାମ କ'ଣ ? ଉ- କାଶ୍ୟପ

୨୪. ଦ୍ୱାପର ଯୁଗରେ ଏକମାତ୍ର ସତ୍ୟବାନ ବ୍ୟକ୍ତି କିଏ ? ଉ- ଯୁଧିଷ୍ଠିର

୨୫. ଶ୍ରୀକୃଷ୍ଣଙ୍କର କେତେଜଣ ପାଟରାଣୀ ଓ ସେମାନେ କିଏ ? ଉ- ଶ୍ରୀକୃଷ୍ଣଙ୍କ ୮ଜଣ ପାଟରାଣୀ ଓ ସେମାନେ ହେଲେ- ସତ୍ୟଭାମା, ରୁକ୍ମିଣୀ, ଜାମ୍ବବତୀ, ସତ୍ୟା, ଭଦ୍ରା, ମିତ୍ରବିନ୍ଦା, କାଳିନ୍ଦି ଓ ଲକ୍ଷ୍ମଣା ।

୨୬. ମହାପ୍ରସାଦର ଅନ୍ୟ ନାମ କ'ଣ ? ଉ- ଅନ୍ନବ୍ରହ୍ମ

୨୭. ଅରୁଣ ସ୍ତମ୍ଭ କେଉଁ ପଥରରେ ଗଢ଼ା ? ଉ- ମୁଗୁନି ପଥର

୨୮. ରଥଯାତ୍ରାର ଅନ୍ୟ ନାମ କ'ଣ ? ଉ- ଶ୍ରୀଗୁଣ୍ଡିଚା

୨୯. ବଳଭଦ୍ରଙ୍କର ରଥର ସାରଥୀ କିଏ ? ଉ- ମାତଳୀ

୩୦. ଜଗନ୍ନାଥଙ୍କ ରଥର ସାରଥୀ କିଏ ? ଉ- ଦାରୁକ

୩୧. ପିତା ନଥାଇ ମାତାଙ୍କ ଠାରୁ ଜନ୍ମ କେଉଁମାନେ ? ଉ- ଗଣେଶ, ଭଗୀରଥ

୩୨. ବିନ୍ଧ୍ୟ ଗିରିର ଗର୍ବ କିଏ ଚୂର୍ଣ୍ଣ କରିଥିଲେ ? ଉ- ଅଗସ୍ତି

୩୩. ଶନି ଦେବଙ୍କ ପିତା କିଏ ? ଉ- ସୂର୍ଯ୍ୟ

୩୪. କେଉଁ ଦେବତାଙ୍କର ହଜାର ଆଖି ? ଉ- ଇନ୍ଦ୍ରଙ୍କର

୩୫. ସୂର୍ଯ୍ୟଦେବ କାହାର ପୁତ୍ର ? ଉ- ବ୍ରହ୍ମାଙ୍କର

୩୬. ସମସ୍ତ ରୋଗର ନିବାରଣକାରୀ ଦେବତା କିଏ ? ଉ- ସୂର୍ଯ୍ୟ

୩୭. କେଉଁ ଦେବତାଙ୍କ ରଥ ୭ଟି ଘୋଡ଼ା ଦ୍ୱାରା ପରିଚାଳିତ ହୁଏ ? ଉ- ସୂର୍ଯ୍ୟ

୩୮. ଭଗବାନଙ୍କ ବାମନ ଅବତାର କେଉଁ ଯୁଗରେ ହୋଇଥିଲା ? ଉ- ସତ୍ୟ

୩୯. ବିଷ୍ଣୁଙ୍କ ଶଙ୍ଖର ନାମ କ'ଣ ? ଉ- ପାଞ୍ଚଜନ୍ୟ

୪୦. ଭଗବାନ ଶ୍ରୀକୃଷ୍ଣ ଅବତାର କେଉଁ ଯୁଗରେ ହୋଇଥିଲେ ? ଉ- ଦ୍ୱାପର

# ଅମୃତବାଣୀ

ସୁଭଦ୍ରା ମହାପାତ୍ର

ମୁଁ ଧର୍ମକୁ ଶିକ୍ଷା ଭିତରେ ସାର ଜିନିଷ ବୋଲି ଗ୍ରହଣ କରେ । ଶିକ୍ଷା କୁହ କି ଦୀକ୍ଷା କୁହ, ଧର୍ମହୀନ ହେଲେ ସେଥିରେ ଦୋଷ ରହିବ ହିଁ ରହିବ । ଧର୍ମଶିକ୍ଷା, ଚରିତ୍ର ଗଠନ ଏଥିପାଇଁ ଶିକ୍ଷାର ପ୍ରୟୋଜନ ।

- ସ୍ୱାମୀ ବିବେକାନନ୍ଦ

୨. ପରମାତ୍ମା ଅତ୍ୟନ୍ତ କୃପା ପରବଶ ହୋଇ ଏହି ମଣିଷ ଶରୀର ପ୍ରଦାନ କରିଛନ୍ତି । ଏହାକୁ ପାଇ ଯେଉଁ ମଣିଷ ନିଜ ଇନ୍ଦ୍ରିୟଙ୍କର ବଶ କରେ ନାହିଁ, ତା'ର ଜୀବନ ଅତି ଶୋଚନୀୟ ହାଇଯାଏ । ସଂସାରିକ ବିଷୟ ଭୋଗ ଉପଭୋଗ କରିବା ପାଇଁ ଏହି ଶରୀର ମିଳେ ନାହିଁ । ଏହି ଶରୀର ପରମାତ୍ମାଙ୍କ କାର୍ଯ୍ୟ ନିମନ୍ତେ ମିଳିଛି । ଏହି ଅନିତ୍ୟ ଶରୀର ନିତ୍ୟ ପରମାତ୍ମାଙ୍କୁ ହିଁ ପାଇପାରେ ।

୩. ନୌକାରୂପୀ ଏହି ସର୍ବୋତ୍ତମ ଶରୀରର କର୍ଣ୍ଣଧାର ହେଉଛନ୍ତି 'ଗୁରୁ' । ପରମାତ୍ମାଙ୍କ କୃପାରୂପୀ ଅନୁକୂଳ ବାୟୁ ଦ୍ୱାରା ହିଁ ଏହି ନୌକା ଗତି ପ୍ରାପ୍ତ ହୁଏ । ଏତେ ସାଧନା ସୁଦ୍ଧା ଯେଉଁ ମଣିଷ ଭବସାଗରରୁ ପାର ହୋଇପାରେ ନାହିଁ, ନିଶ୍ଚୟ ଆତ୍ମହତ୍ୟା କରିଛି ବୋଲି ଜଣାଯାଏ ।

୪. ଭଗବାନ କହନ୍ତି, ''ମୁଁ ଅନେକ ପ୍ରକାର ଶରୀର ସୃଷ୍ଟି କରିଛି । କିନ୍ତୁ ସେ ସମସ୍ତ ଭିତରୁ ମନୁଷ୍ୟ ଶରୀର ମୋର ଅତି ପ୍ରିୟ । ଏହି ଶରୀରରେ ବୁଦ୍ଧିମାନ ଏକାଗ୍ର ଚିତ୍ତରେ ଈଶ୍ୱରଙ୍କୁ ସାକ୍ଷାତ୍ ଅନୁଭବ କରିପାରେ । ମନୁଷ୍ୟ ଶରୀର ଜ୍ଞାନ ତଥା ଭକ୍ତି ନିମନ୍ତେ ସାଧନ ହୋଇପାରିଲେ ସର୍ବଶ୍ରେଷ୍ଠ ହୋଇଯାଏ । ମନୁଷ୍ୟ ଶରୀର ସମସ୍ତ ଫଳର ମୂଳ ତଥା ସକଳ ପୁରୁଷାର୍ଥର ସାଧନ । କୋଟି କୋଟି ଉପାୟ ଅବଲମ୍ବନରେ ଏହା ପାଇବା ଦୁର୍ଲ୍ଲଭ ହୋଇଥାଏ ।

୫. ଆମେ ସମସ୍ତଙ୍କୁ ସବୁବେଳେ ସମ୍ମାନ ଦେବା ଉଚିତ । କାହାରିଠାରୁ କିଛି ପାଇବା ପାଇଁ ଅପେକ୍ଷା ନକରି ସମସ୍ତଙ୍କୁ ସମ୍ମାନ କରିବା ଉଚିତ । ହେଲେ କାହାରିଠାରୁ ସମ୍ମାନ ଆଶା କରିବା ଉଚିତ୍ ନୁହେଁ ।

୬. ବେଦାନ୍ତ କହନ୍ତି- ଜ୍ଞାନପ୍ରାପ୍ତ ହୋଇଯିବା ପରେ, ପରମାତ୍ମାଙ୍କ ଦର୍ଶନ ହୋଇଗଲେ ସୁଦ୍ଧା, ଜ୍ଞାନୀ ପୁରୁଷଙ୍କୁ ପ୍ରାରବ୍ଧ ଭୋଗ କରିବାକୁ ପଡ଼ିଥାଏ ।

୭. ପ୍ରକୃତ ବନ୍ଧୁ ଭଗବାନଙ୍କର ଶ୍ରେଷ୍ଠ ଦାନ ।

୮. ତୁମେ ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁନାହଁ ସେହିଭଳି ବ୍ୟବହାର ତୁମେ ଅନ୍ୟପ୍ରତି ନ କରିବା ଉଚିତ୍ ।

୯. ଅନ୍ୟ ଉପରେ ଦୃଢ଼ ବିଶ୍ୱାସ ସ୍ଥାପନ ସହଜ ନୁହେଁ, ସେଥିପାଇଁ ଦୃଢ଼ ମନୋବଳ ଦରକାର ।

୧୦. ପର ନିନ୍ଦା, ପରଚର୍ଚ୍ଚା, ପରର ଅନିଷ୍ଟ ଚିନ୍ତା, ଅନ୍ୟର ପ୍ରାଣରେ କଷ୍ଟ ଦେବା ମହାପାପ ମଧ୍ୟରେ ଗଣା ।

୧୧. ଯେଉଁ ଲୋକ ଜୀବନରେ ଦୁଃଖକଷ୍ଟ ଭୋଗିନାହିଁ, ସେ କଦାପି ମନୁଷ୍ୟ ସମାଜକୁ ଆସିନାହିଁ ।

୧୨. ଆତ୍ମବିଶ୍ୱାସ ହିଁ ଦୃଢ଼ତାର ନିଶ୍ୱାସ ।

୧୩. ସବୁବେଳେ ଉତ୍ତମ ବ୍ୟକ୍ତି ସହିତ ବନ୍ଧୁତା କରିବା ଉଚିତ ।

୧୪. ଜଣେ ଆଦର୍ଶ ଲୋକ ସିଏ, ଯିଏ ଅନ୍ୟର ଉନ୍ନତିରେ ସାହାଯ୍ୟ କରେ ।

୧୫. ସମୟ ହେଉଛି ସତ୍ୟର ପଥ ପ୍ରଦର୍ଶକ ।

୧୬. ସବୁବେଳେ ସବୁଠାରେ ସତ୍ୟର ଜୟ ହୁଏ ।

୧୭. ଯେଉଁଠାରେ ନାରୀମାନେ ସମ୍ମାନିତ ହୋଇଥାନ୍ତି, ସେଠାରେ ଦେବତାମାନେ ପ୍ରସନ୍ନ ହୋଇଥାନ୍ତି ।

୧୮. ବିବେକି ଓ ବୁଦ୍ଧିମାନ ଲୋକ ଶକ୍ତି ଅନୁସାରେ କାର୍ଯ୍ୟ କରିବାର ଇଚ୍ଛା ରଖେ ଓ କୌଣସି ବସ୍ତୁକୁ ତୁଚ୍ଛ ଜ୍ଞାନ କରି ଅବହେଳା କରେ ନାହିଁ ।

୧୯. ସମ୍ମାନ ଦେବା ଓ ସମ୍ମାନ ନେବା ନିଜ କର୍ମ ଫଳ ।

୨୦. ମଧୁର ବାଣୀ ଓ ସତ୍ୟ ବଚନ ମାନବକୁ ଦେବତା କରିଥାଏ ।

୨୧. ଗୋଟିଏ ଜାତିର ମିଳିତ ଜ୍ଞାନର ମୂଳଦୁଆ ହେଉଛି ପୁସ୍ତକ ।

୨୨. ନମ୍ରତାର ସହ ଖାପ୍ ଖୁଆଇ ଚଳି ପାରୁଥିବା ବ୍ୟକ୍ତି ମହାନ୍ ପୁଣି ଅଧିକାରୀ ହୋଇଥାଏ ।

୨୩. ଆତ୍ମବିଶ୍ୱାସ ଦ୍ୱାରା ଧୈର୍ଯ୍ୟ ଉତ୍ପନ୍ନ ହୋଇଥାଏ ।

୨୪. ଧୈର୍ଯ୍ୟ ସଫଳତାର ଚାବିକାଠି ।

୨୫. କେତେଦିନ ବଞ୍ଚିବା ବଡ଼କଥା ନୁହେଁ, କିପରି ବଞ୍ଚିବା ବଡ଼କଥା ।

୨୬. ଯାହାର ହସ୍ତ, ପାଦ ଓ ମନ ନିଜ ଅଧୀନରେ ଥାଏ ସେ ବିଦ୍ୟା, ତପ, କୀର୍ତ୍ତି ଓ ତୀର୍ଥଫଳ ତୀର୍ଥଯାତ୍ରାରେ ଲାଭ କରେ ।

୨୭. ମାନବ ସେବା ହିଁ ମାଧବ ସେବା । ତେଣୁ ମଣିଷକୁ ଭଲପାଅ ଓ ତା'ର ସେବାକର । ସେଇଥିରେ ଆପଣ ଭଗବାନଙ୍କୁ ପାଇବେ ।

୨୮. ଶକ୍ତିଶାଳୀ ହୁଅ କିନ୍ତୁ ଅନ୍ୟମାନଙ୍କର କ୍ଷତି କର ନାହିଁ ।

୨୯. ସବୁଠାରୁ ବେଶୀଦିନ ବଞ୍ଚିଥିବା ପ୍ରାଣୀ କିଏ ? ଉ- ତିମିମାଛ

୩୦. ଅଧିକ ଆଘ୍ରାଣ ଶକ୍ତି ଥିବା ପ୍ରାଣୀ କିଏ ? ଉ- ପିମ୍ପୁଡ଼ି ଓ କୁକୁର

୩୧. ଦିନକୁ ମାତ୍ର ଦୁଇଘଣ୍ଟା ନିଦ୍ରା କରୁଥିବା ପ୍ରାଣୀ କିଏ ? ଉ- ହାତୀ

୩୨. ଅଧିକ ନିଦ୍ରାରତ ରହୁଥିବା ପ୍ରାଣୀ କିଏ ? ଉ- ବେଙ୍ଗ

୩୩. ମୁଣ୍ଡରେ ପାକସ୍ଥଳୀ ଥିବା ପ୍ରାଣୀ କିଏ ? ଉ- ଚିଙ୍ଗୁଡ଼ି

୩୪. ଆଠଟି ଆଖିଥିବା ପ୍ରାଣୀ କିଏ ? ଉ- ମାଙ୍କଡ଼ସା

୩୫. ଧଳା ରକ୍ତ ଥିବା ପ୍ରାଣୀ କିଏ ? ଉ- ଝିଣ୍ଟିକା

୩୬. କେଉଁ ପ୍ରାଣୀର ରକ୍ତଚାପ ସବୁଠାରୁ ବେଶୀ ? ଉ- ଜିରାଫ୍

୩୭. ଅନ୍ୟକୁ ଅନୁକରଣ କରିପାରୁଥିବା ପ୍ରାଣୀ କିଏ ? ଉ- ମାଙ୍କଡ଼

୩୮. ପଛକୁ ପହଁରି ପାରୁଥିବା ପକ୍ଷୀ କିଏ ? ଉ- ଅକ୍ଟୋପସ୍

୩୯. କେଉଁ ଗଛରେ ଥରେମାତ୍ର ଫୁଲ ଫୁଟେ ? ଉ- କଦଳୀ

୪୦. କେଉଁ ଗଛର ଛେଲି ଖାଆନ୍ତି ? ଉ- ଡାଲଚିନି

୪୧. କେଉଁ ପତ୍ରର ରସ ଅତ୍ୟନ୍ତ ଥଣ୍ଡା ? ଉ- ପିଜୁଆଁରୀ

୪୨. କେଉଁ ଗଛରେ ଫୁଲ ନଥାଇ ଫଳହୁଏ ? ଉ- ଡିମିରି

୪୩. ଆମ୍ବଗଛ କେତେଦିନ ବଞ୍ଚେ ? ଉ- ୧୨୦ ବର୍ଷ

୪୪. ପଣସ ଗଛ କେତେଦିନ ବଞ୍ଚେ ? ଉ- ୧୦୦ ବର୍ଷ

୪୫. ନଡ଼ିଆ ଗଛ କେତେଦିନ ବଞ୍ଚେ ? ଉ- ୧୦୦ ବର୍ଷ

୪୬. ସ୍ୱାସ୍ଥ୍ୟ ଦିବସ କେବେ ପାଳିତ ହୁଏ ? ଉ- ଏପ୍ରିଲ୍ ୮

୪୭. ବିଶ୍ୱ ଏଡ୍‌ସ ଦିବସ କେବେ ପାଳିତ ହୁଏ ? ଉ- ଡିସେମ୍ବର ୧

୪୮. କେଉଁ ଭିଟାମିନ୍ ଅଭାବରେ ହାଡ ଦୁର୍ବଳ ହୁଏ ? ଉ- ଭିଟାମିନ୍-ଡି

୪୯. ଶରୀରରେ ମୋଟ କେତେଖଣ୍ଡ ଅସ୍ଥି ଅଛି ? ଉ- ୨୦୬ ଖଣ୍ଡ

୫୦. ମନୁଷ୍ୟ ଶରୀରର ବୃହତ୍ତମ ଗ୍ରନ୍ଥି କିଏ ? ଉ- ଯକୃତ

୫୧. ହୃତ୍‌ପିଣ୍ଡରେ ଥିବା କୋଠରୀ କେତୋଟି ? ଉ- ୨ଟି, ୧. ଅଳିନ୍ଦ, ୨. ନିଳୟ

୫୨. ଜଣେ ସୁସ୍ଥ ଲୋକ ହୃତ୍‌ସ୍ପନ୍ଦନ ପ୍ରତିମିନିଟ୍‌ରେ କେତେଥର ହୁଏ ? ଉ- ୭୨ଥର

୫୩. ଶରୀରର କବର ଖାନା କାହାକୁ କୁହାଯାଏ ? ଉ- ପ୍ଲୀହା

୫୪. ମନୁଷ୍ୟ ଦେହରେ କେତେଭାଗ ଜଳ ଥାଏ ? ଉ- ୭୧ ଭାଗ

୫୫. ଜଣେ ବ୍ୟକ୍ତି ରାଗିଲେ ବା ଡରିଗଲେ କେଉଁ ହରମୋନ୍ ଅଧିକ କ୍ଷରିତ ହୁଏ ? ଉ- ଆଡ୍ରେନାଲିନ୍

୫୬. ରେଡିଓ କିଏ ଉଦ୍ଭାବନ କରିଥିଲେ ? ଉ- ମାର୍କୋନୀ

୫୭. ରେଳଗାଡ଼ି କିଏ ଉଦ୍ଭାବନ କରିଥିଲେ ? ଉ- ଜର୍ଜ ଷ୍ଟିଫେନ୍‌ସନ୍

୫୮. ଟେଲିଫୋନ୍ କିଏ ଉଦ୍ଭାବନ କରିଥିଲେ ? ଉ- ଗ୍ରାହମବେଲ୍

●

# ଜ୍ଞାନ ପ୍ରଦୀପ

**ସଂଗୀତା ମଲ୍ଲିକ**

୧. ଅଭିମାନୀ ଓ ଲୋଭୀଙ୍କୁ କେବେହେଲେ ବି ପରମ ପୁରୁଷଙ୍କ ଦୁନିଆରେ ଶାନ୍ତି ମିଳେନି କିନ୍ତୁ ସଂଯତ ଓ ବିନମ୍ର ହୃଦୟକୁ ପୂର୍ଣ୍ଣ ଶାନ୍ତି ମିଳିଥାଏ ।

୨. ଅହଂକାର ହିଁ ମାନବକୁ ଧ୍ୱଂସ କରିବାର ପ୍ରଥମ ଦ୍ୱାର ।

୩. ଅସୀମ ଦେହରେ ସସୀମକୁ ମିଶେଇ ଦେଲେ ସେ ସସୀମ ପାଲଟିଯାଏ ।

୪. ଅନ୍ୟର ସୁଖ ଦେଖି ସୁଖୀହେବା ଓ ଅନ୍ୟର ମଙ୍ଗଳ ଚିନ୍ତା କରିବା ଏ ଉଭୟ ହେଉଛି ଭଗବାନଙ୍କ ଆଶୀର୍ବାଦ ପାଇବା ସଙ୍ଗେ ସମାନ ।

୫. ଅନ୍ୟର ଶଯ୍ୟାରେ ଶୟନ କରିବା କଦାପି ବିଦ୍ୟାର୍ଥୀର କାର୍ଯ୍ୟ ନୁହେଁ ।

୬. ଅର୍ଥ ମଣିଷକୁ କୁ-ମାର୍ଗକୁ ଟାଣିନିଏ ।

୭. ଆଗେ ଦେଇ ପରେ ଖାଅ । ତାହାହିଁ ଅମୃତପାନ । ଏହା ଭଗବାନଙ୍କ ମୁଖନିସୃତ ବାଣୀ ।

୮. ଈଶ୍ୱରଙ୍କ ପ୍ରତି ଚିରବୃତ୍ତି ପୋଷଣ କରିବା ହିଁ ଆତ୍ମୋନ୍ନତିର ମୂଳ କାରଣ ।

୯. ଈଶ୍ୱରଙ୍କୁ ପାଇବାକୁ ହେଲେ ସବୁ ଦୁଃଖକଷ୍ଟ ସହିବାକୁ ପଡ଼େ ।

୧୦. ଏ ସଂସାରରେ କେବଳ ଈଶ୍ୱର ଜ୍ଞାନ ହିଁ ସତ୍ ଜ୍ଞାନ । ଆଉସବୁ ବୃଥା ।

୧୧. ଏହି ସଂସାରରେ ସେହି ହେଉଛି ମୃତ ଯାହାର ବଚନ ମଧୁର ଓ ଅନ୍ତର ବିଷପୂର୍ଣ୍ଣ ଅଟେ ।

୧୨. କାହାରିକୁ ଦୁଃଖ ଦେବନାହିଁ ସର୍ବୋତ୍ତମ ଧର୍ମ ଅଟେ ।

୧୩. କଳହ, ବ୍ୟସନ, ନିଦ୍ରା - ଏ ତିନୋଟି ମଣିଷକୁ ନଷ୍ଟ କରେ ।

୧୪. ଏ ସଂସାରରେ ତ୍ୟାଗୀ ସେହି ଯାହାର ମନରେ ସାଂସାରିକ କାମନା ନଥାଏ ।

୧୫. ଗୁରୁ ନାମ ସ୍ୱରୂପ ହିଁ ଭବବନ୍ଧନ ଛେଦନର ପ୍ରଥମ ଅସ୍ତ୍ର ।

୧୬. ଦରିଦ୍ର ପ୍ରତି ସ୍ନେହାନୁଭବ ହିଁ ସତ୍ ନାରାୟଣ ସେବା । ଏଣୁ ଦରିଦ୍ରଙ୍କ ପ୍ରତି ଦୟା କରିବା ଉଚିତ୍ ।

୧୭. ନମ୍ରତା ଓ ଅକପଟ ସରଳତା - ଏହି ଦୁଇଟି ହେଉଛି ମଣିଷର ରକ୍ଷା କବଚ ।

୧୮. ନିଜ ପାଇଁ ଜୀବନରେ ଅଧିକ ଦ୍ରବ୍ୟ ସଂଗ୍ରହ ନକରି ପର ପାଇଁ କରିବା ଉଚିତ୍ ।

୧୯. ସ୍ୱାମୀର ସତ୍ ବ୍ୟବହାର ସ୍ତ୍ରୀକୁ ମୁଗ୍ଧ କରିଥାଏ । ଏଣୁ ସ୍ୱାମୀ ଓ ସ୍ତ୍ରୀ ସଦା ସଦାଚାର ପରାୟଣ ହେବା ବିଧେୟ ।

୨୦. ହରିନାମ ସ୍ମରଣ ହିଁ ଲୋଭ, ମୋହ, ଆଶା, ତୃଷ୍ଣା ଏବଂ ମାୟାର ଧ୍ୱଂସର କାରଣ ।

୨୧. ସତ୍ ଜ୍ଞାନୀ ଓ ସତ୍ ମାନବ ସେହି ଯାହାର ଗୁଣକୁ ଅନ୍ୟମାନେ ପ୍ରଶଂସା କରନ୍ତି ।

୨୨. ସନ୍ଥଙ୍କୁ ପ୍ରେମ କରିବା ହେଉଛି ଭଗବାନଙ୍କୁ ପ୍ରସନ୍ନ କରିବାର ପ୍ରଧାନ ଉପାୟ ।

୨୩. ବିଦ୍ୟା ହେଉଛି ସୁନ୍ଦର ଧନ । ଯାହାକି ଶତ୍ରୁ ଛଡ଼ାଇ ନେଇ ନପାରେ କିମ୍ବା ଚୋର ତାହା ଚୋରି କରିନେଇ ନପାରେ ।

୨୪. ଯେଉଁ ଭଗବତ ନାମ କୀର୍ତ୍ତନ, ନିଃସ୍ୱାର୍ଥପର, ଆଶାହୀନ, ତାହାହିଁ ମହତ୍ ଭକ୍ତ ।

୨୫. ଯେଉଁ ବ୍ୟକ୍ତି ନିଜ ଭାଗ୍ୟ ପାଇଁ ସନ୍ତୁଷ୍ଟ ହୋଇ ନପାରେ, ଧନପାଇଁ ସବୁବେଳେ ଘୁରି ବୁଲେ, ସେ ବ୍ୟକ୍ତି ଜୀବନରେ କେବେହେଲେ ସୁଖ ପାଏ ନାହିଁ ।

୨୬. ଯେଉଁ ବ୍ୟକ୍ତି ସତ୍ କାର୍ଯ୍ୟ କରି ମଧ ନିନ୍ଦାପାଏ, ସେହି ଖୁବ୍ ଭାଗ୍ୟବାନ ।

୨୭. ଯେଉଁ ବ୍ୟକ୍ତି ସତ୍ ପରାମର୍ଶ ଗ୍ରହଣ କରେ, ସେ ସର୍ବତ୍ର ନିନ୍ଦନୀୟ ହୁଏ ।

୨୮. ଯୌବନ, ଧନ, ଅଧିକାର ଏବଂ ବିବେକହୀନତା ମଣିଷକୁ ଧ୍ୱଂସ କରିବାର ପ୍ରଧାନ ମାର୍ଗ ।

୨୯. ଯାହାଦ୍ୱାରା ମଣିଷ ନିଜର ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିରଖେ, ତାହାହିଁ ଐଶ୍ୱରିକ ଶକ୍ତି ।

୩୦. ଯେଉଁ ମଣିଷ ଦୁଃଖକୁ ଈଶ୍ୱରଙ୍କ ଆଶୀର୍ବାଦ ବୋଲି ଭାବିନିଏ ସେହି ମଣିଷ ହିଁ ମହାନ୍ ।

●

୧. ଓଡ଼ିଶାର ପ୍ରଥମ ଲାଟ୍ - ସାର୍‌ଜନ୍ ଅଷ୍ଟିନ୍ ହବାକ୍

୨. ଓଡ଼ିଶାର ପ୍ରଥମ ସମ୍ରାଟ୍ - ଖାରବେଳ

୩. ଓଡ଼ିଶାର ପ୍ରଥମ ଖବର କାଗଜ - ଉତ୍କଳ ଦୀପିକା

୪. ଓଡ଼ିଶାର ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓକିଲ, ପ୍ରଥମ ଏମ୍.ଏ. - ମଧୁସୂଦନ ଦାସ

୫. ଓଡ଼ିଶା କେବେ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ଗଠନ ହେଲା - ୧୯୩୬ ମସିହା ଅପ୍ରେଲ୍ ପହିଲା

୬. କିଏ ଇଂରାଜୀ ଭାଷାର ଶ୍ରେଷ୍ଠ କବି - ସେକ୍ସପିୟର

୭. କିଏ ସଂସ୍କୃତ ଭାଷାର ଶ୍ରେଷ୍ଠ କବି - କାଳିଦାସ

୮. କିଏ ଓଡ଼ିଆ ଭାଷାର ଶ୍ରେଷ୍ଠ କବି - ଉପେନ୍ଦ୍ରଭଞ୍ଜ

୯. କିଏ ବଙ୍ଗଳା ଭାଷାର ଶ୍ରେଷ୍ଠ କବି - ରବୀନ୍ଦ୍ରନାଥ ଠାକୁର

୧୦. କିଏ ହିନ୍ଦୀ ଭାଷାର ଶ୍ରେଷ୍ଠ କବି - ତୁଳସୀଦାସ

୧୧. କିଏ ପାର୍ଶୀ ଭାଷାର ଶ୍ରେଷ୍ଠ କବି - ମିର୍ଜା ଗାଲିବ୍

୧୨. କିଏ ଜର୍ମାନୀ ଭାଷାର ଶ୍ରେଷ୍ଠ କବି - ଗେଟେ

୧୩. କିଏ ଗ୍ରୀକ୍ ଭାଷାର ଶ୍ରେଷ୍ଠ କବି - ହୋମର୍

୧୪. କିଏ ଋଷ୍ ଭାଷାର ଶ୍ରେଷ୍ଠ କବି - ମାୟୋଭକ୍‌ସି

୧୫. ଭାରତର ପ୍ରଥମ ବିଲାତଯାତ୍ରୀ କିଏ ? ଉ- ରାଜା ରାମମୋହନ ରାୟ

୧୬. ଭାରତର ପ୍ରଥମ ଗଭର୍ଣ୍ଣର ? ଉ- ଲର୍ଡ ସତ୍ୟେନ୍ଦ୍ର ପ୍ରସନ୍ନ ସିଂହ

୧୭. ଭାରତର ପ୍ରଥମ ଆଇ.ସି.ଏସ୍ ? ଉ- ସତ୍ୟେନ୍ଦ୍ରନାଥ ଠାକୁର

୧୮. ଭାରତର ପ୍ରଥମ ରାଷ୍ଟ୍ରପତି କିଏ ଥିଲେ ? ଉ- ଡକ୍ଟର ରାଜେନ୍ଦ୍ର ପ୍ରସାଦ

୧୯. ଭାରତର ପ୍ରଥମ ମହିଳା ମନ୍ତ୍ରୀ କିଏ ଥିଲେ ? ଉ- ରାଜକୁମାରୀ ଅମୃତ କାଉର

୨୦. କିଏ ଭାରତର ମହିଳା ଗଭର୍ଣ୍ଣର ଥିଲେ ? ଉ- ସରୋଜିନୀ ନାଇଡୁ

୨୧. ଭାରତର ପ୍ରଥମ ନୋବେଲ୍ ପୁରସ୍କାର କିଏ ପାଇଥିଲେ ? ଉ- ରବୀନ୍ଦ୍ରନାଥ ଠାକୁର

୨୨. ଭାରତର ବୃହତ୍ତମ ହ୍ରଦର ନାମ କ'ଣ ଓ ସେ କେଉଁ ଦେଶରେ ଅବସ୍ଥିତ ? ଉ- ଭାରତର ବୃହତ୍ତମ ହ୍ରଦର ନାମ ଉଲାର ଓ ସେ କାଶ୍ମୀର ଦେଶରେ ଅବସ୍ଥିତ ।

୨୩. ଭାରତର ବୃହତ୍ତମ ସହର । ଉ - କୋଲକତା

୨୪. ଭାରତର ବୃହତ୍ତମ ନଦୀ । ଉ- ଗଙ୍ଗାନଦୀ

୨୫. ଭାରତର ବୃହତ୍ତମ ପାଠାଗାର । ଉ- ଜାତୀୟ ପାଠାଗାର (କୋଲକତା)

୨୬. ଭାରତର ବୃହତ୍ତମ ପ୍ରଦେଶ । ଉ- ମଧ୍ୟପ୍ରଦେଶ ।

୨୭. ଭାରତର ବୃହତ୍ତମ ଆନିକଟ୍ । ଉ - ମେଟୁର ଡ୍ୟାମ୍

୨୮. ଭାରତର ବୃହତ୍ତମ ମସ୍‌ଜିଦ୍ ? ଉ- ଜୁମା ମସ୍‌ଜିଦ୍ (ଦିଲ୍ଲୀ)

୨୯. ଭାରତର ବୃହତ୍ତମ ନଦୀବନ୍ଧ ? ଉ- ହୀରାକୁଦ (ଓଡ଼ିଶା)

୩୦. ଭାରତର ବୃହତ୍ତମ ମରୁଭୂମି ? ଉ- ଥର୍ (ରାଜସ୍ଥାନ)

୩୧. ଭାରତର ବୃହତ୍ତମ ବନ୍ଦର ? ଉ- ମୁମ୍ବାଇ

୩୨. ଭାରତର ବୃହତ୍ତମ ରେଳ ଜଙ୍କସନ୍ ? ଉ- ସୋନପୁର (ବିହାର)

୩୩. ଭାରତର ଉଚ୍ଚତମ ବନ୍ଧ ? ଉ- ଭାକ୍ରା ନଙ୍ଗଲ (ପଞ୍ଜାବ)

୩୪. ଭାରତର ବୃହତ୍ତମ ଗୁମ୍ଫା ? ଉ- ଏଲୋରା (ହାଇଦ୍ରାବାଦ)

୩୫. ଭାରତର ବୃହତ୍ତମ ଫାଟକ - ବୁଲାନ୍ଦା ଦରୱାଜା (ଫତେପୁର ସିକ୍ରି)

୩୬. ଭାରତର ବୃହତ୍ତମ ସ୍ତମ୍ଭ - କୁତବମିନାର (ଦିଲ୍ଲୀ)

୩୭. ଭାରତର ବୃହତ୍ତମ ମୂର୍ତ୍ତି - ଗୋମତୀଶ୍ୱର ମନ୍ଦିର (କର୍ଣ୍ଣାଟକ)

୩୮. ଭାରତ ଦେଶର ଜାତୀୟ ଚିହ୍ନ - ଅଶୋକସ୍ତମ୍ଭ

୩୯. ଅଷ୍ଟ୍ରେଲିଆ ଦେଶର ଜାତୀୟ ଚିହ୍ନ - କଙ୍ଗାରୁ ପଶୁ

୪୦. କାନାଡ଼ା ଦେଶର ଜାତୀୟ ଚିହ୍ନ - ଧଳା କଇଁଫୁଲ

୪୧. ଫ୍ରାନ୍ସ ଦେଶର ଜାତୀୟ ଚିହ୍ନ - କଇଁଫୁଲ

୪୨. ଜାପାନ ଦେଶର ଜାତୀୟ ଚିହ୍ନ - Chrysonthe

୪୩. ପାକିସ୍ତାନ ଦେଶର ଜାତୀୟ ଚିହ୍ନ - ଚନ୍ଦ୍ରମଲ୍ଲିକା

୪୪. ବ୍ରିଟେନ୍ ଦେଶର ଜାତୀୟ ଚିହ୍ନ - ଗୋଲାପ

୪୫. ଯୁକ୍ତରାଷ୍ଟ୍ର ଦେଶର ଜାତୀୟ ଚିହ୍ନ - ସ୍ୱର୍ଣ୍ଣଦଣ୍ଡ

୪୬. ପଞ୍ଚଗବ୍ୟର ନାମ କ'ଣ ? ଉ- ଗୋମୂତ୍ର, ଗୋମୟ, ଗବ୍ୟ, ଦୁଗ୍ଧ, ଗବ୍ୟଘୃତ

୪୭. ସର୍ବୋଷଧି ନାମ କ'ଣ ? ଉ- ମୁରାମାଂସୀ, ଜଟାମାଂସୀ, ବଚ, କୁଡ, ଶୈଳଜା, ହରିଦ୍ରା, ଦାରୁହରିଦ୍ରା, ଶଠୀ, ଚଅକ ଓ ମୁଥା ।

୪୮. ପଞ୍ଚଶସ୍ୟ ଗୁଡ଼ିକ କ'ଣ ? ଉ- ଧାନ୍ୟ, ବିରି, ତିଳ, ରାଶି, ମୁଗ, ଯବ

<u>ଓଡ଼ିଶାର ପର୍ବପର୍ବାଣୀ ଓ ଯାତ୍ରା :</u>

ବୈଶାଖ ମାସ - ମହାବିଷୁବ ସଂକ୍ରାନ୍ତି, ଅକ୍ଷୟ ତୃତୀୟା, ଚନ୍ଦନଯାତ୍ରା, ନୃସିଂହ ଜନ୍ମ

ଜ୍ୟେଷ୍ଠମାସ - ଶୀତଳ ଷଷ୍ଠୀ, ଦେବସ୍ନାନ ପୂର୍ଣ୍ଣିମା, ରଜପର୍ବ, ସାବିତ୍ରୀ ବ୍ରତ

ଆଷାଢମାସ - ନେତ୍ରୋତ୍ସବ, ଶ୍ରୀଗୁଣ୍ଡିଚା, ବାହୁଡ଼ା ଯାତ୍ରା, ବ୍ୟାସପୂର୍ଣ୍ଣିମା, ଚିତାଲାଗି ଅମାବାସ୍ୟା

ଶ୍ରାବଣ ମାସ - ନାଗ ପଞ୍ଚମୀ, ଝୁଲଣ ଯାତ୍ରା, ଗହ୍ମାପୂର୍ଣ୍ଣିମା

ଭାଦ୍ରବ ମାସ - ଖୁଦୁରୁକୁଣି, ଜନ୍ମାଷ୍ଟମୀ, ଗଣେଶ ପୂଜା, ଅନନ୍ତ ବ୍ରତ, ନୂଆଁଖିଆ, ସୋମନାଥ ବ୍ରତ, ରାଧାଷ୍ଟମୀ

ଆଶ୍ୱିନମାସ - ବିଶ୍ୱକର୍ମା, ଦଶହରା, କୁମାର ପୂର୍ଣ୍ଣିମା

କାର୍ତ୍ତିକମାସ - ଦୀପାବଳୀ, ଭ୍ରାତୃ ଦ୍ୱିତୀୟା, ଅଁଳା ନବମୀ, ରାସ ପୂର୍ଣ୍ଣିମା, ବାଲିଯାତ୍ରା

ମାର୍ଗଶୀର ମାସ - ପ୍ରଥମାଷ୍ଟମୀ, ମାଣବସା, ପଣ୍ଡୁ ପୂର୍ଣ୍ଣିମା

ପୌଷମାସ - ବାଟଓଷା, ବକୁଳ ଅମାବାସ୍ୟା, ଧନୁସଂକ୍ରାନ୍ତି, ଶାମ୍ବ ଦଶମୀ

ମାଘମାସ - ମକର ସଂକ୍ରାନ୍ତି, ସରସ୍ୱତୀ ପୂଜା, ମାଘସପ୍ତମୀ, ଅଗ୍ନି ଉତ୍ସବ

ଫାଲ୍‌ଗୁନ ମାସ - ଶିବରାତ୍ରୀ, ଦୋଳପୂର୍ଣ୍ଣିମା

ଚୈତ୍ରମାସ - ଶ୍ରୀରାମ ନବମୀ, ଚୈତ୍ର ପୂର୍ଣ୍ଣିମା, ଅଶୋକାଷ୍ଟମୀ

୧. ଓଡ଼ିଶାର ପ୍ରଥମ ସ୍କୁଲର ନାମ କ'ଣ ଓ କେଉଁ ମସିହାରେ ପ୍ରତିଷ୍ଠିତ ହୋଇଥିଲା ? ଉ- ଓଡ଼ିଶାର ପ୍ରଥମ ସ୍କୁଲ ରେଭେନ୍‌ସା କଲିଜିଏଟ୍ ସ୍କୁଲ ୧୮୨୪ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

୨. ଓଡ଼ିଶାର ପ୍ରଥମ ସମ୍ବାଦପତ୍ର କେବେ ପ୍ରକାଶିତ ହେଲା ? ଉ- ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ୧୮୬୬ରେ ପ୍ରକାଶିତ ହୋଇଥିଲା ।

୩. ଓଡ଼ିଶାର ପ୍ରଥମ ଓଡ଼ିଆ ଉପନ୍ୟାସ - ଜିବାସିନୀ (ଲେଖକ- ରାମଶଙ୍କର ରାୟ)

୪. ଓଡ଼ିଶାର ପ୍ରଥମ ନାଟକ - ବାବାଜୀ (ଲେଖକ- ଜଗମୋହନ ଲାଲ)

୫. ଓଡ଼ିଶାର ପ୍ରଥମ ଓଡ଼ିଆ ପୋଲିସ୍ ସୁପରିଟେଣ୍ଡେଣ୍ଟ - ଶ୍ରୀ କୃଷ୍ଣ ମହାପାତ୍ର

୬. ଓଡ଼ିଶାର ପ୍ରଥମ ଓଡ଼ିଆ ପ୍ରବନ୍ଧ - କିବେଦୀ (ଲେଖକ- ରାଧାନାଥ ରାୟ)

୭. ଓଡ଼ିଶାର ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର - ସୀତା ବିବାହ

୮. ଓଡ଼ିଶାର ପ୍ରଥମ ଓଡ଼ିଆ ହିନ୍ଦୀ ଚଳଚ୍ଚିତ୍ର ନିର୍ଦ୍ଦେଶକ - ଶ୍ରୀ ପ୍ରଶାନ୍ତ ନନ୍ଦ

୯. ଓଡ଼ିଶାର ସରକାରୀ ଆୟୁର୍ବେଦିକ କଲେଜ୍ - ପୁରୀ

୧୦. ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର କିଏ ନିର୍ମାଣ କରିଥିଲେ ? ଉ- ଚୋଡଗଙ୍ଗଦେବ

୧୧. ମାଧବାନନ୍ଦ ମନ୍ଦିର - ବରାହ କେଶରୀ

୧୨. ଧବଳେଶ୍ୱର ମନ୍ଦିର - ପ୍ରତାପରୁଦ୍ରଦେବ

୧୩. ବାରବାଟୀ ଦୁର୍ଗ - ଶ୍ରୀ ଅନଙ୍ଗଭୀମଦେବ

୧୪. କୋଣାର୍କ - ଲାଙ୍ଗୁଳା ନରସିଂହ ଦେବ

୧୫. ଶାରଳା ମନ୍ଦିର - ବରାହ କେଶରୀ

୧୬. ଧଉଳିଗିରି ଶିଳାଲିପି - ଅଶୋକ

୧୭. ନୀଳକଣ୍ଠେଶ୍ୱର ମନ୍ଦିର - ବରାହ କେଶରୀ

୧୮. ଓଡ଼ିଶାର ଶ୍ରେଷ୍ଠ ରାଜନୀତିଜ୍ଞ - ଡକ୍ଟର ହରେକୃଷ୍ଣ ମହାତାବ, ନବକୃଷ୍ଣ ଚୌଧୁରୀ, ବିଜୁ ପଟ୍ଟନାୟକ, ଚିନ୍ତାମଣି ପାଣିଗ୍ରାହୀ, ନିତ୍ୟାନନ୍ଦ କାନୁନ୍‌ଗୋ

୧୯. ଓଡ଼ିଶାର ଶ୍ରେଷ୍ଠ ଅର୍ଥନୀତିଜ୍ଞ - ଡକ୍ଟର ବୈଦ୍ୟନାଥ ମିଶ୍ର, ଡକ୍ଟର ସଦାଶିବ ମିଶ୍ର, ଡକ୍ଟର ବିଦ୍ୟାଧର ମିଶ୍ର, ଡକ୍ଟର ଦେବେନ୍ଦ୍ର ମିଶ୍ର

୨୦. ଓଡ଼ିଶାର ଶ୍ରେଷ୍ଠ ଆଇନଜ୍ଞ - ବାରିଷ୍ଟର ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରମୋଦ କୁମାର ରାଉତରାୟ, ଅକ୍ଷୟ କୁମାର ମହାପାତ୍ର, ବସନ୍ତ କୁମାର ସାହୁ

୨୧. ଓଡ଼ିଶାର ଶ୍ରେଷ୍ଠ ବୈଜ୍ଞାନିକ - ଡକ୍ଟର ମହେନ୍ଦ୍ର କୁମାର ରାଉତ, ଡକ୍ଟର ଗୋକୁଳାନନ୍ଦ ମହାପାତ୍ର, ଡକ୍ଟର ରମାକାନ୍ତ ମହାନ୍ତି, ଡକ୍ଟର ଦେବକାନ୍ତ ମିଶ୍ର

୨୨. ଓଡ଼ିଶାର ଶ୍ରେଷ୍ଠ ଐତିହାସିକ - ପଣ୍ଡିତ ସୂର୍ଯ୍ୟନାରାୟଣ ଦାସ, ଡକ୍ଟର ମନ୍ମଥନାଥ ଦାସ, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, କେଦାରନାଥ ମହାପାତ୍ର

•

# ଶ୍ରୀଜଗନ୍ନାଥଙ୍କ ବିଷୟରେ ସାଧାରଣ ଜ୍ଞାନ

ସସ୍ମିତା ମହାପାତ୍ର

୧. ଓଡ଼ିଶାର ଆରାଧ୍ୟ ଦେବତା କିଏ ?

ଉ- ଶ୍ରୀଜଗନ୍ନାଥ

୨. ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ କିଏ ଆରମ୍ଭ କରିଥିଲେ ?

ଉ- ଚୋଡଗଙ୍ଗ ଦେବ

୩. ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ କିଏ ଶେଷ କରିଥିଲେ ?

ଉ- ଦ୍ୱିତୀୟ ଅନଙ୍ଗଭୀମଦେବ

୪. ଶ୍ରୀଜଗନ୍ନାଥଙ୍କ ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ?

ଉ- ପୁରୀ

୫. ଜଗନ୍ନାଥଙ୍କ ଜନ୍ମମାସର ନାମ କ'ଣ ?

ଉ- ଜ୍ୟେଷ୍ଠମାସ

୬. ଜଗନ୍ନାଥଙ୍କ ରଥର ନାମ କ'ଣ ?

ଉ- ନନ୍ଦିଘୋଷ

୭. ନନ୍ଦିଘୋଷରେ ଥିବା ଚକ ସଂଖ୍ୟା କେତେ ?

ଉ- ୧୬ଟି

୮. ନନ୍ଦିଘୋଷରେ ଲାଗୁଥିବା ପଟା ସଂଖ୍ୟା କେତେ ?

ଉ- ୮୩୨

୯. ନନ୍ଦିଘୋଷ ରଥରେ ଲାଗୁଥିବା କପଡ଼ାର ରଙ୍ଗ କ'ଣ ?

ଉ- ଲାଲ, ହଳଦିଆ

୧୦. ନନ୍ଦିଘୋଷରେ ଲାଗୁଥିବା ଘୋଡ଼ା କ'ଣ କ'ଣ ?

ଉ- ଶଙ୍ଖ, ବଳାହକ, ଶ୍ୱେତ, ହରିଦାଶ୍ୱ

୧୧. ନନ୍ଦିଘୋଷର ଉଚ୍ଚତା କେତେ ?

ଉ- ୧୩.୫ ମିଟର

୧୨. ନନ୍ଦିଘୋଷ ରଥରେ ଥିବା ଦେବତାଙ୍କୁ କ'ଣ କୁହାଯାଏ ?

ଉ- ଗରୁଡ଼

୧୩. ନନ୍ଦିଘୋଷର ସାରଥିଙ୍କ ନାମ କ'ଣ ?

ଉ- ଦାରୁକ

୧୪. ନନ୍ଦିଘୋଷ ରଥରେ ଯେଉଁ ଦଉଡ଼ି ବ୍ୟବହାର କରାଯାଏ ତାହାର ନାମ କ'ଣ ?

ଉ- ଶଙ୍ଖଚୂଡ଼

୧୫. ନନ୍ଦିଘୋଷ ରଥରେ କେତେ ଦେବାଦେବୀ ଥାଆନ୍ତି ?

ଉ- ୯ଟି

୧୬. ନନ୍ଦିଘୋଷ ରଥରେ ଥିବା ନଅ ଦେବାଦେବୀଙ୍କ ନାମ କ'ଣ ?

ଉ- ବରାହ, ଗୋବର୍ଦ୍ଧନ, କୃଷ୍ଣ, ରାମ, ନାରାୟଣ, ନୃସିଂହ, ହନୁମାନ, ରୁଦ୍ର ଓ ତ୍ରିବିକ୍ରମ

ପ୍ରସିଦ୍ଧ ? - ଭୈରବୀ

୬. ଶଙ୍ଖ ଓ କୋଏଲ ନଦୀର ସଙ୍ଗମ ସ୍ଥଳ କେଉଁ ନାମରେ ପ୍ରସିଦ୍ଧ ? - ବେଦବ୍ୟାସ

୭. ଫୁଲବାଣୀ ଜିଲ୍ଲାରେ ଥିବା 'ଚକାପାଦ' ଆଶ୍ରମ କେଉଁ ମୁନିଙ୍କ ଦ୍ୱାରା ପ୍ରତିଷ୍ଠିତ ? - ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ

୮. ଗୁପ୍ତେଶ୍ୱର ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ? - କୋରାପୁଟ

୯. ଲଳିତଗିରି କେଉଁଥିପାଇଁ ପ୍ରସିଦ୍ଧ ? - ବୌଦ୍ଧ ବିହାର

୧୦. ଖ୍ୱିଚିଂରେ କେଉଁ ଦେବୀଙ୍କ ମନ୍ଦିର ଅବସ୍ଥିତ ? - କୀଚକେଶ୍ୱରୀ

**ମହାପୁରୁଷଙ୍କର ଜନ୍ମ ସ୍ଥାନ :**

୧. ଗୋପବନ୍ଧୁ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ? - ସୁଆଣ୍ଡୋ, ପୁରୀ

୨. ଉତ୍କଳ ଗୌରବ ମଧୁବାବୁଙ୍କର ଜନ୍ମସ୍ଥାନ କେଉଁଠାରେ ? - ସତ୍ୟଭାମାପୁର, କଟକ

୩. ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କର ଜନ୍ମ କେଉଁଠାରେ ହୋଇଥିଲା ? - ଓଡ଼ିଆ ବଜାର, କଟକ

୪. ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କର ଜନ୍ମ କେଉଁଠାରେ ହୋଇଥିଲା ? - ଓଡ଼ିଆ ବଜାର, କଟକ

୫. ଅତିବଡ଼ି ଜଗନ୍ନାଥ ଦାସଙ୍କର ଜନ୍ମସ୍ଥାନ କେଉଁଠାରେ ହୋଇଥିଲା ? - କେମାଳ, କଟକ

୬. କବି ସମ୍ରାଟ ଉପେନ୍ଦ୍ରଭଞ୍ଜଙ୍କର ଜନ୍ମସ୍ଥାନ କେଉଁଠାରେ ? - କପିଳେଶ୍ୱର, ପୁରୀ

୭. ଗୀତଗୋବିନ୍ଦର ରଚୟିତା ଜୟଦେବଙ୍କର ଜନ୍ମସ୍ଥାନ କେଉଁଠାରେ ? - କେନ୍ଦୁବିଲ୍ୱ, ଖୋର୍ଦ୍ଧା

୮. ଆଦିକବି ସାରଳାଦାସଙ୍କର ଜନ୍ମସ୍ଥାନ କେଉଁଠାରେ ? - ଝଙ୍କଡ଼, ଜଗତସିଂହପୁର

୯. ଭୀମଭୋଇଙ୍କର ଜନ୍ମ କେଉଁଠାରେ ହୋଇଥିଲା ? - ଖଲିଆପାଲି, ସୋନପୁର

୧୦. ଶହୀଦ ଲକ୍ଷ୍ମଣ ନାୟକଙ୍କର ଜନ୍ମସ୍ଥାନ କେଉଁଠାରେ ଅବସ୍ଥିତ ? - ତେନ୍ତୁଳି ଗଙ୍କା, କୋରାପୁଟ

**ଦର୍ଶନୀୟ ସ୍ଥାନ :**

୧. ଓଡ଼ିଶାର ଶଙ୍ଖକ୍ଷେତ୍ର କାହାକୁ କୁହାଯାଏ ? - ପୁରୀ

୨. ଓଡ଼ିଶାର ଗଦାକ୍ଷେତ୍ର କେଉଁ ସ୍ଥାନକୁ କୁହାଯାଏ ? - ଯାଜପୁର

୩. ଓଡ଼ିଶାର ତୁଳସୀ କ୍ଷେତ୍ର କେଉଁ ସ୍ଥାନକୁ କୁହାଯାଏ ? - କେନ୍ଦ୍ରାପଡ଼ା

୪. ଭଟ୍ଟାରିକା ମନ୍ଦିର କେଉଁ ସ୍ଥାନରେ ଅବସ୍ଥିତ ? - ବଡ଼ମ୍ବା

୫. ଚର୍ଚ୍ଚିକା ମନ୍ଦିର କେଉଁ ସ୍ଥାନରେ ଅବସ୍ଥିତ ? - ବାଙ୍କୀ

୬. ଓଡ଼ିଶାର କାଠର ମନ୍ଦିର କେଉଁଠାରେ ଅଛି ? - ବୁଗୁଡ଼ା ସୂର୍ଯ୍ୟ ନାରାୟଣ ମନ୍ଦିର

୭. ଓଡ଼ିଶାର ବୃହତ୍ତମ ପକ୍ଷୀ ଅଭୟାରଣ୍ୟ କେଉଁଠାରେ ଅବସ୍ଥିତ ? - ନଳବଣ, ଚିଲିକା

୮. କ୍ଷୀରଚୋରା ଗୋପୀନାଥ ମନ୍ଦିର କେଉଁଠାରେ ଅବସ୍ଥିତ ? - ରେମୁଣା, ବାଲେଶ୍ୱର

୯. ଭିତରକନିକା ଅଭୟାରଣ୍ୟ କେଉଁ ଜିଲ୍ଲାରେ ଅବସ୍ଥିତ ? - କେନ୍ଦ୍ରାପଡ଼ା

**ଓଡ଼ିଶାର ପ୍ରଥମ :**

୧. ଓଡ଼ିଶାର ପ୍ରଥମ ଓଡ଼ିଆ ସମ୍ରାଟ - ସମ୍ରାଟ

ଖାରବେଳ

୨. ଓଡ଼ିଶାର ପ୍ରଥମ ଗଭର୍ଣ୍ଣର - ସାର ଜନ୍ ଅଷ୍ଟିନ୍ ହାବାକ୍

୩. ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ - ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି

୪. ଓଡ଼ିଶାର ପ୍ରଥମ ଓଡ଼ିଆ ମନ୍ତ୍ରୀ - ଉତ୍କଳ ଗୌରବ ମଧୁସୂଦନ ଦାସ

୫. ଓଡ଼ିଶାର ପ୍ରଥମ ଓଡ଼ିଆ କବି - ଆଦିକବି ସାରଳା ଦାସ

୬. ପ୍ରଥମ ଓଡ଼ିଆ ନାଟ୍ୟକାର - ଜଗମୋହନ ଲାଲା

୭. ପ୍ରଥମ ଓଡ଼ିଆ ଗାଳ୍ପିକ - ଫକୀର ମୋହନ ସେନାପତି

୮. ଓଡ଼ିଶାର ପ୍ରଥମ ବନ୍ଦର - ଚାନ୍ଦବାଲି

୯. ପ୍ରଥମ ଓଡ଼ିଶା ଖବର କାଗଜ - ଉତ୍କଳ ଦୀପିକା

୧୦. ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର - ସୀତା ବିବାହ

ପର୍ବପର୍ବାଣି :

୧. ଅକ୍ଷୟ ତୃତୀୟା କେଉଁ ମାସରେ ପଡ଼େ ? - ବୈଶାଖ

୨. ଆମେ କେଉଁ ପର୍ବରେ ଚିତୋଉ ପିଠା ନଦୀ ଓ ପୋଖରୀରେ ପକାଉ ? - ଚିତାଲାଗି ଅମାବାସ୍ୟା

୩. ଜଗନ୍ନାଥଙ୍କର ରଥଯାତ୍ରା କେଉଁଦିନ ହୁଏ ? - ଆଷାଢ଼ ଶୁକ୍ଳ ଦ୍ୱିତୀୟା

୪. କେଉଁ ପର୍ବରେ ଦେବୀଙ୍କ ପାଖରେ ଅସ୍ତ୍ରଶସ୍ତ୍ର ପୂଜା କରାଯାଏ ? - ଦଶହରା

୫. କେଉଁ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରାଯାଏ ? - କାର୍ତ୍ତିକ ପୂର୍ଣ୍ଣିମା

୬. କେଉଁଦିନ ସୂର୍ଯ୍ୟଙ୍କୁ ପୂଜା କରାଯାଏ ? - ଶାମ୍ବ ଦଶମୀ

୭. କେଉଁ ପୂର୍ଣ୍ଣିମାକୁ ସ୍ନାନ ପୂର୍ଣ୍ଣିମା କୁହାଯାଏ ? - ଜ୍ୟେଷ୍ଠ ପୂର୍ଣ୍ଣିମା

୮. ଠାକୁର ରାଜାଙ୍କର ଅଙ୍କ ଗଣନା କେଉଁଠାରୁ ଆରମ୍ଭ ହୁଏ ? - ସୁନିଆଁ

# ହସକଥା

ସୁଚିସ୍ମିତା ଜେନା
+୩ ପ୍ରଥମ ବର୍ଷ, କଳା

ରବି - ଜାଣିଛୁ କବି, ମୋ ବାପା ଆଗେ ବହୁତ କଳା ଦେଖା ଯାଉଥିଲେ । ଏବେ ବହୁତ ଗୋରା ଦେଖାଯାଉଛନ୍ତି ।

କବି - କିପରି ? କ'ଣ କିଛି କ୍ରିମ୍ ବ୍ୟବହାର କରୁଛନ୍ତି ?

ରବି - ନାଇଁ ନାଇଁ । ମୋ ବାପା ଆଗେ କୋଇଲା ଖଣିରେ କାମ କରୁଥିଲେ, ଏବେ ଗୋଟିଏ ଅଟାକଳରେ କାମ କରୁଛନ୍ତି ।

●●●

ଶିକ୍ଷକ - ଗତ ଜନ୍ମଦିନରେ ତୁମକୁ କେତେ ବର୍ଷ ହୋଇଥିଲା ?

ଛାତ୍ର - ସାର୍ ସାତ ବର୍ଷ ।

ଶିକ୍ଷକ - ତେବେ ଆସନ୍ତା ଜନ୍ମଦିନରେ ତୁମକୁ କେତେବର୍ଷ ହେବ ?

ଛାତ୍ର - ନଅ ବର୍ଷ ।

ଶିକ୍ଷକ - କି ପାଠ ତୁମେ ପଢୁଛ ? ଏତିକି ଠିକ୍ କହିପାରୁନ ?

ଛାତ୍ର - ନାଇଁ ସାର୍ । ଆଜି ପରା ଜନ୍ମଦିନ ଆଉ ମୋତେ ୮ ବର୍ଷ ହେଲା ।

●●●

ଶିକ୍ଷକ - ରାମ ଏମିତି ଗୋଟେ ଗୁରୁତ୍ୱପୂର୍ଣ୍ଣ କଥା କହିପାରିବ ଯାହା ବର୍ତ୍ତମାନ ଅଛି କିନ୍ତୁ; ୧୦ ବର୍ଷ ତଳେ ନଥିଲା ।

ରାମ - ସାର୍, ମୁଁ ନିଜେ ।

●●●

ସାର୍ - ମନେକର ତୁମ ପାଖରେ ୧୦ ଟଙ୍କା ଅଛି ଓ ତୁମେ ବାପାଙ୍କୁ ଆଉ ୧୦ ଟଙ୍କା ମାଗିଲ । ତେବେ ତୁମର କେତେ ହେବ ?

ଛାତ୍ର - ୧୦ ଟଙ୍କା

ସାର୍ - କେମିତି ?

ଛାତ୍ର - ସାର୍, ମୁଁ ଜାଣିଛି ବାପା ମୋତେ କେବେ ହେଲେ ୧୦ ଟଙ୍କା ଦେବେ ନାହିଁ ।

●●●

ବାପାଙ୍କ ଠାରୁ ୧ ଟଙ୍କା ଝାମି ନେଇ ରାମ କହିଲା, ''ବାପା ଦେଖ, ମୁଁ ଟସ୍ ପକାଉଛି । ଯଦି ହେଡ୍ ପଡେ ମୁଁ ଏବେ ଶୋଇବି, ଯଦି ଟେଲ୍ ପଡେ ମୁଁ ଫିଲିମ୍ ଦେଖିବି । ଆଉ ଯଦି ଇଏ ଠିଆ ହୋଇ ରହେ ତେବେ ମୁଁ ନିଶ୍ଚୟ ପାଠ ପଢ଼ିବି ।

●●●

ଲିଙ୍କି - ମୁଁ ତୋ ମୁହଁ କୋଉଠି ଦେଖିଲା ଭଳି ମନେପଡୁଛି ।

ପିଙ୍କି - ମୋ ମୁହଁତ ମୋ ଶରୀର ଛାଡ଼ି କୁଆଡ଼େ ଯାଇନାହିଁ, ଆଉ ଦେଖିଲୁ କୋଉଠି ?

●●●

ଶିକ୍ଷକ - ମକରା, ୬ ର ୭ ଗୁଣ କେତେ ?

ମକରା - ସାର୍, ୪୨ ।

ଶିକ୍ଷକ - ତେବେ କହିଲୁ, ୭ ର ୬ ଗୁଣ କେତେ ହେବ ?

ମକରା - ୨୪ ହେବ ସାର୍ ।

●●●

ବାପା - କହିଲୁ ମକରା, ଆମେ ଘଡ଼ଘଡ଼ିଠାରୁ ବିଜୁଳିକୁ ଶୀଘ୍ର କାହିଁକି ଦେଖୁ ?

ପପୁ - ବାପା, ଆମର କାନ ଆଖିଠାରୁ ପଛରେ ଅଛି । ସେଥିପାଇଁ ଶୁଣିବାରେ ଦେଖିବା ଅପେକ୍ଷା ବିଳମ୍ବ ହୁଏ ।

●●●

ଥରେ ଜଣେ ଚାଷୀ ବ୍ୟାଙ୍କକୁ ଟଙ୍କା ଜମା ଦେବାକୁ ଯାଇ କ୍ୟାସିୟରଙ୍କୁ ଟଙ୍କା ଦେଲେ । କ୍ୟାସିୟର ସେଥିମଧ୍ୟରୁ କେତୋଟି ଚିରା ନୋଟ୍ ବାଛି ଫେରାଇ ଦେଇ କହିଲେ, ''ଏସବୁ ଚଳିବ ନାହିଁ, ନେଇଯାଅ'' । ଲୋକଟି କହିଲା, ''ଆରେ ଟଙ୍କାତ ମୋ ନାଆଁରେ ଜମା ହେବ । ସେ ଚିରା ହେଲା କି ଯାହା ହେଲା, ତୁମର ସେଥିରେ କ'ଣ ଅଛି ?''

●●●

ଛାତ୍ର - ସାର୍, ମୁଁ ପରୀକ୍ଷାରେ ଶୂନ (୦) ରଖିବି ବୋଲି ଆଦୌ ଭାବିନଥିଲି ।

ସାର୍ - ବାଧ ହୋଇ ମୁଁ ଶୂନ ଦେଲି, କାରଣ ତା'ଠାରୁ ଆଉ କମ୍ ନମ୍ବର ଦେଇହବନି ।

●



# କବିତା
# ବିଭାଗ



# ଅଦୃଶ୍ୟର ଶକ୍ତି

ଅଧ୍ୟାପକ ନୃସିଂହ ଚରଣ ମିଶ୍ର
ଇତିହାସ ବିଭାଗ

ମୋ ଜୀବନ ଏକ ଅଭୁଲା କାହାଣୀ
ଏହା ଏକ ସଦ୍ୟଜାତ ପ୍ରସ୍ଫୁଟିତ ଫୁଲର ବାସନା
ଯିଏ ଦେଇଛି ସାହାସ
ବର୍ଣ୍ଣନା କରିବାକୁ ତା'ର ନାହିଁ ମୋର ବାଣୀ ।

ଜୀବନରେ ଆସିଥିଲା ଏକ ମେଘର ଓଢ଼ଣୀ
ବର୍ଷି ଦେଇଗଲା, ହେଲେ, ହେଲି ନାହିଁ ହତବାକ୍
କିଏ ତମେ ଦେଲ ଏତେ ଶକ୍ତି
ତୁମେ ପରା ସଂସାରର ଅଟହେ ତୁଳଣୀ ।

ନିଶିପାହି ସିନ୍ଦୁରା ଫାଟିବାର ବେଳ ଆସିଲାଣି
ହେଲେ ସୂର୍ଯ୍ୟୋଦୟ ଦେଖିବାକୁ ବାକିଅଛି ମୋର
ଜୀବନରେ ଆସିବକି ସତେ, ଏ ସ୍ୱପ୍ନର ରାଇଜ
ପାଇବାକୁ ତାହା ମୁଁ ଉଦ୍ୟତ ହେଲିଣି ।

ହେ ନିରାକାର ପରଂବ୍ରହ୍ମ ହାୟ ! ତୁମ ଠାଣୀ
ଶକ୍ତି ତୁମ ଲୁକ୍କାୟିତ, ଏକ ମନର ପାହାଡ଼ ତଳେ
ଯେତେବେଳେ ହୁଏ ଉଦ୍‌ଗିରଣ
ସବୁଦୁଃଖ ନିମିଷକେ ହୋଇଯାଏ ପାଣି ।

କେତେ ଯେ ଜୀବନ ଆଜି ସାଜିଛି ଜାଣେନୀ
ଏତ କଳିଯୁଗ, ବୁଝେନାହିଁ ମନ, ପ୍ରକୃତିର ବାସ୍ତବ
ରହସ୍ୟ
କଳୁଷିତ ହେବପରା ସବୁ, ଏହା ବିଧିର ବିଧାନ
ଜ୍ଞାନୋଦୟ ବେଳେ ହେବ ସବୁ ଅସାରଣୀ ।

ଭାବି ଭାବି ଆଖିରୁ ନିଦ ହଜିଲାଣି
ସତେ ଏ ରାଇଜ ହେବ ଗାନ୍ଧି ସ୍ୱପ୍ନରାଜ୍ୟ
ହଟିବ ଦେଶରୁ କ୍ଷୁଧା, ଲୋକେ ହେବେ ପ୍ରାୟଶ୍ଚିତ
ଏହା ଦିବା ସ୍ୱପ୍ନପରି ପ୍ରତୀୟମାନ ହେଲାଣି ।

ହେ ମୋ ମନ ରାଇଜର ରାଣୀ
ଦିବ୍ୟଚକ୍ଷୁ ଦେଇ ସଭିଙ୍କୁ ଦିଅହେ ଚେତାଇ
ବିଷପିଇ ନକରକୁ ବିଷାକ୍ତ ସଂସାର
ପ୍ରଭୁପାଦେ ଏହା ମୋର ଏକଇ ମେଲାଣୀ ।

●



# ଆମ କଲେଜର ସ୍ପୋର୍ଟସ

ସୁଚିସ୍ମିତା ଜେନା
+୩ ପ୍ରଥମ ବର୍ଷ, କଳା

ଆସେ ଯେବେ ତିନିଦିନିଆ ସ୍ପୋର୍ଟସ ଆମର
ସେହି ତିନିଦିନ ଆମକୁ ଲାଗେ ବହୁତ ଭଲ ।
ଏଥିପାଇଁ ଚାଲୁ ରହେ ଅଭ୍ୟାସ ବରାବର
ସେ ସମୟ ଲାଗେ ବହୁତ ଆନନ୍ଦ ସଂସାର ।
ଗୋଟେ ପରେ ଗୋଟେ ଖେଳ ଯାଉଥାଏ ସରି
ଶରୀର ପାଇଁ ପାଣି ଓ ଗ୍ଲୁକୋଜ୍ ନିହାତି ଜରୁରୀ ।
ସକାଳରୁ ସଂଧ୍ୟା ଯାଏ ଖେଳ ଲାଗି ରହେ
ଦୁଇଶହ ମିଟର ପାଖେ ମନ ଲାଗିଥାଏ ।
ମ୍ୟୁଜିକ୍ ଚେୟାର ଭଲ ଲାଗେ ଅତି
ସବା ଶେଷେ ଯିଏ ରହେ ସିଏ ଯାଏ ଜିତି ।
ଜାଭେଲିନ୍ ଥ୍ରୋରେ ପଏଣ୍ଟ କରିବାକୁ ପଡ଼ିବ
ଅତି ସାବଧାନ ହୋଇ ଏହାକୁ ଯେ ମାରିବ ।
ଲଙ୍ଗ୍ ଜମ୍ପରେ ତୁମେ କିଛି ଦୂରରୁ ଯେ ଆସିବ
ଗାରକୁ ନ ମାଡ଼ି ତୁମେ ଯେତେ ଦୂର ଡେଇଁବ ।
ଖେଳେ ଯିଏ ପ୍ରଥମ, ଦ୍ୱିତୀୟ କି ତୃତୀୟ ହୋଇବ
ଶେଷେ ଦିନେ ପୁରସ୍କାର ପ୍ରାପ୍ତି ସେ ଯେ ହୋଇବ ।
ଏହିତ ହୋଇଛି ଆମର ସ୍ପୋର୍ଟସର ରୀତି
ଏତେ ସହଜରେ ଯାକୁ ଭୁଲିବି କେମିତି ?



# ମାଦଳ ବାଜିଲାରେ

ସୁରଚ କୁମାର ଭୋଇ
+୩ ପ୍ରଥମ ବର୍ଷ, କଳା

ମାଦଳ ବାଜିଲାରେ ଘୁମୁରା ବାଜିଲା,
ଭାଇ ଘୁମୁରା ବାଜିଲା ।
ଆମେ ସବୁ ଅଟୁ ଭାରି ବାଜିରାଉତ ଚେଲାରେ
ଗୁଳି ଚୋଟେ ପ୍ରାଣ ଯେହୁ ଦେଲା ।
ଅନ୍ଧାରି ମୁଲକ ମଧ୍ୟେ ଦିହୁଡ଼ି ଜାଳିଲାରେ
ବାର ବରଷର ମାଝି ପିଲା ।
ଅନ୍ଧାରି ମୁଲକରେ ଅନ୍ଧାରି ମୁଲକେ,
ଗୁଳି ଆବାଜରେ ବୀର ବାଜି ଆସି ଡାକେରେ
ଜାଗି ଉଠ ଗଡଜାତି ଲୋକେ ।
ସେହି ରାଇଜ ପିଲାରେ ଆମେ,
ସେହି ରାଇଜ ପିଲା
ଯେଉଁ ରାଇଜ ପିଲା ହସି ହସି ପ୍ରାଣ ଦେଲାରେ,
ଦେଶ ଆଗେ କୀର୍ତ୍ତି ରଖିଗଲା ।

# ମଳୟ ପବନ

ପପୁଲ ସ୍ୱାଇଁ
+୩ ଦ୍ୱିତୀୟ ବର୍ଷ, କଳା

ମଳୟ ପବନ ବହେ
  ସକାଳେ ଓ ସଞ୍ଜେ
ସେ ସଞ୍ଜେରେ ଦେଖାହେଲା
  ତୁମ ସାଙ୍ଗେ ଦିନେ
ସେ ସଞ୍ଜଟା ଥିଲା ପୂର୍ଣ୍ଣିମାର ଦିନ
  ସେ ପୂର୍ଣ୍ଣିମାଟା ଥିଲା ଏକ ଗୋଲ୍‌ପରି ଜହ୍ନ
ସେ ଜହ୍ନରେ ଥିଲା କେତେଯେ ଆଲୋକ
  ତୁମେ ଆସି ଭରିଦେଲ ଅମା ଅନ୍ଧକାର
ସେ ଅନ୍ଧକାରେ ହେଲା ତୁମ ସାଙ୍ଗେ କଥା
  ସେ କଥାରେ ଥିଲା କେତେ ଛଳନାର ବ୍ୟଥା
ସେ ବ୍ୟଥାରେ ଆଖିରୁ ମୁଁ ଝରେଇଲି ଲୁହ
  ସେ ଲୁହରେ ଭିଜିଗଲା ତୁଟିଟା ଯେ ମୋର
ସେ ତୁଳିରେ ପୋଛିଦେଇ ଲୁହକୁ ଯେ ମୋର
  କହିଲ ଭୁଲିଯା ସବୁ ବ୍ୟଥାକୁ ତୋହର
ମୁଁ କହିଲି ଭୁଲିପାରେ ପ୍ରେମକୁ ତୁମର
  ଭୁଲିପାରିବିନି କେବେ କଥାକୁ ମୋହର
ଏବେ ମୁଁ ବୁଝିଲି
  ମଳୟ ପବନ ଥିଲା ବାତ୍ୟାର ଝଙ୍କାର
ସେ ବାତ୍ୟାରେ ଫେରିଲି ମୁଁ
  ନିଜ ମନ ଘର
ହେ; ମଳୟ ପବନ
  ଆଉ ଆସ କେବେ କାହାରି ଜୀବନ ।

●

# ଭୋଳାବାବାଙ୍କ ଶଙ୍କା

ସୁଚିସ୍ମିତା ବାରିକ
+୩ ଦ୍ୱିତୀୟ ବର୍ଷ, କଳା

ଜଗନ୍ନାଥ ଥରେ ବୁଲି ଆସିଥିଲେ
  ସହର ଭୁବନେଶ୍ୱର ।
ମାଷ୍ଟର କ୍ୟାଣ୍ଟିନ୍ ଛକରେ ହଠାତ୍
  ଭେଟିଲେ ଭୋଳାଶଙ୍କର ।।
ଜଗନ କହିଲେ ଆହେ ଭୋଳା ବାବା
  କ' ଏ ଦେଶ ଖବର ?
ଶଙ୍କର କହିଲେ ଭକ୍ତ ମୋର ଏବେ
  ଚିଲମ ଫୋପାଡ଼ି ଖାଏ ବ୍ରାଉନ୍ ସୁଗାର ।।
ଗଣେଶଟା ମୋର ଭାରି ଅଝଟିଆ
  ଖାଇବାକୁ ରାଣି ଲଡୁ ।
ପାର୍ବତୀ କହିଲେ ଟଙ୍କା ନାହିଁ ଯଦି
  ବିକିଦିଅ ତୁମ ଗଡୁ ।।
ତମେ ସିନା ଖାଅ ଛାଠିଏ ପଉଟି
  ବାକି ଯା ବଳେ ଅବଢ଼ା ।
ମୁଁ ଚୋବାଉଛି ବେଲପତ୍ର
  ଆଉ ମୋ ଷଣ୍ଢ ଚୋବାଉଛି ନଢ଼ା ।।
ଲୋକମାନେ ଖାଲି ଗଣ୍ଡଗୋଳ କରି
  କରୁଛନ୍ତି ଅନଶନ ।
ସମୟ ମିଳିଲେ ଶ୍ରୀମନ୍ଦିରେ ଆଉ
  ଦେଖୁନି ଟେଲିଭିଜନ ।।

ଭକ୍ତମାନଙ୍କର ଏହା ଅସୁବିଧା
ରହୁଛି ମୋ ଟେନ୍‌ସନ୍ ।
ଚାଉଳ ଦର କମାଇ ଦେବାରୁ
କମିଲା ମୋ ପେନ୍‌ସନ୍ ।।
କୁଆଡୁ ଆସିଲା ସ୍ୱାଇନ୍ ଫ୍ଲୁ ରୋଗ
ଖେଳିଲା ଖାଲି ଆତଙ୍କ ।
ମାସ୍କ ଲଗାଇ ଷଣ୍ଢଟା ମୋର
ଖାଲି ହୁଏ ଧକ୍ ଧକ୍ ।।
ଖରାର ଉତ୍ତାପ ଏତେ ଯେ ବଢ଼ିଲା
ପୃଥ୍ୱୀ ହୁଏ ଟଳମଳ
ସବୁଆଡ଼େ ଯଦି ତାପଟି ବଢ଼ିବ
କାହିଁ ଏତେ ଦମକଳ ।।
ଚାରିଆଡ଼େ ଖାଲି ହାହାକାର ପ୍ରଭୁ
ରଖ ଆମକୁ ଆପଣ ।
ନନ୍ଦିଟା ମୋହର ଖରାରେ ଶୁଖିକି
ଦେଖେ ଖାଲି ଦରପଣ ।
କାର୍ତ୍ତିକଟା ମୋର ଏତେ ବୁଝିବାର
କହେ ଲୋଡ଼ା ନାହିଁ ଏ ମୟୂର
ଦିନେ ଘରୁ ହୋଇଯିବି ମୁଁ ବାହାର
ନଦେବ ଯଦି ଗୋଟେ ନାନୋ କାର୍
କି କହିବି ଆଉ ଦେଶର ଖବର
ଏତିକି ଶୁଣ ହେ ଗୁହାରୀ ମୋର ।।

●

# ସ୍ମୃତି

ସ୍ମରଣିକା ସ୍ୱାଇଁ
+୩ ପ୍ରଥମ ବର୍ଷ,କଳା

ମୋ ସ୍ମୃତିକୁ କରନାହିଁ ତୁମେ ତୁମ ମନର ମଣିଷ
ପ୍ରକ୍ଷାଳନ କରିବାକୁ ହେବ ଭଲ ପାଇ ଭୁଲିବାର ଦୋଷ ।
ମୋ ସ୍ମୃତିକୁ କରିଦିଅ ନାହିଁ ତୁମେ ରଙ୍ଗର ତୂଳି,
ଆଙ୍କି ହୋଇଯିବ କାନ୍‌ଭାସରେ ଛବି କେତେ ଉଳିକି ଭଳି ।
ମୋ ସ୍ମୃତିକୁ କରିଦିଅନା ତୁମେ ପିଲାଙ୍କ ଖେଳନା,
ସହଜରେ ଭାଙ୍ଗେ ସିଏ ସିନା କେବେ ଗଢ଼ିତ ହୁଏନା ।
ମୋ ସ୍ମୃତିକୁ ଭାବିନିଅ ତୁମେ ଏକ ମଉଳା ଗୋଲାପ
ସହଜରେ ଭୁଲିହେବ ଲଭିଥିବା କଣ୍ଟାର ପ୍ରକୋପ ।
ମୋ ସ୍ମୃତିକୁ ମନେକର ବୃନ୍ତଚ୍ୟୁତ ରାତ୍ରିର ଗଙ୍ଗଶିଉଳି,
ରାତି ପାହିଗଲେ ସକାଳକୁ ଚୁପ୍‌ଚାପ୍ ଯିଏ ଯାଏ ଝରି ।
ମୋ ସ୍ମୃତିକୁ ଭାବନାହିଁ ତୁମେ କୋଇଲି ସଂଗୀତ
ଜାଣିପାରିବନି କେବେ ବସନ୍ତ ହଜିଛି କେବେ ଫଗୁଣ ବିସ୍ମୃତ
ମୋ ସ୍ମୃତିକୁ କରିଦିଅ ତୁମେ ମୃତ ନଈର ତତଲା ସରୁ ବାଲି
ଭୁଲିଯିବ କେତେ ଶ୍ରାବଣରେ ଲୁହ ଝରିଥିଲା
ରକ୍ତରେ ସ୍ରୋତ କେତେ ଥିଲା କାଲି ।

●

## ମା' ଟିଏ

ଶୁଭଦ୍ରା ମହାପାତ୍ର
+୨ ପ୍ରଥମ ବର୍ଷ, କଳା

ମା'ଟିଏ
ଖରା, ବରଷାରୁ, ଶୀତ କାକରରୁ
ରକ୍ଷା କରିବାକୁ
କାଳେ କାଳେ ତା ପଣତକାନି ଥାଏ ।
ମା'ଟିଏ
ତମେ ତାକୁ ମାଡ଼ ଦେଇପାର
ତମ କଷ୍ଟକୁ ସେ ଆହା କହେ,
ତମେ ପଡ଼ିଗଲେ ତଳେ
ତା ହୃଦୟରୁ ରକ୍ତ ଝରିଯାଏ,
ଭୋକିଲା ପେଟରେ ନିଜେ ରହି
ପିଲାଙ୍କ ପେଟରେ ଦାନା ଦେଇ
ନିଜେ ପାଣି ପିଇ ଶୋଇଯାଏ,
ରୋଗରେ, ତମେ ସଢୁଥାଅ ସିନା
ଯନ୍ତ୍ରଣାଟି ସିଏ ଭୋଗୁଥାଏ ।
ମା'ଟିଏ
ଆଜି ଯମାନାରେ
ପିଲାଙ୍କ ଠାରୁ ସେ ହତାଦର ପାଏ,
ତେବେବି ସକାଳ ସଞ୍ଜରେ
ସେଇ ପିଲାଙ୍କର ଶୋଭା ପାଉଥାଏ
ନିଜେ ପଛେ ମରିଯାଏ ।
'ମର' ବୋଲି କେବେ କହିପାରେନି ପିଲାଙ୍କୁ
ଆରଜନମକୁ ପୁଣି ମା'ଟିଏ ହୋଇ
ଜନମ ନେବାକୁ ଚାହେଁ ସିଏ ।

●

## ମୋ ମାଆ

ସୁଶ୍ରୀ ସଙ୍ଗୀତା ସ୍ୱାଇଁ
+୨ ପ୍ରଥମ ବର୍ଷ, କଳା

ମୋ ମାଆ ପରି କିଏ ଅଛେ
ସକାଳୁ ଉଠେ
ଗୋବର ପାଣି
ଦୁଆରେ ଛାଟେ
ଚୁଲିରୁ ପାଉଁଶ କାଢ଼ିବା ଆଗରୁ
ଧୋଇଦେଇ ଆସେ
ବାସନ କୁସନ
ପୋଖରୀ ତୁଠେ ।
ମୋ ମାଆ ପରି କିଏ ଅଛେ
ସକାଳୁ ଉଠେ
ଗାଇଗୋରୁ ପାଇଁ
କୁଟୁଚି କୁଟେ
କୋଳଥ ବାଟେ
ଗୋରୁଙ୍କୁ ଖୁଆଇ
ଡେକିଚିଟା ଧରି
ଗାଈ ଦୁହିଁବାକୁ
ଗୁହାଳେ ଛୁଟେ ।
ମୋ ମାଆ ପରି କିଏ ଅଛେ
ସକାଳୁ ଉଠେ
ରୋଷେଇ ଘରେ
ପରିବା କାଟେ
ମସଲା ବାଟେ
ଗୁହ୍ନ, ବହୁଲ୍‌କୁ
ସ୍କୁଲକୁ ଛାଡ଼େ
ନଗଲେ ଯିଏଟି
ମୋ ମାଆ ପରି କିଏ ଅଛେ ।।

●

# ସୁନ୍ଦର ଆମ ଘର

ସଂଗୀତା ମଲ୍ଲିକ
+୨, ପ୍ରଥମ ବର୍ଷ, କଳା

ଆମେ ଯେଉଁ ଘରେ ରହୁ ସିଏ ଭାରି ସୁନ୍ଦର
ଧୂଳି ଅଳନ୍ଥୁ ନଥାଏ ବଡ଼ ସଫାସୁତୁରା ।
ଜାତି ଜାତି ମନ୍ଦାରରେ ହସେ ଆମ ବଗିଚା
ନିରିମଳ ପରିବେଶ ଚାରିଆଡ଼ ଫରଚା
ଘରଟି ଆମର ଅଛି ବନ୍ଧ କଡ଼ରେ
ଅପରାଜିତାର ଲତା ମାଡ଼ିଥାଏ ବାଡ଼ରେ ।
ପଢ଼ାପଢ଼ି ସାରିଦେଇ ଭାଇବନ୍ଧୁ ମେଳରେ
ଆନନ୍ଦରେ ଖେଳ ଖେଳୁ ନିତି ସଞ୍ଜବେଳରେ
ସୁନ୍ଦର ଘରକୁ ଆମେ କରୁନା ତ ଅସନା
ଆନନ୍ଦରେ ଥାଉ ସଦା ମନ ମାରି ବସୁନା ।

●

# ଆଖିରେ ଲୁହ

ବର୍ଷାରାଣୀ ଦାସ
+୨ ପ୍ରଥମ ବର୍ଷ, କଳା

କୋପ କଲେ ପିତା କ୍ଷମା କଲେ ମାତା
ମାତା ନାମେ ସ୍ୱର୍ଗସୁଖ
କନ୍ୟାଋଣ ଏକ ପାଳିଲେ ଜନକ
ମିଳିଲା ଶ୍ରୀରାମ ସୁଖ ।।
ଜଗତ ଜନନୀ ତ୍ରିତାପହାରିଣୀ
ସକଳ ଘଟରେ ବାସ
ମହାବିଶ୍ୱ ଅଟେ ଦେବସ୍ୱ ରାଜସ୍ୱ
ତୁହସ୍ୱ ଜୀବନେ ବିଷ ।।
କର୍ମଚ୍ୟୁତ ମନ ରାକ୍ଷସ ସମାନ
ଅକାଳେ ମରଣ ସାର
ବିହନ ଯେପରି ଫଳଇ ସେପରି
କର୍ମଫଳ ଭୁଞ୍ଜେ ନର ।।
ଧନ ଯଉବନ ଅଯଥା ଗରବ
ପଣ୍ଡିତ ଖୋଜନ୍ତି ଗୁଣ
ପରଧନେ ସୁଖୀ ସ୍ୱାର୍ଥ ପରଜନ
କୁଳ ବୁଡ଼ିଯାଏ ପୁଣ
ମାତାରେ ବିମୁଖ ଜଗତ କରଣ
ଭୋଗିଲେ ଚଣ୍ଡାଳ ଦୁଃଖ
ଏକ ରାତି ହେଲା ସପତ ରାତିଯେ
ଧନ୍ୟ ସତୀନାରୀ ଦୁଃଖ
କେଉଁ ମା' ଆଜି ସନ୍ତାନେ ବିକଇ
ହିନିମାନି ପିଏ ବିଷ
ଏବୁଡ଼ି ଶାଳରୁ ସ୍ୱର୍ଗଦ୍ୱାର ଯାଏ
ବିଚାର ବିଭାଗ ଫାଶ
ଦେଶ ପ୍ରୀତି ପାଇଁ ଲୋଡ଼ା ପଢ଼େ ନୀତି
ବିଲାତି ମଦ ମାଉଁସ
ପରମ ଧରମ ଅହିଂସା ଭାଷଣ
ବଳିପ୍ରଥା ମହାଦୋଷ
ନିଲାମ ହେଉଛି ନାରୀ ଯଉବନ
ଏବି ବିଦ୍ୟା ବୁଦ୍ଧି କହ
ଚଷାପୁଅ ନିତି ଆତ୍ମହତ୍ୟା କରେ
ମାଆଙ୍କ ଆଖିରେ ଲୁହ ।

●

## ସବୁବେଳେ ରୁହେ ନାହିଁ

ପ୍ରୀତିମୟୀ ବେହେରା
+୩ ପ୍ରଥମ ବର୍ଷ, କଳା

ସବୁବେଳେ ରୁହେନାହିଁ ଜୀବନ ଯୌବନ
ସବୁଦିନେ ବହେନାହିଁ ମଳୟ ପବନ ।
ସବୁବେଳେ ଆସେନାହିଁ ପୂର୍ଣ୍ଣିମାର ଜହ୍ନ
ସବୁଦିନେ କାନ୍ଦେ ନାହିଁ ବିଧବାର ମନ ।
ସବୁଦିନେ ଆସେନାହିଁ ଶ୍ରାବଣର ବର୍ଷା
ସବୁଦିନେ ରୁହେ ନାହିଁ ମନର ଯେ ଈର୍ଷା ।
ସବୁବେଳେ ଆସେନାହିଁ ନଦୀକୁ ଯେ ଜଳ
ସବୁଦିନେ ଦିଏ ନାହିଁ ବୃକ୍ଷ କେବେ ଫଳ
ସବୁଦିନେ ମିଳେନାହିଁ ଭିଖାରୀକୁ ଭିକ୍ଷା
ସବୁଦିନେ ହୁଏ ନାହିଁ ବିଦ୍ୟାଳୟେ ଶିକ୍ଷା ।
ସବୁବେଳେ ପାଖରେ ଯେ ନଥାଏ ଧନ
ସବୁଦିନେ ରୁହେ ନାହିଁ ଏକା ପାଖେ ମନ ।
ସବୁବେଳେ ଆସେ ନାହିଁ ମାଘମାସ ଶୀତ
ସବୁଦିନେ ଆସେ ନାହିଁ ଗାଇବାକୁ ଗୀତ ।
ସବୁବେଳେ ରୁହେ ନାହିଁ ଦୁଃଖୀଙ୍କର ଘର
ଆଜି ଯିଏ ରାଜା କାଲି ସେ ଫକୀର ।

●

## ହୋଇବାରେ ଆମେ ଜଗତ ଜିତା

ରବିରଂଜନ ମହାରଣା
+୨ ପ୍ରଥମ ବର୍ଷ, କଳା

ହେ ଦୋଳଗୋବିନ୍ଦ ! ବ୍ରଜକିଶୋର ମହାବିଦ୍ୟାଳୟ
ଭକ୍ତିଭରେ ତୋତେ କରୁଅଛୁ କୋଟି ନମସ୍କାର ।
ବାଲୁକା ଶଯ୍ୟାରେ ରହି ଜ୍ଞାନର ବର୍ତ୍ତିକା ଜାଳି
ହାତ ଠାରି ଡାକୁଅଛୁ ଆସହେ ବିଦ୍ୟାର୍ଥୀ ।
ହସିଖେଳି ମହାନନ୍ଦେ ଜ୍ଞାନ ମହାର୍ଣ୍ଣବୁ ଆମେ
ନିଜ 'ଧୀ' ଶକ୍ତି ବଳରେ ଜ୍ଞାନ କରିବୁ ଅର୍ଜନ ।
ବାଜେ ଛିନ୍ନ ବୀଣା ବାଜଣା ସୁଜିଣା
ଏ ଜ୍ଞାନ ନନ୍ଦନ ବନେ
ମାଳି ମାଲୁଣିଏ ପଣ୍ଡିତ ପରାୟେ
ଭରି ଦେଉଥାନ୍ତି ଜ୍ଞାନ ମନେ ।
ଆଜବାଳ ରବି ପଣ୍ଡିତା ପଣ୍ଡିତେ
ଢାଳି ଦେଉଥାନ୍ତି ଜ୍ଞାନ
ସେ ଜ୍ଞାନ ସାଗରୁ ଭକ୍ତିରସ ପ୍ରାୟେ
ମନ ଭରି କରି ପାନ ।
ନନ୍ଦନ ବନର ସୁରୁ ଦେବତାଏ
ଜ୍ଞାନ ଦୀପ ଶିଖା ଜାଳି
ବିନା ଉପଚାରେ ଦେଉଥାନ୍ତି ଜ୍ଞାନ
ମନରେ ଦ୍ୱିଧା ନ ରଖି ।

ଜ୍ଞାନ ମନ୍ଦିରର ଜ୍ଞାନୀ ଦେବତାଙ୍କୁ
ଭକ୍ତି ଡ଼ୋରେ ବାନ୍ଧି ରଖ ।
ଅଜ୍ଞାନର ଅନ୍ଧକାରରୁ ନିଜକୁ
ତାଙ୍କ ଆଶୀର୍ବାଦେ କର ମୁକ୍ତ ।
ଏତିକି ହେ ପ୍ରଭୁ ମିନତୀ ମୋର
ସଦା ହସୁଥାଉ ଏ ବିଦ୍ୟାମନ୍ଦିର ।

•



# ଦୀପ ସଳିତା ମୁଁ

ପ୍ରିୟଙ୍କା ଦାସ
+୨ ପ୍ରଥମ ବର୍ଷ, କଳା

ଚଉରା ମୂଳର ସଞ୍ଜଦୀପ ତୁମେ
ସପନ ଭରା ତୁମ ମନ,
ଛାର ସଳିତା ମୁଁ ଜଳିଜଳି ଯାଏ
କେହି ବୁଝେନା ଦହନ ।।
ଦୀପଟିଏ ହୋଇ ମନାସୁଛ ତୁମେ
ମନର ମଣିଷ ପାଇଁ
ମନତଳେ ମୋର ଅକୁହା ବେଦନା
ବୁଝିବାକୁ କେହି ନାହିଁ ।।
ତୁମ ହସ ଟିରି ଉଆଁସୀ ଛାତିକୁ
ବରଷି ଆଲୋକ ଧାରା
କାନ୍ଦୁଥାଏ ବସି ପାହାଁଶ ଭିତରେ
ପୋଡ଼ା କପାଳ ମୋ ପରା ।।

ତୁମେ ମାପୁଅଛ ଆଲୋକ ବୁକୁରେ
ଗଭୀରତା କେତେ ଦୂର,
ମୁଁ ଦେଖେ ଦୀପକୁ ଦେଇଥିବା କଥା
ଜଳିବାଟା ମୋର ଛାର ।।
ହୃଦୟେ ମୋହର ଲଗାଇଛ ନିଆଁ
ପାଇବାକୁ ଚିର ସୁଖ,
ବୁଝିନାହିଁ ଦିନେ ମନତଳ ଦୁଃଖ
ରଖି ଆସିଛି ତୁମ ଟେକ ।।

•

# ଦୁଃଖ

ସ୍ମୃତି ରଂଜନ ମହାନ୍ତି
+୨ ପ୍ରଥମ ବର୍ଷ, କଳା

ଜୀବନର ମାନେ ଯଦି ଯନ୍ତ୍ରଣା,
ବଞ୍ଚିବାର ମାନେ କିଛି ନାହିଁ ।
ଜୀବନର ମାନେ ଯଦି ପ୍ରତିକ୍ଷା,
ଅପେକ୍ଷା କରିବା କାହାପାଇଁ ।
ଜୀବନର ମାନେ ଯଦି ଗୋଲାପ,
ସେ ଗୋଲାପରେ କ'ଣ କଣ୍ଟା ନାହିଁ ।
ଜୀବନର ମାନେ ଯଦି ପ୍ରେମ,
ସଂଜ୍ଞା ଲାଗେ ତା'ର ଅର୍ଥହୀନ ।
ଜୀବନର ମାନେ ଯଦି ସ୍ୱପ୍ନ,
ସେ ସ୍ୱପ୍ନର କ'ଣ ତୃପ୍ତି ନାହିଁ ।
ଜୀବନର ମାନେ ଯଦି ଦୁଃଖ,
ସେ ଦୁଃଖର ଅନ୍ତ କାହିଁ ।
ଜୀବନର ମାନେ ଯଦି ନିର୍ବାଣ
କାମନା ହିଁ ଚିର ସହଚର
ଜୀବନର ସଂଜ୍ଞା ଖୋଜି ଖୋଜି
ହତାସ ମୁଁ ବିଭ୍ରାନ୍ତ,
ଖୋଜି ବୁଲେ ମୋର ଅତୀତର ହଜିଲା ସ୍ମୃତିକୁ,
ସହି ଯେବେ ଜୀବନର ଦୁଃଖ ।

●

# ତୁମ ପାଇଁ

ସୌମ୍ୟରଞ୍ଜନ ବାରିକ
+୨ ପ୍ରଥମ ବର୍ଷ, କଳା

ଶୀତୁଆ ରାତିର ଶୀତଳ ଛାୟାରେ
ଜହ୍ନ ଉଙ୍କିମାରେ ସଖୀ
କେତେ କଥା ଥିଲା କହିବାକୁ ସାଥି
ସବୁ ରହିଗଲା ବାକି
ଦଗ୍ଧ ମାଟିର ବିରାଗ୍ଧ କୋଣାର୍କ
କିଏ ତୋଳିଦେବ କେବେ
ଭଲ ପାଇବାର ସିନ୍ଦୁରା ଫାଟିବ
ତୁମେ ଆସିଯିବ ଯେବେ ।
ଶେଷ ଯାଏ ସିନା ପ୍ରତାରଣା କଲ
ଶେଷରତେ ଦୋଳ ଠକି
ପ୍ରେମ ମାନେ ଏଠି ଛଳନା ହିଁ ଛଳନା କି ?
କଲେଜକୁ କରିଛି ଜୀବନ ସାଥି ମୁଁ
କଲେଜ ପିଲାଙ୍କୁ ବନ୍ଧୁ
କଲେଜ ପ୍ରେମରେ ପଡ଼ିଅଛି ମୋର
ପ୍ରତି ଟୋପା ଟୋପା ରକ୍ତର ବିନ୍ଦୁ ।।

●



## ଗୁରୁ

ଶ୍ରଦ୍ଧାଞ୍ଜଳି ଦାସ
+୨ ଦ୍ୱିତୀୟ ବର୍ଷ, କଳା

ଗୁରୁ ଅଟନ୍ତି ମହାମାନବ
ତାଙ୍କ ଯୋଗୁ ହୁଏ ଜ୍ଞାନ ସମ୍ଭବ ।
ଗୁରୁଠାରୁ କର ବିଦ୍ୟା ଉପାର୍ଜନ,
ତାଙ୍କୁ ଦିଅ ସଦା ସମ୍ମାନ ।
ସେ ଅଟନ୍ତି ଭାଗ୍ୟ ବିଧାତା
ନିଜେ ଗଢିଛନ୍ତି କେତେ ଜଗତ ପିତା ।
ଗୁରୁ ବିଦ୍ୟା ଅଟଇ ଜୀବନର ସାଥୀ,
ହୁଅଇ ସୁଖ ଦୁଃଖର ସାରଥୀ ।
ଗୁରୁ ଜୀବନର ପରମ ମିତ୍ର,
ତାଙ୍କ ସ୍ପର୍ଶେ ହୁଏ ପାଷାଣ ମିତ୍ର ।
ଗୁରୁଙ୍କର ହୁଅ ପରମ ଭକ୍ତ,
ତେବେ ପାଇବ ସତ୍ ବ୍ୟକ୍ତିତ୍ୱ ।
ତାଙ୍କ ବିନା ହୁଏ ଜଗତ ଅନ୍ଧାର
କରି ନପାରିବେ କେହି ଏଥୁ ଉଦ୍ଧାର ।
ଗୁରୁ ଶିଖାନ୍ତି ସତ୍ ବ୍ୟବହାର
ସେ ନୁହଁନ୍ତି ଏ ସଂସାରେ ବେକାର ।
ଗୁରୁଙ୍କୁ ନକର ଅସମ୍ମାନ,
ଗୁରୁ ଅଟନ୍ତି ଆମର ଭଗବାନ ।
ଗୁରୁଙ୍କ ଠାରୁ ଗ୍ରହଣ କର ସଦା ଆଶୀର୍ବାଦ,
ସେ ଦାନ ଅଟେ ଆମ ପାଇଁ ମହାପ୍ରସାଦ ।
ଗୁରୁ ଗଢନ୍ତି ଆମ ଜୀବନ,
ଆମେ ଅଟୁ ଭଗବାନଙ୍କ ସନ୍ତାନ ।

●

## ବୃକ୍ଷ ଆମର ବନ୍ଧୁ

ସ୍ୱପ୍ନାରାଣୀ ଦାସ
+୩ ପ୍ରଥମ ବର୍ଷ, କଳା

ଗଛତ ଆମର ଜୀବନ ଧନ
ଯୋଗାଏ ଆମକୁ ପାଣି ପବନ ।
ଗଛ ପାଇଁ ସଦା ହୁଏ ବିକଳ
ସେହିତ ଆମର ଜୀବନ ମୂଳ ।
ଗଛ ଦେଖି ଅଛି ଆମ ଜନମ
ପିତୃ ପିତାମହ ଶୁଭ କରମ ।
କେତେ ବିଭାଘର କେତେ ମିଳନ
କେତେ ଦୋଳଯାତ୍ରା କେତେ ପୁନିଅଁ ।
ତା ଛାଇରେ ମୁଁ ପାଠ ପଢ଼ିଛି
ଫଳ ଖାଇବାକୁ ଚଢ଼ିଯାଇଛି ।
କେତେ ସେ ସହିଛି ଚୋପାଡ ଦେଲା
ଆମ ପାଇଁ ସିଏ ଥୁଣ୍ଟା ହୋଇଲା ।
ଖରାବର୍ଷା ସିଏ କେତେ ସହିଲା
ଶୀତ କାକରକୁ ଦେହେ ବୋହିଲା ।
ଝଡ଼ ବତାସକୁ ରୋକି ନିଅଇ
ତାହାଲାଗି ମାଟି ନଯାଏ ଧୋଇ ।
ଫଳଫୁଲ କାଠ ସେହି ଦେଉଛି
ତା ପାଇଁ ମଣିଷ ଘର କରୁଛି ।
ଉପକାରୀ ସାଥୀ ତା ଠାରୁ ନାହିଁ
ତାହାର କଷଣ ସହିବି ନାହିଁ ।
କାହାର ଜୀବନ ରକ୍ଷା କରିବି
ବିପଦର ସାଥୀ ମୁହିଁ ହୋଇବି ।

●

# ଆମ ପ୍ରିୟ ବିଜୟ ସାର୍

ମୋନାଲିସା ପ୍ରଧାନ
+୩ ପ୍ରଥମ ବର୍ଷ, କଳା

କିଏ କହେ ସରଗ ଏତେ ବଡ଼
ସାଗର ଏତେ ଗଭୀର
କମଳ ଏତେ କୋମଳ
କିନ୍ତୁ ମୁଁ ଭାବେ ଏସବୁ
ଆମ ବିଜୟ ସାରଙ୍କ ଭିତରେ ହିଁ
ଜାଗା ଧରିଯିବ ।
ତାଙ୍କୁ ଦେଖିବା ପାଇଁ ମନ ହୁଏ ଆତୁର
ସେ ପାଠ ପଢ଼େଇବା ପାଇଁ ହୁଅନ୍ତି ଅଧିର
ତାଙ୍କ ପାଖରେ ପାଠ ପଢ଼ିବା ପାଇଁ
ଖାଦ୍ୟପେୟ ଭୁଲି ଆମେ ଯାଉ ଆଗେଇ
କମେଡ଼ି କରନ୍ତି କମିଡିଆନ୍ ଠାରୁ ଅଧିକ
ପ୍ରତ୍ୟେକ କଥାରେ କଥାରେ କହି ଥାଆନ୍ତି
ଅନେକ କବିତା
ଭଗବାନ ଦେଇଥାନ୍ତୁ ତାଙ୍କୁ ଏମିତି ଅସଂଖ୍ୟ ବୁଦ୍ଧି
ସେ ଲେଖୁଥାଆନ୍ତୁ ଏମିତି ଅନେକ ବହି ଆଉ କବିତା
ସେ ଅଙ୍ଗେଲିଭା କଥା ଆମକୁ କହନ୍ତି
ତେଣୁ ସେ କଥା କହି ସ୍ନେହରେ ଆମ ମନ କିଣନ୍ତି ।
ଆମ କଲେଜର ଗୌରବ ସିଏ
ତାଙ୍କ ବିନା କଲେଜ ବିଷମ ହୁଏ
ସମୟାନୁବର୍ତ୍ତୀ ସେ ଅଟନ୍ତି
ପାଠ ପଢ଼େଇବା ସମୟରେ
ସେ ନିଜର ସବୁ କଥା ଭୁଲି ଆମକୁ ପାଠ ପଢାନ୍ତି
ଏକୁକେସନ୍ ପଢାନ୍ତି ଅତି ସୁନ୍ଦର
ଘୃଣାଭାବ ନଥାଏ ମନେ ତାଙ୍କର
ଆମକୁ ଲିଟିଲ୍ ଫ୍ରେଣ୍ଡ ଭାବନ୍ତି
ଗାଳି ନ କରି ଆମକୁ ଭଲପାଆନ୍ତି
ତାଙ୍କର ପ୍ରେରଣା ଲାଭ କରିବୁ
ଦୁନିଆରେ ଭଲ ମଣିଷ ହେବୁ
ସେ ବାନ୍ଧିଦିଅନ୍ତି ଆମ୍ଭମାନଙ୍କୁ
କଥାରେ ଯାଦୁକରୀ
ସେ ନିଜକୁ ହଜାଇ ଦିଅନ୍ତି
ବହି ଭିତରେ ।
କେବେ ସେ ଆମ ପାଇଁ ସରଗ
କେବେ ସେ ଆମପାଇଁ ସାଗର
ଆମ କଲେଜରେ ସବୁ ସାର୍ ମିଶି ଯଦି ମନ୍ଦିର ହୁଅନ୍ତି
ତା'ର ଦଧି-ନଉତି ଆମ ବିଜୟ ସାର୍ ଅଟନ୍ତି ।
ତାଙ୍କ କଥା ଆମେ ମାନି ଚଳିବୁ
ତାଙ୍କ ପାଇଁ ଆମେ ଜୀବନ ଦେବୁ ।।

●

## ଜୀବରୁ ଜୀବିକା

ସୋନାଲି ସେନାପତି
+୨, ପ୍ରଥମ ବର୍ଷ କଳା

ଜୀବରୁ ଜୀବିକା ପ୍ରେମରୁ ପ୍ରେମିକା
କେହି କେବେ ଛାଡ଼ି ପାରେନା
ଛାଡ଼େ ଯିଏ ଯେବେ ବଞ୍ଚେନାହିଁ କେବେ
ମନେ ପାଏ ଖାଲି ଯନ୍ତ୍ରଣା ।
ଦୁଃଖର ଯନ୍ତ୍ରଣା ପାପର କଳନା
କେହି କେବେ କହିପାରେନା
କହେ ଯିଏ ଯେବେ ଲିଭେ ନାହିଁ କେବେ
ମନେ ପାଏ ଖାଲି ବେଦନା
ଆଖିର ଲୁହକୁ ଛାତିର କୋହକୁ
କେହି କେବେ ନେଇ ପାରେନା
ନିଏ ଯିଏ ଯେବେ ଲୁଚେ ନାହିଁ କେବେ
ମିଛେ ମିଛେ କରେ ବାହାନା
ପଥର ପଥିକ ସ୍ୱପ୍ନର ସପ୍ତତ
କେହି କେବେ ଭୁଲି ପାରେନା
ଭୁଲେ ଯିଏ ଯେବେ ପାଏ ନାହିଁ କେବେ
ମନେ ମନେ ଖୋଜି ବୁଲେନା

●

## ଜୀବନ

ପ୍ରଜ୍ଞାପରିମିତା ଜେନା
+୨, ପ୍ରଥମ ବର୍ଷ କଳା

ଜୀବନର ମାନେ ଯଦି ସୁଖ
ସେଠି ଦୁଃଖ ପୁଣି କାହିଁ ଆସେ ।
ଜୀବନର ମାନେ ଯଦି ପ୍ରେମ
ସେଠି ବିରହ କାହିଁକି ଘଟେ ।
ଜୀବନର ମାନେ ଯଦି ଆଶା
ସେଠି ନିରାଶା କାହିଁକି ଆସେ ।
ଜୀବନର ମାନେ ଯଦି ପୁଣ୍ୟ
ସେଠି ପାପ କାହିଁକି ଘଟେ ।
ଜୀବନର ମାନେ ଯଦି ସଫଳତା
ସେଠି ହତାଶ କାହିଁକି ଆସେ ।
ଜୀବନର ସଂଜ୍ଞା ଏତେ ଯେ ଜଟିଳ
ଲେଖିହୁଏ ନାହିଁ ଏଠି ।
ସେଥିପାଇଁ ପରା ଏ ମନ ଭାବୁକ
କରିଦେଲା ଏଠି ଇତି ।।

●



# ତାକୁ ଭଲ ପାଏ ବୋଲି

ନିତ୍ୟ ନିବେଦିତା ଜେନା
+୨ ପ୍ରଥମ ବର୍ଷ, କଳା

ପାହାଡ଼ ବୁକୁରେ ନିଆଁ ଲାଗିଗଲେ
ଝରଣା ପାଏନା ଦୁଃଖ
ପ୍ରେମର ରାସ୍ତାରେ ଥରେ ହଜିଗଲେ
ଫେରିଛି କେଉଁ ଲୋକ ।
ଝରଣା ହିଁ ଜାଣେ ତା'ର ବେଦନା
କେତେ ସତ କେତେ ମିଛ
ଗଡ଼ି ଗଡ଼ି ତେଣୁ ସାଗର ବୁକୁରେ
ମିଶୁଛି ଜୀବନ ଯାକ ।
ଯନ୍ତ୍ରଣାଗ୍ରସ୍ତ ହୃଦୟ ଭିତରେ
ବିରହର ନାନା କଥା
କେହି ନ ବୁଝନ୍ତୁ ବୁଝେତ ଏ ଆଖି
ଲୁହ କହେ ଦୁଃଖ କଥା
ଭଲ ପାଇବା ଅନେକ ଯେ ଭାଷା
ଜହ୍ନ ହିଁ ଜାଣଇ ଖାଲି
ତେଣୁ ସେ କହିଁକୁ
କହିପାରେ ନାହିଁ, ଭଲ ପାଇଥାଏ ବୋଲି ।

●

# ଆଜିର ସନ୍ଧ୍ୟା

ଦୀପିକା ପଟ୍ଟନାୟକ
+୩ ପ୍ରଥମ ବର୍ଷ, କଳା

ଆଜିର ସନ୍ଧ୍ୟା ଲାଗୁଛି ବନ୍ଧ୍ୟା ଉଦାସିନୀ ଏକ ନାରୀ
ଝିଅଟି ଅନ୍ଧାରେ ବସିଛି ଯେମିତି ଏକୁଟିଆ ମନମାରି ।
ଦୁଃଖକୁ ତାହାର ସଞ୍ଜବତୀ କରି ତୁଳସୀ ଚଉରା ମୂଳେ
ଜାଳିଦେଇ କାହା ସୁଖ ମନାସୁଛି ଆଖିର ଅଶ୍ରୁଜଳେ ।

ଦୁଃଖତ ଗୋଟେ ଦରଭୁଲା ଗୀତ ଅଦିନ ପବନ ପରି
ବହିଆସେ କେବେ ଦରଆଉଦା ତା' ଭାଗ୍ୟ ଦୁଆର
ଖୋଲି ।
ପବନଟା ତା'ର କପାଳ ଉପରୁ ଓଢଣୀ ଉଡ଼େଇ ଦିଏ
ସଜଡ଼ା ସାଇତା ହୃଦୟକୁ ମୋର ଅସଜଡ଼ା କରିଦିଏ ।

ଦୁଃଖର ଅଛି ହଜାରେ ନାଁ ଓ ହଜାରେ ରଙ୍ଗ ରୂପ
ହୃଦୟ ପରି ସେ ଖୋଲାଖୋଲି, କେବେ ପରିମିତ
ଭାଗମାପ ।
କିଶୋରୀ ହୋଇ ସେ ସାଙ୍ଗ ଗହଳରେ ଖେଳୁଥାଏ
ବୋଳି ଖେଳ
ଦୁଃଖତ ନାୟିକା ଗଳାରେ ହୁଏ ସେ କେବେ ମୁକୁତା
ମାଳ ।

ଆଜିର ସନ୍ଧ୍ୟାର ପବନରେ ମନ ହୁଏ ତା'ର ଶୀହରି
ଫେରୁଛି କି କେଉଁ ବିଜୟୀ ଯୋଦ୍ଧା ତା'ର ଯୁଦ୍ଧଯାତ୍ରା
ସାରି ।

●

# କଲେଜ ଆଣ୍ଡ ନଲେଜ

ଅନିଲ ଓଝା
+୨ ଦ୍ୱିତୀୟ ବର୍ଷ, ବାଣିଜ୍ୟ

କେଡ଼େ ସୁନ୍ଦର ଏ
ଆମ କଲେଜ୍
ସାଙ୍ଗସାଥୀ ମେଳେ
ବଢ଼େ ନଲେଜ ।
ଏଠି ବସି କିଏ
ଦେଖେ ସପନ
ଉଜ୍ଜ୍ୱଳ ହେବ
ତା'ର ଜୀବନ ।
ହସ ଖୁସିରେ କେ
କଟାଏ ଦିନ
କିଏ ଖୋଜେ କିଏ
ବିକଇ ମନ ।
ଏଇଟା ତ ଭାଇ ସପନ ହାଟ
ଜଗି ନ ଚଳିଲେ ଲାଗିବ ହଟ
ତା ଲାଗି ସୁନ୍ଦର ରହୁଏ କାଲିଟା
ଆଜି ଯେ ନବୁଝେ
କି ହଟ ହଟା ।

●

# ଜୀବନଟା

ଶୁଭସ୍ମିତା ସ୍ୱାଇଁ
+୨ ଦ୍ୱିତୀୟ ବର୍ଷ, କଳା

ଜୀବନକୁ ପରା ନାହିଁରେ ବିଶ୍ୱାସ
ଆଜି ଅଛି କାଲି ନାହିଁ
ସପନକୁ ପରା ନାହିଁରେ ବିଶ୍ୱାସ
କେବେ ଆସେ କେବେ ନାହିଁ ।
ହୃଦୟଟା ଏକ ଅଥଳ ସାଗର
କାହା ପାଇଁ ସବୁଦିନ
ମନଟାତ ଏକ ସ୍ୱପ୍ନ ସହର
କାହା ପାଇଁ ଚିରଦିନ
ଜୀବନରେ କେବେ ବାଟ ସରେ ନାହିଁ
ସରେ ନାହିଁ ଭାଗବଣ୍ଟା
ଜପବନର ବାଟ ଯାଏ ଜାଣେ ସିଏ
ଜାଣେ କେତେ ଫୁଲ କେତେ କଣ୍ଟା
ଦୁଃଖ ସରେ ନାହିଁ ଜୀବନରେ କେବେ
ଆଖିରୁ ସରେନି ଲୁହ
ଆଖିର ଲୁହକୁ ଓଠ ପିଇଯାଏ
ଚାପି କିଛି ଛାତି କୋହ
ଜୀବନର ଧାରା ବହି ଚାଲିଥାଏ
କୁଳୁ କୁଳୁ ନଈ ନାଦେ
ଟାଣି ନେଇ ଯାଏ ତିନିଗାର ସିଏ
ଲକ୍ଷ୍ମଣଙ୍କ ପ୍ରତି ପାଦେ ।

●

# ମନ

ତୃପ୍ତିମୟୀ ରାଉତ
+୨ ଦ୍ୱିତୀୟ ବର୍ଷ, କଳା



ମନଟାତ ମୋର ଅବୁଝା ଗଣିତ
ବେଳ ନାହିଁ କଷିବାକୁ
ବାକି ରହିଅଛି ଜୀବନ ସାହିତ୍ୟ
ସବୁବେଳେ ସୋଷିବାକୁ

ମନଟାତ ମୋର ଉଡ଼ନ୍ତା ଚଢ଼େଇ
ଉଡ଼ି ଉଡ଼ି ବାଟବଣା
ହୃଦୟଟା ମୋର ପାନ୍ଥଶାଳାଟେ
କାହାକୁ କରିବି ମନା

ପ୍ରେମଟାତ ମୋର ଖୋଲା ବହିଟିଏ
ବେଳ ନାହିଁ ପଢ଼ିବାକୁ
ଭାଗ୍ୟରେ ଅଛି ଆପଣା ହାତରେ
ନିଜ ଲୁହ ପୋଛିବାକୁ ।



ବୁଝିନାହିଁ କେବେ କାହାର ଅତୀତ
କିମ୍ବା ତା ବୟସ କେତେ
ସତତ କହିବି ତମେ ମୋ ଜୀବନେ
ପ୍ରଥମ ପୁରୁଷ ସତେ ।

ଅସ୍ଥିର ପ୍ରେମିକ ପାଇଁ ଫୁଲହାଟ
ପ୍ରେମିକାର ଯଉବନ
ଦେହ ମନ୍ଦିରର ଚାରୁ ଚିତ୍ରକଳା
ସେତ ପ୍ରେମିକର ମନ ।

# ENGLISH SECTION

# Foaming Capacity of Soap

**Sarmistha Swain**
Dept. of Chemistry

Soaps are sodium or potassium salts of higher fatty acids like stearic, palmitic and oleic acids can be either saturated or unsaturated. They contain a long hydrocarbon chain of about 10-20 carbon with one carboxylic acid group as the functional group.

A soap molecule is a tadpole shaped structure, whose ends have different polarities. At one end is the long hydrocarbon chain that is non-polar and hydrophobic, i.e., insoluble in water but oil soluble. At the other end is the short polar carboxylate ion which is hydrophilic i.e., water soluble but insoluble in oil and grease.




When soap is shaken with water it becomes a soap solution that is colloidal in nature. Agitating it tends to concentrate the solution on the surface and causes foaming. This helps the soap molecules make a unimolecular film on the surface of water and to penetrate the fabric. The long non-polar end of a soap molecule that are hydrophobic, gravitate towards and surround the dirt (fat or oil with dust absorbed in it). The short polar end containing the carboxylate ion, face the water away from the dirt. A number of soap molecules surround or encircle dirt and grease in a clustered structure called 'micelles', which encircles such particles and emulsify them.




Cleansing action of soap

Clenasing action of soaps decreases in hard water. Hard water contains Calcium and magnesium ions which react with sodium carbonate to produce insoluble carbonates of higher fatty acids.

$2C_{17}H_{35}COONA + Ca^{2+} \rightarrow (C_{17}H_{35}COO)_2 Ca + 2Na^+$

(Water soluble) (ppt.)

$2C_{17}H_{35}COONa + Mg^{2+} \rightarrow (C_{17}H_{35}COO)2 Mg + 2Na^+$

This hardness can be removed by addition of Sodium Carbonate.

$Ca^{2+} + Na_2CO_3 \rightarrow CaCO_3 + 2Na^+$

$Mg^{2+} + Na_2CO_3 \rightarrow MgCO_3 + 2Na^+$

To compare the foaming capacities of different commercial soaps we required,

**Apparatus :** Test tubes, conical flasks (100 ml), test tube stand, Bunsen burner and stop watch.

**Materials :** Different samples of soaps and distilled water.

The foaming capacity of a soap sample depends upon the nature of soap and its concentration. This can be compared for various samples of soaps by taking the same concentration of solution and shaking them.

The foam is formed and the time taken

for disappearances of foam in all cases is compared. The lesser the time taken by a solution for the disappearance of foam, the lower is its foaming capacity.

Sample of soaps are taken in conical flasks and distill water were added, then heated few minutes to dissolves all the soaps completely. Different. soaps solutions were taken and shaken vigorously with distill water.

The foam would be formed in the empty space above the container. Stop watch is started immediately and the time taken for the disappearance of foam, the lower is the foaming capacity.

The soap for which the time taken for the disappearance of foam is highest has maximum foaming capacity and is the best quality soap.

●

# Short Notes on Love and Friendship

Rupali Swain

**LOVE :**

Love is an emotion of a strong affection and personal attachment. Love is also said to be a virtue respecting all of human kindness, compassion and affection, the unselfish loyal and benevolent concern for the good of another. Love may be described as compassionate and affectionate actions towards other humans and non-human beings.

In English, love refers to a veriety of different feelings, states and attitudes ranging from pleasure to interpersonal attraction. Love may refer specifically to the passionate desire and intimacy or romantic love, to the sexual love or errors, to the emotional closeness of familial love, to the platonic love that devines friendship.

Love may be understood as part of the survival instinct, a function to keep human beings together against menaces and to facilitate the continuation of the species. Love can have variety of related but distinct meanings in different contexts. In other words, we use multiple words to express some of the different concepts that English relies mainly on love to encapsulate. One example is the plurality of Greek word for love.

Love refers to interpersonal love, an exprience felt by a person for another person. Love is a feeling that inspires one to nurture a loving thought for the good of another. Love makes one feel delighted by the happiness of another.

**FRIENDSHIP :**

Friendship is a relationship between two people who hold mutual affection for each other. Friendship give us the best for other's sympthy and honesty even in situations where it may be difficult for others to speak the truth.

Trust is another possibility for strong, deep, close, reciprocal friendship.

Friendship is a lovely tree that gives us fruits to enjoy, shade to sleep and forgotten worries and fresh air to live and enjoy our life. Friendship is the relation between two hearts. For example rose and bee. Friendship is the two sides of the same coin. Friendship is an art of receiving and giving. Which requires no special programming. Friendship is the key to love and happiness.

●

# Green Revolution

**Sri Siba Prasad Senapati**
Lecturer in Economics

The term "Green Revolution" was coined by William Gaud in October, 1968. According to Malthusian economics, population was growing at a much faster rate than food production. This called for drastic action to increase yield. The action came in the form of the Green Revolution.

The sudden and spectacular rise in agricultural production in India due to the application of modern technique is called Green Revolution. It refers to increase in food production and non-food items. During 1958, for the first time in India, wheat production increased from 120 lakh tonnes to 170 lakh tonnes. Wheat is the principal crop of Green Revolution. Other crops are rice, bajra, jawar and maize. The production of wheat increased 2.5 times, rice 3 times, maize 3.5 times, jawar 5 times and bajra 5.5 times.

Indian Green Revolution is, thus, associated with the use of HYVS (High Yielding Variety Seeds), chemical fertilizers, irrigation and new techniques which led to a sharp rise in agricultural production. During 1960-61, a programme named IADP (Intensive Agriculture District Programme) was intruduced in 7 districts of the country which had provided credit loans, seeds, fertilizers, equipment to the farmers for cultivation. The crop area under HYVs grew from 7% to 22% of the total cultivated area during 10 years of green revolution. More than 70% of the wheat crop area, 35% of the rice crop area and 20% of the millet and corn crop area used the HYV seeds. This, in turn, boosted industrial growth, created jobs and improved the quality of life of the people in villages. So India paid back all loans it had taken from the World Bank.

Professor M. S. Swaminathan who is known as the father of the Green Revolution coined the term ever-green revolution. It means a balance between human numbers and human capacity to produce food of adequate quantity, quality and variety. In regional terms, only Punjab and Haryana States showed the best results of the Green Revolution.

The growing damage to the ecological foundations essential for sustainable food security-Land, water, biodiversity, forests and atmosphere, is leading to stagnation in yields in Green-Revolution areas. Climate change may compound such problems with adverse effects on temperature, precipitation, sea level and ultra-violet B radiation.

The impacts of Green Revolution are :- (i) Increase in agricultural Production, (ii) Creation of more employment in rural areas, (iii) Decline in import of food grains,

(iv) Growing inequality between countries, (v) Two technological innovations, such as - Biological (seeds, fertilizers etc.) and Mechanical (tractors, pump set etc.).

There are different types of Revolutions in Indian Economy.

| **Revolution** | **Area** |
|---|---|
| Green Revoluion | Agriculture (food production) |
| Yellow Revoluion | Oil seeds |
| White Revoluion | Milk |
| Blue Revoluion | Fish |
| Pink Revoluion | Shrimp |
| Brown Revoluion | Masselay |
| Red Revoluion | Meat/Tomato |
| Golden Revoluion | Fruit/Apple |
| Grey Revoluion | Fertilizers |
| Silver Revoluion | Eggs |
| Round Revoluion | Potato |

•

# PHILOSOPHY - WHY ?

**Radhakanta Rout**
Lect. in Logic/Philosophy

The term "Philosophy" can not be defined as easily as "Chemistry", "Biology" or "Sociology". For one thing, people working in the field which they call 'philosophy', have offered very different, even conflicting, definitions of this term.

Inquisitiveness is the natural tendency of human mind that persists until complete understanding of the given phenomenon is reached. This disposition to comprehend the events around leads to the human mind to reflective thinking or reasoning. Reasoning is the inherent capacity of human mind that not only distinguishes human beings from other lower animals but also transformed the ancient hunter man moving naked in the jungle in search of food into 21st century modern man peering through the boundless space & time. When the primitive man was living in the caves, his mind was always pre-occupied with search of food & protection of his body from the attack of other animals. After coming out of the jungle, he started settling in agrarian society & got the time to ask himself, "What is this ?" and "Why this is this ?" These first questions the man of the prehistoric age asked to know the nature around, has been nurturing human mind

since then & has been carrying forward the process of evolution of human thinking faculty & has formed the foundation of reasoning ability of man that ultimately shaped into knowledge. Knowledge is reasonable, well-founded, well-developed & coherent cognition. The cognitive apparatus or rational faculty of man begins in wonder; it all starts with those little questions "What" and "Why". Why the Universe is there ? Why there is nothing rather than something ? Why am I here ? Who am I ? What is the ultimate nature of the reality ? What is knowledge & how do we acquire it ? What is justice & how do we achieve it, are the questions that set the foundations of math, physics, epistemology, morality, science & other branches of social science. In brief, the ability of human mind to understand in depth the facts & the problems is philosophy & philosophy is the basis of the evolution of society, civilization, culture, arts & science & everything man valued.

